ଈଶ୍ୱର ଦାସଙ୍କ କୃତ

ମନ ଶିକ୍ଷା

ଓ

ସଂକ୍ଷିପ୍ତ ରାମାୟଣ

ପ୍ରକାଶକ —ବାଣୀ ଭଣ୍ଡାର
ନୂତନ ବସଷ୍ଟାଣ୍ଡ, ବ୍ରହ୍ମପୁର-୭ (ଗଞ୍ଜାମ)

ମୂଲ୍ୟ — ଟ ୧୩-୦୦

Digitized by PPRACHIN, SOA

ଭକ୍ତଚରିତ୍ର

ଓ

ସଂକ୍ଷିପ୍ତ ରାମାୟଣ

ପ୍ରଥମ ଅଧ୍ୟାୟ

ରାମଂ ଲକ୍ଷ୍ମଣ ପୂର୍ବଜଂ ରଘୁବରଂ ସୀତାପତି ସୁନ୍ଦରଂ ।
କାକୁସ୍ଥଂ କରୁଣାକରଂ ଗୁଣନିଧିଃ ବିପ୍ରପ୍ରିୟଂ ଧାର୍ମିକଂ ।
ରାଜେନ୍ଦ୍ରଂ ସତ୍ୟସନ୍ଧଂ ଦଶରଥ ତନୟଂ ଶ୍ୟାମଳଂ ଶାନ୍ତମୂର୍ତ୍ତିଂ
ବନ୍ଦେ ଲୋକାଭିରାମଂ ରଘୁକୁଳତିଳକଂ ରାଘବଂ ରାବଣାରି ॥

ନମସ୍ତେ ପ୍ରଭୁ ନାରାୟଣ । ସଂସାର ପରମ କାରଣ ॥୧॥
ଯା ଲୀଳା ଜଗତେ ବିଖ୍ୟାତ । ନମସ୍ତେ ପଦ୍ମାଳୟା କାନ୍ତ ॥୨॥
ନମସ୍ତେ ବ୍ରହ୍ମ ର ନନ୍ଦନ । ନମସ୍ତେ ବିଷ୍ଣୁ ପାଟରାଣୀ ॥୩॥
ନମସ୍ତେ ଶୁକ୍ଳବର୍ଣ୍ଣ ଦେହି । ନମସ୍ତେ ବୀଣାଯନ୍ତ୍ର ବାହି ॥୪॥
ନମସ୍ତେ ଗଜ ଅଧିକାରି । ନମସ୍ତେ ଗାହାର ହୁଂକାରି ॥୫॥
ନମସ୍ତେ ବଇକୁଣ୍ଠ ବାସୀ । ନମସ୍ତେ ବିଷ୍ଣୁ ପଠବଂଶୀ ॥୬॥
ପ୍ରସନ୍ନ ହୁଅ ଜଗନ୍ନାଥେ । କହିବି ଚରିତ୍ର ଯୋଡ଼ାଏ ॥୭॥
ନାହିଁ ସ୍ୱଜନ ପ୍ରଚୁର । ଅପ୍ରାଧ ଖଣ୍ଡିବେ ମୋହର ॥୮॥
ମୁଁ ତୁମ୍ଭ ଭୃତ୍ୟଙ୍କର ଭୃତ୍ୟ । ଖଣ୍ଡିବ ମୋର ଦୋଷ କୃତ ॥୯॥
ଅଜ୍ଞାନେ ନ ଜାଣଇ କିଛି । ମାୟା ମୋହରେ ପଡ଼ିଅଛି ॥
ସାଧୁ ସେବାରେ ନାହିଁ ମନ । ନ ଭଜେ ଗୋବିନ୍ଦ ଚରଣ ॥୧୧॥
ହୀନ ପାମର ମୋର ମତି । କୃଷ୍ଣରେ ନାହିଁ ମୋ ଭକତି ॥୧୨॥
କେମନ୍ତେ ନିସ୍ତରିବି ମୁହିଁ । ମାୟାସଂସାରେ ଦେହ ବହି ॥୧୩॥
ଏମନ୍ତେ ଭାବୁଥାଇ ନିତ୍ୟ । ରାତ୍ର ଦିବସ ଭକ୍ତ ଚିତ୍ତେ ॥୧୪॥
ଆରତେ ଡ଼ାକଇ ଗୋବିନ୍ଦ । ଶରଣ ରଖ ଆନନ୍ଦକନ୍ଦ ॥୧୫॥
ମୋହର ନ ଦେଖିବା ଦୋଷ । ସୁସାଧୁ ଚରଣକୁ ଆଶ ॥୧୬॥
ଏଥୁଁ ଉତ୍ତରୁ ଶୁଣ ରସ । ପାଣ୍ଡବେ ଯାଇ ବନବାସ ॥୧୭॥

Digitized by PPRACHIN, SOA

କାମ୍ୟକ ବନେ ଛନ୍ତି ରହି । ବ୍ୟାସେ ବିଜୟେ କଲେ ତହିଁ ॥
ଦେଖି ଉଠିଲେ ପଞ୍ଚଭ୍ରାତ । ବ୍ୟାସ ଚରଣେ ପ୍ରଣମିତ ॥
କଲ୍ୟାଣ କଲେ ମହାମୁନ୍ୟ । ବିପତ୍ତି ଯାଉ ତୋ ବଦନ ॥
ମୁନି ପଚ୍ଛରନ୍ତି ବାରତା । କୋଇଲେ ଦେଖ ମୋ ଅବସ୍ଥା ॥
ବ୍ୟାସ ବୋଇଲେ ଭୁ କ କଷ୍ଟି । ତୋ! ତହୁଁ ଅଛି ମହାକଷ୍ଟି ॥
ତାର ଚରିତ ଶୁଣି କରି । ଶ୍ରୀରାମ ବିପଦରୁ ତରି ॥
ତ୍ରେତୟା ଯୁଗେ ରାମ ଆଗେ । ମାର୍କଣ୍ଡ କହିଲେ ସରାଗେ ॥
ଧର୍ମ ନନ୍ଦନ ଏହା ଶୁଣି । ବୋଇଲେ ଶୁଣ ମହାମୁନି ॥
ଶ୍ରୀରାମ କେତେକ ବିପତ୍ତି । ଏହା କହିବା ବ୍ରହ୍ମସୁତ ॥
ଆବର ଚରିତ ନଳର । କହି କୃତାର୍ଥ ମୋତେ କର ॥
ମୁନି ସମୀପେ ଏହା କହି । ବସିଲେ ପାଞ୍ଚଗୋଟି ଭାଇ ॥
ମୁନି ବୋଇଲେ ଧର୍ମ ଶୁଣ । କହିବି ଶ୍ରୀରାମ କଥଣ ॥
ତ୍ରେତୟା ଯୁଗେ ସୂର୍ଯ୍ୟବଂଶେ । ଶ୍ରୀରାମ ଜନ୍ମିଲେ ବିଶେଷେ ॥
ଏକେ ଚତୁର୍ଦ୍ଧା ରୂପ ବହି । ଦପ୍ୟା ସୁବୁଦ୍ଧି ଦେହ ପାଇ ॥
ପିତାର ବାକ୍ୟେ ବନେ ଗଲେ । ସଙ୍ଗତେ ସୀତୟାକୁ ନେଲେ ॥
ରାମ ଲକ୍ଷ୍ମଣ ତିନିଜଣ । ଚଳିଲେ ପିତା ବାକ୍ୟେ ବନ ॥
ନଗର ବନସ୍ତରେ ପଶି । ବୃକ୍ଷର ତଳେ ବଞ୍ଚେ ନିଶି ॥
ଛାଡ଼ିଲେ ରାଜ ବେଶମାନ । କରିଲେ ସନ୍ନ୍ୟାସ ଲକ୍ଷଣ ॥
ବନେ ଭକ୍ଷନ୍ତି କନ୍ଦମୂଳ । ପିନ୍ଧିଲେ ବୃକ୍ଷର ବକଳ ॥
ଏତେ କଷ୍ଟରେ ଆବମୂଳ । ବନ ବଞ୍ଚନ୍ତି ଦିନ କାଳ ॥
ଶ୍ରୀରାମ ସୀତୟା ଲକ୍ଷ୍ମଣ । ବସି ଅଛନ୍ତି ଏକସ୍ଥାନ ॥
ରାବଣ ଭଗ୍ନୀ ସୂର୍ପଣଖା । ଶ୍ରୀରାମ ଆଗେ ଦେଲା ଦେଖା ॥
ଅପୂର୍ବ ରୂପ ଦିବ୍ୟ ଶୋଭା । ଦେଖିଲେ ମୁନି ମନ ଲୋଭା ॥
ରତି ମନସେ ବଶ ହୋଇ । ରାମଙ୍କୁ କଟାକ୍ଷ ଯାଇ ॥
ଜାଣିଲେ ପ୍ରଭୁ ଭବଗ୍ରାହୀ । ମାୟା ବୈରୁଣୀ ଅଟେ ଏହି ॥
ପଞ୍ଚ ଖଣ୍ଡିକ ବାଣ ମୁନେ । ଉଦନ୍ତ ଲଭିଲେ ତକ୍ଷଣେ ॥

Digitized by PPRACHIN, SOA

ହେ ଭ୍ରାତ ଶୁଣ ମୋ ବଚନ । ଏହାର ଛେଦ ନାସା କର୍ଣ୍ଣ ॥
ଏତେ କହିଣ ରଘୁଧର । ତାହାଙ୍କୁ କହନ୍ତି ତଆଚ ॥
ଶୁଣରେ ଅପୂର୍ବ ବନିତା । ଦେଖ ମୋ ଜ୍ୟୋନେ ଅଛି କାନ୍ତା ।
ଭ୍ରାତାର ମୋ ଯୁବତୀ ନାହିଁ । ତା ପାଶେ ଚଳ ଏବେ ଭୁଞ୍ଜି ॥
ଏ ପଦ ଦିଅ ତାର କର । ସେ ନଷ୍ଟେ ହେବ ତୋର ବର ॥
ଶୁଣି ସେ ସୂର୍ପଣଖା ଗଲା । ଲକ୍ଷ୍ମଣ କରେ ପଦ ଦେଲା ॥
ପଡ଼ନ୍ତେ ଜାଣିଲେ ଲକ୍ଷ୍ମଣ । ବେଗେ ଛେଦିଲେ ନାସାକର୍ଣ୍ଣ ॥
ସେ କ୍ରୋଧେ ଗଲାକ ପଳାଇ । କହିଲା ରାବଣକୁ ଯାଇ ॥
ଶୁଣି ରାବଣ ଚଳେ ବେଗ । ସଙ୍ଗତେ ଘେନି ମାୟା ମୃଗ ॥
ଅଷ୍ଟ ରତ୍ନରେ ମୃଗ ଦେହୀ । ମାୟାରେ ରୂପ ଅଛି ହୋଇ ॥
ରାମ ସମୀପେ ବେଗେ ଚଳି । ରାବଣ ଲତାରେ ରହିଲା ॥
ମୃଗକୁ ଶ୍ରୀରାମ ଦେଖିଲେ । ଅପୂର୍ବ ରୂପ ଏ ବୋଇଲେ ॥
ଏମନ୍ତ ନ ଦେଖିଛୁ କାହିଁ । ତିନ ତ୍ରୈଲୋକ୍ୟ କେହିନାହିଁ ॥
ସୀତାୟୀ ବୋଇଲେ ରାମଙ୍କୁ । ଏ ମୃଗ ମାରିଦେବ ମୂକୁ ॥
ଅଯୋଧ୍ୟା ଯେବେ ଯିବ ମୁହିଁ । ଏ ମୃଗ ଗୁଳ ଯେ ନେବଇଁ ॥
ଅପୂର୍ବ ମୃଗଚର୍ମ ନେଇ । ବଶିଷ୍ଠଙ୍କୁ ଦେବଇ ମୁହିଁ ॥
ସୀତାୟୀ ଏମନ୍ତ ବୋଇଲେ । ଶ୍ରୀରାମ କୋଦଣ୍ଡ ଧଇଲେ ॥
ଗୁଣରେ ବସାଇଲେ ଶର । ବୋଇଲେ ମୃଗ ପ୍ରାଣ ହର ॥
ଚଞ୍ଚଳ ମାୟାମୃଗ ଶୁଣି । ଗୋପ୍ୟ ହୋଇଲା ସେହିକ୍ଷଣି ॥
ଦୃଶ୍ୟ ହୋଇଲା ବହୁ ଦୂରେ । ରାମ ଝଗୁରନ୍ତି ମନରେ ॥
ଏ ଜୀବ ଯେବେ ମରିବଇଁ । ସୀତାୟୀ ମୁଖ ଛେକେ ବୁହିଁ ॥
ନୋହିଲେ ହସିବ ଯେ ସଖୀ । ଲଜ୍ଜା ପାଇବ ସିନା ମୁହିଁ ॥
ଲକ୍ଷ୍ମଣେ କହିଁ ଆଜ୍ଞା ଦେଲେ । ଏଠାରେ ରହ ତୁ ବୋଇଲେ ॥
ଆସନୁ ଉଠିଲେ ଝଟତି । ବେଗେ ମିଳିଲେ ମୃଗ କତି ॥
ନାରାଚ ସନ୍ଧି ରଘୁପତି । ଓଟାରି ବିନ୍ଧିଲେ ଝଟତି ॥
ଛୁଡ଼ିଲା ବେଳେ ମୃଗ ପ୍ରାଣ । ଡାକିଲା ରଖ ହେ ଲକ୍ଷ୍ମଣ ॥

Digitized by PPRACHIN, SOA

ସୀତାଙ୍କ କର୍ଣ୍ଣେ ତାହା ଶୁଣି । କମ୍ପି ଡାକିଲେ ରଘୁନନ୍ଦିନୀ ॥
ଲକ୍ଷ୍ମଣ ବେଗେ ତୁମ୍ଭେ ଯାଅ । ରାମ ଡାକିଲେ ସତ ହୁଅ ॥
ଲକ୍ଷ୍ମଣ ବେଗେ ଏହା ଶୁଣି । କାହିଁ ଡାକିଲେ ରଘୁମଣି ॥
ଜାନକୀ ବୋଇଲେ ଶୁଣ ତୁ । ଡାକ ଶୁଭଇ ମଡ଼ିଆକୁ ॥
ବଚନ ପଡ଼ିଲା କା ପ୍ରତି । ତାକୁ ଅଛନ୍ତି ରଘୁପତି ॥
ଯାଅ ତୁ ସୁମିତ୍ରାର ସୁତ । ତାକୁ ଅଛନ୍ତି ରଘୁନାଥ ॥
ଲକ୍ଷ୍ମଣ ଶିରେ କର ଦେଇ । କେମନ୍ତେ ଯିବଇଁ ଯେ ମୁହିଁ ॥
ଶ୍ରୀରାମ ଆଜ୍ଞା ନାହିଁ ମୋତେ । ଏକାକୀ ରହିବ ବନସ୍ତେ ॥
କୋପରେ ବୋଲନ୍ତି ବୈଦେହୀ । ନ ଯାଉ କାହିଁ ପାଇଁ ତୁହି ॥
ଜାଣିଲି ତୋହର ଦୁଷ୍ଟ କଥା । ମୁହିଁ ତ ପାଇଲି ବ୍ୟବସ୍ଥା ॥
ଏହାଙ୍କ ସଙ୍ଗେ ଆସି ମୁହିଁ । ଦୁଃଖ ପାଇଲି ବନେ ରହି ॥
କୈକେୟୀ କୁଟେ ଯେ ପାଞ୍ଚିଲେ । ପୁତ୍ରକୁ ରାଜ କରାଇଲେ ॥
ସେ କଥା ତୋର ହୃଦେ ଘୋଷି । ଗ୍ରହ ଉଦାସ ଶତ୍ରୁ ବସି ॥
ସୀତାଙ୍କ କଟୁ ବାକ୍ୟ ଶୁଣି । ଲକ୍ଷ୍ମଣ ଧନୁ କରେ ଘେନି ॥
ସୀତାଙ୍କ ରକ୍ଷା ମଡ଼ିଅରେ । ଦ୍ୱାରେ କାଟିଲେ ଧନୁଗାରେ ॥
ଏ ଗାର ଯେବେ ତୁ ଲଙ୍ଘିବୁ । ରାମଙ୍କ ଦୋଷରେ ହୋଇବୁ ॥
ଏତେକ ବୋଲିଣ ଲକ୍ଷ୍ମଣ । ବାହାରି ହେଲେ ତତକ୍ଷଣ ॥
ବେଗେ ଧାଇଁଲେ ଧାଉଁଡାରେ । ମିଳିଲେ ଯେ ରାମ ଅନ୍ତରେ ॥
ଖୋଜନ୍ତି ପଥ ଅନୁସରି । ଚଳନ୍ତି ଶ୍ରୀରାମ ସୁମତି ॥
ଲକ୍ଷ୍ମଣ ଗଲେ ଦୂର କତି । ଏକା ରହିଲେ ମହାସତୀ ॥
ରାବଣ ଯତି ବେଶ ହୋଇ । ଆସି ମିଳିଲା ସୀତା ପାହିଁ ॥
ସଧୀରେ ଡାକନ୍ତି ଦୁଆରେ । କେ ଅଛି ମଡ଼ିଆ ଭିତରେ ॥
କ୍ଷୁଧାରେ ଜଳୁଛି ଉଦର । ଭିକ୍ଷା ଦେଇଣ ରକ୍ଷା କର ॥
ରାବଣ ବାକ୍ୟ ଶୁଣି ସୀତା । ସଧୀରେ ବୋଲେ ଜନକଜାତା ॥
ଅନ୍ନ ତ ନାହିଁ ମଡ଼ିଆରେ । କି ଅବା ଦେବଇଁ ତୁମ୍ଭରେ ॥
ଅମ୍ଭେ ବନସ୍ତେ ବନବାସୀ । ତୁମ୍ଭେ ଅଇଲ ଅନ୍ନଗ୍ରାସୀ ॥

Digitized by PPRACHIN, SOA

ଆମ୍ଭେ ବନସ୍ତେ ଫଳ ଭକ୍ଷୁ । ମହା ଆନନ୍ଦେ ଦିନ ବଞ୍ଚୁ ॥
ସୀତସ୍ତା ତହୁଁ ଏହା ଶୁଣି । ରାବଣ ମନେ ମନେ ଗୁଣି ॥
ବୋଲଇ କି ବୁଦ୍ଧି କରିବି । କେମନ୍ତେ ଏହାକୁ ମୁଁ ନେବି ॥
ଭୂମିରେ ଟଣ୍ଡିଲକ ଶୋଇ । ପ୍ରାଣ ମୋ ଗଲା କ୍ଷୁଧା ପାଇ ॥
ଆଗଙ୍କେ ଦେଉଅଛି ଡାକ । କିଛି ଦେଇଣ ପ୍ରାଣ ରଖ ॥
କର ଚରଣ ନ ଚଳଇ । ଏଠାରେ ମୋର ପ୍ରାଣ ଗଲା ॥
ଏତେ ବୋଲିଣ ତୁନି ହୋଇ । ଭୂମିରେ ପଡ଼ିଛି ଘୁମାଇ ॥
ତା ଦେଖି ଜନକ ଦୁହିତା । ମନେ ପାଇଲେ ଗୁରୁ ଚିନ୍ତା ॥
ଶ୍ରୀରାମ ନାହାନ୍ତି ମୋ ପାଶ । ଦେଖନ୍ତେ ପ୍ରାଣ ଗଲା ନାଶ ॥
ଅମୃତ ମାୟା ନ ଜାଣିଲେ । ଜଳ ଘେନିଣ ବାହାରିଲେ ॥
ପ୍ରବେଶ ହେଲେ ଯାଇଁ ଦ୍ୱାରେ । ଛୁଇଁଲେ ତପସ୍ୱୀ ମୁଖରେ ।
ଯହୁଁ ଡେଇଁଲେ ଧନୁ ଗାର । ରାବଣ ଉଠିଲା ସତ୍ୱର ॥
ଧଇଲା ଜାନକୀ ଅଞ୍ଚଳ । ବୋଇଲା ନକଲୁ ମୋ ବୋଲ ॥
ଏବେ କେବଣ ତୋତେ ରକ୍ଷା । ରାମରେ ଛାଡ଼ ତୁମ୍ଭ ବାଞ୍ଛା ॥
ଏତେ ବୋଲିଣ ଦଶମଥା । ରଥେ ଥୋଇଲା ନେଇ ସୀତା ॥
ବାହୁଡ଼ିଲା ଲଙ୍କା ଭୁବନକୁ । ସୀତସ୍ତା ଡାକିଲେ ରାମଙ୍କୁ ॥
କେଣିକି ଗଲ ରଘୁନାଥ । ମୁହିଁ ଯେ ହୋଇଲି ଅନାଥ ॥
କେ ମୋତେ ନେଉଅଛି ଧରି । କାହିଁକି ଗଲ ମୃଗମାରି ॥
ବନେ ଅଇଲୁ ତିନି ଲୋକ । ଏବେ ମୁଁ ହୋଇଲି ନିରେଖ ॥
ରଥ ବାହିଲା କହୁଁ କହୁଁ । ଲଙ୍କାରେ ହେଲା ବିଂଶବାହୁ ॥
ଅଶୋକ ବନେ ସୀତା ଥୋଇ । ଲକ୍ଷେକ ଅସୁର ଜଗାଇ ॥
ଏଥି ଉତ୍ତାରୁ ଆନ ବାଣୀ । ବନସ୍ତେ ଥିଲେ ରଘୁମଣି ॥
ଲକ୍ଷ୍ମଣ ମିଳିଲେ ସମ୍ମୁଖରେ । ପ୍ରଣାମ କଲେ ଶ୍ରୀ ପୟରେ ॥
ଲକ୍ଷ୍ମଣ ଦେଖି ରାମ କହି । କିପାଁ ଅଇଲୁ ବନେ ତୁହି ॥
କିପାଁ ଅଇଲୁ ଛାଡ଼ି ମୋର । ସୀତାକୁ ଛାଡ଼ି ବନଘର ॥
ଲକ୍ଷ୍ମଣ ଶିରେ କର ଦେଇ । ବୋଇଲେ ଶୁଣିମା ଗୋସାଇଁ ॥

Digitized by PPRACHIN, SOA

ବନସ୍ତେ କେ ଡାକିଲା ମୋତେ । ନାମ ଧରିଣ ସେ ଆରତେ ॥
ସୀତାୟୁ ଶୁଣି ମୋତେ କହି । ଡାକୁ ଅଛନ୍ତି ରଘୁସାଇଁ ॥
କଠୁ ବଚନ କହି ମୋତେ । ତେଣୁ ମୁଁ ଅଇଲି ବନସ୍ତେ ॥
ଶ୍ରୀରାମ ବୋଲନ୍ତି ବଚନ । ମୃଗକୁ ବିନ୍ଧଇ ଯେ ବାଣ ॥
ମାରୀଚ ଯାତେ ପ୍ରାଣ ହାରି । ଡାକିଲା ତୋର ନାମ ଧରି ॥
ଲକ୍ଷ୍ମଣ ମୃଗ କରେ ଘେନି । ଶ୍ରୀରାମ ହୋଇଲେ ବାହାର ॥
ଆସି ହୋଇଲେ ଦୁଇ ଭାଇ । ସୀତାୟୁ ବସିଥିଲେ ଯହିଁ ॥
କନକ ମୃଗ ତଳେ ଥୋଇ । ଦ୍ୱାରେ ଡାକନ୍ତି ରଘୁସାଇଁ ॥
ଲକ୍ଷ୍ମଣ ଦେଖିଲେ ଭିତରେ । କହିଲେ ଶ୍ରୀରାମ ଆଗରେ ॥
ପୁର୍ଣ୍ଣକୁଟିରେ ନାହିଁ ସୀତା । କେଣିକ ଗଲେ ଜଗନ୍ମାତା ॥
ସୀତାୟୁ ସୀତାୟୁ ବୋଲିଣ । ଡାକନ୍ତି ଡାକନ୍ତି ଶ୍ରୀରାମ ॥
ପଡନ୍ତି ଅବନୀରେ ଲୋଟି । ଲକ୍ଷ୍ମଣ ଧଇଲେ ସାଉଁଟି ॥
କର ତାଡନ୍ତି ଶିରେ ନେଇ । କେଣିକ ଗଲୁ ପ୍ରାଣସହି ॥
ତୋ ଗୁଣ କହିବଇଁ କେତେ । ଧାତା ଖଞ୍ଜିଲା ଆସି ମୋତେ ॥
ଘରୁ ଅଇଲୁ ତିନିଜଣ । ଆସି ରହିଲୁ ଘୋରବନ ॥
ଆମ୍ଭେ ରହିଲୁ ବେନଭାଇ । ଏକା ହୋଇଣ ଗଲୁ କାହିଁ ॥
ତୋତେ ଗୋ ନ ଦେଖିଲେ ମୁହିଁ । ପ୍ରାଣ ମୁଁ ଧରି ନ ପାରଇ ॥
କେମନ୍ତେ ମୁ ରହିବି ତୋତେ । ପ୍ରାଣ ମୋ ଯାଉ ଏ ବନସ୍ତେ ॥
ଅନାଥ ସ୍ତ୍ରୀ ପ୍ରାୟେ କରି । କେହୁ ଚଣ୍ଡାଳ ନେଲା ହରି ॥
ହି ପୁତ୍ରର ନାହିଁ ମୋତେ ସରି । କେ ତୋତେ ଘେନିଗଲା ଧରି ॥
ସୀତାୟୁ ରୂପ ଗୁଣ ଚିନ୍ତି । ଭୂମିରେ ଲୋଟିଣ ପଡନ୍ତି ॥
ରାମ ଲକ୍ଷ୍ମଣ ଶୋକ ଜଳେ । ପଡ଼ି କାନ୍ଦନ୍ତି ଭୂମି ତଳେ ॥
ରାମଙ୍କ ଦେଖିଣ ଅବସ୍ଥା । ପକ୍ଷୀଏ କହିଲା ବାରତା ॥
ଲଙ୍କା ରାବଣ ଆସିଥିଲା । ସୀତାଙ୍କୁ ଧରି ଘେନିଗଲା ॥
ବୋଲନ୍ତି ଶୁଣି କ୍ରୋଧେ ରାମ । କୋପେ ହୋଇଲେ ଗୁରୁତମ
ନଷ୍ଟେ ମାରିବି ରାବଣକୁ । ଶୀଘ୍ରଇ ନେଲା ମୋ ସୀତାଙ୍କୁ ॥

Digitized by PPRACHIN, SOA

ଲକ୍ଷ୍ମଣ ସଙ୍ଗେ ଦାଶରଥି । ବୃକ୍ଷ ମୂଳରେ ବସିଛନ୍ତି ॥
ଏମନ୍ତେ ମାର୍କଣ୍ଡ ଋଷି । ପ୍ରବେଶ ହେଲେ ତହିଁ ଆସି ॥
ମୁନିଙ୍କି ଦେଖି ରଘୁନାଥ । ଚରଣେ କଲେ ପ୍ରଣମିତ ॥
ଋଷି ଏ ବାଞ୍ଛନ୍ତି କଲ୍ୟାଣ । ବସନ୍ତି ଯାଇ ତତକ୍ଷଣ ॥
ବସିଲେ ମୃଗ ଛାଲ ମାଡ଼ି । ରାମ କହନ୍ତି ପାଏ ପଡ଼ି ॥
ଶୁଣ ଗୋସାଇଁ ତପ ନିଷ୍ଠି । ମୋ ଚିତ୍ତ ନାହିଁ ବଡ କଷ୍ଟି ॥
ମୁନି କହନ୍ତି ରାମ ଶୁଣି । ଶୁଣିମା ସାବଧାନ ହୋଇ ॥
ସତ୍ୟଯୁଗରେ ବୀରସେନ । ତାହାର ଏକଇ ନନ୍ଦନ ॥
ନାମ ତାହାର ନଳରାଜା । ସୁଖେ ପାଳଇ ଜନ ପ୍ରଜା ॥
ଧାର୍ମିକ ପଣେ ସତ୍ୟବାଦୀ । ସୂର୍ଯ୍ୟ ବଂଶରେ ସେହୁ ଆଦି ॥
ଯେ ଏହା ଶୁଣି ଶ୍ରଦ୍ଧାକରେ । ମହା ସଙ୍କଟୁ ସେହୁ ତରେ ॥
ଶ୍ରୀରାମ ଯାଉଛନ୍ତି ବସନ୍ତି । ତେଣୁ କହିଲେ ବ୍ରହ୍ମସୁତ ॥
ଶୁଣି ସନ୍ତୋଷ ରଘୁନାଥ । ମୋହର ନ ହୋଇବ ଆନ ॥
ଭକତ ଯେବଣ ମୋହର । ଶୁଣି ସନ୍ତୋଷ ସାଧୁ ନର ॥
ମୋହରେ ନ ଯାଇ କହିଣ । କହି ହଜନ୍ତି ନାରାୟଣ ॥
ସୁଜନେ ଦୋଷ ମୋ ନଧର । ମୁହିଁ ଭୁମ୍ବର ପରସ୍ପର ॥
ଶରଣ ଗଲି ଚକ୍ରଧର । ଶିଶୁ ଈଶ୍ୱର ନାମ ମୋର ॥

ଇତି ଶ୍ରୀ ନଳରାଜା ଚରିତ୍ର ଈଶ୍ୱର ଦାସ କୃତେ । ବ୍ୟାସ ଧର୍ମ ମାର୍କଣ୍ଡ
ଶ୍ରୀରାମ ଜାନକୀ ହରଣେ ନଳରାଜା କଥନେ
ନାମ ପ୍ରଥମ ଅଧ୍ୟାୟ ।

—o—

ଦ୍ୱିତୀୟ ଅଧ୍ୟାୟ

ବ୍ୟାସ ଉବାଚ

ବ୍ୟାସେ କହନ୍ତି ନଳ କଥା । ବସି ଶୁଣନ୍ତି ପଞ୍ଚଭ୍ରାତା ॥
ଅରଣ୍ୟେ ଶ୍ରୀରାମ ଶୁଣନ୍ତି । କହନ୍ତି ମାର୍କଣ୍ଡ ଯତି ॥
ଶୁଣ ଶ୍ରୀରାମ ସାବଧାନ । ଏକଇ ଦିନେ ବୀରସେନ ॥

Digitized by PPRACHIN, SOA

ପୁତ୍ରକୁ ଦେଖି ରାଜଅଗ୍ରଣୀ । କହଇ କୋମଳ ବଚନ ॥
ଛତ୍ର ଧରାଇ ପୁତ୍ର ଶିରେ । ପାତ୍ରକୁ ସମର୍ପି ପାଖରେ ॥
ପୁତ୍ରକୁ ସବୁ ସମର୍ପିଲ । ତପ ସାଧିବା ବୋଲି ଗଲ ॥
ବିଦର୍ଭ ଦେଶେ ରହି ନଳ । ଷଷ୍ଠି ପଣକୁ ଅନର୍ଗଳ ॥
ରୂପେଣ କନ୍ଦର୍ପ ସମାନ । ତୁଲ ଦେବାକୁ ନାହିଁ ଆନ ॥
ସୁନ୍ଦର ତେଜ ବଳବନ୍ତ । ସକଳେ ସୁବିଦ୍ୟା ପଣ୍ଡିତ ॥
ଦସ୍ୟୁଙ୍କୁ ଦାତା ପରଜିତ । ବିପ୍ର ପୋଷଣେ ଅଦ୍ଭୁତ ॥
ପ୍ରଜା ପାଳନେ ସତ୍ୟମାନ । ସ୍ୱଧର୍ମ ବେଦମତେ ଯେନ ॥
ଗୁହାରି ଶୁଣନ୍ତି ସେ ଠାଏ । ପଛ ଚରଣ ଆଗ ନୁହେ ॥
ଲକ୍ଷକେ ବୁଝାବଣା ସାରି । ଶତ୍ରୁ ମଉସ ଆଦକର ॥
ଦଣ୍ଡ ବା ମଣ୍ଡେ ଯେଣ୍ଡି ନ୍ୟାୟେ । ତେବେ ଚରଣ ତଳେ ଆଗେ ॥
ଯେତେକ ଜାଣନ୍ତି ରିପୁବଳ । ସେତ ଶବଦେ ଅନୁକୂଳ ॥
ଏକା ବଳେଯେ ନୃପମଣି । ଗୋଡ଼ାଇ ମିଶନ୍ତି ସଇନ ॥
ସଂଗ୍ରାମେ କରି ଶତ୍ରୁ ଜିଣେ । ସବୁରି ଜୟରେ ବଢଯେ ॥
ଏରୂପେ ତାର ରାଜନୀତି । ସେ ବୀର ନଳ ଚକ୍ରବର୍ତ୍ତୀ ॥
ତାହାର ରାଜ୍ୟ ଲୋକଙ୍କର । ଶୁଣ ତୁ ଏମନ୍ତ ବେଭାର ॥
ସର୍ବେ କୃଷ୍ଣ ଦୁଃଖ ମନେ । ନର୍ଦ୍ଧଯେ ଦୁର୍ଦ୍ଧଶା ନାଶନେ ॥
ପୁରୁଷେ ତାଙ୍କ ଦ୍ୱାରେ ବର୍ଷି । ଯାହାକ ପୁଜନ୍ତି ତୁଳସୀ ॥
ପର ପୁରୁଷେ ଦ୍ରିଷ୍ଟି ମନ । ଉଦେସଟି ଶଙ୍କର ସେବନ ॥
କେବଳ ବିଦ୍ୟା ମଧେ ବାଦ । ମାତାଙ୍କ ଗଣ୍ଡସ୍ଥଳେ ମୋଦ ॥
ଅଶ୍ୱ ଚରଣେ ବନ୍ଧ ଗତି । କୁଟିଳ କେଶରେ ଅଛନ୍ତି ॥
ପୁତ୍ର ମାତୁଳ ମୁଖେ ଗାଳି । ମାଡ ମାଦକ ଘଣ୍ଟଶାଳ ॥
ଦୁର୍ଲ୍ଲଭ ତ ଦରିଦ୍ର୍ୟ ବ୍ୟାଧିକ । କେବଳ ସଂସାର ଜନଙ୍କ ॥
କ୍ରନ୍ଦନ ଏକା ଦୁଃଖୀ ଜନେ । ବିଦେଶ ବିପାଦ ଗମନେ ॥
ଦ୍ୱିଦାର ଚତୁସ୍ଥାନ କାମ । ପୁଂସ ନ ପଡ଼ି ଗଲେ ଭ୍ରମ ॥
ଲୋଭ ବୈଷ୍ଣବ ପାଦରଜେ । ସାମର୍ଥ ପଣ ପରକାର୍ଯ୍ୟେ ॥

Digitized by PPRACHIN, SOA

ସ୍ୱପନ ମାଝେ ମିଥ୍ୟା ଦେଖି । କୃଷ୍ଣ କାର୍ତ୍ତିକେ ଅଛି ଆଖି ॥
ସେ ଦେଶେ ଲକ୍ଷ୍ମୀ ଥାନ୍ତି ସୁଖେ । ବିଦେଶେ ଯଶ ପରମୁଖେ ॥
ବଦନ ପର ପୁରୁଷଙ୍କ । ନ ଦେଖେ ଧାର୍ମିକ ରାଜନ୍ତ ॥
ଏ ବିଧି ପାଳେ ନଳରାଜା । ସୁ ଖ କରନ୍ତି ଜନ ପ୍ରଜା ॥
ଅନେକ କାଳ ନୃପବଣ । ରାଇଲେ ଏକଇ ବ୍ରାହ୍ମଣ ॥
ବହୁତ ଦ୍ରବ୍ୟ ତାଙ୍କୁ ଦେଇ । ବିଶ୍ବାସେ ସନ୍ନିଧେ ବସାଇ ॥
ବୋଇଲେ ବିପ୍ର ଯାଅ ତୁମ୍ଭେ । କନ୍ୟା ଖୋଜବୁ ମୋର ପାଇଁ ॥
ମୋର ସ ଦୃଶେ ଏକ ନାରୀ । ଖୋ ଜ ବିଦେଶେ ଅନୁସରି ॥
ଶୁଣି ବ୍ରାହ୍ମଣ ତୋଷ ହୋଇ । ବୋଇଲେ ଖୋଜିବଇଁ ମୁହିଁ ॥
ମେଲାଣି ପାଇ ଦ୍ୱିଜବର । ତକ୍ଷଣେ ହୋଇଲେ ବାହାର ॥
ଖୋଜଇ ରାଜ୍ୟେ ରାଜ୍ୟେ ଯାଇ । ନଳ ସଦୃଶେ କନ୍ୟା ଯହିଁ ॥
ବହୁତ ରାଜ୍ୟ ସେ ଖୋଜିଲେ । ନଳ ସଦୃଶେ ନ ପାଇଲେ ॥
ଛମାସେ ଲେଉଟି ଅଇଲେ । ନୃପତି ଆଗରେ କହିଲେ ॥
ଶୁଣି ବିସ୍ମୟ ରାଜା ମନ । ଏମନ୍ତେ ଗଲେ କେତେଦିନ ॥
ଅନେକ ନଳ ନୃପସାଇଁ । ମୃଗୟା ବିନୋଦେ ଚଳଇ ॥
ପଶିଲେ ଗହନ କାନନ । ହସ୍ତରେ ଧରି ଢମାପୂଣ ॥
ବୁଲନ୍ତେ ବନସ୍ଥରେ ହେରି । ମୃଗ ଶୂକର ଅନୁସରି ॥
ଦେଖିଲେ ଏକ ହଂସ ପକ୍ଷୀ । ଝର୍‌ଦିନ ବନେ ଚରୁଅଛି ॥
ରତ୍ନ ଜଡିତ ହେମକାୟେ । ଚଳନ୍ତେ କ୍ଷିତି ଶୋଭାପାଏ ॥
ଦେଖି ନୃପତି ବିଚାରଇ । ଏ ହଂସ ଧରିନେବି ମୁହିଁ ॥
କୋଦଣ୍ଡ ବସାଇ ନାରାଚ । ହାନନ୍ତେ ହୋଇ ମହାତେଜ ॥
ହଂସ ଡାକିଲେ ରାଜା ସ୍ତୁତି । ନାରାଚ ବନ୍ଧ କାହିଁପାଇଁ ॥
ଶୁଣି ନୃପତି ସ୍ତମ୍ଭୀଭୂତ । କି କାର୍ଯ୍ୟେ ଆସିଅଛୁ ଭୂତ ॥
ତୋ କାର୍ଯ୍ୟେ ଆସିଅଛି ମୁହିଁ । ଧାତା! ପେଷିଲେ ତୋର ପାଇଁ ॥
ହଂସ ବୋଲଇ ଯହିଁ ପାଇଁ । କହଇ ତୁମ୍ଭ ଆଗେ ମୁହିଁ ॥
ଧାତା ବୋଇଲେ ତୁମ୍ଭେ ଯାଅ । ନଳଙ୍କୁ ଦମୟନ୍ତୀ ଦିଅ ॥

Digitized by PPRACHIN, SOA

କୁଣ୍ଡୀନ ରାଜ୍ୟେ ଭୀମ ରାଜା । ଦମୟନ୍ତୀ ବୋଲି ତନୁଜା ॥
ସେ କନ୍ୟା ବଡ଼ଇ ସୁନ୍ଦର । ତାର ସଦୃଶେ ତୁମ୍ଭେ ବର ॥
ତେଣୁ କାର୍ଯ୍ୟେ ଆସିଅଛି ମୁହିଁ । ଏ ଦୋଷେ ମାରୁ କାହିଁପାଇଁ ॥
ଶୁଣି ସେ ନନ୍ଦ ନଳରାଜା । କାର୍ଯ୍ୟ କରଣେ କଲେ ପୂଜା ॥
ନଳଙ୍କୁ କହି ହଂସ ଗଲା । କୁଣ୍ଡୀନ କଟକେ ମିଳିଲା ॥
ରାଜାଙ୍କ ସରୋବରେ ଯାଇଁ । ବସିଛି ପଥଶ୍ରାନ୍ତ ପାଇ ॥
ଏମନ୍ତେ ରାଜାର କୁମାରୀ । ଆସୁଛି ସ୍ନାନ ସେ କରି ॥
ସଖୀମାନଙ୍କ କର ଧରି । ସଙ୍ଗତେ ଲକ୍ଷେ ପରିବାରୀ ॥
ପ୍ରବେଶ ସରୋବର ତୀରେ । ଆନନ୍ଦ ହୋଇଣ ମନରେ ॥
ଜଳେ ପଶିଲା ରାଜଜେମା । ରୂପକୁ କି ଦେବ ଉପମା ॥
ତାରଙ୍କ ମଧ୍ୟେ ଚନ୍ଦ୍ର ଯେହ୍ନେ । ନାରୀଙ୍କ ମଧ୍ୟେ ଶୋଭା ତେହ୍ନେ ॥
ଜଳେ କୁଡ଼ଣ କ୍ରୀଡ଼ା କରି । ଫିଙ୍ଗନ୍ତି ଜଳ ଫୁଫୁ କରି ॥
ଏମନ୍ତେ ଭୀମରାଜା ଝିଅ । ଜଳ କ୍ରୀଡ଼ାରେ ମାତିଅଛି ॥
ହଂସ ବସିଲା ଆସି ଉଡ଼ି । ଦମନ୍ତୀ ପାଶେ କରଯୋଡ଼ି ॥
ହଂସକୁ ଦେଖିଣ ଯୁବତୀ । କାହୁଁ ତୁ ଅଇଲୁ ବୋଲନ୍ତି ॥
ଅତି ସୁନ୍ଦର ତୋର କାୟେ । ଅଷ୍ଟ ରତ୍ନରେ ଶୋଭାପାଏ ॥
ଅଇଲୁ ମାଗିବାର ପାଇଁ । କାହୁଁ ତୁ ଅଇଲୁ ଯେ ଧାଇଁ ॥
ହଂସ ବୋଲଇ ଶୁଣ କଥା । ଆଣିଛି ତୁମ୍ଭର ବାରତା ॥
ସ୍ୱର୍ଗୁ ପେଷିଲେ ମୋତେ ଧାତା । ଶୁଣ ତୁ ସାବଧାନେ କଥା ॥
ହୋଇଲେ ହଂସ ପାଅ ଭୁଞ୍ଜି । କହ ଦମୟନ୍ତୀ କ ଯାଇଁ ॥
ନଳରାଜାଙ୍କୁ ହେବ ବଭା । ତୋର ସାଦୃଶେ ସେହୁ ଶୋଭା ॥
ସେ ରାଜା ସୂର୍ଯ୍ୟବଂଶେ ଜାତ । ବଡ଼ ଧାର୍ମିକ ସତ୍ୟବନ୍ତ ॥
ଦମନ୍ତୀ ଶୁଣି ହଂସ ବାଣୀ । ଆନନ୍ଦ ମନେ ମନେ ଗୁଣି ॥
ବୋଇଲା ହଂସ ବେଗେ ଯାଅ । ନଳରାଜାର ଆଗେ କହ ॥
କାଲି ସେ ଆସିବେ ସଭାକୁ । ଇଚ୍ଛାରେ ବରିବ ତାହାଙ୍କୁ ॥
ରାଜା ଯେ ଥିବେ ନୂଣ୍ଡ ହୋଇ । ଆଗେ ବରିବ ତାଙ୍କୁ ମୁହିଁ ॥

Digitized by PPRACHIN, SOA

ସ୍ୱର୍ଗୁ ଆସିବେ ସୂର୍ଯ୍ୟଚନ୍ଦ୍ର । ଆବର ଯେତେକ ନରେନ୍ଦ୍ର ॥
ଏହାଙ୍କ ମୂଳେ ଲକ୍ଷେ ରାଜପୁ । ଆସିଣ ମିଳିବେ ସର୍ବତ୍ରପୁ ॥
ଇଚ୍ଛା ମୁଁ ବରିବ ନମିତ୍ତ । ପିତା ମୋ କରିଛନ୍ତି ସତ୍ୟ ॥
ହଂସ ତୁ ଯାଅ ବେଗ ହୋଇ । କହିବୁ ନଳ ଆଗେ ତୁହି ॥
ଦମନ୍ତୀ ବାକ୍ୟେ ହଂସ ଗଲା । ନିଷଧ ଦେଶରେ ମିଳିଲା ॥
ନଳରାଜାର ଆଗେ ଯାଇଁ । କହିଲା ସମସ୍ତ ବୁଝାଇ ॥
କାଲି ହୋଇବ ସ୍ୱୟମ୍ବର । କନ୍ୟା ବରିବ ଇଚ୍ଛାବର ॥
ନଳ ଶୁଣିଣ ଶୁଭ କଥା । ଦମନ୍ତୀ ଉତ୍ତର ବାରତା ॥
ହଂସକୁ ଦେଲେ ଫଳ ଫୁଲ । ଭୁଞ୍ଜି ଚଳିଲା ସ୍ୱର୍ଗପୁରୀ ॥
ଯାହାକୁ ବୁଝି ନଳ କହି । ସୈନ୍ୟ ତୁ ସଜ ବେଗ ହୋଇ ॥
ସ୍ନାହାନ ନିତ୍ୟକର୍ମ ସାରି । ରଥେ ବସିଲେ ଶୀଘ୍ର କରି ॥
ହୋଇଲେ ଦିବ୍ୟ ବେଶମାନ । ବାହାର ହେଲେ ତତକ୍ଷଣ ॥
ସୈନ୍ୟ ସହିତେ ଦଣ୍ଡପକ୍ଷ । ରଥେ ବସିଲେ ଶୀଘ୍ର କରି ॥
ଆଗେ ବାହାନ୍ତି ରଥବର । ଉଡ଼ିଲା ଗଗନ ମାର୍ଗର ॥
ଦେଖିଲେ ଯାଉ ଯାଉ ପଥେ । ସ୍ୱର୍ଗୁ ଆସନ୍ତି ଶଚୀନାଥେ ॥
ତା ଦେଖି ନଳ ବିସ୍ମରଇ । ଏ ରଥ କାହାର ଅଟଇ ॥
ରଥ ହୋଇଲା ଆସି କଞ୍ଚ । ଦେଖିଲେ ନଳ ଚକ୍ରବର୍ତ୍ତୀ ॥
ରଥେ ଦେଖିଲେ ସୁରଶିର । ସଙ୍ଗରେ ଅଛନ୍ତି କୁବେର ॥
ବାମେ ବରୁଣ ଦିଗପାଳ । ଅଛନ୍ତି ଅପ୍ରମିତ ବଳ ॥
ରଥୁ ଓହ୍ଲାଇ ନଳ ରାଜା । ଇନ୍ଦ୍ରଙ୍କ ପଦେ କଲେ ପୂଜା ॥
ନଳ ସେ କହନ୍ତି ବିନୟୀ । ଯାଉଛି କୁଣ୍ଡୀ ନଗ୍ର ମୁହିଁ ॥
ତହିଁର ରାଜା ଭୀମ ବୋଲି । କରିଛି ସ୍ୱୟମ୍ବର ମେଳି ॥
ଆସିବେ, ନୃପତି ବହୁତ । କନ୍ୟା କରନ୍ତି ସତ୍ୟବ୍ରତ ॥
ଦମନ୍ତୀ ବୋଲି ନାମ ତାର । ଶୁଣିମା ଶଚୀଦେବୀ ବର ॥
ଇନ୍ଦ୍ର ସେ ବୋଇଲେ ନଳକୁ । କଥା ଏ କହିବ ତୁମ୍ଭଙ୍କୁ ॥
ଦମନ୍ତୀ ସନ୍ନିଧିକୁ ଯାଅ । ତୁମ୍ଭେ ଆମ୍ଭର ଦୂତ ହୁଅ ॥

Digitized by PPRACHIN, SOA

ଆମ୍ଭେ ଅଇଲୁ ବୋଲି ତାଙ୍କୁ । ବୁଝାଇ କହିବ ତାହାଙ୍କୁ ॥
ଯେମନ୍ତେ ବରଇ ସେ ଆମାତେ । ନଳ ହୋ ଯାଅ ତୁ ତୁରିତେ ॥
ଇନ୍ଦ୍ର ଆଜ୍ଞାରେ ନଳ ଗଲା । ଦମନ୍ତୀ ଆଗରେ ମିଳିଲା ॥
ଦ୍ୱାରେ ହୋଇଲା ନଳ ଉଭା । ପୃଥିବୀ ପାଉଅଛି ଶୋଭା ॥
ନଳକୁ ଦେଖିଣ ଦମନ୍ତୀ । ତରସ୍ତେ ଉଠେ ମଥା ପୋତି ॥
ଦଣ୍ଡେ ହୋଇଲା ମୋହମାନ । ଘଡିକେ ହୋଇଲା ଚେତନ ॥
ଲଜ୍ଜାରେ ନ କହଇ ବାଣୀ । ଅପାଙ୍ଗେ ଚାହେଁ ପୁଣି ପୁଣି ॥
ଦମନ୍ତୀ ସ୍ତୁତି ନଳ ଭଣି । ଶୁଣରେ ଚନ୍ଦ୍ରମା ବଦନୀ ॥
ମୁଁ ବୀରସେନର କୁମାର । ବଦର୍ଭ ଦେଶ ଦଣ୍ଡଧର ॥
ନାମ ମୋହର ନଳରାଜା । ଦୂତ ମୁଁ ପେଶିଲ ବଡ଼ଜା ॥
ପଥେ ଅଛନ୍ତି ଇନ୍ଦ୍ର ରହି । ତାହାଙ୍କୁ ବର ହାଦେ ତହିଁ ॥
ଇନ୍ଦ୍ରର ହୋଇଲେ ଘରଣୀ । ସ୍ୱର୍ଗେ ହୋଇବୁ ଠାକୁରାଣୀ ॥
ଏଥିକୁ ପେଷିଛନ୍ତି ମୋତେ । କହ ବିଚାର ତୋର ଚିତ୍ତେ ॥
ଦମନ୍ତୀ କହେ ତାହା ଶୁଣି । ଇନ୍ଦ୍ରଙ୍କୁ କହ ନାସ୍ତି ବାଣୀ ॥
ବିଦର୍ଭ ଦେଶେ ଦଣ୍ଡଧାରୀ । ନଳ ରାଜାର ମନୋହାରୀ ॥
ତୁମ୍ଭଙ୍କୁ ପେଷିଛନ୍ତି ସେହି । ସତ୍ୟ ସେ ବଡିବାର ପାଇଁ ॥
ଏବେ ବାହୁଡ଼ି ତୁମ୍ଭେ ଯାଅ । ଇନ୍ଦ୍ରଙ୍କୁ ନାସ୍ତି ବୋଲି କହ ॥
ଶୁଣି ନୃପତି ଗଲେ ବେଗେ । କହିଲେ ବାସବର ଆଗେ ॥
ବହୁତ କହିଲି ତଆରି । ସମ୍ମତ ନକଲା ସୁନ୍ଦରୀ ॥
ଇନ୍ଦ୍ର ବୋଇଲେ ଶୁଣ ତୁହି । ତୋ ସତ୍ୟ ବଡ଼ିବାର ପାଇଁ ॥
ଦୂତ ପେଶିଲୁ ଆମ୍ଭେ ତୋତେ । ଦମନ୍ତୀ ଚହ୍ନିବା ନିମନ୍ତେ ॥
ଇନ୍ଦ୍ର ବୋଇଲେ ଚାଲ ଯିବା । ସମସ୍ତେ ସଭାରେ ବସିବା ॥
ଯେବେ ଦମନ୍ତୀ ବରେ ତୋତେ । ତେବେ ସେ ଯିବ କା ଘରତେ ॥
ଇନ୍ଦ୍ର ସହିତେ ନଳ ଗଲେ । ସମସ୍ତେ ସଭାରେ ବସିଲେ ॥
ଦମନ୍ତୀ ହୋଇଲେ ସୁବେଶ । ପିନ୍ଧିଲେ କ୍ଷୀନ ପୀତବାସ ॥
ପଦରେ ବାଜେଣି ନୂପୁର । ନାଦେ ମୋହୁଛି ଜନପୁର ॥

Digitized by PPRACHIN, SOA

କଟିରେ ରତ୍ନ ଓଢ଼ିଆଣୀ । ବାହେ ବାହୁଟି ଝୁମ୍ପାବେଣୀ ॥
କରେ କଙ୍କଣ ଚୂଡ଼ି ଶୋଭା । ମୁଖ ଦିଶଇ ଚନ୍ଦ୍ର ପ୍ରଭା ॥
ନାସିକା ଶୋହେ ତିଳଫୁଲ । କର୍ଣ୍ଣରେ ତାଟଙ୍କ ଉଜ୍ଜ୍ୱଳ ॥
ନାସାରେ ମୁକୁତା ବସଣୀ । ଦନ୍ତ ଦିଶଇ ହୀରାମଣି ॥
ହସ୍ତରେ ଅର୍ଘ୍ୟ ଆଳ ଘେନ । ବାହାର ହୋଇଲା କାମିନୀ ॥
ଆଗ ପଛରେ ଶତେ ଦାସୀ । ତମିସ୍ର ଭିତରେ ଯେହ୍ନେ ଶଶୀ ॥
ଆସ୍ଥାନ ତଳେ ହେଲେ ଉଭା । କେ କହୁ ଦମନ୍ତୀର ଶୋଭା ॥
ଦେଖି ଦମନ୍ତୀ ରୂପ କାନ୍ତି । ଇନ୍ଦ୍ର ହୋଇଲେ ନଳ ମୂର୍ତ୍ତି ॥
ନ ଶିମା ଏହାଙ୍କର ସତ୍ୟ । ଏବେ ତ ବୁଝିବା ତଦନ୍ତ ॥
ଦମନ୍ତୀ ସଭାତଳେ ଥାଇ । ହସ୍ତେ ବନମାଳା ଧରଇ ॥
ନିରେଖି ଚାହିଁଲା ସଭାକୁ । ସମସ୍ତ ରାଜାଙ୍କ ମୁଖକୁ ॥
ନଳ ପରାଏ ଦେବ ମୂର୍ତ୍ତି । ଦେଖିଣ ଚକିତ ଦମନ୍ତୀ ॥
ପୁଣି ବିଚାରେ ହୃଦଗତେ । ଇନ୍ଦ୍ର କପଟ କଲା ମୋତେ ॥
ଏଥିକୁ ଉପାୟ କରିବ । ସ୍ୱରୂପ ସଙ୍କେତ ବୁଝିବ ॥
ଦେବ ଲୋକଙ୍କ ଛାୟା ନାହିଁ । ଭୂମିରେ ପାଦ ନ ଲାଗଇ ॥
ମଳିନ ନୋହେ ପୁଷ୍ପମାଳ । କପାଳୁ ନ ଶୁଖେ ଚନ୍ଦନ ॥
ଦମନ୍ତୀ ନଳ ମୁଖ ଚାହିଁ । ମାଳା ସେ ଦେଲା କଣ୍ଠେ ନେଇ ॥
ଦେଖି ସାନନ୍ଦ ନଳରାଜା । ରାଜାମାନଙ୍କୁ କଲେ ପୂଜା ॥
ସମସ୍ତେ କଲେ ଧନ୍ୟ ଧନ୍ୟ । ବ୍ରାହ୍ମଣ କଲେ ବେଦଧ୍ୱନି ॥
ଆନନ୍ଦେ ଉତ୍ସବ କରାଇ । ନଳ ଦମନ୍ତୀ ବିଭା ପାଇଁ ॥
ନଳ ଯେ ବରବେଶ ହୋଇ । ରତ୍ନ ବେଦୀରେ ବିଜେ ଯାଇ ॥
ସକଳ କନ୍ୟାଙ୍କୁ ଅଣାଇ । ଲବଣ ଚଉଁରି ପକାଇ ॥
କଲେ ଗହନ ବାଦ୍ୟ ଧ୍ୱନି । ଶବଦେ କମ୍ପଇ ମେଦିନୀ ॥
ମଙ୍ଗଳ ଉତ୍ସବ ବିଧାନ । ଆନନ୍ଦ ସବୁଙ୍କର ମନ ॥
ତଦନ୍ତେ କନ୍ୟା ଅଣାଇଲେ । ବେଦୀରେ ନେଇ ବସାଇଲେ ॥
ବ୍ରାହ୍ମଣେ ମହାବାକ୍ୟ କରି । ବେନି କୁଳ ଗୋତ୍ର ଉଚ୍ଚାରି ॥

Digitized by PPRACHIN, SOA

ହସ୍ତ ଯୋଡ଼ଣ କଲେ ବେନି । ହସ୍ତ ଯେ କଲେ ବେଦଧ୍ୱନି ॥
କାମିନୀଗଣ ଚହୁଁ ମିଳି । ଆନନ୍ଦେ ଦେଲେ ହୁଳ ହୁଳି ॥
ଅନେକ ଯଉତୁକ ଦେଲେ । ବିଧି ବେଭାର ଚର୍ବି କଲେ ॥
କନ୍ୟାର ମ ତାମାନେ ଯାଇ । ବରକନ୍ୟାକୁ ତୃତ୍ୱେ ନେଇ ॥
ପଞ୍ଚୁ ଗ୍ରାସ ଦଧି ସାରିଲେ । ଖଟରେ ମଧୁ ଶଯ୍ୟା କଲେ ॥
ଯେତେ ନୃପତିଗଣ ଥିଲେ । ସମସ୍ତ ଅଷଳ ପାଇଲେ ॥
ଚଳିଲେ ସେ ଯାହା ରାଜ୍ୟକୁ । ଆନନ୍ଦ ହୋଇଣ ମନକୁ ॥
ଛଦିଲେ ନଳ ନୃପବସ୍ତ୍ରେ । କନ୍ୟାକୁ ଘେନିଣ ହରଷେ ॥
ବାଜଣା ଢମକ ନିଶାଣ । ସମ୍ଭ୍ରମେ ଚଳନ୍ତି ରାଜନ ॥
ମିଳିଲେ ବିଦର୍ଭ ଦେଶରେ । ପ୍ରବେଶ ହେଲେ ଶ୍ରୀନଗରେ ॥
ସୁଖେ ରହିଲେ ନଳ ଯାଇ । ଆନନ୍ଦ କେ ପାରିବ କହି ॥
କହନ୍ତି ବ୍ୟାସ ମୁନିବର । ଶୁଣ ତୁ ଧର୍ମର କୁମର ॥
ମ କର୍ଣ୍ଣ ରାମ ଆଗେ କହି । ଶୁଣି ସାନନ୍ଦ ରଘୁସାଇଁ ॥
ଏମନ୍ତ ଶୁଣି ଧର୍ମସୁତ । ବ୍ୟାସ ଚରଣେ ପ୍ରଣମିତ ॥
ବୋଇଲେ ହେଲି ମୁଁ କୃତାର୍ଥ । ଶୁଣିଲି ନଳର ଚରିତ ॥
ରାମ ଚରିତ କହ ଏବେ । ସୁଦୟା ଅଛି ମୋତେ ଯେବେ ॥
ଶୁଣି କହନ୍ତି ବ୍ୟାସ ଯତି । ରାମର ଗାଉଛି ଦପରି ॥
ଅଞ୍ଜନା ସୁତ ହନୁମାନ । ଭେଟିଲା ଆସି ରଘୁନାଥ ॥
ଦେଖି ପୁଚ୍ଛନ୍ତି ସୀତାକାନ୍ତ । କହିଲା ଯାମନ୍ତ ବୃତ୍ତାନ୍ତ ॥
ସୁଗ୍ରୀବ ଅଇଲା ସଭରେ । ମିଳିଲା ଶ୍ରୀରାମ ଆଗରେ ॥
ଶୁଣି ସାନନ୍ଦ ରଘୁବୀର । ବୋଲେ ଆଣ ତୁ ସୁଗ୍ରୀବର ॥
ହନୁ ଚଳିଲା ସେହି କ୍ଷଣେ । କହିଲା ସୁଗ୍ରୀବର ଆଗେ ॥
ସୁଗ୍ରୀବ ଅଇଲା ସତ୍ୱରେ । ମିଳିଲା ଶ୍ରୀରାମ ଆଗରେ ॥
ସୀତାର ରତ୍ନ ଚୂଡ଼ା ଥୋଇ । ସାଷ୍ଟାଙ୍ଗେ ପାଦେ ପଡ଼ି ଶୋଇ ॥
ଉଠି ମସ୍ତକେ ଦେଲା ପାଣି । ବୋଇଲା ଶୁଣ ରଘୁମଣି ॥
ଜନ୍ମ ସଫଳ ମୋର ହେଲା । ଆଜଠାରୁ ସେ ଦୁଃଖ ଗଲା ॥

Digitized by PPRACHIN, SOA

କହିଲ ଆପଣା ବିପତ୍ତି । ଶୁଣ ହେ ରଘୁକୁଳ ପତି ॥
ଶୁଣି ସନ୍ତୋଷ ରାମ ଚିତ୍ତ । ବୋଇଲେ ତୁମ୍ଭେ ଆମ୍ଭ ମିତ ॥
ଆମ୍ଭର ରାଜ୍ୟ ପତ୍ନୀ ଭ୍ରଷ୍ଟ । ତୁମ୍ଭର ଅଛି ସେହି କଷ୍ଟ ॥
କଷ୍ଟିକି କଷ୍ଟି ବନ୍ଧୁପ୍ରଣ । ଦୁଲ୍ଲଭେ ମିଳଇ ଏମାନ ॥
ଏତେ ବୋଲିଣ ରଘୁସାଇଁ । ମିତ୍ରକୁ ତୋଷ କଲେ ଯାଇଁ ॥
ମଇଷ ଛଟକ ରାମ ଗଲେ । ବାଳିକି ହେଳେ ବିନାଶିଲେ ॥
ତାରାକୁ ସମର୍ପଣ ହୋଇ । ସୁଗ୍ରୀବ ନୃପତି କରାଇ ॥
ପାତ୍ର ମନ୍ତ୍ରୀ ସକଳ ପ୍ରଜା । ଭେଟିଲେ ଯାଇଁ ସୁଗ୍ରୀବ ରାଜା ॥
କିଷ୍କିନ୍ଧ୍ୟା ରାଜ୍ୟ ସୁଗ୍ରୀବର । ସୁଖେ ହୋଇଲେ ନୃପବର ॥
ମାଲ୍ୟବନ୍ତ ନାମ ପର୍ବତେ । ଶ୍ରୀରାମ ଲକ୍ଷ୍ମଣ ସଙ୍ଗତେ ॥
ରହିଲେ ଯାଇ ଚତୁର୍ମାସ । ଶୁଣି ସୁଜନେ ହୃଷ୍ଟ ତୋଷ ॥
ନଳ ଚରିତ କଥା ଏହି । ଶୁଣିଲେ ବିପତ୍ତି ତୁଟଇ ॥
ଚରଣ ରଖ ରଘୁବୀର । ପୁଣି ଈଶ୍ୱର ନାମ ମୋର ॥
ମୋହର ନ ଘେନିବ ଦୋଷ । ଦ୍ୱିତୀୟ ଅଧ୍ୟା ହେଲା ଶେଷ ॥

ଇତି ଶ୍ରୀ ନଳରାଜା ଚରିତ ଈଶ୍ୱର ଦାସ କୃତେ ବ୍ୟାସାଧର୍ମ ମାର୍କଣ୍ଡ ରାମ ସମ୍ବାଦେ ଶ୍ରୀରାମ ବନବାସ ସୁଗ୍ରୀବ ସମ୍ଭାଷଣେ ନଳ ବିବାହ ଚରିତ କଥନେ ନାମ ଦ୍ୱିତୀୟୋଽଧ୍ୟାୟଃ ।

—o—

ତୃତୀୟ ଅଧ୍ୟାୟ

ଧର୍ମ ଉବାଚ

ଯୁଧିଷ୍ଠିର ମୁନି ପାଦେ ପଡ଼ି । କହନ୍ତି ବେନି କରଯୋଡ଼ି ॥
ଶ୍ରୀରାମ ପୁଣି ପରୁରନ୍ତି । ଇନ୍ଦ୍ର କପାଇଁ ନଳମୂର୍ତ୍ତି ॥
ଶୁଣି କହନ୍ତି ବ୍ରହ୍ମା ସୁତ । ଶୁଣ ହେ ଏଥିର ଚରିତ ॥
ନଳକୁ ବରିବା ନିମନ୍ତେ । ଦମୟନ୍ତୀ କଲେ ସତ୍ୟବ୍ରତେ ॥
ତା ସତ୍ୟ ବୁଝିବାର ପାଇଁ । ନଳ ସ୍ୱରୂପ ଇନ୍ଦ୍ର ହୋଇ ॥
ଦମୟନ୍ତୀ ନଳକୁ ବରିଲ । ବର ହୋଇଣ ଦେଇ ଗଲ ॥
ଏଥି ଉତ୍ତାରୁ ସର୍ବ ରାୟେ । ଯେ ଯାହା ପୁରକୁ ବିଜୟେ ।

Digitized by PPRACHIN, SOA

ସ୍ୱର୍ଗକୁ ଗଲେ ଅଖଣ୍ଡଳ । ସଙ୍ଗରେ ଘେନି ଦେବବଳ ॥
ରଥ ଚଳନ୍ତ ଅତିବେଗ । ପଥେ ଭେଟିଲା କଳିଯୁଗ ॥
ଇନ୍ଦ୍ରଙ୍କୁ ବୁଝି କଳିଯୁଗ । ଯାଇ ଯେ ଥିଲ କେଉଁ ଦିଗ ॥
କଳି ଆଗରେ କହେ ଇନ୍ଦ୍ର । ଯାଇ ମୁଁ ଥିଲି କୁଣ୍ଡିନଗ୍ର ॥
ତହିଁର ଭୀମ ନରପତି । ଦୁହିତା ନାମ ଦମୟନ୍ତୀ ॥
ତାର ନିମନ୍ତେ ଯାଇଥିଲୁ । ଫେରିଣ ସମସ୍ତେ ଆଇଲୁ ॥
ସେ କନ୍ୟା ନଳକୁ ବରିଲା । ବିଭା ହୋଇଣ ନଳ ଗଲା ॥
ଶୁଣି ବୋଲଇ କଳିଯୁଗ । ମୁଁ ଯାଇ ବସିଥିଲି ଆଗ ॥
ତୁମ୍ଭଙ୍କୁ ନୋହିଲା ସେ ବିଭା । ନଳେ କରିଲା ଦେଇ ଗଭା ॥
ସଂସାରେ ହେଲା ଉପହାସ । ଏ ଘେନି ମନରେ ହରସ ॥
ଏଥିକି ଭିଆଇବ ଭେଦ । ଦମନ୍ତୀ କରିବ ବିଚ୍ଛେଦ ॥
ବିଦର୍ଭ ଦେଶେ ଆଜ ଯିବ । ନଳକୁ ବିଚ୍ଛେଦ କରିବ ॥
ଇନ୍ଦ୍ର ବୋଲନ୍ତି ଶୁଣ କଳି । ନ ଯାଅ ମୋର ବୋଲ କରି ॥
ସେ ରାଜା ବଡ଼ ଭାଗ୍ୟବନ୍ତ । ଛନ୍ଦୀ ପଣକୁ ସାମରଥ ॥
ନଳକୁ ନକର ବିମୁଖ । ଧର୍ମରେ ପାଇବୁ ତୁ ଦୁଃଖ ॥
ଇନ୍ଦ୍ରର ବୋଲ ନ ଶୁଣିଲା । ବିଦର୍ଭ ଦେଶରେ ମିଳିଲା ॥
କଳି ବୋଇଲା ଦ୍ୱାପରକୁ । ସାହା ଯେ ହୋଇଥିବୁ ମୁକୁ ॥
କଳି ଦ୍ୱାପର ବେନି ରୋଷେ । ବୁଲନ୍ତି ରାଜା ଚାରିପାଶେ ॥
ବଡ଼ ଧାର୍ମିକ ନୃପବର । ପଶି ନ ପାରନ୍ତି ଶରୀର ॥
ବାର ବରଷ ଦିବାରାତି । ଜଗି ରହିଲେ ରାଜା କତି ॥
ବ୍ୟାସେ କହନ୍ତି ଧର୍ମ ଆଗେ । ନଳଚରିତ ଅନୁରାଗେ ॥
ବିଦର୍ଭ ଦେଶେ ନଳରାଜା । ସୁଧର୍ମେ ପାଳନ୍ତି ପରଜା ॥
ଏମନ୍ତେ ଗଲା କେତେଦିନ । ନଳର ହୋଇଲା ନନ୍ଦନ ॥
ପୁଣି ଦୁହିତା ଏକାବେଳେ । ଜନ୍ମିଲେ ଦମନ୍ତୀ ଉଦରେ ॥
ଦେଖି ଆନନ୍ଦ ନଳରାୟେ । ଆନନ୍ଦେ ଉତ୍ସବ କରାଏ ॥
ବଢ଼ନ୍ତି ନୃପ ସୁତା ସୁତ । ଶୁକଳ ପକ୍ଷେ ଚନ୍ଦ୍ରମତ ॥

Digitized by PPRACHIN, SOA

ଏମନ୍ତେ ଗଲା କେତେ କାଳ । ଶୁଣହେ କୁନ୍ତୀର ଦୁଲାଳ ॥
ବିଧାତା କରିଛି କଷଣ । କେ ତାହା କରିବ ମେଷଣ ॥
ନଳ ମିଥୁନ ଏକରାଶି । ଗ୍ରହ ଅବଳ ହେଲେ ଆସି ॥
ଶନି ଏ ହୋଇଲେ ଜନ୍ମସ୍ଥ । ରାହୁ ଯେ ହୋଇଲେ ଚତୁର୍ଥ ॥
ବୃହସ୍ପତି ହେଲେ ଷଷ୍ଠମ । ମଙ୍ଗଳ ହୋଇଲେ ଅଷ୍ଟମ ॥
ଚନ୍ଦ୍ର ଯେ ରାହୁ ଦ୍ୱାରେ ବସି । ଧନୁ ଘରକୁ ସୂର୍ଯ୍ୟଗ୍ରାସି ॥
କେତୁ ହୋଇଲେ ସୁତଘରେ । ସୁତ ବସିଲେ ପଞ୍ଚମରେ ॥
ଏକ ଦିନରେ ନଳ ରଜା । ଗ୍ରହମାନଙ୍କୁ କଲେ ପୂଜା ॥
ଦେଖ ହେ ବିଧାତାର ଗତି । ନଳକୁ ଦେଇଛି ବିପତ୍ତି ॥
ଦିନେ ନୃପତି ଅଛି ଶୋଇ । ପାଦ ଉପରେ ପାଦ ଦେଇ ॥
ଜାଗ୍ରତ ହୋଇଣ ଯେ କ୍ଷେତ । ପାଦ ହୋଇଛି ଭୂମିଗତ ॥
ଛିଦ୍ର ପାଇଣ କଳି ଆସି । ରଜାଙ୍କ ଶରୀରେଣ ପଶି ॥
ଯାହା ହୋଇଲା କଳିଯୁଗ । ଦ୍ୱାପର ହୁଏ ଆସି ଆଗ ॥
ରଜାର ମନ ଖଳବଳ । ଆତ୍ମା ହୁଅଇ ବଇକୁଳ ॥
ଶରୀରେ ଜ୍ଞାନ ନ ରହିଲା । ଦୁର୍ବୁଦ୍ଧି ଆସି ଆକର୍ଷିଲା ॥
ପ୍ରଭାତୁ ଉଠିଣ ନୃପତି । ପୁଷ୍କରକୁ ହକାରିଲେ କତି ॥
ବୋଲଇ ଶୁଣରେ ଡଗର । ବହନ ମୋର ବୋଲ କର ॥
ପୁଷ୍କର ଭାଇ ଯେ ଆମ୍ଭର । ଗ୍ରାମ ବାହାରେ ତାଙ୍କ ଘର ॥
ତା ପାଶେ ଯାଅ ତୁ ବହନ । ଆମ୍ଭ ଛାମୁକୁ ତ କଆଣ ॥
ରଜା ଆଜ୍ଞାରେ ଦୂତ ଗଲା । ପୁଷ୍କର ସନ୍ନିଧେ ମିଳିଲା ॥
ବୋଲଇ ଶୁଣ ନୃପଭ୍ରାତ । ରଜାର ଆଜ୍ଞା ଅଲଙ୍ଘିତ ॥
ବହନ ହୋଇ ତୁମ୍ଭେ ଯିବ । ଛାମୁରେ ଦର୍ଶନ କରିବ ॥
ପୁଷ୍କର ଦୂତ ବାକ୍ୟ ଶୁଣି । ଭେଟିଲା ଯାଇ ନୃପମଣି ॥
ଶିଘ୍ରରେ କରଯୋଡ଼ ଯେ ଡ଼ି । ଭୂମିଷ୍ଠ ହୋଇ ପାଦେ ପଡ଼ି ॥
ଉଠି ମସ୍ତକେ କର ଦେଇ । ଛାମୁରେ ଉଭା ହୋଇ ଯାଇ ॥
ରଜା ବୋଇଲେ ଶୁଣ ଭାଇ । ପଶା ଖେଳିବା ଦୁଇ ଭାଇ ॥

Digitized by PPRACHIN, SOA

ଷୀଙ୍ଗ କରିବା ଧନ ରତ୍ନ । ଖେଳିବା ବସ ତୁ ବହନ ॥
ହାଟର ପଶା କାଠି ହୋଇ । ପଡ଼ିଲୁ ସଭା ମଧ୍ୟେ ଯାଇ ॥
ରାଜା ଦେଖିଲେ ପଶା ସାର । ଖେଳ ବସିଲେ ସେହିଠାର ॥
ସ୍ୱଜାର ନୃପବର ଅପୂର୍ବ । ସବୁ କରଇ କଳି କୁତ୍ସ୍ୟ ॥
ଲୋକେ ଧଇଲେ ପଶାକାଠି । ହୋଇଲେ ଚେଟଚେଟବେକ ଗୋଷ୍ଠି ॥
ପ୍ରଥମେ ହାରିଗଲେ ଧନୁ । ପୃଷ୍ଠର ଜିଣିଲ ତକ୍ଷଣୁ ॥
ପୁଣି ହାରିଲେ ଅଶ୍ୱ ଗଜ । ହାରିଣ ଗଲେ ନୃପରାଜ ॥
ତୃତୀୟେ ସୈନ୍ୟବଳ ଯେତେ । ଚତୁର୍ଥେ ଭଣ୍ଡାର ସହିତେ ॥
ଖେଳରେ ହୋଇଅଛି ବାଇ । କାହାରି ବୋଲ ନ କରଇ ॥
ନୃପଙ୍କ ଜୁଆ ଖେଳ ଦେଖି । ପାଖ କହିଲେ ଦମନ୍ତୀକି ॥
ଶୁଣିବା ହେଇ ଠାକୁରାଣୀ । ସବୁ ହାରିଲେ ନୃପମଣି ॥
ମୋହର ବୋଲ ନ ଶୁଣିଲେ । ପଶାରେ ସମସ୍ତ ହାରିଲେ ॥
ପାଖର ବଚନେ ଦମନ୍ତୀ । ସାରଥି ହକାରିଲେ କତି ॥
ବୋଇଲେ ରଥ ସାଜ ବେଗେ । ଘେନଣ ଆସ ମୋର ଆଗେ ॥
ଆଜ୍ଞା ପ୍ରମାଣେ ସେ ସାରଥି । ରଥ ସେ ଆଣିଲା ତରନ୍ତି ॥
ସଧୀରେ ବିଶ୍ୱାସେ କହଇ । ଏମନ୍ତ କରିବୁ ତୁ ଯାଇ ॥
ସୁତ ଦୁହିତା ଘେନିଯିବୁ । କୁଣ୍ଡୀ କଟକରେ ଥୁଇବୁ ॥
କହିବୁ ପିତା ଆଗେ ଯାଇ । ପଶା ଖେଳରେ ନଳ ବାଇ ॥
ଖେଳଇ ସର୍ବ ଦେବା ଦ୍ୟୁତ । ସବୁ ହାରିଲେ ନରନାଥ ॥
ଏମନ୍ତ ବୋଲିଣ କହିବୁ । ସୁତ ଦୁହିତା ସମର୍ପିବୁ ॥
ରାଣୀ ଆଜ୍ଞାରେ ସେ ସାରଥି । ଆନନ୍ଦେ ଉଦବେଗମତି ॥
ପୁଅ ଦୁହିତା କର ଧରି । ରଥେ ବସାଇ ଯତ୍ନ କରି ॥
ଦୁହିତା ନାମ ଇନ୍ଦ୍ରାପୁଣୀ । ତାଙ୍କୁ ବସାଏ ଆଖେ ଆଣି ॥
ରଥ ବାହିଲା ଧାଡିକାରେ । ପ୍ରବେଶ କୁଣ୍ଡୀ କଟକରେ ॥
ଭୀମ ନୃପତି ଆଗେ ଯାଇଁ । ସାଷ୍ଟାଙ୍ଗେ ପାଏ ପଡ଼ି ଶୋଇ ॥
ସୁତ ଦୁହିତା ସମର୍ପିଲେ । ସମସ୍ତ ବୃତ୍ତାନ୍ତ କହିଲେ ॥

Digitized by PPRACHIN, SOA

ଶୁଣି ବସ୍ତ୍ର ଭୀମସେନ । ଆକୁଳ ସବୁଙ୍କର ମନ ॥
ମେଲାଣି ମାଗିଣ ସାରଥି । ରଥ ବାହିଲା ବେଗେ ଧାଇଁ ॥
ମିଳିଲା ବିଦର୍ଭ ଦେଶରେ । କହିଲା ଦମୟନ୍ତୀ ଆଗରେ ॥
ବାରତା ଶୁଣି ଭୀମ ପିତା । ମନରେ କଲେ ମହାଚିନ୍ତା ॥
ଏତେ କହିଲା ରାଣୀ ଆଗେ । ଗୃହକୁ ଚଳିଗଲା ବେଗେ ॥
ଏଣେ ନୃପତି ରାଜା ନଳ । ଖେଳରେ ହୋଇଅଛି ଭୋଳ ॥
ବହୁତ ଅଛଇ ଯେ ରାଶି । କଳି ଦ୍ୱାପର ଚକ୍ଷୁ ମିଶି ॥
ହାରିଲେ ରାଜ୍ୟ ସିଂହାସନ । ପୁଷ୍କର ଜିଣିଲା ତକ୍ଷଣ ॥
ବୋଇଲେ ନଳ ମୁଖ ଚାହିଁ । କି ଅଛି ଆଣ ବେଗେ ହୋଇ ॥
ସମସ୍ତ ହାରିଲା ଖେଳରେ । ପୀଡ଼ିଲୁ ଭଲ ଦମନ୍ତୀରେ ॥
ପୁଷ୍କର ବାକ୍ୟ ନଳ ଶୁଣି । କମ୍ପା କହିଲ ମନଦାଣି ॥
ହାରିଲା ସବୁ ରାଜ୍ୟ ଘର । କେବଳ ଅଛି ଦେହ ମାତର ॥
ନଳର ବାକ୍ୟରେ ପୁଷ୍କର । କୋପ କରଇ ଗୁରୁତର ॥
ପୁରକୁ କହେ କୋପ ହୋଇ । ନଳକୁ ଦିଅ ଘଉଡ଼ାଇ ॥
ଆଉ କି ଅଛି ତାର ଠାଇଁ । ଥିବ ସେ ଏଣେ କାହିଁପାଇଁ ॥
ଯେଣୁ ଶୁଣିଲେ କୁବଚନ । ନଳ ସେ ଉଠିଲେ ବହନ ॥
ଦେଖ ହେ ବିଧି ତାର ହଠ । ଏତେ ରାଜାକୁ ଏତେ କଷ୍ଟ ॥
ସଭ୍ୟ ପାଳିଣ ନରପତି । କାହାକୁ କିଛି ନ ବୋଲନ୍ତି ॥
ମନ୍ଦିରୁ ହୋଇଲେ ବାହାର । ବିରସ ହୋଇଣ ମନର ॥
ଦମନ୍ତୀ ଶୁଣିଲେ ଭିତରେ । ବାହାର ହେଲେ ଧାଇଁକରେ ॥
ବୋଲନ୍ତି ନଳ ମୁଖ ଚାହିଁ । କାହିଁକି ଯାଉଛ ଗୋସାଇଁ ॥
ମୋତେ ଯେ କରିଣ ଅନାଥ । କେଣେ ଯାଉଛ ନୃପନାଥ ॥
ଦମନ୍ତୀ ପଛେ ଘରବାଙ୍କ । କାନ୍ଦଣ ସମସ୍ତେ ବାହାର ॥
ରାଜ୍ୟରେ ଯେତେ ଲୋକ ଥିଲେ । ନଳ ସଙ୍ଗରେ ବାହାରିଲେ ॥
ବୋଲନ୍ତି କମ୍ପା ଏଥେ ଥିବୁଁ । ନଳ ସଙ୍ଗରେ ଆମ୍ଭେ ଯିବୁଁ ॥
ଏହାଙ୍କୁ ଦେଖି ନଳ ସ୍ୱୟେ । ମନରେ ବହୁତ ଦୁଃଖ ହୁଏ ॥

Digitized by PPRACHIN, SOA

ମନ୍ତ୍ରୀଙ୍କ କହୁଅଛି ନଳ । କମ୍ପାଇଁ କରୁଛ କଟାଳ ॥
ଫେରିଣ ଯାଅ ହେ ସମସ୍ତେ । ଆମ୍ଭେ ଯେ ପଶିବୁଁ ବନସ୍ତେ ॥
ବନେ ବଞ୍ଚିବୁ ଆମ୍ଭେ ଭନ । ବିଧାତା କରିଛି ଲକ୍ଷଣ ॥
ପୁଷ୍କର ଶୁଣିଁ କହେ ରାଜା । ସୁଖେ ପାଳିବ ଜନ ପ୍ରଜା ॥
ଏମନ୍ତ କହି ନଳ ରାଏ । ବନସ୍ତେ କରନ୍ତି ବିଜେୟେ ॥
ବ୍ୟାସେ କହନ୍ତି ଧର୍ମ ଶୁଣ । ନଳର ବଡ଼ଇ କଷଣ ॥
ଯହୁଁ କହିଲେ ବ୍ରହ୍ମବେତ୍ତା । ରାମର ଶୁଣ ଛି ଅବସ୍ଥା ॥
ଶ୍ରୀରାମ ମାଲ୍ୟବନ୍ତ ଗିରି । ଶିଖେ ଅଛନ୍ତି ବିଜେକରି ॥
ସୈନ୍ୟ ସଙ୍ଗତେ ସୁଗ୍ରୀବର । ଭେଟିଲେ ଶ୍ରୀରାମ ପୟର ॥
ଦେଖିଣ ଆନନ୍ଦ ରାଘବ । ସୁଗ୍ରୀବ କଲେ ଗହ୍ୱର ॥
ବସିଲେ ମୃଗ ଛାଲ ମାଡ଼ି । ଜାମ୍ବବ କହେ କରଯୋଡ଼ି ॥
ଲଙ୍କାକୁ ବରଗିଲେ ଦୂତ । ଖୋଜିବ ଜନକ ଦୁହିତ ॥
ଅଛି କି ନାହିଁ ବଇଦେହୀ । ଖୋଜିଣ ଆସୁ ଜଣେ ଯାଇ ॥
ଶୁଣି ଆନନ୍ଦ ରାମ ଦେବ । ବୋଲନ୍ତି କେଉଁ ଦୂତ ଯିବ ॥
ସୁଗ୍ରୀବ କହେ ହନୁ ବିନୁ । ତୁମ୍ଭେ ପାରିବ ଲଙ୍କା ଯାଇ ॥
ଯା ବାବୁ ପବନ ଆତ୍ମଜ । ତୋତେ ହୋଇବ ରାମକାର୍ଯ୍ୟ ॥
ଶୁଣି ସାନନ୍ଦ ଦାଶରଥି । ହନୁକୁ ଆଦେଶ କହନ୍ତି ॥
ବସାଇ କହନ୍ତି ବିଶ୍ୱାସ । ଶୁଣ ତୁ ପବନର ଶିଷ୍ୟ ॥
ଯେବେ ଦେଖିବୁ ମୋର ସୀତା । କହିବୁ ଗୁପତ ବାରତା ॥
ଚିହ୍ନକୁ ଠେ ତରିତ କହି । ମୁଦ୍ରିକା ହନୁ ହସ୍ତେ ଦେଇ ॥
ଶୁଣି ସାନନ୍ଦ ହନୁବୀର । ନମିଲା ଶ୍ରୀରାମ ପୟର ॥
ମୁଦ୍ରିକା ବାନ୍ଧି କାନ ଫେରେ । ଉଡ଼ିଲା ଗଗନ ମାର୍ଗରେ ॥
ଲକ୍ଷ ଯୋଜନ ସିନ୍ଧୁ ଡେଇଁ । ମିଳିଲା ଲଙ୍କାଗଡ଼େ ଯାଇ ॥
ବିନ୍ଧି ବର୍ତ୍ତି ରୂପ ଧରି । ଖୋଜଇ ଠାବ ଅନୁସରି ॥
ବନ ଉପବନ ପୁରେ ପୁରେ । ଆବର ରାଜା ଶ୍ରୀନବରେ ॥
ଦେଉଳ ମଣ୍ଡପ ଜଗତି । କୋଠା ଉହାଡ଼ ବାଡ଼ିକତି ॥

Digitized by PPRACHIN, SOA

ଖୋଜନ୍ତେ ନ ପାଇଲ ସୀତା । ମନରେ କଲ ମହାଚିନ୍ତା ॥
ବୋଲଇ କ ବୁଦ୍ଧି କରିବ । କାହିଁ ମୁଁ ସୀତାଙ୍କୁ ଦେଖିବ ॥
କେଡେ ଅଶ୍ଚର୍ଯ୍ୟବନ୍ତ ମୂର୍ତ୍ତି । ମୋ ପ୍ରାଣ ଅଛି କାହିଁପାଇଁ ॥
ନୋହିଲ ଶ୍ରୀରାମଙ୍କ କାର୍ଯ୍ୟ । ନଷ୍ଟେ ମରିବ ମୁହିଁ ଆଜ ॥
ଉତ୍ତର ମୁଖେ ଉଡ଼ିଯିବ । ସମୁଦ୍ରେ ଡେଇଁଣ ଦେଖିବ ॥
ଉଡ଼ିଲ ଗଗନ ମାର୍ଗରେ । ଏତେ ବୋଲିଣ ହନୁବୀର ॥
ଶୂନ୍ୟେ ରହିଲ ବସମିଣ । ଲଙ୍କାକୁ ଦୃଷ୍ଟେ ନିରେଖିଣ ॥
ପୂର୍ବ ଦିଗକୁ ଦେଲା ଦୃଷ୍ଟି । ଛୋଟା ଗୋଟିଏ ଅଛି ତହିଁ ॥
ମଧ୍ୟରେ ମଣ୍ଡପେକ ଅଛି । ଜନ ଗହଳ ଶୁଭୁଅଛି ॥
ଦେଖି ବିସ୍ମୟରେ ହନୁବୀର । ଏଥେ ଖୋଜିବ ଏକବାର ॥
ସତ୍ୱରେ ତଳକୁ ଖସିଲ । ଛୋଟାରେ ପ୍ରବେଶ ହୋଇଲ ॥
ଏହି ସମୟେ ରାମ ନାରୀ । ଆସନ୍ତି ନୟନ ପ୍ରସାରି ॥
ସଙ୍ଗରେ ଲକ୍ଷେକ ଅସୁରୀ । ମଧ୍ୟରେ ଜନକ କୁମାରୀ ॥
ହୃଦୟେ ଦୁଃଖୀ ବଇଦେହୀ । ମ୍ଳାନ୍ତ ବଦନ ଲମ୍ବାଇ ॥
ତା ଦେଖି ପବନ କୁମର । ଧଇଲ ଭ୍ରମର ଶରୀର ॥
ଶିଂଶପା ବୃକ୍ଷ ତଳେ ଯାଇଁ । ଗୁପତେ ସମସ୍ତ ବୁଝାଇ ॥
ଅସୁରୀ ଗଲେ ଯେ ଯାହାରେ । ଯେ ଯାହା କର୍ମ କରିବାରେ ॥
ସୀତାୟୀ ବୃକ୍ଷ ତଳେ ବସି । ଶ୍ରୀରାମ ଗୁଣମାନ ଘୋଷି ॥
ହନୁ ଜାଣିଲ ଏ ଯେ ସୀତା । ଅଟନ୍ତି ଜନକ ଦୁହିତା ॥
ନିଜ ସ୍ୱରୂପେ ପାଦେ ପଡ଼ି । ଉଠି ମସ୍ତକେ କରଯୋଡ଼ି ॥
ବୋଲଇ ମୁହିଁ ରାମ ଦୂତ । ପବନ ସୁତ ହନୁମନ୍ତ ॥
ମୋତେ ପେଷିଲେ ତୁମ୍ଭ ତହିଁ । ଖୋଜ ଠାବ କରିବା ପାଇଁ ॥
ଏତେ କହିଣ ହନୁବୀର । ମୁଦ୍ରିକା ଦେଲେକ ସୁନ୍ଦର ॥
କହିଲ ଚିତ୍ରକୂଟ କଥା । ସନ୍ତୋଷ ହେଲେ ଜଗନ୍ମାତା ॥
ଶ୍ରୀରାମ ଯେତେ କହିଥିଲେ । ହନୁ ସମସ୍ତ ଜଣାଇଲେ ॥
ଶୁଣି ସମ୍ପ୍ରୀତ ବଇଦେହୀ । ମଥାରୁ ମଣି ବେଗେ ଦେଇ ॥

Digitized by PPRACHIN, SOA

ହନୁ ହସ୍ତରେ ତ ହା ଦେଲେ । ସମସ୍ତ ଉଦନ୍ତ କହିଲେ ॥
ଶୁଣି ଆନନ୍ଦ ହନୁ ବୀର । ନମିଲା ସୀତାର ପୟର ॥
ମେଲାଣି ହୋଇ କାହୁଡ଼ିଲା । ପୁଣି ମନରେ ବିଚାରିଲା ॥
ସକେ ବୋଲଣ କାତ ଚେଷ୍ଟା । ଭାଙ୍ଗିଲା ମଧୁବନ ଛୋଟା ॥
ଗୃହତ ହୋଇ କମ୍ପା ଯିବ । ଧୋଧାଏ ଅସୁର ଜାଣିବ ॥
ଛୋଟାରେ ଯେତେ ଥିଲେ ଉଣ୍ଡି । ମାରିଲା ସମସ୍ତ କଠାଇ ॥
ଜମ୍ବୁରି ଫଳ ଇଲେ ଯେତେ । କହିଲେ ରାବଣ ଅଗ୍ରତେ ॥
ଶୁଣିଣ କ୍ରୋଧେ ଦଶାନନ । ପେଷିଲା ଯେ କିଙ୍କରଗଣ ॥
ଯୁଝନ୍ତି ରାମଦୂତ ଭୁଜେ । ପ୍ରାଣ ହାରିଲେ ଏକାବେଳେ ॥
ଅକ୍ଷୟ କୁମର ଯେ ଗଲା । ହନୁର ହସ୍ତେ ପ୍ରାଣ ଦେଲା ॥
ଦେଖିଣ ହାରି ପଳାଇଲେ । ରାବଣ ଆଗରେ କହିଲେ ॥
ଶୁଣି କୋପିଲା ଇନ୍ଦ୍ରଜିତ । ବାହାରି ହୋଇଲା ତୁରିତ ॥
ମାରିଲା ନାଗପାଶ ଶର । ବାନ୍ଧି ଆଣିଲା ଧାଡ଼ିକାରି ॥
ରାବଣ ଆଗେ କଲା ନେଇ । ରାବଣ ଦେଖି ପଚାରଇ ॥
ତୁହିରେ ଅଟୁ କାହା ଦୂତ । ଶୁଣି ବୋଇଲା ବାତସୁତ ॥
ଶ୍ରୀରାମ ଦଶରଥ ସୁତ । ମୁହିଁ ଯେ ତାହାଙ୍କର ଦୂତ ॥
ଜଗତ ମାତ ବଇଦେହୀ । ତାହାଙ୍କୁ ଆଣିଲୁ ଚୋରାଇ ॥
ତାହାଙ୍କୁ ଖୋଜିବା ନିମନ୍ତେ । ମୁହିଁ ଯେ ଆସିଥିଲି ଏଥେ ॥
ଶୁଣି ବୋଇଲେ ଲଙ୍କାଧିପ । ତୁ ମଲେ କେ ଯାଇ କହିବ ॥
ମାର ବୋଲନ୍ତେ ଦଶଶିର । ଧାଇଁଲେ ଅନେକ ଅସୁର ॥
ବିବିଧ ପ୍ରକାରେ ମାଇଲେ । ହନୁକୁ ବାନ୍ଧି ପକାଇଲେ ॥
କପଟେ କହେ ହନୁବୀର । ଶୁଣରେ ପାପୀ ଦୁରାଚାର ॥
ଲାଙ୍ଗୁଳେ ବସ୍ତ୍ର ଗୁଡ଼ାଅ । ଘୃତକୁ ଢାଳି ଅଗ୍ନି ଦିଅ ॥
ତବେ ମରିବ ହାତେ ମୁହିଁ । ଶୁଣି ସାନନ୍ଦ ଲଙ୍କାସାଇଁ ॥
ଲାଙ୍ଗୁଳେ ବସ୍ତ୍ର ଗୁଡ଼ାଇଲେ । ତଇଳ ଢାଳି ଅଗ୍ନି ଦେଲେ ॥
ଦେଖ ମୋହର ବୁଦ୍ଧିବଳ । କେତେ ଖୋଡ଼ିବ ଲଙ୍କାପୁର ॥

Digitized by PPRACHIN, SOA

ଏତେ ବୋଲିଣ ହନୁମାର । ବସିଣ ଜଗତି ଉପର ॥
ତହିଁ ଲାଗନ୍ତେ ବୈଶ୍ୱାନର । ବସଇ ଆଉ ଘର ଘର ॥
ପୁର ନଗର ସବୁ ଦ୍ୱାର । ଏବେ ପୋଡ଼ିତ ଲଙ୍କାପୁର ॥
ଏମନ୍ତେ ଶବ୍ଦେ ଯୁଣ ଲଙ୍କା । ପୋଡ଼ିବା ଦେଖି ମନେ ଶଙ୍କା ॥
ଦେଖି ଚକିତ ଲଙ୍କାପତି । ତରସ୍ତେ ଗୃହେଁ ଚଳନ୍ତି ॥
କେ ବୋଲେ କି କଲା ବାନର । ଧନ୍ୟରେ ତାହାର ବଳର ॥
ଲଙ୍କା ପୋଡ଼ିଣ ହନୁ ଗଲା । ସୀତାଙ୍କୁ ସମସ୍ତ କହିଲା ॥
ଉଡ଼ିଲା ଗଗନ ମାର୍ଗରେ । ପ୍ରବେଶ ନ ଲାଗନ୍ତ ଶୀଘ୍ରେ ॥
ଶ୍ରୀରାମ ପାଦେ ନମସ୍କାର । କହଇ ବୃତ୍ତାନ୍ତ ବିସ୍ତାର ॥
ମସ୍ତକ ମଣି ଆଣି ଦେଲା । ଲଙ୍କାରେ ସମସ୍ତ କହିଲା ॥
ଅଶୋକ ବନେ ଛନ୍ତି ସୀତା । କଷ୍ଟେ ଅଛନ୍ତି ଜଗନ୍ମାତା ॥
ହେ ପ୍ରଭୁ ବିଳମ୍ବ ନ କର । ବହନ ଅନୁକୂଳ କର ॥
ଶୁଣି ଆନନ୍ଦ ରଘୁନାଥ । ବୋଲନ୍ତି କି କରି ହେ ମିତ ॥
ସୁଗ୍ରୀବ ଶୁଣି ନଷ୍ଟେ ଯିବା । ରାବଣ ସଗୋଷ୍ଠେ ମାରିବା ॥
ଆନନ୍ଦ ସବୁଙ୍କର ମନ । ଯିବାକୁ ଖୋଜନ୍ତି ଦିନ ॥
ବ୍ୟାସେ କହନ୍ତି ଧର୍ମ ଆଗେ । ନଳର ଚରିତ ସରାଗେ ॥
ମାର୍କଣ୍ଡ ଠାରୁ ରାମ ଶୁଣି । ବିପତ୍ତି ଯାଉଅଛି ପୁଣି ॥
ଶୁଣ ସୁଜନେ ତୋଷ ହୋଇ । ନଳ ଚରିତ କଥା ଏହି ॥
ଯେ ଶୁଣେ ଏକମନ ହୋଇ । ଶୁଣନ୍ତେ ବିପଦ ଛୁଟଇ ॥
ଶାରଳା ଯେଣୁ ହେଲେ ସାହା । ଶିଶୁ ଈଶ୍ୱର କହେ ତାହା ॥
ଶରଣ ରକ୍ଷ ପୀତବାସ । ତୃତୀୟ ଅଧ୍ୟାୟ ହୋଏ ଶେଷ ॥

ଇତି ଶ୍ରୀ ନଳରାଜା ଚରିତ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ ମାର୍କଣ୍ଡ
ଶ୍ରୀରାମ ସମ୍ବାଦନ ରାମ ବନବାସ ଦୂତ ବରଗଣେ
ଲଙ୍କାଧ୍ୱଂସ ସୀତା ଉଦନ୍ତେ ନଳରାଜା ବନବାସ
କଥନେ ନାମ ତୃତୀୟ ଅଧ୍ୟାୟ

—୦—

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ଧର୍ମ ଉବାଚ

ଯୁଧିଷ୍ଠି ମୁନି ପାଦେ ପଡ଼ି । ଶିରେ ଲଗାଇ କରଯୋଡ଼ି ॥
ବୋଲନ୍ତି ଶୁଣିମା ଗୋସାଇଁ । ନଳ ଦମୟନ୍ତୀ ବନେ ଯାଇ ॥
କାହିଁ ଉଚ୍ଛଳେ କଷ କଲେ । କେମନ୍ତେ ବିପଦୁ ତରିଲେ ॥
ସଞ୍ଜପି କହ ମୁନିବର । ମୋର ବିପତ୍ତି ଯାଉ ଦୂର ॥
ଯୁଧିଷ୍ଠି ବାକ୍ୟେ କହେ ବ୍ୟାସ । ଶୁଣ ହୋ ଧର୍ମଙ୍କର ଶିଷ୍ୟ ॥
ଚେତେଣେ ଶୁଣନ୍ତି ରଘୁନାଥ । ଜହ୍ନୁ ଅଛନ୍ତି ବ୍ରହ୍ମସୂତ ॥
ଏଥି ବୃତ୍ତାନ୍ତ ଭୀମ ବାଣୀ । ନଳ ବିପତ୍ତି କର୍ଣ୍ଣେ ଶୁଣି ॥
ଭୀମ ନୃପତି ଚିନ୍ତାଭରେ । ଦୂତକୁ ହକାରି ପାଶରେ ॥
ବେଗ ବ୍ରାହ୍ମଣ ତୁହି ଯିବୁ । ନଳକୁ ଘେନଣ ଆସିବୁ ॥
ଯେବେ ସେ ତେଜିଥିବେ ରାଜ୍ୟ । ଘେନଣ ଆସ ବେଗେ ଦ୍ୱିଜ ॥
ରାଜା ଆଜ୍ଞାରେ ଦୂତଗଲେ । ବଦର୍ଭ ଦେଶରେ ମିଳିଲେ ॥
ନଳ ସନ୍ନିଧେ ବେଗେ ଯାଇ । କହନ୍ତି ବହୁତ ବିନୟୀ ॥
ଶୁଣ ବଦର୍ଭ ନରପତି । ଭୀମ ନୃପତି କହିଛନ୍ତି ॥
କମ୍ପାଇଁ ଯିବ ବନନ୍ତର । କୁଣ୍ଡୀ ନଗ୍ରକୁ ଚଜେ ଜର ॥
ବୋଇଲେ ଭୀମ ନରପତି । ନଳକୁ ଘେନି ଆସ ଧଣ୍ଡ ॥
ମୋହର ବାକ୍ୟେ ରାଜା ହେଉ । ବନସ୍ଥେ କମ୍ପା ଯିବେ ସେହୁ ॥
ସେ ରାଜ୍ୟ ନୁହେ କି ତୁମ୍ଭର । ସେଠାକୁ ବେଗେ ବିଜେକର ॥
ଦୂତ ବଚନେ ନଳ କହି । କହିବା ରାଜା ଆଗେ ଯାଇ ॥
ବନେ ବୁଲିବୁ କଷ୍ଟଦିନ । ଧର୍ମରେ ହୋଇଛୁ କଷଣ ॥
ଏମନ୍ତ କହ ରାଜା ଆଗେ । ହେ ସ୍ୱର ଯାଅ ଅତି ବେଗେ ॥
ଦୂତଙ୍କୁ କହନ୍ତି ଦମନ୍ତୀ । ଆମ୍ଭଙ୍କୁ ପଡ଼ିଛି ବିପତ୍ତି ॥
ମାତା ପିତାଙ୍କୁ ଯେ କହିବୁ । ପୂର୍ବଙ୍କ ଭାଗ୍ୟ ଲଗେ ସବୁ ॥
ଦୂତ ଯେ ପେଷିଥିବେ ପିତା । ଆମ୍ଭର ନେଇଛି ବାରତା ॥
ଦୂତଙ୍କୁ ଦେଲେ ସେ ମେଲାଣି । ଅଇଲ ଦୂତ ବାକ୍ୟ ଘେନି ॥

Digitized by PPRACHIN, SOA

ଭୀମ ରଜାର ଆଗେ ଯାଇ । କହିଲେ ଶୋକଭର ହୋଇ ॥
ନଳକୁ ଯାଇଣ ଭେଟିଲୁଁ । ଅନେକ ପ୍ରକାରେ କହିଲୁ ॥
ନଛଳେ ଆମ୍ଭ ବୋଲେ ସେହି । ବନକୁ ଗଲେକ ଛଳ ଇ ॥
ଦମୟନ୍ତୀ ଅଛି ସଙ୍ଗରେ । ପଶିଲେ ଘୋର ବନସ୍ଥରେ ॥
ଶୁଣି ବାରତା ନୃପବର । କହିଲେ ରାଣୀଙ୍କ ଆଗର ॥
ଶୁଣି ସକଳ ନାରୀଗଣ । ଉଚ୍ଚରେ କରନ୍ତି ରୋଦନ ॥
ବୋଲନ୍ତି କି କଲୁ ବିଧାତା । କାହିଁ ପାଇବା ତା ବାରତା ॥
ସୁଦେବ ବୋଲାଣ ବ୍ରାହ୍ମଣ । ତାହାଙ୍କୁ ଗଇଲେ ତତ୍‌କ୍ଷଣ ॥
ବୋଇଲେ ଏହିକ୍ଷଣି ଯିବୁ । ନଳ ଦମନ୍ତୀଙ୍କ ଖୋଜିବୁ ॥
ନଳ ଦମନ୍ତୀ ବନେ ଗଲେ । ଯେମନ୍ତେ ଆଣିବୁ ତୁ ଭଲେ ॥
ଯେମନ୍ତ କରିଣ ଆଣିବ । ନଳକୁ ଛାଡ଼ି ନ ଆସିବ ॥
ଏମନ୍ତେ କହିଣ ରାଜନ । ଦେଲେ ବହୁତ ଧନ ରତ୍ନ ॥
ବ୍ରାହ୍ମଣ ହୋଇଣ ସେମନ୍ତି । ବାହାର ହେଲା ସେହିକ୍ଷଣି ॥
କହନ୍ତି ବ୍ୟାସ ମୁନିବର । ଶୁଣ ତୁ ଏବେ ଯୁଧିଷ୍ଠିର ॥
ନଳ ଯେ ପଶିଲେ ବନରେ । ଦମନ୍ତୀ ସେନି ସଙ୍ଗତରେ ॥
ମନରେ ବିଚାରନ୍ତି ଯାହା । ଦ୍ୱାପର ହୁଏ ସବୁ ସାହା ॥
କ୍ଷୁଧାରେ ହୋଇଣ ଆରତ । ବନେ ବୁଲନ୍ତି ନରନାଥ ॥
ଉଦରେ ଜଳେ କ୍ଷୁଧାନଳ । ଆତ୍ମା ହୁଅଇ ବଇକୁଳ ॥
ଦମନ୍ତୀ କ୍ଷୁଧାରେ ଆରତେ । ଚାଲି ନ ପାରନ୍ତି ବନସ୍ତେ ॥
ଅଟଇ ରାଜାର ଦୁଲଣୀ । ବିଶେଷ ରାଜ ପାଟରାଣୀ ॥
ସେ କି ଜାଣିବେ କଷ୍ଟ ଦୁଃଖ । ମନରେ ପାଇଲେ ବିମୁଖ ॥
ଏମନ୍ତ ବୁଲନ୍ତେ ବନରେ । କପୋଷ୍ଠ ଦେଖିଲେ କାଟରେ ॥
ଚରନ୍ତି ଯୂଥ ଯୂଥ ହୋଇ । ତା ଦେଖି ନଳ ବିଚାରଇ ॥
ଚରଣ ନ ଚଳଇ ମୋର । କ୍ଷୁଧାରେ ଜଳୁଛି ଉଦର ॥
ଏତେ ବିଚାରି ନଳସାଇଁ । କପୋଷ୍ଠ ପାଶେ ହେଲେ ଯାଇ ॥
ସଧୀରେ ଲୁଚିଲେ ତକ୍ଷଣ । ଢାଙ୍କିଲେ ପିନ୍ଧିବା ବସନ ॥

Digitized by PPRACHIN, SOA

ବେଗେ ଡ଼ାଙ୍କିଲେ ବସ୍ତ୍ର ଖରେ । କପୋତ ଅଛି ରୋଷଭରେ ॥
ସଞ୍ଚାରିତ ବସ୍ତ୍ର ଘେନି ଉଡ଼ି । ରାଜା ରହିଲେ ପାଦଯୋଡ଼ି ॥
ଉଲଗ୍ନ ହୋଇ ନଳରାଜା । ମନେ ପାଇଲେ ମହାଲଜ୍ଜା ॥
ତା ଦେଖି ଖ୍ୟମର ଦୋହିତ । ବଢ଼ାଇ ଦେଲେକ ସଣ୍ଟନ ॥
ଏହା କଷ୍ଟରେ ଦୁଇଜଣ । ଚିନ୍ତି ବୁଲନ୍ତି ବନେ ବନ ॥
ଦେଖ ହେ ଦାରୁଣ ବିଧାତା । ଦେଉଛନ୍ତି କେତେକ ଅବସ୍ଥା ॥
ମନରେ ନ ରହଇ ଥୟ । ବନେ ବୁଲନ୍ତି ବାଇପ୍ରାୟ ॥
ଭକ୍ଷ୍ୟ ପଦାର୍ଥ ନ ମିଳଇ । କ୍ଷୁଧାରେ ଉଦର ଜଳଇ ॥
ସବୁ କରୁଛି କଳିଯୁଗ । ଲଜାଚ କରୁଛନ୍ତି ବେଗ ॥
ଦମୟନ୍ତୀ ନଳମୁଖ ଚାହିଁ । କ୍ଷୁଧାରେ ଚାଲି ନ ପାରଇ ॥
ଅନ୍ନ ନେଇଥିଲେ କାହିଁ ରଖା । ଜଳ କୂପକୁ ଅଛି ବାଞ୍ଛା ॥
ଦମୟନ୍ତୀ ମୁଖ ନଳ ଚାହିଁ । ଆସ ଗୋ ଯିବା ଜଳ ଖାଇ ॥
ଚାଲନ୍ତି ଧୀର ଧୀର ହୋଇ । କ୍ଷୁଧାରେ ବଡ଼ ଦୁଃଖ ପାଇ ॥
ଦ୍ୱାପର ହୋଇଣ କପଟେ । ବନେ ହୋଇଛି ଚଉଦାଟେ ॥
ତା ଦେଖି ନଳ ବିଚାରଇ । ଦମୟନ୍ତୀ ମୁଖ ଚାହିଁ କହି ॥
ଯେ ବାଟେ ଅଛି ଦକ୍ଷିଣକୁ । ଯାଉଛି କୁଣ୍ଡୀ କଟକକୁ ॥
ତୁମ୍ଭର ପିତାର ରାଜ୍ୟକୁ । ତେଣୁ ଯେ କହିଲା ତୁମ୍ଭଙ୍କୁ ॥
ଶୁଣିଣ ଦମୟନ୍ତୀ ବୋଲଇ । ଏହା କହିଲ କାହିଁପାଇଁ ॥
ମୋତେ କି ଛାଡ଼ି ପଳାଉଛ । ତେଣୁ ଯେ ଏମନ୍ତ କହୁଛ ॥
ରାଜା ହୋଇଲେ ରାଣୀ ଚାହିଁ । ଏହା କହିଲ କାହିଁପାଇଁ ॥
ଆମ୍ଭର ନୁହଇ ଆପୂର । ବିଧାତା କରିଛି ଯେମନ୍ତ ॥
ଶୁଣି ବୋଲନ୍ତି ରାଜ ଜାଣ । ହେ ଧର୍ମ୍ମ କର ମୋତେ ପାରି ॥
ତହୁଁ କେତେକ ଦୂର ଯାଇ । ବୃକ୍ଷ ତଳେ ଉଭା ହୋଇ ॥
କ୍ଷୁଧାରେ ହୋଇ ମହାକଷ୍ଟି । ଚାରିଦିଗକୁ ଦେଏ ଦୃଷ୍ଟି ॥
ଦ୍ୱାପର ମଣ୍ଡପେକ ହୋଇ । ଅରଣ୍ୟ ମଧ୍ୟେ ଛନ୍ତି ରହି ॥
ମଣ୍ଡପ ଦେଖି ନରନାଥେ । ବୋଇଲେ ରହିବାକ ଏଥେ ॥

Digitized by PPRACHIN, SOA

ମଣ୍ଡପେ ତେଜିଲେ ପରବେଶ । ଦିବସ ହୋଇଲାକ ଶେଷ ॥
ତିମିର ଆଚ୍ଛାଦିଲା ପହୁଁ । ଶୟନ କଲେ ରାଜା ତହୁଁ ॥
ଦମୟନ୍ତୀ ଶୋଇଲେ କଟିରେ । ନିଦ୍ରା ଯାଇଲା ନୟନରେ ॥
ରାତ୍ର ହୋଇଲା ଅର୍ଦ୍ଧ ଆସି । ନଳ ନୃପତି ଉଠି ବସି ॥
ମନରେ କରନ୍ତି ବିଚାର । ଦମୟନ୍ତୀ ଥିଲେ ସଙ୍ଗତର ॥
ଅରଣ୍ୟେ ନ ପାରିବେ ବଞ୍ଚି । ବିଧାତା ବିଚ୍ଛେଦ କରିଛି ॥
ବସ୍ତ୍ରେ ପିନ୍ଧିଛୁ ବେନିଜଣ । କି ଯେଣେ କାଟିବି ବସନ ॥
ଦ୍ୱାପର ହୋଇଅଛି ଶସ୍ତ୍ର । ପଡ଼ିଛି ରାଜାର ଅଗ୍ରତ ॥
ଦେଖି ସାନନ୍ଦ ନୃପମଣି । କରେ ଧଇଲେ ତାହା ଆଣି ॥
ବସ୍ତ୍ର କାଟିଲେ ଧୀରକାରେ । ଦମୟନ୍ତୀ ଶୋଇଛି ନିଦ୍ରାରେ ॥
ସଙ୍କେତ ଜାଣି ବସ୍ତ୍ର ଅଞ୍ଚଳେ । ନୃପତି ଉଠିଲେ ବିଭୋଳେ ॥
ଚଳିଣ ଗଲେ କେତି ଦୂର । ପୁଣ ବିଚାରନ୍ତି ମନର ॥
ଦମୟନ୍ତୀ ଏକା ସେ ରହିଲା । ପୁଣି ବିଧାତା ଏହା କଲା ॥
ଏକା ଯୁବତୀ ବନେ ଥୋଇ । କେମନ୍ତେ ଛାଡ଼ି ଯିବି ମୁହିଁ ॥
ବ୍ୟାଘ୍ର କି ଭଲ୍ଲୁକ ଖାଇବ । ସେ ହତ୍ୟା ଆମ୍ଭଙ୍କୁ ଲାଗିବ ॥
ଲେଉଟି ଆସନ୍ତେ ନୃପତି । କଳି ସେ ଭ୍ରମ କଲା ମତି ॥
ଅଜ୍ଞାନ ହୋଇ ନଳରାଜା । ଦମୟନ୍ତୀ କରିଗଲେ ତେଜ୍ୟା ॥
ରାତ୍ର ଯେ ଘୋର ଅନ୍ଧକାର । ବଣା ହୋଇଲେ ବନସ୍ତର ॥
ଘୋର ବିପିନେ ଯାଇ ପଶି । ଦମୟନ୍ତୀ ନାମ ଘୋଷି ଘୋଷି ॥
ଏମନ୍ତେ ଯାଇଲାକ ନିଶି । ଦମୟନ୍ତୀ ନିଦ୍ରା ତେଜି ବସି ॥
ଖୋଜନ୍ତି ଚଉଦିଗ ଚାହିଁ । ନଳଙ୍କୁ ନ ଦେଖିଲେ କାହିଁ ॥
ମୂଳ କାଟନ୍ତେ ବୃକ୍ଷ ଯେହ୍ନେ । ଭୂମିରେ ପଡ଼ିଲେକ ତେହ୍ନେ ॥
ଶୋକ ତା କେ ପାରିବ କହି । କାନ୍ଦଣ ଭୂମିରେ ଗଡ଼ଇ ॥
ଶୋକ ସାଗରେ ତନୁ ଧାରି । ମନରେ ବହୁ ଚିନ୍ତା କରି ॥
କାହିଁକି ଗଲେ ନରନାଥ । ମୋତେ ତ କରିଣ ଅନାଥ ॥
କିପାଇଁ ଗଲ ମୋତେ ଛାଡ଼ି । ମୋ ମୁଣ୍ଡେ ବଜ୍ର ପଡ଼ୁ ମାଡ଼ି ॥

Digitized by PPRACHIN, SOA

ଆହେ ବିଧାତା ଏହା କଲୁ । ମୋତେ ଯେ ଏତେ ଦୁଃଖଦେଲୁ
ବୃକ୍ଷ ଉହାଡେ ଖୋଜେ ଯାଇ । ନଳକୁ କାହିଁ ନ ଦେଖଇ ॥
ବୋଲଇ କି ବୁଦ୍ଧି କରିବି । କେମନ୍ତେ ଏ କଷ୍ଟ ତରିବି ॥
ଏଡେ଼ ନିଷ୍ଠୁର ତୋର ହିଆ । ଏବେ ଜାଣିଲି ତୋର ମାୟା ॥
ପୁରୁଷ ଏତେକ କପଟ । ମୁଁ କି ଜାଣଇ ଏତେ ହଟ ॥
କହିବି ତୁମ୍ଭ ଗୁଣ କେତେ । ଏଡେ ନିର୍ଦ୍ଦୟା କପଟୀ ତେଜି ॥
ମୁହିଁ ଯେ ଅବଳା ଅଟଇ । ତୋ ବିନୁ ଅନ୍ୟ ନ ଜାଣଇ ॥
ହଂସ ଠାରୁ ଶୁଣି ବାରତା । ତୋତେ ବଳିଲା ମୋର ଚିନ୍ତା ॥
ଇନ୍ଦ୍ର ତୋ ରୂପ ହୋଇଥିଲେ । ତେବେ ମୋ ଚିତ୍ତ ନ ବଳିଲା ॥
ମୋର କି ଅନ୍ୟାୟ ଦେଖିଲ । ମୋତେ ବନସ୍ତେ ଛାଡ଼ିଗଲ ॥
ରୋଦନ କରି ଘୋର ବନେ । ହେରି ବୁଲଇ ଏଣେ ତେଣେ ॥
ଏତେ ଦାରୁଣ ତୁମ୍ଭ ଚିତ୍ତ । ମୁହିଁ ଯେ ହୋଇଲି ଅନାଥ ॥
ନଳର ଗୁଣମାନ ଗୁଣି । କାନ୍ଦଇ ଝୁରେ ପୁଣି ପୁଣି ॥
ରୋଦନ କରି ଘୋର ବନେ । ହେରି ବୁଲଇ ଏଣେ ତେଣେ ॥
ବନ ଜୀବମାନଙ୍କୁ ପୁଛି । ବୋଲଇ ମୋତେ ଖାଅ ଖାଇ ॥
ପଡିଲା ହସ୍ତୀଙ୍କ ଆଗରେ । ହସ୍ତୀଏ ପଳାଇଲେ ଦୂରେ ॥
ବ୍ୟାଘ୍ରକୁ ପୁଛିଣ କହଇ । ହେ ବ୍ୟାଘ୍ର ମୋତେ ଖାଅ ଖାଇ
ଦମୟନ୍ତୀ ଆତଙ୍କ ଯେ ଦେଖି । ବ୍ୟାଘ୍ର ଯେ ପଳାଇଲେ ଦେଖି
ସିଂହ ଦେଖିଣ ପଳାଇଲେ । ଭଲ୍ଲୁ ଯେ ଆଡ଼ ହୋଇଗଲେ ॥
ଗର୍ଭର ଘାଟେକ ଦେଖିଲା । ତହିଁରେ ଡେଇଁଣ ପଡିଲା ॥
ଜଳ ଶୁଖିଲା ତାକୁ ପୁଛି । ତରୁଣୀ ରୋଦନ କରଇ ॥
ଦମୟନ୍ତୀ ପତିବ୍ରତା ଯେଣୁ । ଏମନ୍ତ ହେଉଅଛି ତେଣୁ ॥
ନଳ ବହୁନେ ବାଇ ହୋଇ । ବନସ୍ତେ କି ଢଣ ବୁଲଇ ॥
ତଞ୍ଜଦରକୁ ପୁଛିଦେଲେ । ବସିଲେ ଏକ ବୃକ୍ଷ ତଳେ ॥
ଶୋଇବା ଇଚ୍ଛା କଲେ ତହିଁ । ପଣନ୍ତ ବିସ୍ତୁଇଲେ ନେଇ ॥
ବହୁକୁ ପୁଛିଣ ଦମନ୍ତୀ । ସଙ୍କଟେ ନ ଦେଖିଣ ପତି ॥

Digitized by PPRACHIN, SOA

ଏକ୍ଷଣେ ସଖି ମୂର୍ଚ୍ଛାଗଲ । ଘଡ଼ିକେ ଚେତନା ପାଇଲ ॥
ବିକଳ ହୋଇଣ କାନ୍ଦଇ । ଏହା ଯେ ଅର୍ଜ୍ଜିଥିଲି ମୁହିଁ ॥
ଏକା ସେ କରି ଗଲେ ମୋତେ । କାହିଁ ମୁଁ ଯିବି କେଉଁ ପଥେ ॥
ଏମନ୍ତେ କୋକିଳ ତରୁଣୀ । କାନ୍ଦଇ ନଳ ଗୁଣ ଗୁଣି ॥
ପଥରେ ଯାନ୍ତି କାନ୍ଦି କାନ୍ଦି । ସର୍ପେ କଲା ତହିଁ ବନ୍ଦୀ ॥
ଆଦ୍ଧ ର ଅର୍ଥେ ଗିଳୁଥିଲା । ଦମୟନ୍ତୀ ନଳକୁ ଡାକିଲା ॥
ସର୍ପ ଯେ ଗିଳୁଅଛି ମୋତେ । ଗୁଡ଼ିଣ ଗଲ କେଉଁ ପଥେ ॥
ହେ ପ୍ରାଣନାଥ ରକ୍ଷାକର । ମୋ ପ୍ରାଣ ଯାଉଛି ଏଠାର ॥
ଏମନ୍ତେ ଆତଙ୍କ ହୋଇଣ । ଦମୟନ୍ତୀ ଡାକେ ପୁଣ ପୁଣ ॥
ବନେ ଶବର ବୁଲୁଥିଲା । ଦମୟନ୍ତୀ ଡାକ ସେ ଶୁଣିଲା ॥
ଡାକ ଶୁଣି ଆଇଲା ଧାଇଁ । ଦେଖିଲା ସର୍ପ ଗିଳୁଛଇ ॥
ନାରାଚ ଭେଦନ ପେଟ ଚିରି । ବାହାର କଲା ନୃପନାରୀ ॥
ଦେଖିଲା ଅପୂର୍ବ ସୁନ୍ଦରୀ । ଜଗତେ ନାହିଁ ସମସରି ॥
ଦେଖି ଶବର ତୋଷ ହେଲା । ଘରିଯା କରିବି ବୋଇଲା ॥
ଏରୂପେ ମନେ ଲୋଭକରି । ନେଉଛି ଗଣୀ ହସ୍ତ ଧରି ॥
ଦମୟନ୍ତୀ ହୁଅନ୍ତି ଓଟାର । ଶବର ବନେ ହିଁକେ ଧର ॥
ଆକୁଳେ ଧର୍ମ ସୁମରିଲା । ଶବର ଭସ୍ମ ହୋଇଗଲା ॥
ତହୁଁ ଯାନ୍ତେଣ ବନେ ଚଳି । ତୃଷାରେ ହୋଇଣ ବିକଳି ॥
ନିକଟେ ଜଳ ଦେଖି ତହିଁ । ଜଳ ଭକ୍ଷିଣ ତୋଷ ହୋଇ ॥
ଆଗେ ଶୁଭିଲା ଲୋକବାଣୀ । ସେଠାରୁ ଚଳିଲା ତରୁଣୀ ॥
ଲୋକଙ୍କୁ ଦେଖିଣ ପଚାରି । ଏଠାରେ କି କାର୍ଯ୍ୟ ତୁମ୍ଭର ॥
ଦମୟନ୍ତୀ କଥା ଶୁଣି ଦୂତେ । ଗୃହାନ୍ତି ଅତି ଆଚମ୍ବିତେ ॥
ବୋଲନ୍ତି ନଷ୍ଟପ୍ରେ ଡାକିନୀ । ଏଠାରେ କରଇ ଭ୍ରମଣି ॥
ବନେ ବୁଲଇ ଏକା ଗର୍ବ । ଖାଇବ ଭକ୍ଷଇ ଅବିରତ ॥
ମାୟାବୀ ପ୍ରାୟେ ଲାଗେ ପ୍ରତେ । ଘଉଡ଼ି ଦଅ ହୋ ତୁରିତେ ॥
ତହିଁ ଯେ ଥିଲେ ସନ୍ତୁପ୍ରାଣୀ । ଦୁଷ୍ଟେ ବୁଝିଣ ହେଲେ ତୁନି ॥

Digitized by PPRACHIN, SOA

ଦମନ୍ତୀ ଶୁଣି ପୁଚ୍ଛେ କେହୁ । କାହାର ଜସ ଅଟୁ ତୁହି ॥
ଦମନ୍ତୀ ବୋଲେ ପୁଣ ତହିଁ । ତୁମ୍ଭ ରାଜ୍ୟକୁ ଯିବ ମୁହିଁ ॥
ଶୁଣି ବୋଲନ୍ତି ସାଧୁ ପୁଏ । ଆମ୍ଭେ ଯେ ଯିବୁ ନଜକ୍ଷେତ୍ରେ ॥
ସୁବାହୁ ବୋଲି ତହିଁ ରଜା । ଆମ୍ଭେ ଯେ ତାହାଙ୍କ ପରଜା ॥
ତାଙ୍କ ଭଣ୍ଡାରୁ ଧନ ଆଣି । ବେପାରେ ଯାଇଥିଲୁ ପୁଣି ॥
ଲାଭ ରଖିଣ ଦେଉ ଭାଗ । ରାଜାର ନାହିଁ ଯେ ବୈରାଗ୍ୟ ॥
କାଲି ଯେ ଯିବୁ ସେ ରାଜ୍ୟକୁ । ବୁଝାଇ ଦେବୁ ଧନ ତାଙ୍କୁ ॥
ଦମନ୍ତୀ ବୋଲେ ମୁଁ ଆସିବି । ତୁମ୍ଭର ରାଜ୍ୟରେ ରହିବି ॥
ଏମନ୍ତେ ବୋଲିଣ କହିଲେ । ତାହାଙ୍କ ସଙ୍ଗତେ ରହିଲେ ॥
ରଜନୀ ହୋଇଲାକ ଯହୁଁ । ସର୍ବେ ଶୟନ କଲେ ତହୁଁ ॥
ଅଇଲେ ମତ୍ତହସ୍ତୀ ଯୂଥ । ନଶାରେ ନବୋଧିଲେ ପଥ ॥
ଥୋକାଏ ମାରିଲେ ମନୁଷ୍ୟ । କେହୁ ଲୁଚିଲେ ବୃକ୍ଷ ପାଶ ॥
ତା ଦେଖି ଦମନ୍ତୀ ବୋଲଇ । ଏ ଯେ ଅଇଲେ ମୋତେ ଖାଇ ॥
ଧର୍ମ ସୁମରି ବୋଲେ ନାରୀ । ଉଦ୍ଧରି ଧର ନରହରି ॥
ଧର୍ମକୁ ସୁମରିଲା ଯହୁଁ । ହସ୍ତୀଏ ପଳାଇଲେ ତହୁଁ ॥
ଯେଣୁ ସେ ପଶିଲେ ବନରେ । ଲୁଣ୍ଡ ହୋଇଲେ ବଣିଜାରେ ॥
ଥୋଡ ବଳଦ ସଜକଲେ । ସେଠାରୁ ବେଗେ ଚଳିଗଲେ ॥
ପଥ ଚଳିଲେ ଶୀଘ୍ର ତହୁଁ । ରାଜ୍ୟେ ମିଳିଲେ ଜହୁଁ ଜହୁଁ ॥
ପ୍ରବେଶ ହେଲେ ଯେ ଯେ ଦ୍ୱାରେ । ଶୁଣିମା ଏଥୁ ଅନନ୍ତରେ ॥
ପଛରେ ଗଲେ ଯେ ଦମନ୍ତୀ । କଟକ ଭିତରେ ପଶନ୍ତି ॥
ରୂପ କନ୍ଦର୍ପ କୋଟି ମୋହେ । ନଳ ବିହୁନେ ବାଇ ପ୍ରାୟେ ॥
ତଥାପି କି ଦେବ ଉପମା । ମୁଖକୁ ନ ତଚ୍ଛେ ଚନ୍ଦ୍ରମା ॥
ସେ ନଗ୍ର ଲୋକ ତାକୁ ଦେଖି । ପିଚ୍ଛୁଡି ନ ପାରନ୍ତି ଆଖି ॥
ବୋଲନ୍ତି କାହିଁ ଉଏ ନାରୀ । ଯ ଉଚ୍ଛି ଦାଣ୍ଡ ମଧ୍ୟେ ହେରି ॥
ବାତୁଳ ପୋଏ ତହୁଁ ମିଳି । ଦମନ୍ତୀ ଶୁଣି ଦ୍ୟନ୍ତି ଗାଳି ॥
ବୋଲନ୍ତି କାହିଁର ଏ ବାଇ । ମାଳଙ୍ଗୀ ଦାଣ୍ଡ ମଧ୍ୟେ ଯାଇ ॥

Digitized by PPRACHIN, SOA

ଆଗରେ ନଗ୍ରୋଧାନ୍ତ ବାଟ । କେହୁ ମାରଇ କଣ୍ଟା ଗୁଠ ॥
ବାଧାଭା କରଅଛୁ ହଠ । ବହୁତ ପାଇଲେ ସଙ୍କଟ ॥
ଧର୍ମ ବୋଲିଣ ରାଜମାତା । ବଡ଼ ଧାର୍ମିକ ବସ୍ତୁ ଭକ୍ତା ॥
ଜଗତ ଉପରେଣ ଥିଲେ । ଦମୟନ୍ତୀ ଅବସ୍ଥା ଦେଖିଲେ ॥
ଦାସୀଙ୍କ ଗୃହିଁ ଆଜ୍ଞା ଦେଲେ । ବହନ ଯାଅଇଲେ ବୋଇଲେ ॥
କାହାର ଅଟେ ସେ ଯୁବତୀ । ବହୁତ ପାଇନ୍ତ ଶାସ୍ତି ॥
କାହୁଁ ଅଇଲା କାହିଁ ଯିବ । ବୁଝିବା ତାର ସବୁ ଭାବ ॥
ତୁରିଆ ଦୁଇଜଣ ଯାଇ । ବହନ ଘେନିଆସ ରାଇ ॥
ଆଜ୍ଞା ପ୍ରମାଣେ ଦାସୀ ଗଲେ । ଦମୟନ୍ତୀ ଆଗରେ କହିଲେ ॥
ଘେନି ଅଇଲେ ସଙ୍ଗତରେ । ମିଳିଲେ ମାତାଙ୍କ ଛାମୂରେ ॥
ଦେଖି ବୋଲନ୍ତି ରାଜମାତା । କାହାର ଅଟୁ ତୁ ବନିତା ॥
କାହାର ଅଟ ହାଦେ ଝିଅ । ନାମ ତୋହର କସ କହ ॥
ସ୍ୱାମୀର ନାମ ତୋର କସ । ଗୃହ ତୁମ୍ଭର କେଉଁ ଦେଶ ॥
କାହିଁକି ପାଇଲୁ ଅବସ୍ଥା । ମୋ ଆଗେ କହରେ ବନିତା ॥
ଦମୟନ୍ତୀ ବୋଲେ ଏହା ଶୁଣି । ଶୁଣିମା ସାବଧାନେ ବାଣୀ ॥
ବନେ ବଜଯୁ ମୋତେ ଧୂର୍ତ୍ତ । କହି କାନ୍ଦଇ କରି ଯୋଡ଼ ॥
ଅନ୍ୟ ସେବାକୁ ନ ପାରିବ । ଅଲେଖ ତିଳକ କରିବ ॥
ଶୁଣି ବୋଲନ୍ତି ରାଜମାତା । ମନରୁ ଛାଡ଼ ତୋର ଚିନ୍ତା ॥
ମୋହର ମନ୍ଦିରେ ଥାଅ । ନ ଜାଅ ସ୍ଥିର ହୋଇ ରହ ॥
ସୁପ୍ରଭା ମୋହର ନନ୍ଦନୀ । ତହୁଁ ଅଧିକ ତୋତେ ଜାଣି ॥
ଗାଳି ବଅନ୍ତୁ ସ୍ନେହ କରି । ଚିନ୍ତା ତୁ ନ କର ସୁଦନ୍ତୀ ॥
ସୁପ୍ରଭା ବୋଲି ମୋର ଝିଅ । ମାଧ୍ୟେ ବୋଲନ୍ତି ଅତିସ୍ନେହ ॥
ସୁପ୍ରଭା କର ଧରି ମାଧ୍ୟେ । ଦମୟନ୍ତୀ ସମର୍ପିଣ ଦିଏ ॥
ଏକତ୍ର ହୋଇ ଦୁହେଁ ଥିବ । ସଙ୍ଗତ କେବେ ନ ଛାଡ଼ିବ ॥
ଏ ରୂପେ ବୋଧି ରାଜମାଧ୍ୟେ । ସୁଖେ ନବର୍ତ୍ତ୍ୟେ ସେହୁ ଉହେ ॥
ଦମୟନ୍ତୀ ରହିଲେକ ତହିଁ । ନଳ ବିହୁନେ ସୁଖ ନାହିଁ ॥

Digitized by PPRACHIN, SOA

କହନ୍ତି ପ୍ରବେଶ୍ୱର ସୁତ । ଦମୟନ୍ତୀ ଅବସ୍ଥା ଏମନ୍ତ ॥
ଅରଣ୍ୟେ ଶ୍ରୀରାମଙ୍କ ଆଗେ । ମାର୍କଣ୍ଡ କହନ୍ତି ସରାଗେ ॥
ମାଲ୍ୟବନ୍ତରେ ରଘୁନାଥ । ସିବାକୁ ଉଦ୍‌ବେଗ ଚିତ୍ତ ॥
ଜାମ୍ବବ ହେଲେ ଅନୁକୂଳ । ବାହାର ହେଲେ ସର୍ବବଳ ॥
ସମସ୍ତେ ଆନନ୍ଦିତ ହୋଇ । ଚଳନ୍ତେ ମେଦିନୀ କମ୍ପଇ ॥
ସୈନ୍ୟର ମୁଖ ରବ ଧ୍ୱନି । ସିନ୍ଧୁ ଗର୍ଜନ ପ୍ରାୟେ ମଣି ॥
ପଥରେ କେ କାହାକୁ ବୁଝି । ଜଳନ୍ତି ମଉଗର୍ବ ହୋଇ ॥
କେ ବୋଲେ ଲଙ୍କା ଉପାଡ଼ିବ । କେ ବୋଲେ ମୁଣ୍ଡେ କରିନେବ ॥
କେ ବୋଲେ ମାରିବ ଅସୁର । କେ ବୋଲେ କେତେକ ମାତର ॥
କେ ବୋଲେ ମାରିବ ରାବଣ । କେ ବୋଲେ ରୋଧ ସହିତେଣ ॥
କେ ବୋଲେ ବୁଡ଼ାଇବି ଲଙ୍କା । କାହାକୁ ନାହିଁ ମୋର ଶଙ୍କା ॥
ଏମନ୍ତ ଗର୍ବ ବହି କରି । ଚଳନ୍ତି ମାରି ତାଳଭୁଜ ॥
କେ ବାହେ ପର୍ବତ କାନ୍ଧେ ନି । କେହୁ ବଳାଏ କରତାଳି ॥
ଏମନ୍ତେ ଶ୍ରୀରାମର ବଳ । ଗମନ୍ତି ବନେ ଗିରିସ୍ଥଳ ॥
ଏମନ୍ତେ ଚଳନ୍ତେ ଆଗେ । ପ୍ରବେଶ ହେଲେ ସିନ୍ଧୁତଟେ ॥
ଦେଖିଲେ ବାରିନିଧି ପାଣି । ଘୋଷଇ ଜଳ ମେଘ ଜିଣି ॥
ପର୍ବତ ସମାନେ ଲହରୀ । ମାରଇ ଘୋର ରବ କରି ॥
ଦେଖି ଆନନ୍ଦ ରାମ ବଳ । ରହିଲେ ମାଡ଼ି ସିନ୍ଧୁକୂଳ ॥
ରାମ ଲକ୍ଷ୍ମଣ ସିନ୍ଧୁ ବୁଝି । ବହୁ ଆନନ୍ଦ ମନେ ହୋଇ ॥
ବସିଲେ ମୃଗ ସ୍ଥଳ ମାଡ଼ି । ସୁଗ୍ରୀବ କହେ କରଯୋଡ଼ି ॥
ହେ ଦେବ ତୁମ୍ଭ ସାବଧାନ । କହିବି ମୁଁ ଏକ ବଚନ ॥
ଏଥିରେ ଅଛନ୍ତି ଆମ୍ଭ ବଳ । ଗଣିଣ ସେନାମାନ ସକଳ ॥
ଶୁଣି ସାନନ୍ଦ ରଘୁପତି । ବୋଇଲେ ଅଙ୍ଗଦ ସମ୍ମତି ॥
ଆଜ୍ଞା ପ୍ରମାଣେ ସୁଗ୍ରୀବଙ୍କ । କହିଲେ ଅଙ୍ଗଦ ଆଗର ॥
ଶୁଣି ଅଙ୍ଗଦ ତୋଷ ହୋଇ । ସୈନ୍ୟକୁ ଭେଟାବନ୍ତେ ନେଇ ॥
ପ୍ରଥମେ ଭେଟିଲ ଗଜଶ୍ରୀ । ସୈନ୍ୟ ସେ ଖର୍ବ ତା ସଙ୍ଗୁଳି ॥

Digitized by PPRACHIN, SOA

ହନୁ ଜଗ୍ରାତର ସେତେବେଳେ । ସଙ୍ଗେ ଦଶକୋଟି ବାନରେ ॥
ମିଶେ ତା ଭୂଲେ ଦଶକୋଟି । କେଶରୀ ଭୂଲେ ପାଞ୍ଚ କୋଟି ॥
ବାର ସହସ୍ର ସେନ୍ୟ ନଳ । ଗବାକ୍ଷ ତେର ଶତ ବଳ ॥
ଦୁର୍ବିନ୍ଦ କୋଟି ଯେ ଯନ୍ଦର । ଦଧିମୁଖ କୋଟି ବାନର ॥
ମହେନ୍ଦ୍ର ସଙ୍ଗେ ପାଞ୍ଚ କୋଟି । ଦୁର୍ବିନ୍ଦ ସଙ୍ଗେ ସାତ କୋଟି ॥
ଗବୟେ ସେନାପତି ହେଉଟି । ସଙ୍ଗେ ତା ପଞ୍ଚସସ୍ର କୋଟି ॥
ଜାମ୍ବବ କଳ୍ପକ ଦର୍ଶନ । ପାଞ୍ଚ ସହସ୍ର ତର ସୈନ୍ୟ ॥
କୁମୁଦ ସଙ୍ଗେ ପାଞ୍ଚ କୋଟି । ମର୍ଦ୍ଦେ ସେନ ନଳ ହେଉଟି ॥
ବସନ୍ତ କଳ୍ପକ ଦର୍ଶନ । ଦଶ ସହସ୍ର ବାର ସୈନ୍ୟ ॥
ଷାଠିଏ କୋଟି ସୈନ୍ୟ ସେନ । ଦର୍ଶନ କରନ୍ତି ପାବନ ॥
ଅଙ୍ଗଦ କଉର ଦର୍ଶନ । ସେନ କଷ୍ଟି ହିଆ ତାର ସୈନ୍ୟ
ଏମନ୍ତେ କହିବଇଁ କେତେ । ଦର୍ଶନ ନଲେ ଯେତୁମତେ ॥
ରହିଲେ ମାଡି ସିନ୍ଧୁ କୂଳ । ବାନର ଅପ୍ରମିତ ବଳ ॥
କଳନା କେ କରିବ ଥାଟ । ରହି ଅନନ୍ତ ସିନ୍ଧୁ ତଟ ॥
ରାବଣ ଦୂତେ ବୁଲୁଥିଲେ । ଶ୍ରୀରାମ ସୈନ୍ୟଙ୍କୁ ଦେଖିଲେ ॥
ସତ୍ବରେ ଚଳିଲେ ଲଙ୍କାକୁ । କହିଲେ ରାଜା ରାବଣକୁ ॥
ହେ ପ୍ରଭୁ ଅସୁର ଠାକୁର । ପ୍ରତାପୀ ଦେବ ଲଙ୍କେଶ୍ୱର ॥
ରାମ ଲକ୍ଷ୍ମଣ ସୁଗ୍ରୀବର । ସଙ୍ଗେ ସେନଣ କପିବଳ ॥
ରହି ଅନନ୍ତ ସିନ୍ଧୁତଟ । ଲଙ୍କାକୁ ଖୋଜୁଛନ୍ତି ବାଟ ॥
ସେ ସୈନ୍ୟ କଳନା ନ ଯାଇ । ଦେଖିଣ ଆଇଲୁ ଗୋସାଇଁ ॥
ଶୁଣି ରାବଣ ରୁଷ୍ଟ ହୋଇ । ବୋଇଲେ କି କରିବା ଖାଇ ॥
ବାନ୍ଧିବ ରାମ କାହା ବଳ । କେ ମୋତେ ଅଛି ଏତେ ଶାଳ
ମିଥ୍ୟା କହିଲ ମୋ ଆଗର । ଏହାକୁ ସାତବେଣ୍ଟି କର ॥
ଶୁଣି ବୋଲଇ ବିଭୀଷଣ । ହେ ଦେବ ନୁହଇ ବିଧାନ ॥
ସାକ୍ଷାତେ ଦେଖିଲେକ ଯନ୍ତ୍ରୁଁ । ସ୍ୱମୁଖରେ ଜଣାଇଲ ତହୁଁ ॥
ବିଅର୍ଥେ ତାକୁ କମ୍ପା ମାର । ମନରେ ବିଚାର ନ କର ॥

Digitized by PPRACHIN, SOA

ଜନକ ଝିଅ ବଇଦେହୀ । ତାହାକୁ ଆଣିଲ ହେଳାଇ ॥
ଶ୍ରୀରାମ ଦଶରଥ ସୁତ । ନାମ ତା ଜଗତେ ବଦିତ ॥
ଜାଣ ନା ଶିବଧନୁ ଖଣ୍ଡି । ଲକ୍ଷେ ରାଜାକୁ ବଳେ ଗଞ୍ଜି ॥
ଜାନକୀ ପ୍ରଦାନ ହୋଇଲେ । ପିତାଙ୍କ ବାକ୍ୟେ ବନେ ଗଲେ ॥
ସୁଗ୍ରୀବ ମଇତ୍ର ହୋଇଲେ । ବାଳିକି ହେଳେ ବିନାଶିଲେ ॥
ସଙ୍ଗେ ଅନେକ କପିଥାଟ । ରହି ଅଛନ୍ତି ସିନ୍ଧୁ ତଟ ॥
ଜାଣୁନା ଏକ କପି ଆସି । ଲଙ୍କା ଭୁବନ ଗଲା ଧ୍ୱଂସି ॥
ନଷ୍ଟେ ସେ ଏଠାକୁ ଆସିବେ । ଆମ୍ଭର ସବୋଂଶ ମାରିବେ ॥
ଏ କଥା ବନ୍ଧୁର ନ କର । ଜିଣିଲ ଲେଖେ କମ୍ପା ମାର ॥
ଶୁଣି କୋପିଲା ଦଶଶିର । ବୋଇଲା ଅଟୁରେ ପାମର ॥
ମୋହର ଦୋରହା ହୋଇଲୁ । ରାମର ବଡ଼ିମା କହିଲୁ ॥
ତୋ ମୁଖ ରୁହିଁ ନ ଯୋଗାଇ । ରାଜ୍ୟ ବାହାର ହୁଅ ତୁହି ॥
ଶରଣ ପଶ ରାମେ ଯାଇ । ମୋ ଅନ୍ନେ ହେବୁ କରସାଇଁ ॥
ଦୂତଙ୍କୁ ବୋଲେ ଦଶଶିର । ଏହାକୁ ରାଜ୍ୟୁ ଦୂର କର ॥
ଆଜ୍ଞା ପ୍ରମାଣେ ଦୂତ ଗଲେ । ରାଜ୍ୟ ବାହାର କରିଦେଲେ ॥
ରାଜ୍ୟୁ ବାହାର ବିଭୀଷଣ । ବସି ଗ୍ଭଳଇ ମନେ ମନ ॥
ବୁଦ୍ଧି ଏହାର ଭ୍ରମ ହେଲା । ନଷ୍ଟହେବ ବିଧାତା ଗ୍ଭଡ଼ିଲା ॥
ମୁଁ ଏବେ ଏକମନେ ଯିବି । ଶ୍ରୀରାମେ ଶରଣ ପଶିବି ॥
ଏତେ ବିଗ୍ଭରି ବିଭୀଷଣ । ଉଡ଼ିଲା ଗଗନ ମାର୍ଗେଣ ॥
ପ୍ରବେଶ ହେଲା ସିନ୍ଧୁ ତଟେ । ମିଳିଲା ଶ୍ରୀରାମଙ୍କ ଥାଟେ ॥
କହିଲା କଞ୍ଜଣ ଅଗ୍ରତ । ମୁଁ ଅଟେ ରାବଣର ଭ୍ରାତ ॥
ଆସି ମୁଁ ଅଛି ଶରଣକୁ । ଗୋଚର କର ଠାକୁରଙ୍କୁ ॥
କଞ୍ଜଣ ସୁଗ୍ରୀବ କହିଲା । ସୁଗ୍ରୀବ ବେଗେ ଚଳିଗଲା ॥
ଶ୍ରୀରାମ ଆଗେ ଉଭା ହୋଇ । କହଇ ଶିରେ କରଦେଇ ॥
ଦେଖ ଦେବ ରାବଣର ଭ୍ରାତ । ଆସିଛି ତୁମ୍ଭର ଅଗ୍ରତ ॥
ଶୁଣି ରାଘବ ଆଜ୍ଞା ଦେଲେ । ବନ୍ଧନ ଅଣାଅ ବୋଇଲେ ॥

Digitized by PPRACHIN, SOA

ଆଜ୍ଞା ପ୍ରମାଣେ ବିଭୀଷଣ । ଘୁମୁରେ କରଇ ଦର୍ଶନ ॥
ସାଷ୍ଟାଙ୍ଗ ହୋଇ ପାଦେ ପଡ଼ି । ଉଠି ମସ୍ତକେ କରଯୋଡ଼ି ॥
ବୋଲଇ ନମୋ ଯୋଗେଶ୍ୱର । ଅଶେଷ ବ୍ରହ୍ମାଣ୍ଡ ଠାକୁର ॥
ନମସ୍ତେ ଜାନକୀ ରମଣ । ନମସ୍ତେ କୋଦଣ୍ଡ ଧାରଣ ॥
ନମସ୍ତେ ଅଯୋଧ୍ୟା ନାୟକ । ନମସ୍ତେ କୈବଲ୍ୟ ଦାୟକ ॥
ନମସ୍ତେ ଭକ୍ତି ମୁକ୍ତି ଦାତା । ନମସ୍ତେ ଜଗତ କରତା ॥
ନମସ୍ତେ ଦେବ ଦେବ ସ୍ୱାମି । ନମସ୍ତେ ସର୍ବ ଅନ୍ତର୍ଯାମୀ ॥
ଶତ୍ରୁର ଭାଇ ମୁଁ ଅଟଇ । ତୋ ପାଦେ ଶରଣ ପଶଇ ॥
ଶରଣ ପଞ୍ଜର ତୁ ଯେଣୁ । ଶରଣ ପଶିଲି ମୁଁ ତେଣୁ ॥
ଶୁଣି ଶ୍ରୀରାମ ଖୋଲ ହେଲେ । ବିଭୀଷଣକୁ କୋଳ କଲେ ॥
ହସି ପ୍ରଭୁ ଭାବ ବିନୋଦିଆ । କଥାରୁ ଜାଣିଲେ ତା ହିଆ ॥
ଲଙ୍କାରେ ହେବୁ ତୁ ନୃପତି । ଆଜ ତୋ ନାମ ଲଙ୍କାପତି ॥
ଏମନ୍ତେ ବୋଲି ଆଜ୍ଞା କଲେ । ଅଭୟ ହସ୍ତ ମାଥେ ଦେଲେ ॥
ନିର୍ଭୟ ହୋଇ ବିଭୀଷଣ । ରହିଲା ଶ୍ରୀରାମ ପାଶେଣ ॥
ବ୍ୟାସେ କହନ୍ତି ଯୁଧିଷ୍ଠିର । ଶୁଣ ତୁ ଚରିତ ନଳର ॥
ଶୁଣନ୍ତେ ନୃପତି ତୁଷ୍ଟଇ । ଶୁଣ ସୁଜନେ ତୋଷ ହୋଇ ॥
କହେ ଶିଶୁ ଈଶ୍ୱର ଦାସ । ଚତୁର୍ଥ ଅଧ୍ୟା ହୋଏ ଶେଷ ॥

ଇତି ଶ୍ରୀ ନଳରାଜା ଚରିତ ଈଶ୍ୱର ଦାସ କୃତୌ ବ୍ୟାସ ଯୁଧିଷ୍ଠିର ମାର୍କଣ୍ଡ ରାମଚନ୍ଦ୍ର ସମ୍ବାଦେ ନଳ ଦମୟନ୍ତୀ ବିଚ୍ଛେଦ ଦମୟନ୍ତୀ ପାଲଙ୍କସ୍ଥଳେ ପ୍ରବେଶେ ନାମ ଚତୁର୍ଥ ଅଧ୍ୟାୟ ।

ପଞ୍ଚମ ଅଧ୍ୟାୟ

ବ୍ୟାସ ଉବାଚ

ଯୁଧିଷ୍ଠି ମୁନିପାଦେ ପଡ଼ି । କହନ୍ତି ବେନି କରଯୋଡ଼ି ॥
ନଳଚରିତ କଥା ମତେ । ଶୁଣି ମୁଁ ଯିବଇଁ ପରତେ ॥
ଦମୟନ୍ତୀ ତେଜି ନଳ ଗଲେ । ପୁଣି କେମନ୍ତେ ଭେଟ ହେଲେ ॥
ଏହା କହିବ ମୁନିବର । ନମଇଁ ତୁମ୍ଭର ପୟର ॥

Digitized by PPRACHIN, SOA

ଯୁଧିଷ୍ଠି ବାକ୍ୟେ ମୁନି କହେ । ଶୁଣ ତୁ ଧର୍ମର ତନୟେ ॥
ଅରଣ୍ୟେ ଶ୍ରୀରାମ ଶୁଣନ୍ତି । ମାର୍କଣ୍ଡ ସବୁଗେ କହନ୍ତି ॥
ଦମୟନ୍ତୀ ଛାଡ଼ି ନଳରାଏ । ବନସ୍ତେ କରନ୍ତି ବିଜୟେ ॥
ଦମୟନ୍ତୀ ନାମ ହୃଦେ ଧରି । ପଥେ ଚଳନ୍ତି ଶୋକ କରି ॥
ଏମନ୍ତେ ଦଇବ ଭିଆଣ । ନଳକୁ କରିଛି କଷଣ ॥
ଦମୟନ୍ତୀ ପୂର୍ଣ ଗୁଣି ରାଏ । ବନେ ବୁଲଇ ବାଇ ପ୍ରାଏ ॥
ଏହି ସମୟେ ଦାବା ଅଗ୍ନି । ବନସ୍ତ ଦହେ ପୁଣି ପୁଣି ॥
ସେଠାରେ ଶୁଣିଲେ ଚହଳ । ବୋଲଇ ଶୁଣ ନୃପ ନଳ ॥
ଆତଙ୍କ ହୋଇଣ ଡାକଇ । ହେ ନଳ ରକ୍ଷା କର ତୁହି ॥
ବନେ ଶୁଭିଲେ ଏହି ବାଣୀ । ନୃପତି ମନେ ମନେ ଗୁଣି ॥
ବନସ୍ତେ ଡାକୁଛି କେ ମୋତେ । ଶରଣ ରଖିବା ନିମନ୍ତେ ॥
କିବା ଦମୟନ୍ତୀ ବନେ ଆସି । ଡାକଇ ଅନ୍ତ ଭୟ ବାସି ॥
ବେଗେ ଧାଇଁଲା ଖରତର । ମିଳିଲେ ଯାଇ ବନସ୍ତର ॥
ଦେଖନ୍ତି ଚତୁର୍ଦ୍ଦିଗେ ଅଗ୍ନି । ବପିନ ଦହୁଅଛି ପୁଣି ॥
ମଧ୍ୟରେ ଅଜଗର ଏକ । ବୋଲଇ ନଳ ରାଜା ରଖ ॥
ନଳ ବୋଲଇ ସର୍ପ ଶୁଣି । କେମନ୍ତେ ରଖିବଇଁ ମୁହିଁ ॥
ଯେବେ ମୁଁ ଛୁଇଁବଇଁ ତୋତେ । ତୁ କ ନ କରୁ ଅପଘାତେ ॥
ଯେ ନର ତୁମ୍ଭଙ୍କୁ ଛୁଅଇଁ । ଛ'ମାସ ଆୟୁଷ ତୁଟଇ ॥
ଯେବେ ମାରଇ ମୁହ ମଳ । ନ ପାନ୍ତି ପିତୃଲୋକେ ଜଳ ॥
ଦନ୍ତଘାତରେ ନାଶଯିବ । ଏମନ୍ତ ତୁମ୍ଭର ସ୍ୱଭାବ ॥
କେମନ୍ତେ ଆଣିବଇଁ ତୋତେ । ଉପାୟ କହିବଅ ମୋତେ ॥
ଶୁଣି ବୋଲଇ ଅଜଗର । ଶୁଣ ହୋ ଦମୟନ୍ତୀର ବର ॥
ଏ କଥା ନ ବିଚାର ଚିତ୍ତ । ମୁଁ ଯେ କହୁଛି ଦୃଢ଼ବ୍ରତେ ॥
ଯେ ପ୍ରାଣୀ ସହିଂସା କର । ତୈଲୋକ୍ୟ ନାହିଁ ତାକୁ ସର ॥
ଯେ କରେ ପର ଉପକାର । ତାହାକୁ ରଖେ ଦାମୋଦର ॥
ସେହୁ କରଇ ଜୀବେ ଦୟା । ତାକୁ ନ କରେ ବିଷ୍ଣୁ ମାୟା ॥

Digitized by PPRACHIN, SOA

ଯେ ଜନ ପରଦୁଃଖେ ଦୁଃଖୀ । ତିନି ଭୁବନେ ସେହି ସୁଖୀ ॥
ଏବେ ଉଦ୍ଧାର କର ମୋତେ । ତୁମ୍ଭେ ତ ଥାଅ ପରହିତେ ॥
ସର୍ପ ବଚନେ ନଳରାୟେ । ଅଗ୍ନି ଆଡ଼ିଣ କରି ଯାଏ ॥
ହସ୍ତରେ ଧରି ଅଜଗର । ଅଗ୍ନିରୁ ହେଇଲେ ବାହାର ॥
ସର୍ପ ବୋଇଲା ନଳ ସ୍ୱାମି । ମୋର ବଚନ କର ତୁମ୍ଭି ॥
ଦଶ ପଦଣ୍ଡ ଗଣି ମୋତେ । ପଥରେ ଗୁଡ଼ି ହୋ ଭୂଇଁତେ ॥
ଦଶ ପଦଣ୍ଡ ଗଣି ନଳ । ଥୋଇଲେ ନେଇ ଅଜଗର ॥
ଏ ଅନ୍ତେ ବରଷଇ ବିଷ । ରାଜା ହୋଇଲେ ହସ ହସ ॥
ତକ୍ଷଣେ ହୋଇଲେ ବିରୂପ । ତାଙ୍କର ପ୍ରାପ୍ତ ହେଲା ରୂପ ॥
ନାସିକା ବଙ୍କ ହୋଇଗଲା । ପିଠିରେ ତିନି କୁଜ ହେଲା ॥
ନୟନୁ ବହଇ ଚକଟା । କର୍ଣ୍ଣ ହୋଇଲା ମୋଟା ମୋଟା ।
ହସ୍ତ ହୋଇଲା ବାଙ୍କ ତାର । ପାଦ ତ ହୋଇଲା ଗୋଡର ॥
ରାଜା ବୋଇଲେ ସର୍ପେ ସ୍ୱାମି । କି ଦୋଷ କଲି ତୋତେ ମୁହିଁ ॥
ମୁଁ ଥିଲି ତୁମ୍ଭ ଉପକାରେ । ଏ ଦୁଃଖ ଦେଲୁ କିମ୍ପା ମୋତେ ॥
ଧର୍ମ କି ସହିବ ହୋ ତୋତେ । ଅଦୋଷେ ଦୁଃଖଦେଲୁ ମୋତେ ॥
କାଞ୍ଚନ ଜିଣି ତନୁ ମୋର । ଢଗିଲା ଯେସନେ ଅଙ୍ଗାର ॥
କପଟେ ନାଶିଲୁ ଆମ୍ଭଙ୍କୁ । ବିଶ୍ୱାସ ନ ଯାଇ ତୁମ୍ଭଙ୍କୁ ॥
ନାମ ତୁମ୍ଭର କହି ମୋତେ । ବିପତ୍ତି ଦେଲୁ କି ଅମନ୍ତେ ॥
ଏତେ ଦୁଃଖରେ ଦେଲୁ ଦୁଃଖ । ବୋଲଇ ମୋତେ ଧର୍ମ ରଖ ॥
ସର୍ପ ବୋଇଲା ରାଜା ସ୍ୱାମି । ଚିନ୍ତା ତୁ କରୁ କାହିଁପାଇଁ ॥
ତୋତେ ଯେ ଦେଉଅଛି ଦୁଃଖ । ମୁଁ ତାକୁ କରିବି ବିମୁଖ ॥
ପଛେ ମୁଁ କହି ଦିନା ତୋତେ । ତେବେ ସେ ଜିବଇ ଘରତେ ॥
ସର୍ପ ବୋଇଲା ଶୁଣ ତୁହି । ସଞ୍ଚପି କହୁଅଛି ମୁହିଁ ॥
ନାମ ମୋହର ଅଷ୍ଟକୁଳା । ଦେବଙ୍କ ସଙ୍ଗେ ମୋର ମେଳା ॥
ଦେବଙ୍କ ସଙ୍ଗେ ସ୍ୱର୍ଗେ ଥାଇ । ଋତେନକ ମନ୍ଦ କଲି ମୁହିଁ ॥
ଇନ୍ଦ୍ର ସଭାକୁ ଯାଉଥିଲି । ତାମ୍ବୁଲ ପିକ ପକାଉଇ ॥

Digitized by PPRACHIN, SOA

ଦେଖି କୋପିଲେ ସୁନାସୀର । କି କର୍ମ କଲୁରେ ପାମର ॥
ଦେବତାମାନେ ଗୁଣ୍ଡ ବସି । ତୁ ମୂଢ଼ ସଭାମଧ୍ୟେ ଆସି ॥
ଉଚ୍ଛିଷ୍ଟ କଲୁ ସଭା ମୋର । ବନସ୍ତେ ହୁଅ ଅଜଗର ॥
ଇନ୍ଦ୍ର ଆଜ୍ଞାରେ ଆସି ଏଥେ । ସ୍ୱର୍ଗୁଁ ମୁଁ ହୋଇଲି ବନସ୍ତେ ॥
ଇନ୍ଦ୍ରଙ୍କୁ ପଚାରିଲି ମୁହିଁ । କେମନ୍ତେ ନିସ୍ତାର ମୁଁ ହୋଇ ॥
ଇନ୍ଦ୍ର ବୋଇଲେ ଶୁଣ ବାଘ । ତୁମ୍ଭେ ଯେ କଲ ମହାପାପ ॥
ନିସ୍ତାର ହୋଇବ ଯେମନ୍ତେ । ସେ କଥା କହୁଅଛୁ ତୋତେ ॥
ସତ୍ୟ ଯୁଗରେ ବୀରସେନ । ତାହାର ଏକଇ ନନ୍ଦନ ॥
ନାମ ହୋଇବ ନଳ ରଜା । ସୁଖେ ପାଳିବ ଜନପ୍ରଜା ॥
ରାଜ୍ୟ ହାରିବ ସେ ସଭୁରେ । ସେ ପୁଣି ଯିବ ବନଘୋରେ ॥
ଅଗ୍ନି ଉଠିବ ଅଦଭୁତେ । ବନସ୍ତ ଦହିବ ଭୁରତେ ॥
ଜାଣିବୁ ତେତେବେଳେ ତୁହି । ଅଗ୍ନି ଆସିବ ବନ ଦହି ॥
ଡାକିବୁ ନଳରଜା ରଖ । ଅଗ୍ନିରେ ପାଇ ବହୁ ଦୁଃଖ ॥
ଶୁଣି ଧାଇଁବେ ନଳନୃପ । ଦର୍ଶନେ ଯିବ ତୋର ପାପ ॥
ଦର୍ଶନ କରିବାର ମାତ୍ରେ । ପାପ ନ ଥିବ ତୋର ଗାତ୍ରେ ॥
ଆସି ବସିବୁ ସ୍ୱର୍ଗ ଗତେ । ଇନ୍ଦ୍ର ଯେ କହିଥିଲେ ମୋତେ ॥
ତେଣୁ ସେ ଡାକିଲଇଁ ତୋତେ । ମୁକତି ହୋଇବା ନିମନ୍ତେ ॥
ସ୍ୱରୂପ କଲି ତୋର ଦେହି । ମୋ ଦେହୁଁ କଷ୍ଟ ଯିବାପାଇଁ ॥
ବସ୍ତ୍ରେକ ଦେଉଅଛୁ ମୁହିଁ । ଯତନେ ରଖିଥାଅ ତୁହି ॥
ରୂପକୁ ଇଚ୍ଛା ହେଲେ ତୋର । ବସ୍ତ୍ର ପିନ୍ଧିବୁ ଏ ପ୍ରକାର ॥
ସର୍ପ ଯେ ବସ୍ତ୍ର ଆଣି ଦେଲେ । ନଳ ତା ନିକଟରୁ ଧଇଲେ ॥
ସର୍ପ ବୋଇଲା ନଳେ ତୁହି । ତୋ କଥା ମୋ କଥା ଯେ ଦୁଇ ॥
ଯେ ଏଥା ଶୁଣିବି କହଇ । ତାହାକୁ ଅପଘାତ ନାହିଁ ॥
ନଳକୁ ବସ୍ତ୍ର ଦେଇ କରି । ତକ୍ଷଣ ଗଲେ ସ୍ୱର୍ଗପୁରୀ ॥
ନଳ ଯେ ରହିଲେ ବନସ୍ତେ । ଧର୍ମ ସୁମରି ହୃଦଗତେ ॥
ଚଳନ୍ତି ଘୋର ବନସ୍ତରେ । ଏମନ୍ତେ ଗଲେ କେତେଦୂରେ ॥

Digitized by PPRACHIN, SOA

ଚଳନ୍ତେ ପଥ ବହୁଦୂର । ହୋଇଲେ ଅଯୋଧ୍ୟା ନଗର ॥
ଋତୁପର୍ଣ୍ଣ ବୋଲି ରାଜେଶ୍ବର । କୁବେର ଜିଣି ପଟାନ୍ତର ॥
କୃଷ୍ଣର କଥା ଗ୍ରହ ଭବା । ସେ ନ ଜାଣଇ ଅନ୍ୟ ସେବା ॥
ବଡ଼ ଧାର୍ମିକ ପୁଣ୍ୟବନ୍ତ । କୃଷ୍ଣ ଚରଣେ ତାର ଚିତ୍ତ ॥
ଆସ୍ଥାନେ ବସିଛନ୍ତି ରାଏ । ନଳ ହୋଇଲେ ସେହିଠାଏ ॥
ଋତୁପର୍ଣ୍ଣ ବୋଲେ ନଳ ଶୁଣି । କାହୁଁ ଆଇଲ ଦ୍ୱିଜ ଦେଖି ॥
ନାମ ତୁମ୍ଭର କହ କିସ । କେଉଁ ରାଜ୍ୟରେ ତୁମ୍ଭ ବାସ ॥
କି କାର୍ଯ୍ୟେ ଆସିଛ ଏଠାକୁ । ବଚନ କହ ହେ ଆମ୍ଭଙ୍କୁ ॥
ଶୁଣି ବୋଲନ୍ତି ନଳରାୟେ । ଆମ୍ଭେ ଯେ ରହିବୁ ଏଠାରେ ॥
ବିଦର୍ଭ ଦେଶେ ଘର ମୋର । ଦୁଃଖେ ଆଇଲୁଁ ଦେଶାନ୍ତର ॥
ରହିବି କହୁଛୁ ସେବା କରି । ଯେବେ ବୋଲିବ ଦଣ୍ଡଧାରୀ ॥
ଋତୁପର୍ଣ୍ଣ ବୋଲେ କିସ ସେବା । କାହିଁକି ପାରିବୁ ତୁ ଅବା ॥
ନଳ ବୋଲନ୍ତି ରାଜା ଶୁଣି । ବାଜି ସେବାକୁ ପାରେ ମୁହିଁ ॥
ଦିଅ ତୁ ଅନ୍ନ କହୁ ମୋତେ । ଏତେକ ମାଗୁଅଛୁ ତୋତେ ॥
ଭୁଆ ଖଣ୍ଡଏ ଅଧସେରେ । ଦିନକୁ ଦେଉଥିବୁ ମୋରେ ॥
ନବାତନରୁ କୁମ୍ଭ ଏକା । ପଖିବା ଦିଅ ମୋତେ ଶାକା ॥
ହବିଷ୍ୟ ଅନ୍ନ ମୋର ସେହି । ଏତେକ ମାଗୁଅଛି ମୁହିଁ ॥
ଋତୁପର୍ଣ୍ଣ ବୋଲେ ନଳେ ଶୁଣି । ଏହା ସେ ଦେବ ତୋତେ ମୁହିଁ ॥
ଭଣ୍ଡାରିଆକୁ ବେଗେ ରାଇ । ରାଜା ବୋଲନ୍ତି ତାକୁ ଚାହିଁ ॥
ଯୋଗାଡ଼ ପାକ ନେଲୁ ଯେତେ । ଏହାକୁ ଦେଉଥିବ ନିତ୍ୟେ ॥
କାଣ ଯେ କୁଜ ଯେଉଁ ଅଶ୍ବ । ଏହାକୁ ବେଗେ ଦେଇ ଆସ ॥
ଏ ଦୁଇ ଅଶ୍ବ ସେବାକର । ମନେ କରୁଛି ନ ବସ୍ତୁର ॥
ନଳ ଧଇଲେ ବାରୁ ଦୁଇ । ବାନ୍ଧିଲେ ଅଶ୍ବଶାଳେ ନେଇ ॥
ଯୁଧିଷ୍ଠି ବ୍ୟାସ ମୁଖ ଚାହିଁ । ଶୁଣିମା ସାବଧାନ ହୋଇ ॥
ଜାପ ଇଁ କଲେ ବାରୁସେବା । ଏହାର ଉଦନ୍ତ କହିବା ॥
ବ୍ୟାସ ବୋଲନ୍ତି ଶୁଣ ଦେବା । ଏଥିର ଉଦନ୍ତ କହିବା ॥

Digitized by PPRACHIN, SOA

ମାନ୍ୟ ନୋହିବା ପାଇଁ ନଳ । ସେବ ରହିଲେ ଅଶ୍ୱପାଳ ॥
ଏହା ବହୁର ନଳ ରାଜ୍ୟ । ଅଶେଷ ଭସ୍ମ ହୋଇ ରହେ ॥
ସନ୍ଧ୍ୟା ବୋଲି ଚହ୍ନି ନଦୀ । ଚନ୍ଦ୍ରଙ୍କ ଅସ୍ତ୍ର ଚହ୍ନି ଭେଦ ॥
ସ୍ନାହାନ କରି ଯିବା ବେଳେ । ଆମ୍ଭଙ୍କୁ ନିତ୍ୟ ସଙ୍ଗତରେ ॥
ବାର୍ଷ୍ଣେୟ ଯେ ରାଜା ସେ ନେଇ । ନଦୀ ତଟରେ ତାହା ଥୋଇ ॥
ନଳେ ସାରଇ ନିତ୍ୟକର୍ମ । ସୂର୍ଯ୍ୟଙ୍କୁ କରଇ ପ୍ରଣାମ ॥
ଅଶ୍ୱକୁ ପାଣିରେ ଯେ ଥୋଇ । ଜପ କରଇ ସୂର୍ଯ୍ୟ ଚାହିଁ ॥
ତୁଣ୍ଡେ ଜପଇ ହରିନାମ । ଜଳେ ସାରଇ ନିତ୍ୟକର୍ମ ॥
ସୂର୍ଯ୍ୟ ପାକରେ ଅନ୍ନ ହୋଇ । ରଙ୍ଗେ ଭୁଞ୍ଜଇ ସୁସ୍ଥ ହୋଇ ॥
ପୁଣି ପଶଇ ଜଳେ ଯାଇଁ । ଅଶ୍ୱକୁ ଗୋଡ଼ ମୁଖ ଧୋଇ ॥
ଆସି ହୁଅନ୍ତି ଅଶ୍ୱଶାଳେ । ରଥ ବହନ୍ତି ଜଳ ଗଳେ ॥
ବୋଲଇ ମୁହିଁ ମନ୍ଦ ହିନ । ମଣ୍ଡପେ ଗୁଡ଼ଣ ଅଇଲା ॥
କେଉଁକ ଗଲା କିସ କଲା । ଦୁଃଖ ତ ପାଇଲା ଅବଳା ॥
ମୁହିଁ ତ କଲି ମନ୍ଦ କର୍ମ । କାହିଁ ସହିବ ମୋତେ ଧର୍ମ ॥
ଗୁଡ଼ି ଅଇଲା ଏକା କରି । ଚିତ୍ତ ମୋ ହେଉଅଛି ହାରି ॥
ରଥରେ ଥୁଏ ଏହା ଘୋଷି । କ୍ଷଣେ ଶୁଅଇ କ୍ଷଣେ ବସି ॥
ଅଶ୍ୱ ଶାଳର ବାରୁଆଳେ । ଶୋଇ ଯେ ଥିଲେ ଖଣ୍ଡେଦୂରେ ॥
ତଳି ଚିହ୍ନେ ଲଣ୍ଡି ଗାଳି ଦ୍ୟନ୍ତି । କି ଗୋଳ କରୁଛ ବୋଲନ୍ତି ॥
କେ ଗଲା କାହିଁ ରହିଥିଲା । ତୋହର କିସ ଯେ ହୋଇଲା ॥
ରଥରେ ଚଢ଼ାଇ ତିନି ପନ୍ତି । ତେ ହର ଏମନ୍ତ ପ୍ରକୃତି ॥
ନିଦ୍ରା ନ ଯାଉ ଏକ କ୍ଷଣେ । ଘୋଷୁଛୁ ରାହ ଯିବା ମନେ ॥
କେହୁ ବୋଲନ୍ତି ବାଉ ଏହି । କେହୁ ଯେ ପୁଣ ଗାଳିଦେଇ ॥
କେ ବୋଲେ ସ୍ୱଭାବ ଏହାର । କେ ବୋଲିଲେ ହୁଏ ନିରନ୍ତର ॥
କେ ବୋଲେ ନଜାଣ ହେ ତୁମ୍ଭେ । ଏହା ଛନ୍ଦନ୍ତି ଜାଣୁ ଆମ୍ଭେ ॥
ଏ ମେଢ଼ା ଖାଇଛି ଚଞ୍ଚାଇ । ଡାହାଣ ଅଛଇ ବେଗୁରଇ ॥
ନୟନେ ନ ମାଡ଼ଇ ନିଦ୍ରା । ବାହୁକ ପ୍ରାୟେ ହୋଏ ମନ୍ଦ ॥

Digitized by PPRACHIN, SOA

ପୁଣି ହେ ବୋଲେ ଶୁଣଭାଇ । ତୁମ୍ଭର କର୍ଣ୍ଣ ତ ନଯାଇ ॥
ତାହାକୁ କମ୍ପା ତୁମ୍ଭେ ତଳ । ଏ କଥା ନୁହଇଟି ଭଲ ॥
ପ୍ରାଣୀଙ୍କି ଯେ କରଇ ନିନ୍ଦା । ତାକୁ ଲାଗଇ ପାପ ବାଧା ॥
ପ୍ରାଣୀଙ୍କି ଯେ ଦେଖଇ ହୀନ । ତାହାକୁ ଗଞ୍ଜି ଭଗବାନ ॥
ତୁମ୍ଭ ସୁଖରେ ତୁମ୍ଭେ ଥାଅ । ପରକୁ କମ୍ପା ଗାଳିଦିଅ ॥
ତୁମ୍ଭଙ୍କୁ କହୁଅଛୁ ହଠ । ନଷ୍ଟପ୍ରୁ ସ୍ୱର୍ଗ ଯିବ ଆଣ୍ଡ ॥
ମୋତେ ହସୁଅଛୁ ଏମନ୍ତ । ନଷ୍ଟପ୍ରେ ହୋଇବ ତେମନ୍ତ ॥
ରାଜା ଦେବଙ୍କ ଅଶ୍ୱ ରାନ୍ତୁ । ଚାଳିବା ପାଇଁ ଦେଇଅଛୁ ॥
ଏହାକୁ କହୁଅଛୁ ହସି । ଦେବ ହଂସକୁ ପ୍ରାୟେ ବସି ॥
ଅଶ୍ୱଙ୍କ ଗଲା କାଣ କୁଜ । ସତ୍ୟ ନୁହଇ ଅଶ୍ୱରାଜ ॥
ରାଜାର ଦରତନ୍ତ୍ର ପାଅ । ଅଦୋଷେ ତାକୁ ଗାଳିଦିଅ ॥
କେ ଅବା ଥାଇ କେଉଁ ଶାପେ । କପଟେ ଥାଇ ଗୋପ୍ୟ ରୂପେ ॥
ଏମନ୍ତେ ପାଇଲ ଉଜମ । ଦେବାଲେ ଶୁଣନ୍ତି ଶଙ୍ଖଧ୍ୱନ ॥
ରୁତୁପର୍ଣ୍ଣ ନିତ୍ୟକର୍ମ ସାରି । ଆସ୍ଥାନେ ଯାଇ ବଜେକରି ॥
ପାତ୍ର ସହିତେ ଅମାତ୍ୟେ । ଭେଟିଲେ ଆସି ନୃପନାଥେ ॥
ରୁତୁପର୍ଣ୍ଣ ବୋଲେ ନକ୍ଷତ୍ରେଶ୍ୱର୍ଯ୍ୟ । ଅଶ୍ୱ ଦେଖିବା ଭ୍ରମ ଯାଇ ॥
ହସ୍ତ ଦେଇଣ ପାତ୍ର ସ୍କନ୍ଧେ । ବିଜୟ କରିଣ ଆନନ୍ଦେ ॥
ବୋଲନ୍ତି ଦେଖ ଅଶ୍ୱ ତେଜ । କିବା ଅଟଇ ମୃଗରାଜ ॥
ଅଶ୍ୱ ମୁଁ ଦେଲ କୁଜ କାଣ । ସ୍ୱର୍ଗକୁ ଵଶିଲ ନିର୍ମାଣ ॥
ହରଷ ହୋଇଣ ନୃପତି । ନଳକୁ ହକାରିଲେ କତି ॥
ବୋଲନ୍ତି ଶୁଣ ଅଶ୍ୱପାଳ । ତୋତେ ମୁଁ ଦେଲି ଅଶ୍ୱଶାଳ ॥
ଅଶ୍ୱଶାଳରେ ସେନାପତି । ତୁଅ ତୁ ବୋଲନ୍ତି ନୃପତି ॥
ସକଳ ବାରୁଆଳ ତୋତେ । ସେବିଣ ଥିବେ ଅଧରତେ ॥
ଏମନ୍ତ ବୋଲିଣ ସମସ୍ତ । ବାରୁଆଳ ମାନ ସହିତ ॥
ସମର୍ପି ଦେଲେ ଜଣେ ଜଣେ । ବୋଲନ୍ତି ଶୁଣ ଏକମନେ ॥
ଏହାର ବୋଲରେ ଚଳିବ । ନିରନ୍ତେ ସେବା କରୁଥିବ ॥

Digitized by PPRACHIN, SOA

ଏମନ୍ତ କହି ନୃପବର । ଚଳଣି ଗଲେ ଅନ୍ତଃପୁର ॥
ନଳ ରହିଲେ ଅଶ୍ୱଶାଳେ । ସେହିଷଣ ଥାନ୍ତି ବହୁଆଳେ ॥
କହନ୍ତି ପରସ୍ପରେ ଜାଣ । ଏତେ ରଜାଙ୍କୁ ଏ କଷଣ ॥
ମାର୍କଣ୍ଡ ରାମ ଆଗେ କହି । ଶୁଣିଲୁଟିକ ମନଦେଇ ॥
ସମୁଦ୍ର କୂଳେ ଦାଶରଥି । ଯିବାକୁ ଉଦବେଗ ମତି ॥
ରହିଲେ ସୁଗ୍ରୀ ବିଭୀଷଣ । ଆବର ଜାମ୍ବେବ ସୁଷେଣ ॥
ଅଙ୍ଗଦ ଅଷ୍ଟ ସେନ ପତି । ହନୁ ପାଞ୍ଚଶ ଯୂଥପତି ॥
ଏହାଙ୍କୁ ପୃଚ୍ଛି ରଘୁନାଥ । ତେ ଲଙ୍ଘ କରିବା କେମନ୍ତ ॥
ସମୁଦ୍ର କେମନ୍ତ କରିବା । ଲଙ୍କାକୁ କେଉଁ ବାଟେ ଯିବା ॥
ଶୁଣି ତେ ଲଙ୍ଘ ସୁଗ୍ରୀବର । ଏହା ଜାଣନ୍ତି ଜାମ୍ବେଶ୍ୱର ॥
ଜାମ୍ବେବ କରଯୋଡ଼ି ଉକ୍ତି । ଶୁଣିବା ସାବଧାନ ହୋଇ ॥
ବାନର ଦଳ ସର୍ବେ ଯାନ୍ତୁ । ପର୍ବତ ଉପାଡ଼ି ଆଣନ୍ତୁ ॥
ନଳର କରରେ ଛୁଆଁଇ । ପକାଅ ସିନ୍ଧୁ ମଧ୍ୟେ ନେଇ ॥
ଜଳରେ ଗିରି ନବୁଡ଼ିବ । ଉପରେ ବନ୍ଧ ନର୍ମ ହେବ ॥
ନଳ ଯେ ବିଶ୍ୱକର୍ମା ସୁତ । ତେଣୁ ଉପୁଜିବ ଅଦ୍ଭୁତ ॥
ଶୁଣି ସାନନ୍ଦ ସର୍ବ ବୀରେ । ନମିଲେ ରାଘବ ପଦ୍ମରେ ॥
ପ୍ରତିଜ୍ଞା କରି ଉଠିଗଲେ । ଯେଝାରେ ଗିରି ଉପାଡ଼ିଲେ ॥
ପର୍ବତମାନ ଶିରେ ଧରି । କରେ ପର୍ବତ ଜପାମାଳି ॥
କୋଟି ପର୍ବତ ହୃଦେ ହାଉ । ସହସ୍ରେ ଜାଙ୍ଗଲେ କାଖର ॥
ବିଶେଷ କହିବଇଁ କେତେ । ଜାହାକୁ ମାରି ପଦାଘାତେ ॥
ମହୋଦଧିର ତଟେ ନେଇ । ବାନ୍ଧନ୍ତି ନଳକୁ ଛୁଆଁଇ ॥
ଲଙ୍କାକୁ ଯିବେ ରାମଥ ଠ । ସିନ୍ଧୁ ନ ଦେଲେ ଯହୁଁ ବାଟ ॥
ସେ ହେତୁ ବାନ୍ଧିଲେକ ବନ୍ଧ । ନାମ ତା ଦେଲେ ସେତୁ ବନ୍ଧ ॥
ରାବଣ ପାଇଲା ବାରତା । ମନରେ କଲା ବହୁ ଚିନ୍ତା ॥
ମନ୍ତ୍ରୀଙ୍କି ବୋଲେ ବେଗେଯାଅ । ମୋତେ ବୋଇଲା ବୋଲି କହ ॥
କୋଧିଣ ଆଦି ବିଭୀଷଣ । ଆବର କଳବଟି ସୈନ୍ୟ ॥

Digitized by PPRACHIN, SOA

ଆଜ୍ଞା ପ୍ରମାଣେ ମନ୍ତ୍ରୀ ଗଲେ । ସିନ୍ଧୁ ତଟରେ ଯାଇ ଦେଖିଲେ ॥
ଶୁକ ଶାରଣ ମନ୍ତ୍ରୀବର । ଛଦ୍ମରେ ହୋଇଲେ ବାନର ॥
ବିଭୀଷଣଙ୍କ ଆଗେ ଯାଇ । କହନ୍ତି ଅନେକ ବୁଝାଇ ॥
ଅଇଲୁ ତୁମ୍ଭଙ୍କୁ ଅନାଇ । ରାବଣ କହିଲା ବଚନ୍ତି ॥
ଅଇଲୁ ତୁମ୍ଭଙ୍କୁ ନେବାକୁ । ରାବଣ ପେଷିଛି ଆମ୍ଭଙ୍କୁ ॥
ଶୁଣି କୋପିଲା ବିଭୀଷଣ । ମନ୍ତ୍ରୀଙ୍କ କଲା ବନ୍ଧନ ॥
ଶ୍ରୀରାମ ଆଗେ ନେଇ ଦେଲା । ରାବଣ ଦୂତ ଏ ବୋଇଲା ॥
ହେ ଦେବ ଏହାକୁ ମୁଁ ନେବି । ସେତୁ ବନ୍ଧକୁ ପୂଜା ଦେବି ॥
ଶୁଣି ବିକଳ ଦାଶରଥି । ବୋଇଲେ ନୁହଇ ଯୁକତି ॥
ଦୂତ ଅଦଣ୍ଡ ସବୁଠାରେ । ଦୂତକୁ କହନ୍ତି ମଧୁରେ ॥
କହିବ ରାବଣ ଅଗ୍ରତେ । ସୀତାକୁ ସମର୍ପିଲେ ମୋତେ ॥
ନିଶ୍ଚିନ୍ତେ ଲଙ୍କାପୁରେ ଥିବ । ନ ଦେଲେ ପ୍ରାଣ ନାଶିଯିବ ॥
ଏମନ୍ତ କହି ଛାଡ଼ିଦେଲେ । ଦୂତେ ଲଙ୍କାକୁ ପଳାଇଲେ ॥
କହିଲେ ରାବଣ ଆଗର । ଶତ୍ରୁ ଅଧିକ ଘୋର ହେଉଛି ॥
କଳନା ନ ଗଲା ସେ ଥାଟ । ରହି ଅଛନ୍ତି ସିନ୍ଧୁତଟ ॥
ବାନ୍ଧ ବାନ୍ଧନ୍ତି ସିନ୍ଧୁପାଣି । ପର୍ବତ ପକାଅନ୍ତି ଆଣି ॥
ଶୁଣି ବିସ୍ମୃତ ଦଶଶିର । ମନରେ କରଇ ବିଚାର ॥
ପୁଷ୍ପକ ବିମାନରେ ଚଢ଼ି । ଶୂନ୍ୟ ମାର୍ଗରେ ଗଲା ଉଡ଼ି ॥
ରହିଣ ଗଗନ ମାର୍ଗରେ । ଶ୍ରୀରାମ ସୈନ୍ୟ ଦେଖି ଚାହିଁଲେ ॥
ରାବଣ ଛତ୍ରର ଛାୟାରେ । ଗଗନେ ଛନ୍ନ ଦିବାକରେ ॥
ଶ୍ରୀରାମ ଗଗନକୁ ଚାହିଁ । ବୋଲନ୍ତି ସୁଗ୍ରୀବ ଅନାଇ ॥
କାହିଁ ଅଦୃଶ୍ୟ ଦିବାକର । ସମସ୍ତେ କରନ୍ତି ବିଚାର ॥
ଜାଣିଲା ରାବଣର ଭାଇ । କହନ୍ତି ଯୋଡ଼ି କର ଦୁଇ ॥
ହେ ଦେବ କରୁଣା ବାରିଧି । ମୁହିଁ ଜାଣଇ ଏଥି ସନ୍ଧି ॥
ରାବଣ ଗଗନେ ରହିଛି । ତୁମ୍ଭର ସୈନ୍ୟ କଳୁଅଛି ॥
ଲକ୍ଷେ ନୃପତି ରଣେ ଜିଣି । ଛତ୍ର ଧରାଇ ଶିରମଣି ॥

Digitized by PPRACHIN, SOA

ଛତ୍ର ସ୍ଥାସ୍ଥାରେ ଚନ୍ଦ୍ର ସୂର୍ଯ୍ୟ । ଶୁଣିମା ହେଲ ଦେବରାଜ ॥
ଶୁଣି ରାଘବ କୋପ କଲେ । କଡ଼ୁଶ୍ରୀ ନାରାଚ ସନ୍ଧିଲେ ॥
ଏକା ନାରାଚେ ଲକ୍ଷେ ଛତ୍ର । ଛେଦ କରାନ୍ତେ ଦାଶରଥି ॥
ନକ୍ଷତ୍ର ପ୍ରାୟେ ଶୂନ୍ୟ ଖସି । ପଡ଼ିଲେ ସିନ୍ଧୁଜଳେ ଆସି ॥
ଆଜଣ୍ଠି ଜଳେ ଦେଖନ୍ତି । ରାବଣ ଛତ୍ର ସେ ବୋଲନ୍ତି ॥
ଦେଖି ହାସିଲ୍ଲ ଦଶଶିର । ପଳାଇ ଗଲ୍ଲ ଲଙ୍କାପୁର ॥
ଦେଖି ଜାଣିଲେ ବିଭୀଷଣ । ଝଟ୍ଟେ ଅଠନ୍ତି ନାରାୟଣ ॥

ସମସ୍ତେ ଧନ୍ୟ ଧନ୍ୟ କଲେ । ଦେବେ କୁସୁମ ବରଷିଲେ ॥
ସେ ବାଳିବନ୍ଧ ନଷ୍ଟ କଲେ । ସମସ୍ତେ ଆନନ୍ଦ ହୋଇଲେ ॥
ଜାମ୍ବେବ ବାକ୍ୟେ ରଘୁନାଥ । ଦେଖିଲେ ଅନୁକୂଳ ପଥ ॥
ଚଳାଇ ଗଲେ ସୈନ୍ୟ ଘେନି । ଶାବଦେ କର୍ମଇ ମେଦିନୀ ॥
ହେଳେ ଲଙ୍ଘିଲେ ସିନ୍ଧୁ ବାରି । ରହିଲେ ସୁବଳାୟୁ ଗିରି ॥
ସମସ୍ତେ ଯହୁଁ ଠୁଳ ହେଲେ । ହନୁକୁ ଶ୍ରୀମ ଆଜ୍ଞା ଦେଲେ ॥
ବେଗେ ଲଙ୍ଘିଲେ କର ଗଡ଼ । ନଶୋଧ କର କପି ଗଡ଼ ॥

ଆଜ୍ଞା ପ୍ରମାଣେ ବାନସୁତ । ଉପ୍ରର୍ଗ କଲ୍ଲ ତାଳ ସାତ ॥
ରାବଣ ଦୂତେ ତାହା ଦେଖି । ବେଗେ ଧାଇଁଲେ ଊର୍ଦ୍ଧ୍ୱମୁଖୀ ॥
କହିଲେ ରାବଣ ଆଗର । ଶୁଣିଲ୍ଲି ଲଙ୍କାର ଠାକୁର ॥
ସମୁଦ୍ର ବାନ୍ଧି ରଘୁନାଥ । ସଙ୍ଗରେ ଅପ୍ରମିତ ଥାଟ ॥
ଇଙ୍ଗିତେ ଲଙ୍ଘିଲେ ସାଗର । ରହିଲେ ସୁବଳାୟୁ ପର ॥
ଶୁଣି ରାବଣ ଅତି ବେଗେ । ନରୋଧ କଲ୍ଲ ଚଉଦିଗେ ॥
କହନ୍ତି ବେଦବ୍ୟାସ ଯତି । ଶୁଣ ତୁ ଧର୍ମର ସନ୍ତତି ॥

ଶ୍ରୀରାମ ଉତ୍ପତ୍ତି ଏସନ । ନଳର ଏମନ୍ତ କଷଣ ॥
ଅଭୀଷ୍ଟ କର ଯେ ଶୁଣନ୍ତି । ମହା ବିପତ୍ତିରୁ ତରନ୍ତି ॥
ଶିଶୁ ଈଶ୍ୱର ନାମ ମୋର । ଶରଣ ଗଲି ଚକ୍ରଧର ॥
ନୈର୍ଯ୍ୟେ ଚିନ୍ତିଲି ଶରଣ । ମୋତେ ଉଦ୍ଧାର ନାରାୟଣ ॥

Digitized by PPRACHIN, SOA

ସୁଜନେ ନ ଧରିବା ଦୋଷ । ପଞ୍ଚମ ଅଧ୍ୟା ହେଲା ଶେଷ ॥
ଇତି ଶ୍ରୀ ନଳରାଜା ଚରିତ୍ରେ ଈଶ୍ୱର ଦାସ କୃତେ ବ୍ୟାସ
ଧର୍ମ ମାର୍କଣ୍ଡ ଶ୍ରୀରାମ ସମ୍ବାଦେ ଶ୍ରୀରାମ ବନବାସେ ସମୁଦ୍ର ବନ୍ଧନେ
ସୁବାହୁପୁରେ ପ୍ରବେଶ ନଳ ବନବାସେ ଅଯୋଧ୍ୟା ପ୍ରବେଶ
ନାମ ପଞ୍ଚମୋଽଧ୍ୟାୟଃ ।

—o—

ଷଷ୍ଠ ଅଧ୍ୟାୟ

ଧର୍ମ ଉବାଚ

ଯୁଧିଷ୍ଠିର ମୁନିପାଦେ ପଡି । ଉଠି ମସ୍ତକେ କରଯୋଡି ॥
ହେ ମୁନି ଅସମ୍ଭବ ଖ୍ୟାତି । ଶୁଣିଲେ ନଳର ବିପତ୍ତି ॥
ନୃପତି ବାହୁଆଳ ଯହୁଁ । ଏଥୁ କଷଣ କାହିଁ ଆଉ ॥
କେମନ୍ତେ ଭେଟହେଲେ ବେନି । ଏଥି ଚରିତ କହ ମୁନି ॥
ଧର୍ମ ବଚନେ ତପୋନିଷ୍ଠି । ବୋଲନ୍ତି ଶୁଣ ହେ ଯୁଧିଷ୍ଠି ॥
ଆଗେ ମୁଁ କହିଅଛି ତୋତେ । ଭୀମ ଯେ ପେଷିଥିଲା ଦୂତେ ॥
ନଳ ଦମୟନ୍ତୀ ବନେ ଯାନ୍ତେ । ତାହାଙ୍କୁ ଖୋଜିବା ନିମନ୍ତେ ॥
ସେହି ବ୍ରାହ୍ମଣ ଅନୁସରି । ଖୋଜଇ ରାଜ୍ୟ ରାଜ୍ୟ ହେରି ॥
ବନେ ନ ପାଇ ନଳରାୟେ । ଖୋଜି ବୁଲଇ ଠାଏ ଠାଏ ॥
ସୁଦେବ ବୋଲାଣ ବ୍ରାହ୍ମଣ । ହୋଇଲେ ମାଳକ୍ଷେତ୍ରେ ଜାଣ ॥
ଖୋଜଇ ଗ୍ରାମେ ଗ୍ରାମେ ହେରି । ନଳ ଦମୟନ୍ତୀ ଅନୁସରି ॥
ଖୋଜନ୍ତେ ଦେଶେ ନପାଇଲେ । କଟକେ ପ୍ରବେଶ ହୋଇଲେ ॥
ଖୋଜଇ ଚଉଆଡେ ପଶି । କ୍ଷଣେହେଁ ନ ପାରଇ ବସି ॥
ଭିକ୍ଷା ମାଗଇ ଘରେ ଘରେ । ଖୋଜଇ ଏହି ଛଳକାରେ ॥
ଇତ୍ୟାଦି ଘରେ ଖୋଜଗଲେ । ନ ପାଇ ବିମୁଖ ହୋଇଲେ ॥
ବିଚାର କରଇ ମନର । କାହିଁ ଦେଖିବି ନୃପବର ॥
ବୋଲଇ ଖୋଜିବି ଯେ କାହିଁ । ରାଜା ନଗରେ ଅଛି ଥାଇ ॥
ଏତେ ବୋଲିଣ ବିପ୍ର ଗଲା । ନ ପାଇ ବିମୁଖ ହୋଇଲା ॥

Digitized by PPRACHIN, SOA

ଏମନ୍ତ ବୋଲି ପୁଣ ଗଲା । ସୁବାହୁ ନଗରରେ ମିଳିଲା ॥
ସେ ଦିନ ରାଜମାତା ରଞ୍ଜି । ବିପ୍ର ଡାକିଣ ଦାନ ଦେଇ ॥
ତା ଦେଖି ସୁଦେବ ବ୍ରାହ୍ମଣ । ଦାନ ଘେନନ୍ତେ ଆଗମନ ॥
ରାଜମାତାଙ୍କ ଆଗେ ଯାଇ । ଶଙ୍କଳ୍ପ କନ୍ୟା ଦାନ ପାଇଁ ॥
ଏହି ସମୟରେ ଦମନ୍ତୀ । ସୁପ୍ରଭା ସଙ୍ଗରେ ଯାନ୍ତି ॥
ମିଳିଲେ ରାଜମାତା ପାଶେ । ଦାନ ଦେଖନ୍ତି ମନ ତୋଷେ ॥
ସୁଦେବ ଦେଖି ବିସ୍ମୟଇ । ଦମନ୍ତୀ ପରାୟେ ଦିଶଇ ॥
ପୁଣି ବିଷ୍ଟରେ ବିଜୟନ୍ତି । ନିଶ୍ଚେ ଏ ନଳରାଜା ରାଣୀ
ଦେଖି ବୋଲନ୍ତି ହୋଧଭରେ । କାହିଁ ନ କରନ୍ତି ଈଶ୍ୱରେ ॥
ଦମନ୍ତୀ ବିପ୍ର ମୁଖ ଚାହିଁ । କାନ୍ଦଇ ଶୋକଭର ହୋଇ ॥
ଦେଖି ଚକିତ ସର୍ବେ ହୋନ୍ତି । ବିପ୍ରକୁ ପୁଚ୍ଛିଣ ବୋଲନ୍ତି ॥
ବିପ୍ରକୁ ବୋଲେ ରାଜମାତା । ଅତି ବିପରୀତ ଏ କଥା ॥
ସାଧୁ ସୁବୁଦ୍ଧି ସତ୍ୟାସ୍ତର । ସୂର୍ଯ୍ୟ ବଂଶରେ ଅବତାର ॥
ନାମ ତାହାଙ୍କ ନଳରାଜା । ଧର୍ମ ସ୍ୱରୂପୀ ମହା ତେଜା ॥
ତୁମ୍ଭେ ଅଇଲ ଦାନ ନେଇ । ତୁମ୍ଭଙ୍କୁ ଦେଖିଲେ କାନ୍ଦଇ ॥
ବିପ୍ର ବୋଲଇ ଶୁଣ ମାଏ । କହିବା ତାହାର ସଂଶୟେ ॥
ବିଦର୍ଭ ଦେଶେ ନୃପବର । ଷହୀ ଉଣକୁ ଅନ୍ତର ॥
ସେ ନଳ ରାଜା ଅତି ଚୋର । ମୋହୁ ଅଛନ୍ତି ଅପସର ॥
ତାହାଙ୍କ ଭାରଯା ଏ ନାରୀ । ଭୀମ ରାଜାର ଏ କୁମାରୀ ॥
ଦମନ୍ତୀ ବୋଲି ଏହା ନାମ । ପତିବ୍ରତାଙ୍କ ଏ ଉତ୍ତମ ॥
ନଳରାଜା ପାଟମହିଷୀ । ନିତ୍ୟ ଖଟନ୍ତି ଶତେ ଦାସୀ ॥
ଏହାଙ୍କ ସ୍ୱାମୀ ଯୁତେ ହାରି । ରାଜ୍ୟ ଛାଡ଼ିଣ ଦିଗମ୍ବରି ॥
ଏହାଙ୍କ ପିତା ମାତା ଶୋକେ । ଦୂତ ବରଗି ଚଉପାଶେ ॥
ପୂଜନ୍ତି ଶଙ୍କର ଚଉଷଷ୍ଠି । ବର ମାଗନ୍ତି ସ୍ତୁତି କରି ॥
ବୋଲନ୍ତି ହେ ଦେବ ଶଙ୍କର । ପାବଣି ପ୍ରାଣର ଈଶ୍ୱର ॥
ନଳ ବାହୁଡ଼ି ବେଗେ ଯାଉ । ଏମନ୍ତ ଆଜ୍ଞା ବେଗେ ହେଉ ॥

Digitized by PPRACHIN, SOA

ନଗ୍ର ଗୁଣ୍ଡିଣ ପିତା ମାୟେ । ଈଶ୍ୱର ପାଦେ କଲେ ଲୟେ
ଏହାଙ୍କୁ ଖୋଜିବା ନିମନ୍ତେ । ରାଜା ପ୍ରେଷି ଅଛନ୍ତି ମୋତେ
ଅନେକ ଦେଶ ମୁଁ ବୁଲିଲି । ନଳଙ୍କୁ କାହିଁ ନ ଦେଖିଲି
କି ଭାଗ୍ୟେ ଅଇଲି ଏଥିକି । ଆଜ ଦେଖିଲି ଦମୟନ୍ତୀକି
ବ୍ରାହ୍ମଣ କହନ୍ତେ ବାରତା । ଶୁଣି ସାନନ୍ଦ ରାଜମାତା
ବୋଲନ୍ତି କି ଗୋ ହୁଏ କି ଏ । ଜଣା ନୋହିଲା ଆଜଯାଏ
ଭ୍ରାତ ଦୁହିତା ଏ ମୋହର । ଗୋପ୍ୟେ ରହିଲା ଆମ୍ଭପୁର
କୋଳରେ ବସାଇ ଦମନ୍ତୀ । ଆନନ୍ଦେ ମୁଖେ ଚୁମ୍ବ ଦ୍ୟନ୍ତି
ଶୁଣି ଧାଇଁଲେ ନର ନାରୀ । ଆନନ୍ଦ କେହୁ କହିପାରି
ସୁବାହୁ ଆସ୍ଥାନରେ ଥିଲେ । ବାରତା ପାଇଣ ଧାଇଁଲେ
ଦମନ୍ତୀ ପଦତଳେ ପଡ଼ି । ସ୍ତୁତି କରନ୍ତି କରଯୋଡ଼ି
ବୋଲଇ ମୁହିଁ ମନ୍ଦ କଲି । ସେବା ମୁଁ କରି ନ ପାରିଲି
ପୂର୍ବ ମୋହର ଭାଗ୍ୟଥିଲା । ତୋ ପାଦ ମୋ ପୁରେ ପଡ଼ିଲା
ସୁଦେବ ବୋଲେ ରାଜା ଆଗେ । ଦମନ୍ତୀ ପଠିଆଣ ବେଗେ
ବିପ୍ର ବଚନେ ଦଣ୍ଡଧାରୀ । ସ୍ନାନ ଭୋଜନ ବେଗେ ସାରି
ବାହୁକ ଡାକ ଆଜ୍ଞା ଦେଲେ । ରତ୍ନ ହାନ୍ଦୋଳାରେ ବସିଲେ
ରାଜା ଆଜ୍ଞାରେ ବେଗେ ଗଲା । ଦମନ୍ତୀ ସ୍ନାନ କରାଇଲା
ବିବିଧ ଅଳଙ୍କାର ଦେଇ । ବେଶ କରନ୍ତି ମନ ମୋହି
ଝୀନ ବସନ ପିନ୍ଧାଇଲେ । କୁସୁମ କବରୀ ସାଜିଲେ
ମନୋହି ସାଜିଣ ଦମନ୍ତୀ । ସର୍ଖୀରେ ଝିଜପୁ କରନ୍ତି
ସୁପ୍ରଭା କରି କରେ ଧରି । ହାନ୍ଦୋଳ ଠାରେ ବିଜେକରି
ସବୁ ମେଲଣୀଙ୍କୁ ମାଗିଲେ । ହାନ୍ଦୋଳା ମଧ୍ୟେ ବିଜେକଲେ
ଆଗ ପଛରେ ଶତେ ଆଳି । ଦ୍ୟନ୍ତି ମଙ୍ଗଳ ହୁଳହୁଳି
ନବରୁ ହୋଇଲେ ବାହାର । ଆନନ୍ଦ ହୋଇଲେ ମନର
ସୁଦେବ ବ୍ରାହ୍ମଣେ ରାଜନ । ଦେଲେ ବହୁତ ଧନରତ୍ନ
ସନ୍ତୋଷେ ମେଲାଣି ହୋଇଲେ । ହାନ୍ଦୋଳ ଆଗରେ ରହିଲେ

Digitized by PPRACHIN, SOA

ଚଳନ୍ତି ରଥ ଦବା ହୋଇ । କୁଣ୍ଡୀ କଟକେ ହେଲେ ଯାଇଁ ॥
ଦେଖିଲ୍ଲ ରଜାର ନଗର । ବେଗେ ଧାଇଁଲ୍ଲ ଧାତ୍ରିକାର ॥
ନୃପତି ଆଗେ ଯାଇଁ କହି । ଶୁଣିବା ସାବଧାନ ହୋଇ ॥
ସୁଦେବ ଦମୟନ୍ତୀକି ଘେନି । କଟକେ ପଶ ଏମନ୍ତ ଶୁଣି ॥
ଶୁଣି ସାନନ୍ଦ ନୃପବର । କଢ଼ାଇ ଦେଲେ ରତ୍ନଘର
ଏମନ୍ତେ ସୁଦେବ ଯେ ଯାଇ । ଭୀମ ରଜାର ଆଗେ ହୋଇ ॥
ରଜା ଉଠିଲ୍ଲେ ଧାତ୍ରିକାର । ବିପ୍ରଙ୍କୁ କଲେ ନମସ୍କାର ॥
ଦମୟନ୍ତୀ ପିତା ପାଦ ଧରି । କାନ୍ଦଇ ଶୋକ ନାଦ କରି
ଚୋଳ ଧଇଲ୍ଲେ ନୃପବର । ରାଣୀ ଧଇଲ୍ଲେ ଧାତ୍ରିକାର ॥
ମାତାର ଚରଣେ ପଡ଼ିଲ୍ଲେ । ବିକଳେ ଅନେକ ରୋଦିଲ୍ଲେ ॥
ଶୋକ ତା ହେଉ ପାରିବ କହି । କାନ୍ଦଇ ଜେମା ରବଦେଇ ॥
ଦେଖଣାହାରି ଯେତେ ଥିଲ୍ଲେ । ସମସ୍ତେ ବିକଳ ହୋଇଲେ ॥
ବୋଧୁ ଅଛନ୍ତି ଭୀମ ରାୟେ । ଶୋକ ନକର ମୋର ମାୟେ ॥
ଈଶ୍ୱର ସୁମରଣା କର । ଦୁଃଖ ତୋ ଖଣ୍ଡିବେ ତୋହର ॥
ନଳକୁ ଅଣାଇବା ଖୋଜ । ଗିରି ଦୁର୍ଗମ ବନେ ହେଜ ॥
ଏମନ୍ତ କହି ଶାନ୍ତ କଲ୍ଲେ । ଆନନ୍ଦ ସମସ୍ତେ ହୋଇଲ୍ଲେ ॥
ସୁଦେବ ମାଗିଣ ମେଲାଣି । ନିଜ ଭୁବନେ ଗଲେ ପୁଣି ॥
ପୁଣ୍ୟ ଦୁହିତା ବେଗେ ଗଲ୍ଲେ । ଦମୟନ୍ତୀ ଚରଣେ ପଡ଼ିଲ୍ଲେ ॥
ପୁଣ୍ୟ ଦୁହିତାକୁ ଦେଖିଲ୍ଲେ । ଥୋକାଏ କ୍ରୋଧ ଶାନ୍ତ କଲ୍ଲେ ॥
କୋଳରେ ଧଇଲ୍ଲେ ନନ୍ଦନ । ବଦନେ ଦେଲେକ ଚୁମ୍ବନ ॥
ଅନ୍ତଃପୁରକୁ ମାୟେ ନେଲେ । ସ୍ନାନ ଭୋଜନ କରାଇଲ୍ଲେ ॥
ଆସିଣ ଥିଲେ ଦାସୀ ଯେତେ । ରହିଲ୍ଲେ ଦମୟନ୍ତୀ ସଙ୍ଗତେ ॥
କହନ୍ତି ପାରେଶ୍ୱର ନାମ । ଏମନ୍ତେ ଗଲ କେତେ ଦିନ ॥
ଶ୍ରୀଧର ନାମେ ଏକ ଦ୍ୱିଜ । ତାହାଙ୍କୁ ରାଇ ନୃପରାଜ ॥
ବହୁତ ଧନ ତାକୁ ଦେଲେ । ନଳକୁ ଖୋଜିବ ବୋଇଲ୍ଲେ ॥
ରଜା ଆଜ୍ଞାରେ ବିପ୍ର ଗଲେ । ବହୁତ ଦେଶ ସେ ଖୋଜିଲେ ॥

Digitized by PPRACHIN, SOA

ଅଙ୍ଗ ଯେ ବଙ୍ଗ ମର୍ଙ୍ଗରାଷ୍ଟ୍ର । କଳିଙ୍ଗମାନ ସଉରାଷ୍ଟ୍ର ॥
ସିନ୍ଧୁ ଗୁଜର ଗୁଞ୍ଜିଗଳ । କର୍ଣ୍ଣାଟ ମରହଟ୍ଟା ନେପାଳ ॥
ଚୋଳ ଚଉଙ୍ଗ ସେ ଦ୍ରାବିଡ଼ । ମଲ୍ଲ ର ରାଷ୍ଟ୍ର ଯେ ଜଉଙ୍ଗ ॥
ଏହି ପ୍ରକାରେ ରାଜ୍ୟେ ରାଜ୍ୟ । ବୁଲି ଖୋଜଇ ଣ୍ଣାପୁରୋହିକ ॥
ମିଥିଲା ଖୋଜ ବାହୁଡ଼ିଲେ । ଅଯୋଧ୍ୟା ପ୍ରବେଶ ହୋଇଲେ ॥
କଢ ବକାଢ ଗ୍ରାମଂ ଘର । ଖୋଜଇ ଠାବ ଅନୁସର ॥
ନ ପାଇ ମନେ ବିସ୍ମରଇ । କାହୁଁ ଖୋଜନ୍ତି ଆଜ୍ଞା ମୁହିଁ ॥
ରାଜ ହୋଇଲ୍ଲ ଆସି ଏଥେ । କାହିଁ ରହିବ ମୂର୍ତ୍ତି ସୁସ୍ଥେ ॥
ଠାବ ନ ପାଇ ବିପ୍ର ତହିଁ । ରହିଲ୍ଲ ଅଶ୍ୱଶାଳେ ଯାଇ ॥
ତପଣ କରି ତହିଁ ନେଯ । ଉପବାସେ ରହିଲ୍ଲ ଦ୍ୱିଜ ॥
ରାଜ ହୋଇଲ୍ଲ ଆସି ଅର୍ଦ୍ଧ । କ୍ଷୁଧାରେ ନ ମାଡଇ ନିଦ ॥
ଏମନ୍ତେ ନଳ ଭଜାଗର । ବୋଲଇ କି ବୁଦ୍ଧି ମୋହର ॥
ମନ୍ତ୍ରପେ ମୋର ହ୍ରିଷ ଗୁଡ । କରି ଅଇଲ ନ ବିଗ୍ଭର ॥
କେଣିକି ଗଲ୍ଲ କସ କଲ୍ଲ । ବିଧାତା ଏତେ ଦୁଃଖ ଦେଲ୍ଲ ॥
ବ୍ୟାଘ୍ର କି ଭଲ୍ଲୁକ ଖାଇବ । ଏହା ସେ କଲ୍ଲକ ଦଇବ ॥
ଜନମୁ ସୁକୁମାର ସେହୁ । ଦୁଃଖ କି ସହିବ ଯେ ଆଉ ॥
ସଙ୍କେତ ଲେଖିଛି ବସ୍ତରେ । ଯାଅ କୋଳଣ ପିତା ଘରେ ॥
ଯଥ ସେ କେମନ୍ତ ଜାଣିବ । ବନସ୍ତେ ବଣା ହୋଇଯିବ ॥
ମୁଁ ତ ଅଇଲା ତେଜ୍ୟା କରି । ବିଧାତା କଲ୍ଲ ଏତେ ସରି ॥
ବ୍ରାହ୍ମଣ ଶୁଣିଣ ହରଷ । ଯାଇ ବସିଲ୍ଲ ନଳ ପାଶ ॥
ଶୁଣାଇ ଘାବନ ମଳର । ବିଗୁର କରଇ ମନର ॥
ଘଟୁ ଅଇଲ କେଉଁ ଯୋଗେ । ଭେଟ ହୋଇଲ୍ଲ ନଳ ଭାଗ୍ୟେ ॥
ନଳଙ୍କୁ ସଙ୍ଗେ ଘେନିଯିବ । ଭୀମ ରାଜାଙ୍କୁ ସମର୍ପିବ ॥
ରାଜା ଯେ ହୋଇବେ ହରଷ । ମୋତେ ସେ ଦେବେ ଧନଦେଶ ॥
ଏମନ୍ତେ ପାହିଲ୍ଲ ରଜନୀ । ସ୍ୱରୂପେ ନିରେଖଇ ପୁଣି ॥
ବିରୂପ ଦେଖିଣ ତାହାର । ବିପ୍ର ଯେ ବିସ୍ମୟେ ମନର ॥

Digitized by PPRACHIN, SOA

ବ୍ରାହ୍ମଣ ମନେ ତାପକରି । ପାଖର ଲୋକଙ୍କୁ ପଚ୍ଛରି ॥
ବ୍ରାହ୍ମଣେ ବୋଲନ୍ତି ଏମନ୍ତ । ତୁମ୍ଭେ କି ଜାଣ ହୋ ବୃତାନ୍ତ ॥
ଲୋକେ ବୋଲନ୍ତି ଶୁଣ ତୁମ୍ଭେ । କଥାଏ ଭଲେ ଜାଣୁ ଆମ୍ଭେ ॥
ଏହାର ପ୍ରକୃତି ଯେ ଏହି । ରାତ୍ର ଦିବସ ହେଉଥାଇ ॥
ବାତୁଳ ମତି ଯେ ଏହାର । ବଜାଉଥାଏ ନିରନ୍ତର ॥
ବ୍ରାହ୍ମଣ ଶୁଣି ଏ ସନ୍ଦେଶ । ମନରେ ହୋଇଲା ହରଷ ॥
ନିର୍ଗତ ହୋଇ ତହୁଁ ଯାଇ । ରାଜ୍ୟକୁ ଯିବା ବିଚାରଇ ॥
ରାଜାକୁ କି କହିବି ବୋଲି । ବିଅର୍ଥ ହେଲା ଏତେ ବୁଲି ॥
ଭେଟ ନୋହିଲା ରାଜ୍ୟେ ନଳ । ଖୋଜନ୍ତେ ପୂରିଲା ମୋ କାଳ ॥
ଆଜ ମୁଁ ନ ପାରିବି ଖୋଜି । ରାଜ୍ୟକୁ ଯିବି ପଥ ହେଜି ॥
ଏତେ ବିଚାରି ବିପ୍ର ଦେବା । ପଥ ଚାଲଇ ରାତ୍ର ଦିବା ॥
ବହୁତ ଦିନେ ତହୁଁ ଗଲା । କୁଣ୍ଡୀ କଟକେ ତହୁଁ ହେଲା ॥
ମିଳିଲା ଭୀମ ରାଜା ଆଗେ । ରାଜା ପଚାରିଲେ ସରାଗେ ॥
ସନ୍ଦେଶ କହି ନୃପବର । ନଳ ନୃପତି ସମାଚାର ॥
ବ୍ରାହ୍ମଣେ ବୋଲେ ଶୁଣ ତୁମ୍ଭେ । ଅନେକ ଖୋଜିଲୁ ଯେ ଆମ୍ଭେ ॥
ନ ପାଇ ଅଯୋଧ୍ୟାକୁ ଗଲୁ । ଅନେକ ପ୍ରକାରେ ଖୋଜିଲୁ ॥
ରାଜା ନଗରେ ଯାଇ ଖୋଜି । ବହୁତ ମନେ ମନେ ହେଜି ॥
ବାରୁଶାଳାରେ ହେଲୁ ଯାଇଁ । ଶୟନ କରିବାର ପାଇଁ ॥
ତହିଁ ଅଛଇ ବାରୁଆଳ । ରାତ୍ର ବଞ୍ଚଇ ଜଗାଗର ॥
ପ୍ରପଞ୍ଚ ରୂପ ବିକରାଳ । ବାତୁଳ ମତି ଯେ ତାହାର ॥
ବୋଲଇ ମନ୍ଦ ମୂର୍ଖ କରି । ମଣ୍ଡପେ ଗୁଡ଼ଣ ଅଇଲି ॥
କେଶିନୀ ଗଲା ଏକା ହୋଇ । ଏମନ୍ତ ବୋଲୁଥାଇ ସେହି ॥
ଏହା ଶୁଣିଲା ଅଯୋଧ୍ୟାପ୍ୟେ । ଶୁଣି ବିରସ ଭୀମ ରାୟେ ॥
ରାଜା ବୋଇଲେ ବିପ୍ର ଶୁଣି । କହ ଦମନ୍ତୀ ପାଶେ ଯାଇ ॥
ଶୁଣି ବହନେ ବିପ୍ର ଗଲା । ଦମନ୍ତୀ ଆଗରେ କହିଲା ॥
ଶୁଣିମା ହେଉ କେମାଦେଈ । ବହୁତ ଖୋଜିଲଇଁ ମୁହିଁ ॥

Digitized by PPRACHIN, SOA

ନପାଇ ଅଯୋଧ୍ୟାକୁ ଗଲା । ସେ ଦେଶେ ବାହୁକ ଖୋଜିଲା ॥
ଋତୁପର୍ଣ୍ଣ ବୋଲି ରାଜ୍ୟେଶ୍ୱର । କୁବେର ଜିଣି ଧନାନ୍ତର ॥
ତାହାଙ୍କ ଭୁବନକୁ ଗଲା । ନଳକୁ କାହିଁ ନ ଦେଖିଲା ॥
ଯହେ ରହିଲ ଅଶ୍ୱଶାଳେ । ତହିଁ ଦେଖିଲ ବାହୁଅଳେ ॥
ବୋଇଲା କାହିଁ କସ କଲ । କେବଣ ଠାବେ ଘୁଡ଼ିଗଲା ॥
ମଣ୍ଡପ ଅଇଲଇଁ ଘୁଡ଼ି । କେଣିକି ଯିବ ପଥ ଛୁଡ଼ି ॥
ବନେ ରହିଲ୍ କାହିଁ ଯିବ । ବିଚ୍ଛେଦ କଲ୍ପକ ଜଇବ ॥
ଏକା ଯୁଝି ଶ୍ରୀକି ଯୁଡ଼ିକରି । ଅଇଲା ବାଟ ଭୁଡିକରି ॥
ସଙ୍କେତ ଲିହିତ ବସ୍ତରେ । ତୁମ୍ଭେ ଯେ ଯାଅ ପିତାଘରେ ॥
ପଥ ସେ ଜାଣିବଇଁ କାହିଁ । ଖାଇଁ କି ଥିବ ମୋର ପାଇଁ ॥
ଏମନ୍ତ ବୋଲି ରହ ଧବା । କରୁଅଛନ୍ତି ଅଶ୍ୱସେବା ॥
ପ୍ରପଞ୍ଚ ରୂପ ତାର ଦେଖି । ମନେ ହୋଇଲା ବଡ଼ ଦୁଃଖୀ ॥
ଦମନ୍ତୀ ବୋଲେ ବିପ୍ର ସୁହିଁ । ଫେରିଣ ଯିବ ମୋର ପାଇଁ ॥
ବିପ୍ର ବୋଲଇ ନିଶ୍ଚେ ଯିବ । ଆଜକ ମାସ ଘରେ ଥିବ ॥
ମେଲଣି ହୋଇ ବିପ୍ରଗଲା । ମନ୍ଦିରେ ପ୍ରବେଶ ହୋଇଲା ॥
ବ୍ୟାସ ବୋଇଲେ ଧର୍ମ ଶୁଣ । ନଳର ଫିଟୁଷ୍ଟି ଜଷଣ ॥
ମାର୍କଣ୍ଡଠାରୁ ରାମ ଶୁଣି । ବିପତ୍ତି ଯାଉଅଛି ପୁଣି ॥
ସୁବେଳପୁରେ ଦାଶରଥି । ଜଗାଇ ଅଷ୍ଟ ସେନାପତି ॥
ଯେ ଯାହା ଅନୁରୂପେ ବାନ୍ଧି । ଠଣା କରନ୍ତି ବଳେ ଆଞ୍ଜି ॥
ପୂର୍ବେ ରହିଲେ ହନୁମାନ । କେଶରୀ ନଳ ସଙ୍ଗତେଣ ॥
ଏହାଙ୍କ ଅଙ୍ଗ ବଳ ବର୍ଗ । ଗଣିତ ଚଉରାଶି ଖର୍ବ ॥
ପଶ୍ଚିମେ ବାଳିର ନନ୍ଦନ । ସଙ୍ଗତେ ନଳ ଯେ କଞ୍ଚଣ ॥
ଅକ୍ଷି ଷଉଣୀ କପିବର । ରହିଲେ ପଶ୍ଚିମ ଦ୍ୱାରର ॥
ଦକ୍ଷିଣେ ରହିଲେ ସୁଗ୍ରୀବ । ଗନ୍ଧମର୍ଦ୍ଦନ ଯେ ଊଳମ୍ବ ॥
ଏହାଙ୍କ ମୂଳେ ସୈନ୍ୟ ଭେଟି । ପଦର ପଦ୍ମ ପଞ୍ଚକୋଟି ॥
ଉତ୍ତର ଜାମ୍ବବ ଶରଭ । ସୁଷେଣ ମନ୍ତ୍ରୀ ଆଦିକରି ॥

Digitized by PPRACHIN, SOA

ଏହାଙ୍କ ମୂଳେ କପିବର । ଅଛନ୍ତି କୋଟିଏ ସାଗର ॥
ଏରୂପେ ଠଣାମାନ କଲେ । ସଇନ୍ୟ ସପ୍ତଭାଗ ହେଲେ ॥
ଦକ୍ଷିଣେ ତିନ ଠଣା ହେଲେ । ବିଭୀଷଣଙ୍କୁ ସମର୍ପିଲେ ॥
ନରତେ ଜଗିଲେ ପ୍ରହସ୍ତ । ଗ୍ୟ ଦ୍ୱିବସ୍ତ ଆଦିକରି ॥
ଶ୍ରୀରାମ ବସି ମୃଗ ଛାଲେ । ମୁନିମାନଙ୍କୁ ଡକାଇଲେ ॥
ଆଜ୍ଞାରେ ଜାମ୍ବବ ସୁଷେଣ । ସୁଗ୍ରୀବ ଆଦି ବିଭୀଷଣ ॥
ଦର୍ଶନ କଲେ ଶ୍ରୀରଘୁରେ । ଆଜ୍ଞାରେ ବସିଲେ ପାଶରେ ॥
ରାମ ବୋଲନ୍ତି କି ବିଚାର । ଲଙ୍କାରେ ପେଶିବା କା ଚାର ॥
ପ୍ରଥମେ ଧର୍ମକୁ ଜାଣିବା । ବିଶ୍ୱସ୍ତ ଦୂତ ବରଗିବା ॥
ସେ ଯାଇ ମାଗୁ ବଇଦେହୀ । କି ବୋଲେ ମନ୍ଦୋଦରୀ ସାଇଁ ॥
ବୃଦ୍ଧି କରିବା ଦ୍ୱନ୍ଦ ତେବେ । ଧର୍ମକୁ ଜାଣିଥିବା ଆମ୍ଭେ ॥
ଶୁଣି ସମସ୍ତେ ପାଏ ପଡ଼ି । କହନ୍ତି ବେନିକର ଯୋଡ଼ି ॥
ହେ ପ୍ରଭୁ କରୁଣା ସାଗର । ଧନ୍ୟ ଏ ତୋହର ବିଚାର ॥
ରାମ ବୋଲନ୍ତି କେହୁ ଯିବ । ଶୁଣିଣ ବୋଲନ୍ତି ସୁଗ୍ରୀବ ॥
ହେ ଦେବ ଯିବ ହନୁମାନ । ସେ ଜାଣେ ଲଙ୍କାର ବିଧାନ ॥
ଶ୍ରୀରାମ ଜାମ୍ବବକୁ ଚାହିଁ । ବୋଲନ୍ତି ଲେଖାଟିଏ ଲେହି ॥
ଦିଅ ପାବନି ଲଙ୍କା ଯାଇ । ମୋ ଆଜ୍ଞା ରାବଣକୁ କହୁ ॥
ଶୁଣି ଜାମ୍ବବ ପତ୍ର ଧରି । ଆଜ୍ଞା ଲେଖିଲେ ଯତ୍ନ କରି ॥
ହନୁକୁ ଦେଲେ ଲେଖା ମୁଦି । ନାରାଚ ଦେଲେ କୃପାନିଧି ॥
ବୋଲିବୁ ଏ କାଣ୍ଡ ଦେଖାଇ । ଯେବେ ନ ଦେବୁ ବଇଦେହୀ ॥
ନୋହିଲେ ମରିବୁ ଅସୁର । ଚିହ୍ନି ରୁ ଥାଅ ଏହି ଶର ॥
ବାଳିର ଯେଣିଲା ଏ ଜୀବ । ଏବେ ନେଇବ ଦଶଗ୍ରୀବ ॥
ଶୁଣି ପାବନି ପାଦେ ନମି । ଲଙ୍କାକୁ ଗଲେକ ସହମି ॥
ସନ୍ଧ୍ୟା କରୁଛି ଲଙ୍କାସାଇଁ । ଛାମୁଁ ମିଳିଲା ହନୁ ଯାଇ ॥
ବୋଇଲା ଆହେ ଦଶାନନ । ଠାକୁରଙ୍କର ଆଜ୍ଞା ଘେନ ॥
ଦୋଷ ତୋ କ୍ଷମା କଲେ ରାମ । ଲେଖାକୁ କର ତୁ ପ୍ରଣାମ ॥

Digitized by PPRACHIN, SOA

ଶରଣ ପଶ ଯା ପଦ୍ମରେ । ସୀତାଙ୍କୁ ଘେନ ସଙ୍ଗତରେ ॥
ନୋହିଲେ ମରିବୁ ତୁରିତେ । ଆବର ଝଗୋଡ଼ ସହିତେ ॥
ଶୁଣି ବୋଲଇ ଦଶାଶିର । ତୁ ମୂଢ଼ ଜାଇଁଛୁ ପାମର ॥
ଯୋଡ଼ୁ ତୁମ୍ଭର ହାଣ୍ଟି ଲଜ । ଲେଖାକୁ ଦେଉଛୁ ହଲ୍ଲିଜ ॥
କି ଭଷା ପଢ଼ୁ ଜନା ତୁହି । ଶୁଣି ମାରୁତି ମୂଦଫେଇ ॥
ପଢ଼ଇ ଶୁଣ ଲଙ୍କଈଶ । ଆମ୍ଭେ ଯେ ତ୍ରିଭୁବନ ଈଶ ॥
ଆମ୍ଭେ ଯେ ଦଶରୂପ ହୋଇ । ଜଗ ନିବାରି ରକ୍ଷୁ ମହୀ ॥
ଏବେ ଯେ ସୂର୍ଯ୍ୟବଂଶେ ଜାତ । ଶ୍ରୀରାମ ନାମ ମୋ ବିଖ୍ୟାତ ॥
ଲକ୍ଷ୍ମଣ ଅଗ୍ର ରଘୁପତି । ସୁନ୍ଦର ରୂପ ସୀତାପତି ॥
କାକୁସ୍ଥକୁଳେ ଜନ୍ମ ମୋର । ଗୁଣ ଜଳଧି କୃପାକର ॥
ବ୍ରାହ୍ମଣ ପ୍ରିୟ ରାଜ ଇନ୍ଦ୍ର । ଧାର୍ମିକ ଅଟୁ ସତ୍ୟ ସନ୍ଧ ॥
ଦଶରଥଙ୍କ ମୁଁ ନନ୍ଦନ । ଶ୍ୟାମଳ ଶାନ୍ତମୂର୍ତ୍ତି ଧାମ ॥
ଲୋକେ ବଦନ୍ତି ଅଭିରାମ । ରାଜନ୍ତ ରଘୁକୁଳ ଶ୍ୟାମ ॥
ରାବଣ ଝୀସ୍ତ ନାମ ଯେଣୁ । ତୋତେ ମୁଁ କହୁଅଛି ତେଣୁ ॥
ସୀତାଙ୍କୁ ମୋତେ ଦିଅ ଆଣି । ନୋହିଲେ ପଡ଼ାଇବ ହାଣି ॥
ଯେ କାଣ୍ଡ ନେଇଅଛି ପାବନ । ଚହ୍ନିଣ ଥାଅ ଲଙ୍କମଣି ॥
ଶୁଣି ରାବଣ କୋପଭରେ । ବୋଲଇ ତୁମ୍ଭେ ଆରେ ଚୁରେ ॥
ରହା କହିଲେ କି ଡରଇ । ବ୍ରହ୍ମକୁଳରେ ଜାତ ହୋଇ ॥
ଅଗ୍ରଜ ଭ୍ରାତ ମୋ କୁବେର । ସାନୁଜ କୁମ୍ଭକର୍ଣ୍ଣ ବୀର ॥
ଇନ୍ଦ୍ରକୁ ଜିଣିଲି ମୋହର । ନାମ ମୋହର ଲଙ୍କେଶ୍ୱର ॥
ଇନ୍ଦ୍ରକୁ ଜିଣିଲା ମୋ ସୁତ । ଦଶ ବଦନ ବଂଶ ହାତ ॥
ବିଜୟୁ ନାମ ମୋର ଜାଣ । ସମୁଦ୍ର ମଧ୍ୟେ ମୋ ସଦନ ॥
ଦେଖ ଦଇବ ଏଡ଼ା କଲା । ତପସ୍ୱୀ ଏ ଲେଖା ଲେଖିଲା ॥
ଏବେରେ କହ ହନୁଯାଇ । ସୀତାକୁ ନ ଦିଅଇ ମୁହିଁ ॥
ଯୁଦ୍ଧକୁ ଆସ ସଜହୋଇ । ଏମନ୍ତ ବୋଲି କହ ଯାଇଁ ॥
ଶୁଣି କୋପିଲା ବାତ ବଳା । ନର୍ଘାତ ଲୁହଯୋଡ଼େ ମାଇଲା ॥

Digitized by PPRACHIN, SOA

ଘୂମାଇ ପଡ଼ିଲା ରାବଣ । ମୂର୍ଚ୍ଛି ହୋଇ ତତକ୍ଷଣ ॥
ଭେଟିଲା ଶ୍ରୀରାମ ପ୍ରଭୁର । କହିଲା ସବୁ ସମାଚାର ॥
ଶୁଣି ସମସ୍ତେ ତୋଷ ହେଲେ । ହନୁକୁ ଧନ୍ୟ ଧନ୍ୟ କଲେ ॥
ରାମ ବୋଲନ୍ତି ଚାଲ ଯିବା । କଟକେ ଝଁପାଇ ପଶିବା ॥
ସୈନ୍ୟକୁ ଚାରିଭାଗ ବାଣ୍ଟି । ପଶନ୍ତୁ ଚାରି ଦ୍ୱାର କାଟି ॥
ଶୁଣି ସମସ୍ତେ ସଜ ହେଲେ । ସୈନ୍ୟକୁ ଚାରିଭାଗ କଲେ ॥
ଭାଗେ ରଖିଲେ ରାମ ଚନ୍ଦ୍ରି । ଭାଗେକ ହୋଇ ସୁଗ୍ରୀ ଚାଲ ॥
ଦକ୍ଷିଣେ ଗଲା ବିଭୀଷଣ । ପଶ୍ଚିମେ ବାଳିର ନନ୍ଦନ ॥
ଉତ୍ତରେ ଗଲା ହନୁବୀର । ତର୍ଜନ୍ତି ଗର୍ଜନ୍ତି ବାନର ॥
ଦ୍ୱାର ପାଶକୁ ଗଲେ ଥାଟ । ଦେଖିଲେ ପଡ଼ିଛି କବାଟ ॥
ବାହାର କେମନ୍ତେ କରିବା । ଭିତରେ କେମନ୍ତେ ପଶିବା ॥
ହନୁ ମାଇଲା ପାଦଘାତେ । କବାଟ ଭାଙ୍ଗିଲା ତୁରିତେ ॥
ଭିତରେ ପଶନ୍ତି ଧାଇଁ । ସମସ୍ତେ ଚତୁର୍ଦ୍ଦିଗେ ଯେ ଯାଇ ॥
ଲଙ୍କାରେ ପଡ଼ିଲାକ ହୁରି । ବାନର କଲେ ହୁରିଜୁରି ॥
ଯାହାକୁ ଦେଖିଲେ ମାରନ୍ତି । ରଥି ମାହୁନ୍ତ ନ ମାରନ୍ତି ॥
ମାଇଲେ ଅନେକ ଅସୁର । କଟକ କଲେ ମାରଖାର ॥
ଅଗ୍ନିରେ ପୁରମାନ ଦହି । ଦୈତ୍ୟକୁ ମାରନ୍ତି ନଠାଇ ॥
ସ୍ତ୍ରୀମାନଙ୍କୁ ଛୁଡ଼ି ଦ୍ୟନ୍ତି । ପୁରୁଷ ଦେଖିଲେ ମାରନ୍ତି ॥
କାହାକୁ ନ କରନ୍ତି ଶଙ୍କା । ଧ୍ୱଂସିଲେ ଶତେଯୁଣ ଲଙ୍କା ॥
ପଶ୍ଚିମ ଥାଟ ପୂର୍ବେ ଗଲେ । ଉତ୍ତର ଦକ୍ଷିଣେ ମାଇଲେ ॥
ପ୍ରଭାତୁ ସୂର୍ଯ୍ୟ ଅସ୍ତଯାଏ । ଏ ରୂପେ ଲଙ୍କା କଲେ ଜୟେ ॥
ସନ୍ଧ୍ୟା ହୋଇଲା ସାୟଂକାଳ । ଯୁଦ୍ଧ ସାରିଲେ କପିକୁଳ ॥
ଯେ ଯେଉଁ ଦ୍ୱାରେ ଯୁଝୁଥିଲେ । ସେ ସେହି ବାଟେ ଉଡ଼ିଗଲେ ॥
ମିଳିଲେ ସୁବେଳ ଗିରିରେ । ଦର୍ଶନ କଲେ ଶ୍ରୀ ପ୍ରଭୁରେ ॥
ଦେଖି ଆନନ୍ଦ ରଘୁପତି । ଲଙ୍କାର ବାରତା ପୁଛନ୍ତି ॥
ସୁଗ୍ରୀବ କହିଲେ ଯାବତ । ଶୁଣି ଆନନ୍ଦ ସୀତାକାନ୍ତ ॥

Digitized by PPRACHIN, SOA

ସେ ରାମ ଚରଣାରବିନ୍ଦେ । ଶିଶୁ ଈଶ୍ୱର ଦାସ ବନ୍ଦେ ॥

ଇତି ଶ୍ରୀ ନଳରାଜା ଚରିତେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ
ମାର୍କଣ୍ଡ ଶ୍ରୀରାମ ସମ୍ବାଦେ ରାମ ବନବାସ ଶ୍ରୀମୁଖ ବରଣଣେ
ନଳ ବନବାସ ଦୂତ ବରଣଣେ ଶୀଘ୍ରରେ ଦୂତ
ଦରଶନେ ନାମ ଷଷ୍ଠ ଅଧ୍ୟାୟଃ

ସପ୍ତମ ଅଧ୍ୟାୟ

ଯୁଧିଷ୍ଠି ଉବାଚ

ଯୁଧିଷ୍ଠି ମୁନି ପାଦେ ନମି । ବୋଇଲା କହ ମୋତେ ସ୍ୱାମୀ ॥
ଶୁଣି ସେ ବିପ୍ରର ଉତ୍ତର । ଦମୟନ୍ତୀ କଲେକ ବିଚାର ॥
କି ରୂପେ କହିଲେ ଦମୟନ୍ତୀ । କହନ୍ତୁ ମାରକଣ୍ଡ ଯତି ॥
ଏକଥା ଫେଡ ମୋତେ କହ । ମନୁ ସଂଶୟ ମୋର ଦହ ॥
ବ୍ୟାସ ବୋଲନ୍ତି ଯୁଧିଷ୍ଠିର । ଶୁଣ ତୁ ଚରିତ ନଳର ॥
ବନେ ଶୁଣନ୍ତି ରାମ ବସି । କହନ୍ତି ମାରକଣ୍ଡ ଋଷି ॥
ଦମୟନ୍ତୀ ବ୍ରାହ୍ମଣଙ୍କୁ ରାଇ । ଅଯୋଧ୍ୟା ସେ ଯିବାର ପାଇଁ ॥
ବୋଲନ୍ତି ଆହେ ଦ୍ୱିଜବର । ଅଯୋଧ୍ୟା ଅଟେ କେତେ ଦୂର ॥
ବ୍ରାହ୍ମଣ କହେ ଜେମା ଆଗେ । ଛ ମାସ ହବା ରାସ୍ତ ଲାଗେ ॥
ଏଥେ ଗଲେ ଯେ ଏକମାସ । ଯିବାକୁ ବହୁ ଦୂର ଦେଶ ॥
ଦମୟନ୍ତୀ ଶୁଣି ସେ ଉତ୍ତର । ଲେଖନ ପତ୍ର ଧରି କର ॥
ଲେଖା ଲେଖଇ ଯତ୍ନ କରି । ପ୍ରଥମେ ଗୋବିନ୍ଦ ସୁମରି ॥
ଭୀମ ରାଜାର ନାମ ଧରି । ଲେଖଇ ମାନ୍ୟ ଧର୍ମ କରି ॥
ଋତୁପର୍ଣ୍ଣ ରାଜାକୁ ଲେଖଇ । ଦ୍ୱିତୀୟ ସ୍ୱୟମ୍ବର ପାଇଁ ॥
ସତ୍ୱରେ ଆସିବେ ଏଠାକୁ । ଦ୍ୱିଜଙ୍କୁ ପେଷିବ ଘୁମୁକୁ ॥
ଲେଖା ଲେଖିଣ ଯତ୍ନ କରି । ବିପ୍ର ହସ୍ତରେ ଦେଲେ ତୋଳି ॥
ବହୁତ ଧନ ରତ୍ନ ଆଣି । ଦ୍ୱିଜ ଘୁମୁରେ ଦେଲେ ପୁଣି ॥
ଦମୟନ୍ତୀ ବିପ୍ର ମୁଖ ଚାହିଁ । ଏମନ୍ତ କରିବ ଗୋସାଇଁ ॥
ଶ୍ରୀଲେଖା ଦେବ ରାଜା ଆଗେ । ବୋଲିବ ସଜ ହୁଅ ବେଗେ ॥

Digitized by PPRACHIN, SOA

ରାଜା ପୁଚ୍ଛିବେ ଲେଖା ପଡ଼ । ତୁମ୍ଭେ କହିବ ସତ ଗୁଡ଼ ॥
ଏମନ୍ତ କହି ଦମୟନ୍ତୀ । ବିପ୍ରକୁ ପେଷିଲେ ତୁରିତ ॥
ବିପ୍ର ନେଲଣି ମାଗିକରି । ଚଳିଲେ ମାଧବ ସୁମରି ॥
ଲଙ୍ଘନ୍ତେ ଘନ ବଡ଼ା ପଥ । ହୃଦେ ସୁମରି ଗୋପୀନାଥ ॥
ଛ ମାସେ ହୋଇଲେ ପ୍ରବେଶ । ଏକ ଦିବସ ଅଛି ଶେଷ ॥
ମିଳିଲେ ଅଯୋଧ୍ୟା ନଗର । ଋତୁପର୍ଣ୍ଣ ବସିଛି ସଭାର ॥
ବିପ୍ର ମିଳିଲେ ଯାଇ ଦ୍ୱାରେ । ଦ୍ୱାରୀ କହିଲା ଶ୍ରୀ ହୁମୁରେ ॥
ବିପ୍ରକୁ ଡକାଇଣ ନେଲା । ଉଦନ୍ତ ବାରତା ପୁଚ୍ଛିଲା ॥
ଶ୍ରୀମୁଖ ହୁମୁରେଣ ଦିଏ । ବୋଲନ୍ତ କୁଣ୍ଡୀ ଦେଶୁଁ ଆଏ ॥
ରାଜା ପଢ଼ିଲେ ମୁଦ ଫେଇ । ଭୀମ ନୃପତି ଲେଖିଛନ୍ତି ॥
ବିପ୍ରକୁ ପୁଚ୍ଛି ଦଣ୍ଡପାଣି । କହନ୍ତ କଟକ ହକାରି ॥
ଅଯୋଧ୍ୟା ଦେଶ କୁଣ୍ଡିଦେଶ । ଆସିଣ ହେଲା ଷଡ଼ମାସ ॥
ଯିବାକୁ ଅଛି ଏକ ଦିନ । କାହିଁ ରହିଲ ହେ ବ୍ରାହ୍ମଣ ॥
ବିପ୍ର ବୋଲଇ ରାଜା ଶୁଣି । ଅସୁସ୍ଥ ହେଲା ମୋର ଦେହି ॥
ମୋହର ଅଛି ନାହିଁ ଦୋଷ । ପଥେ ରହିଲି ଏକମାସ ॥
ବିପ୍ର ବଚନ ରାଜା ଶୁଣି । ପାତ୍ରକୁ ରାଇ କହେ ବାଣୀ ॥
କୁଣ୍ଡୀ କଟକ ଭୀମ ରାଜ । ଲେଖା ଆଣିଛି ଏକ ଦ୍ୱିଜ ॥
ସମର୍ଥ ଅଛି କେଉଁ ଜନ । ଯିବାକୁ ଅଛି ଏକ ଦିନ ॥
ଡକାଇ ବୁଝ ଷର୍ଦ୍ଦୀମାନେ । ସାରଥି ଆଦି ବାକି ଜନେ ॥
ଘାଏ ଯେ ଗୁର ବଉଗିଲେ । ସଭିଙ୍କି ଡକାଇ ଆଣିଲେ ॥
ରାଜା ସମ୍ମୁଖରେ ଜଣେ ଜଣେ । ହେ ପାରେ କହ ତୋଷମନେ ॥
ଏକା ଦିନକେ ରଥ ବାହି । କୁଣ୍ଡୀ ଦେଶକୁ କେ ଯିବଇଁ ॥
ଷର୍ଦ୍ଦୀଏ ବୋଲନ୍ତି ଭୂଦେବ । ଏତେଡ଼େ ପ୍ରତିଜ୍ଞା କାର ହେବ ॥
ମାସକେ ଉମେ ଦେବଯାନ । କେହୁ ବାହିବ ଏକଦିନ ॥
କାହା ଭରସା ଏତେଡ଼ ହୋଇ । ଆମ୍ଭରେ ବୋଲିବ ନୁହଇ ॥
ପୁଚ୍ଛନ୍ତି ଜଣ ଜଣ କରି । କେହୁ ନୁହଇ ଆଗସରି ॥

Digitized by PPRACHIN, SOA

ଋତୁପର୍ଣ୍ଣ ବୋଲେ ନଳ ଗୁହ୍ନିଁ । ତୁମ୍ଭେ ତହା ପାରିବ କି ଯାଇ ॥
ନଳ ବୋଲନ୍ତି ଶୁଣ ତୁମ୍ଭେ । ଆଜ୍ଞା ହୋଇଲେ ଯିବୁ ଆମ୍ଭେ ॥
ହରଷେ ବୋଲେ ଋତୁପର୍ଣ୍ଣ । ବହନ ସାଜ ମୋର ଯାନ ॥
ଆଜ୍ଞା ପାଇଣ ନଳରପେ । ଅଶ୍ୱ ଶାଳାରେ ଯାଇ ହୁଏ ॥
ଶାନ୍ତ ଦୁର୍ବଳ ଅଶ୍ୱ ଆଣି । ରଥରେ ଯୋଚିଲେକ ପୁଣି ॥
ଅଶ୍ୱଙ୍କ ପଛ କଲେ ଆଗ । ମୁଖ ଯୋଚିଲେ ଏକ ଭାଗ ॥
ଦେଖିଣ ବୋଲନ୍ତି ଋତୁପର୍ଣ୍ଣ । ଏତେଡ଼ ବାତୁଳ ଏ ଅଜ୍ଞାନ ॥
ମୁହିଁ ଜାଣିଲି ସତ କରି । ରଥ ମୁଁ ନେବ ବାହିକରି ॥
ଋତୁପର୍ଣ୍ଣ ବାକ୍ୟେ ବୋଲେ ନଳ । ଶାଳେ ନାହାନ୍ତି ଅଶ୍ୱ ଭଲ ॥
ଜାତି ଅଶ୍ୱ ଯେ ଶାନ୍ତ ବାଛି । ମୁହିଁ ଯୋଚିଲି ରଥେ ଆସି ॥
ଏ ଅଶ୍ୱ ଯେବେ ନ ଯୋଗାଇ । ରଥରୁ ଦେଉଛି ଫିଟାଇ ॥
ବୋଲନ୍ତି ଆଗ କଲ ପଛ । ନଶ୍ୱାସେ ଗମିବ ଆକାଶ ॥
ଏ ଦେବ ମନ୍ଦ ଅଶ୍ୱମାନ । ଫେଡ଼ିଣ ଦେଉଛି ରାଜନ ॥
ସେ ଅଶ୍ୱ ଫେଡ଼ି ନଳରାଏ । ପୁଣିହିଁ ଅଶ୍ୱଶାଳେ ଯାଏ ॥
ରାଜାର ପାଟ ଅଶ୍ୱ ଆଣି । ରଥରେ ଯୋଚିଲେକ ପୁଣି ॥
ଧ୍ୱଜସ୍ଥ କର ହେ ଭୂପତି । ଧ୍ୱଳମ୍ଭ ହେଉଅଛି ଏଥି ॥
ଋତୁପର୍ଣ୍ଣ ମନରେ ହରଷ । ବେଗରେ ହୋଇଲେ ସୁବେଶ ॥
ଯାଇଣ ବସିଲେ ରଥରେ । ବିପ୍ରଙ୍କୁ ଘେନି ସଙ୍ଗତରେ ॥
ସୈନ୍ୟ ଯେ ସଙ୍ଗେ କେତ୍ତି ଘେନ । ରଥେ ବସିଲେ ନୃପମଣି ॥
ରାଜାର ଶିରେ ଅର୍ଘ୍ୟ ଦେଲେ । ଋତୁପର୍ଣ୍ଣ ନଳଙ୍କୁ ବୋଇଲେ ॥
ରଥ ତୁ ବେଗେ ବାହା ମୋର । ହେଲ ଯେ ହେଉଛି ଉଚ୍ଛୁର ॥
ନଳ ଧଇଲେ ଅଶ୍ୱବାଗ । ରାଜାର ଅଶ୍ୱ ଚଳେ ବେଗ ॥
ଏତେ ବେଳଣ ଦେଲେ ଟିପି । ଅଶ୍ୱ ପଡ଼ିଲେ ଭୂମି ଲୋଟି ॥
ଋତୁପର୍ଣ୍ଣ ବୋଲେ ନଳ ଗୁହ୍ନିଁ । ଅଶ୍ୱ ମୋ ପଡ଼ିଲେକ ଶୋଇ ॥
ନଳ ବୋଲଇ ରାଜା ଗୁହ୍ନିଁ । ଏ ଅଶ୍ୱ ଜାତି ଯେ ନୁହଇ ॥
ବୋଲ ଯେ ନକଲ ନୃପତି । ଏ ଘୁର ଅଶ୍ୱ କହେ ଜାତି ॥

Digitized by PPRACHIN, SOA

ଚେଣ୍ଢ଼ୁ ପଡ଼ ହେ ମୁଣ୍ଡ ମାଡ଼ି । ଦୁର୍ବଳ ଅଶ୍ୱ ରଥେ ଯୋଡ଼ି ॥
ଶୁଣିଣ ବୋଲନ୍ତି ଋତୁପର୍ଣ୍ଣ । ଡାକି ଅଶ୍ୱକୁ ବେଗେ ଆଣ ॥
ରାଜା ଆଜ୍ଞାରେ ବେଗେ ଗଲେ । ଅଶ୍ୱ ଶାଳରେ ଯାଇ ହେଲେ ॥
ଆଣିଲେ ସେହି ଅଶ୍ୱ ବାଛି । ରଥରେ ନେଇ ବେଗେ ଯୋଚି ॥
ଯୋଚିଲେ ପ୍ରଥମ ହରଷେ । ରାଜା ଆଜ୍ଞାରେ ନଳ କହେ ॥
ହେ ରାଜା ସାବଧାନେ ହେଉ । ମୁହିଁ ଯେ କହୁଛି ଆଗହୁଁ ॥
ସମ୍ଭାଳି ଥାଅ ରଥେ ବସି । ପଡ଼ନ୍ତାନିକ ତୁମ୍ଭେ ଖସି ॥
ଅଶ୍ୱ ଯେ ନୁହଇ ଆସୁରି । ଟାପୁ ରଖିବେ ପୁଣ ସାତ ॥
ଏତେ ବୋଲିଣ ନଳ ବେଗେ । ଅଶ୍ୱଙ୍କ କର୍ଣ୍ଣେ ମନ୍ତ୍ର କହେ ॥
ସମ୍ଭାଳି ବସିଥାଅ ରଥ । ଧାଇଁବେ ଶମିବେ ଯୁଣ ସାତ ॥
ବାଗ ମେଲିଣ ଦେଲେ ଯୁନ । ଗଗନେ ଗଲେ ରଥ ଚଳ ॥
ଅଶ୍ୱ ଯେ ଏକା ନିମିଷକେ । ଅଶୀ ଯୋଜନ ଗଲେ ଧାକେ ॥
ପବନ ଯାନ୍ତେ ଖର ବଳ । ଖସିଣ ପଡ଼ିଲା ଉତ୍ତରୀ ॥
ଋତୁପର୍ଣ୍ଣ ବୋଲେ ନଳ ରହିଁ । ରଥ ରଖ ବାହୁକ ଲେଉଟାଇ ॥
ଉତ୍ତରୀ ପଡ଼ିଲା ମୋହର । ଫେରାଇ ବାହୁ ରଥବର ॥
ରାଜା ବଚନ ନଳ ଶୁଣି । ରଥ ବାହୁନ୍ତି ଫେରି ପୁଣି ॥
ବୋଲଇ କହୁଥିଲି ମୁହିଁ । ସମ୍ଭାଳି ନ ପାରିଲୁ ତୁହି ॥
ଉଲଟ ବାଗେ ରଥ ବାହିଁ । ଉତ୍ତରୀ ପଡ଼ିଥିଲା ଯହିଁ ॥
ଧାବନ ତୋଳିଲେ ଉତ୍ତରୀ । ଋତୁପର୍ଣ୍ଣ ହସ୍ତେ ଦେଲେ ତୋଳି ॥
ରଥ ବାହିଲେ ଧାଡ଼ିକାରେ । ବାହୁଡ଼ି ହେଲେ ସେହିଠାରେ ॥
ଋତୁପର୍ଣ୍ଣ ବୋଲେ ନଳ ଶୁଣି । କଥାଏ ପଚାରିବି ମୁହିଁ ॥
ରଥ ଯେ କେତେ ଆସିଥିଲା । ଫେରିଣ ପୁଣି କେତେ ଗଲା ॥
ଏବେ ହୋଇଲା ଆସି କେତେ । ଏବେ ହେଉଁ କହ ମୋତେ ॥
ରାଜ ବଚନ ଶୁଣି ନଳ । ବୋଲନ୍ତି ଶୁଣ ମହୀପାଳ ॥
ଅଶୀ ଯୋଜନ ଆସିଥିଲା । ଫେରିଣ ଅଶୀପୁଣ ଗଲା ॥
ଏବେ ହୋଇଲା ଅଶୀପୁଣ । ଶୁଣିମା ହେଉ ହୋ ରାଜନ ॥

Digitized by PPRACHIN, SOA

ନଳକୁ ପଚ୍ଛରେ ରାଜନ । ପଥେ ହୋଇଲା ଅଘଟନ ॥
ତୁମ୍ଭେ କେ କହ ଏଥେ ମୋତେ । ଶୁଣିଲେ ଯିବଇଁ ଘରତେ ॥
ନଳ କହନ୍ତି ଶୁଣି କର । ବିଦର୍ଭ ଦେଶ ଦଣ୍ଡଧାରୀ ॥
ନାମ ତାହାଙ୍କ ନଳ ରାଜା । କୁବେରୁ ପ୍ରାପ୍ତ ତାଙ୍କ ପ୍ରଜା ॥
ତାହାଙ୍କୁ ଘଟିଲା ବିପତ୍ତି । ବହୁତ ପାଇଲେକ ଶାସ୍ତି ॥
ରାଜା ହୋଇଣ ଦିଗମ୍ବର । ପଶିଲେ ଘୋର ବନସ୍ତର ॥
ତାହାଙ୍କ ସାରଥି ଯେ ମୁହିଁ । ମୋ ନାମ ମଇସ ଅଟଇ ॥
ଅଶ୍ୱଙ୍କ ମନ୍ତ୍ର ବିଦ୍ୟମାନ । ଶିଖାଇ ଥିଲେକ ରାଜନ ॥
ଅଶ୍ୱଙ୍କ କର୍ଣ୍ଣେ ମନ୍ତ୍ର ଦେଲେ । ପବନ ପ୍ରାୟେ ଅଶ୍ୱ ଚଳେ ॥
ତାହାଙ୍କୁ ନ ପାରିଲି ଖୋଜ । ସେବି ରହିଲି ଏଥି କାଜ ॥
ରୁତୁପର୍ଣ୍ଣ ଶୁଣିଣ ହରଷ । ବହୁତ କରଇ ଆଶ୍ୱାସ ॥
ଏମନ୍ତ ଶିଖାଇବୁ ମୋତେ । ଏତେକ ମାଗୁଅଛି ତେତେ ॥
ମୋ ଠହିଁ ଅଛି ମନ୍ତ୍ର ଦୁଇ । ଆନନ୍ଦେ ଶିଖ ଏହା ତୁହି ॥
ଏମନ୍ତ ମୁଖରେ ପଢ଼ିଲେ । ଜଳ ନ ବାଧଇ ଶଷ୍ୱଡ଼ଇ ॥
ଯୁଦ୍ଧରେ କରେ ନ ହାରଇ । ଅଂଘତ ସବୁହିଁ ଜାଣଇ ॥
ଏ ମନ୍ତ୍ର ଶିଖ ମୋର ଠହିଁ । ତୋ ଆଗେ କହିଲଇଁ ମୁହିଁ ॥
ପଶ୍ୱାଷା ନଅ ମନ୍ତ୍ର ଶିଖ । ତୁରିତେ ବୃକ୍ଷ ଏହା ଦେଖି ॥
ରୁତୁପର୍ଣ୍ଣ ମୁଖଁ ଏହା ଶୁଣି । ବୋଲେ ଶିଖାଅ ନୃପମଣି ॥
ପଶ୍ୱାଷା ବୁଝିଲେ ତୁମ୍ଭର । ତେବେ ସେ ଦେବ ମନ୍ତ୍ରସାର ॥
ରୁତୁପର୍ଣ୍ଣ ଦେଲେ ମନ୍ତ୍ର ଦୁଇ । ନଳ ଶିଖିଲେ ବ୍ୟଗ୍ର ହୋଇ ॥
ରୁତୁପର୍ଣ୍ଣ ବୋଲେ ଅଗ୍ର ବୃକ୍ଷ । ପଶ୍ୱାଷା ବୁଝ ହେ ପ୍ରତ୍ୟକ୍ଷ ॥
ଶୁଣି ସାନନ୍ଦ ନଳ ରାୟେ । ପଶ୍ୱାଷା ବୁଝିବାରେ ଯାଏ ॥
ରଥ ବାହିଲ ଶୀଘ୍ର କରି । ବୃକ୍ଷ ନିକଟେ ଯାଇ ମିଳି ॥
ପଥ ଚଣନ୍ତେ ନଳରାୟେ । ଦେଖୁଁ ଏକ ପୁରୁଷ ଯାଏ ॥
ନଳ ଧଇଲେ ତାକୁ ଯାଇ । ବୋଲନ୍ତି ପଳାଉଛୁ କାହିଁ ॥
ଆକ୍ଷେପି ଧରି ବୋଲେ ରାୟେ । ତୋତେ ମୁଁ ମାରିବି ନିଶ୍ଚୟେ ॥

Digitized by PPRACHIN, SOA

ନାମ ଛୋଡ଼ିର କହ କସ । କମ୍ପାଇ ମୋତେ କଲୁ ଗ୍ରାସ ॥
କଳି ବୋଇଲା ଛାଡ଼ ମୋତେ । କହୁଛି ତୁମ୍ଭର ଅଗ୍ରତେ ॥
ନାମ ମୋହର କଳିଯୁଗ । ତୁମ୍ଭଙ୍କୁ ଦେଲି ଦୁଃଖଭୋଗ ॥
କହଇ ଆଉ ଅନ୍ୟ କଥା । ଦମୟନ୍ତୀ ସ୍ୱୟମ୍ବର ବାରତା ॥
ଆସନ୍ତେ ଇନ୍ଦ୍ର ମନାକଲା । ଇନ୍ଦ୍ର ବଚନ ଜାଲୁହେଲା ॥
ମିଳିଲୁ ବିଦର୍ଭ ଦେଶରେ । ଦ୍ୱାପର ଥିଲା ସଙ୍ଗତରେ ॥
ତୁମ୍ଭର ଧର୍ମ ତେଜବଳରେ । ପଶି ନ ପାରୁ ତୁମ୍ଭ ପୁରେ ॥
ଜଗିବାରୁ ବରଷ ଯାଏ । ବୃନ୍ଦାକୁ କରିଲେକ ଲୟେ ॥
ଛିଦ୍ର ପାଇଲୁ ଯେ ପାଦର । ପଶିଲୁ ତୁମ୍ଭର ଶରୀର ॥
ପୁଷ୍କର ସଙ୍ଗେ ଖେଳାଇଲୁ । ରାଜ୍ୟ ସମ୍ପଦ ହରାଇଲୁ ॥
ବନସ୍ତେ କଲୁ ଯେ ଉଲଗ୍ନ । ଦମୟନ୍ତୀ ଛାଡ଼ି ପରଧନ ॥
ପଥେ ମଣ୍ଡପ ହୋଇଥିଲୁ । ସେଠାରେ ବିଚ୍ଛେଦ ବହିଲୁ ॥
ସର୍ପ ଯେ ବିଷ ବରଷିଲା । ସେ ବିଷ ତୋ ଦେହେ ହୋଇଲା
ଅଯୋଧ୍ୟା ଦେଶରେ ମିଳିଲ । ଅଶ୍ୱ ସେବଣ ରହିଥିଲ ॥
ଦମୟନ୍ତୀ ପିତା ଘରେ ଯାଇ । ଦୂତ ପେଶିଲେ ତୁମ୍ଭ ତହିଁ ॥
ସଙ୍କେତ ନ ପାଇ ତୁମ୍ଭର । ତୁରତେ ପଳାଇଲେ ସ୍ୱର ॥
ଏ ବେଳ ଚତୁର ନୃପବର । ମୁଁ ଏବେ ଦେଉଅଛି ବର ॥
ଦେଲେ ତୁମ୍ଭଙ୍କୁ ନୃପବର । କହିଦେଲେ ଯେ ମନ୍ତ୍ରସାର ॥
ତୁମ୍ଭେ ଶିଖିଲ ମନ୍ତ୍ର ଦୁଇ । ମୁହିଁ ଛାଡ଼ିଲି ଭୟ ପାଇ ॥
ଛାଡ଼ିବା ହେଉ ନୃପବର । ମୁଁ ଏବେ ଦେଉଅଛି ବର ॥
ପ୍ରାତଃକାଳରେ ଯେଉଁ ନର । ନାମ ଯେ ଧରିବ ତୁମ୍ଭର ॥
ସେ ନର ନୋହିବ ଯେ ଦୁଃଖୀ । ସର୍ବଦା ହେଉଥିବ ସୁଖୀ ॥
ଛାଡ଼ିବ ଏବେ ପରଦାର । ଧର୍ମରେ ଦେଇଥିବ ଘର ॥
ଜନଙ୍କୁ ପୀଡ଼ା ନ କରିବ । ସର୍ବଦା ସୁଖି ହେଉଥିବ ॥
ନଳ ରାଜା କହୁଅଛି ଏହା । ଶୁଣ ତୁ ଦମୟନ୍ତୀର ନାହା ॥
ବାହାଡ଼ା ବୃକ୍ଷର ଯେ ଛାଇ । ମାଡ଼ିଇ ଯେଉଁ ଲୋକ ଯାଇ ॥

Digitized by PPRACHIN, SOA

ଭୂମି ମଣ୍ଡଳରେ ଯେତେ ପାପ । ତାହାଙ୍କୁ ଲାଗିବ ଏ ଶାପ ॥
ବର ଦେଇଣ ଚଳିଗଲା । ସ୍ୱର୍ଗରେ ଯାଇଣ ରହିଲା ॥
ନଳ ଯାଇଣ ରଥେ ବସି । ଋତୁପର୍ଣ୍ଣ ଘେନିଗଲେ ହସି ॥
ପକ୍ଷୀଷ୍ଟା ବୁଝିଲେ ସତ । ସମ୍ମାନ ହୋଇଲେ ଘେନ ॥
ରଥ ବାହୁଡ଼ି ଧାଉଁକାରେ । ପ୍ରବେଶ କୁଣ୍ଡୀନ ନଗରରେ ॥
ଭୀମ ରାଜାର ଦୂତ ଦେଖି । ବେଗେ ଧାଇଁଲେ ଅଧୋମୁଖୀ ॥
କହିଲେ ରାଜାର ଆଗର । ଶୁଣିମା ହେଉ ନୃପବର ॥
ଅଯୋଧ୍ୟା ଦେଶର ଠାକୁର । ପ୍ରବେଶ ହେଲେ ସିଂହଦ୍ୱାର ॥
ରାଜା ବୋଲନ୍ତି ପାଏ ଯାଇଁ । ବହନ ଘେନିଆସ ଯାଇ ॥
ବ୍ୟାସ କହନ୍ତି ଧର୍ମ ଆଗେ । ନଳଚରିତ ଅନୁରାଗେ ॥
ଋତୁପର୍ଣ୍ଣ ସଙ୍ଗେ ନଳରାୟେ । କୁଣ୍ଡୀ କଟକରେଣ ହୁଏ ॥
ଶୁଣନ୍ତେ ନଳର ସମ୍ବାଦ । ନଳର ଯାଉଛି ବିପଦ ॥
ଶୁଣନ୍ତେ ନଳର ବ୍ୟବସ୍ଥା । ଏଥି ଉତ୍ତରୁ କିସ କଥା ॥
ରାବଣ ମନ୍ତ୍ରୀ ମୁଖ ଚାହିଁ । ଇନ୍ଦ୍ରଜିତକୁ ଆଣ ଯାଇ ॥
ଆଜ୍ଞା ପ୍ରମାଣେ ମନ୍ତ୍ରୀଗଲେ । ଇନ୍ଦ୍ରଜିତ ଆଗେ କହିଲେ ॥
ଆଜ୍ଞାରେ ମେଘନାଦ ବେଗେ । ମିଳିଲା ରାବଣର ଆଗେ ॥
ଦେଖି ରାବଣ କୋପ କରି । ବୋଲଇ ପରିଲା ମୋ ଶିରୀ ॥
ତପସ୍ୱୀ ଆସି ସୈନ୍ୟ ଘେନ । ଯୁଦ୍ଧ ମାଇଲେ ମୋ ସଇନ ॥
ଋକ୍ଷ ମର୍କଟ ବୀର ଥାଟ । ରାଜ୍ୟ ମୋହର କଲେ ନଷ୍ଟ ॥
ତହିଁରେ ଅଛି ଶ୍ରୀରାମ ଭଞ୍ଜା । ତାକୁ ନ ଜିଣ ଏ ଯମରାଜା ॥
ବାନରେ ବିଧ୍ୱଂସିଲେ ଲଙ୍କା । କାହାକୁ ନ କଲେଟି ଶଙ୍କା ॥
ଶୁଣି ବୋଲଇ ଇନ୍ଦ୍ରଜିତ । ତପସ୍ୱୀ କରିବି ମୁଁ ହତ ॥
ନମିଲା ପିତାର ପଦ୍ମରେ । ସଜ ହୋଇଲେ ଧାଉଁକାରେ ॥
ଯୁଦ୍ଧକୁ ହୋଇଲେ ବାହାର । ସଙ୍ଗତେ ଅନେକ ଅସୁର ॥
ଶ୍ରୀରାମ ଆଗେ ବିଭୀଷଣ । କହିଲା ଯାଇ ତତକ୍ଷଣ ॥
ଯୁଦ୍ଧେ ଆସଇ ଇନ୍ଦ୍ରଜିତ । ଆଜ କରିବ ଅଦଭୁତ ॥

Digitized by PPRACHIN, SOA

ହେ ଦେବ ବେଗେ ଯାନ୍ତୁ ବଳ । ଏଥିରେ ନକରିବା ହେଳ ॥
ଶୁଣି ଧାଇଁଲେ ରାମ ସୈନ୍ୟ । ଆନନ୍ଦ ସବୁଙ୍କର ମନ ॥
କେହୁ ବଜାନ୍ତି ଗାଲ ଭୁଷି । କେ ନାଚେ ଶ୍ରୀରାମ ସୁମରି ॥
କେହୁ ଆଚ୍ଛେକ ଆଗସର । ଧାଆନ୍ତି ବାହୁନାଦ କରି ॥
ଅସୁର ବାନରଙ୍କୁ ଦେଖି । ବେଗେ ଧାଇଁଲେ ଅଧୋମୁଖି ॥
ହନୁ ଉଠନ୍ତି ଗର୍ଜିଗାଜି । ଅସୁରେ ପଳାଇଲେ ଭାଜି ॥
ଦେଖି ଧାଇଁଲା ଇନ୍ଦ୍ରଜିତ । ବାଣ ବର୍ଷିଲା ଅପ୍ରମିତ ॥
ରାମ ହୋଇଲେ ଆଗୁସାର । ବର୍ଷିଲେ ଅପ୍ରମିତ ଶର ॥
ଅନେକ ଯୁଦ୍ଧ ହେଲା ପଞ୍ଚି । ଧକତ ଜଣା ଏକ ବନ୍ଧି ॥
ଛଦ୍ମରେ ଯୁଝିଲା ରାବଣି । ରାମ ତା ନ ପାରିଲେ ଜାଣି ॥
ବେଗେ ବର୍ଷିଲା ମୋହ ବାଣ । ସମସ୍ତେ ହରାଇଲେ ଜ୍ଞାନ ॥
ରାମ ସଙ୍ଗତେ ହନୁମନ୍ତ । ଲକ୍ଷ୍ମଣ ଆଦି ତାରାକାନ୍ତ ॥
ମାରିଣ ଇନ୍ଦ୍ରଜିତ ଗଲା । ରାବଣ ଆଗରେ କହିଲା ॥
ହେ ଦେବ ଲଙ୍କାର ନୃପତି । ମାରି ଅଇଲି ବେନପତି ॥
ଆଜ କେ ଅଛୁ ତୋ ବଇରୀ । ଦେଖାଅ ପ୍ରଭୁ ଦଶଶିରୀ ॥
ଶୁଣି ରାବଣ ତୋଷ ହେଲା । ପୁତ୍ରକୁ ଗଉରବ କଲା ॥
ଛଦ୍ମମ ଯୁଦ୍ଧେ ରାମ ସୈନ୍ୟ । ସମସ୍ତେ ହରାଇଲେ ଜ୍ଞାନ ॥
ଯୁଦ୍ଧ ଦେଖିଣ ବିଭୀଷଣ । ପଳାଇ ଯାଇଥିଲା ପୁଣ ॥
ଆସି ହୋଇଲା ରାମ କତି । ଦେଖିଲା ମୋହେ ପଡ଼ିଛନ୍ତି ॥
କାନ୍ଦଇ ରାମ ପାଶେ ବସି । ଏହା ହେ ଅର୍ଜିଥିଲା ଆସି ॥
ମୋବୋଲ ନକଲ ଯେ ହାଦେ । ମାରିଣ ଗଲା ଛନ୍ଦ ଯୁଦ୍ଧେ ॥
କାନ୍ଦଇ କ୍ଷମା ରବ କରି । କେ ତାହା କହିବ ବସ୍ତାରି ॥
ସ୍ୱର୍ଗୁଁ ଶୁଭିଲା ଦେବବାଣୀ । ହନୁ ଆଗେ କାନ୍ଦେ ଯେ ପୁଣି ॥
ଅମର ବାକ୍ୟେ ବିଭୀଷଣ । ତୋଳିଲା ଯାଇ ହନୁମାନ ॥
ଚେତଣ ଉଠିଲା ମାରୁତି । ସମସ୍ତେ ମୋହେ ପଡ଼ିଛନ୍ତି ॥
ବିଭୀଷଣକୁ ବୋଲେ ହନୁ । କଳପ ପତ୍ର ଆଣ ବନୁ ॥

Digitized by PPRACHIN, SOA

ଶୁଣି ଧାଇଁଲେ ହନୁମନ୍ତ । ବନୁ ଆଣିଲେ କଳ୍ପଘନ୍ତ ॥
ଛିଞ୍ଚିଲା ଶ୍ରୀରାମଙ୍କ ମୁଖେ । ସଚେତ ହେଲେ ରାମ ସୁଖେ ॥
ଲକ୍ଷ୍ମଣ ମୁଖେ ନେଇ ବାଞ୍ଛି । ଧନୁ ଧରିଣ ବୀର ଅଞ୍ଛି ॥
ସୈନ୍ୟ ସବୁନ୍ତ ହନୁମନ୍ତ । ଦଣ୍ଡ ଆସିଲା କଳ୍ପଘନ୍ତ ॥
ଉଠି ବସିଲେ ସର୍ବେ ବେଗେ । ବିଭୀଷଣ ଯେ ରାମ ଆଗେ ॥
ରାବଣ ଆସିବ ଯେ ପୁଣି । ଶପୁନ କହିଥିବା ପୁଣି ॥
ବନ୍ଧ କରିବା ରାବଣକୁ । ଧରିଣ ମାରିବା ତାହାକୁ ॥
ରାମ ଶୁଣିଲେ ଲଙ୍କ ବୋଲେ । ସର୍ବେ ଶୁଣିଲେ ରାମ ବୁଲେ ॥
ରାବଣ ପୁତ୍ର ମୁଖୁ ଶୁଣି । ତାହାର ହେଲା ବଂଶହାଣି ॥
ଅତି ଆନନ୍ଦ ମନ ହୋଇ । ଅସୁର ସଙ୍ଗତେ ଚଳଇ ॥
ସୁବଳ ଗିରିରେ ମିଳିଲା । ହନୁକୁ ଦେଖିଣ ହସିଲା ॥
ଦେଖିଲା ଶ୍ରୀରାମଙ୍କ ସୈନ୍ୟ । ଆବର ସୁଗ୍ରୀବ ଲକ୍ଷ୍ମଣ ॥
ବୋଇଲା ଅସୁରଙ୍କୁ ଚାହିଁ । ବାନର ତୁମ୍ଭେ ନଅ ବହି ॥
ଆଜ୍ଞା ପ୍ରମାଣେ ଦୈତ୍ୟ ଗଲେ । ବାନର ହୋଷ୍ଟ ଘର କଲେ ॥
ଦକ୍ଷିଣ ନଅନ୍ତ ଲଙ୍କାକୁ । ଆନନ୍ଦ ହୋଇଣ ମନକୁ ॥
ଏକୁ ଆରେକ ଝୁଣ୍ଟାଝୁଣ୍ଟି । ବାନର ମାଂସ ଖାଇ ନାହିଁ ॥
ଯତନେ ରାନ୍ଧିବା ବ୍ୟଞ୍ଜନ । ଆନନ୍ଦେ କରିବା ଭୋଜନ ॥
ରାବଣ ଅତି ହିଁ ସନ୍ତୋଷେ । ରାମକୁ ଚୋଳେ ଯାଇଁ ବେଗେ ॥
ଟେକି ବୋଲଇ ହନୁମନ୍ତ । ଅସୁର କରନ୍ତ ନିପାତ ॥
ଉଠି ବସିଲା ଝାଡ଼ି ଝୁଡ଼ି । ଅସୁରେ ପଳାଇଲେ ଛାଡ଼ି ॥
କହନ୍ତି ରାବଣ ସମ୍ମୁଖେ । ପଳାଇ ଯିବା ଲଙ୍କାପୁରେ ॥
କାହିଁ ଅଛଇ ହନୁମାନ । ଆମ୍ଭଙ୍କୁ କରିବ ନିଧନ ॥
ରାବଣ ଡରେ ଥରହର । ପଳାଏ ପ୍ରାଣେର ବିକଳ ॥
ବାନର ଉଠି ଗଳଗାଜି । ସମସ୍ତେ ଏକମୁଖେ ଯୁଝି ॥
ହନୁ ମାରଇ ଝୋଙ୍କ ଖେଳ । ଭୂମିରେ ପଡ଼ି ଦୈତ୍ୟ ଗଞ୍ଜି ॥
ବାନରେ ଥିଲେ ଯେତେ ନେଇ । ପଡ଼ିବା କାଟିବାର ପାଇଁ ॥

Digitized by PPRACHIN, SOA

ଅସୁରେ ଶସ୍ତ୍ର ଧରିଛନ୍ତି । ମାଂସ କାଟିବା ବଳ୍ପୁରନ୍ତି ॥
କାନରେ ସେହି ଶସ୍ତ୍ରଧରି । ନାକ କାଟନ୍ତି ଯତ୍ନକରି ॥
ଲଙ୍କାରେ ପଡ଼ିଲା କୋବାଳି । କାନରେ କଲେ ହାଲହୋଳି ॥
ଅସୁର ନାକ କାନ କାଟି । ଶ୍ରୀରାମ ଚ୍ଛମୁରେଣ ଭେଟି ॥
ରାବଣ ଡରେ ପଳାଇଲା । ନିଜ ନଗରେ ଯାଇ ହେଲା ॥
ଇନ୍ଦ୍ରଜିତକୁ ମାନ କରି । ପଲଙ୍କେ ଶୋଏ ଦଶଶିର ॥
କହନ୍ତି ଯାରେଶ୍ୱର ସୁତ । ଶୁଣ ଯୁଧିଷ୍ଠି ରାମରସ ॥
ସ୍ୱପ୍ନରେ ରାମ ନଳ ସମ୍ପଦ । ଅବଶ୍ୟ ଭୁଞ୍ଜଇ ବିପଦ ॥
ସୁଜନେ ନ ଘେନିବା ଦୋଷ । କହେ ଶିଶୁ ଈଶ୍ୱର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ ଈଶ୍ୱର ଦାସ କୃତେୟ ବ୍ୟାସ ଧର୍ମ ମାର୍କଣ୍ଡ ଶ୍ରୀରାମ ସମ୍ବାଦେ ରାମ ବନବାସେ ରାମାୟଣ ଯୁଦ୍ଧେ ମୋହ ନିସ୍ତାରଣେ ନଳ କୁଣ୍ଡୀକାଟେକେ ପ୍ରବେଶେ ନାମ ସପ୍ତମୋଽଧ୍ୟାୟଃ ।

ଅଷ୍ଟମ ଅଧ୍ୟାୟ

ଯୁଧିଷ୍ଠି ଉବାଚ

ଯୁଧିଷ୍ଠି ମୁନି ପାଦେ ପଡ଼ି । ବୋଲନ୍ତି ବେନିକର ଯୋଡ଼ି ॥
ରୁତୁପର୍ଣ୍ଣ ସଙ୍ଗେ ନଳ ଥିଲେ । ଏଥି ଉତ୍ତରୁ କିସ କଲେ ॥

ବ୍ୟାସ ଉବାଚ

ବ୍ୟାସ ବୋଲନ୍ତି ଧର୍ମ ଶୁଣ । ନଳ ଦମୟନ୍ତୀର ମିଳନ ॥
ରାମ ଶୁଣନ୍ତି ସେ ସ୍ନେହ ହୋଇ । ମାର୍କଣ୍ଡ କହନ୍ତି ବୁଝାଇ ॥
ରୁତୁପର୍ଣ୍ଣ ରାଜା ସିଂହଦ୍ୱାରେ । ବସିଛନ୍ତି ରଥର ଉପରେ ॥
ଉଗର ମୁଖରୁଁ ଖବର ଶୁଣି । ପାଇକୁ କହିଲ ସେ ବାଣୀ ॥
ରୁତୁପର୍ଣ୍ଣ ରାଜନକୁ ଆଣ । କି ଅର୍ଥେ କରିଛନ୍ତି ଗମନ ॥
ଆଜ୍ଞା ପ୍ରମାଣେ ରାଜା ଲୋକ । ଅଇଲେ ତାହାଙ୍କ ସମୀପ ॥
ଆଜ୍ଞା ପ୍ରମାଣେ ପାଇକ ଗଲା । ରୁତୁପର୍ଣ୍ଣ ସନ୍ନିଧେ ହୋଇଲା ॥
ଅଛନ୍ତି ଦୁହେଁ ମାଲ୍ୟକରି । ଶୁଣିମା ହେଉ ଦଣ୍ଡଧାରୀ ॥
ରାଜା ଯେ ପେଷିଲେ ଚ୍ଛମୁକୁ । ବିଜୟ ହେଉ ନଗରକୁ ॥

Digitized by PPRACHIN, SOA

ରଥୁ ଓହ୍ଲାଇଣ ଋତୁପର୍ଣ୍ଣ । ମଧ୍ୟରେ କରନ୍ତି ଗମନ ।
ଭୀମକୁ ଦେଖି ମାନ୍ୟ କଲେ । ରାଜା ଉଠିଣ କୋଳ କଲେ ॥
ଆସନେ ବସାଇ ହରଷେ । କୁଶଳ ବାରତା ପ୍ରକାଶେ ।
କେଣିକ କରୁଛ ଗମନ । କହିବା ହେଉ ହେ ରାଜନ ॥
ଋତୁପର୍ଣ୍ଣ ଶୁଣି ସେ ଉତ୍ତର । ମନରେ କରଇ ବିଚାର ।
ଏଥିରେ ସନ୍ଦେହ ଯେ ଅଛି । ପ୍ରଥମେ ଏମନ୍ତ ବୋଲୁଛି ॥
କିବା ଏ ଅଟେ କି ଉପାୟ । ମୋତେ ତ ଲାଗିଲା ସନ୍ଦେହ ।
କହିବ ଭୀଷା ପ୍ରକରଣକୁ । ପଚ୍ଛେ ପଚାରିବା ବିପ୍ରକୁ ॥
ଋତୁପର୍ଣ୍ଣ ବୋଲେ ଶୁଣ ରାୟେ । ଶୁଣିଲୁ ତୁମ୍ଭର ସନ୍ଦେହେ ।
ବିପ୍ରର ବଚନେ ହୋଇଲୁଁ । ତୁମ୍ଭର ଭେଟ ଯେ ପାଇଲୁ ॥
ବହୁ ଆନନ୍ଦ ହେଲା ମନ । ପାଇଲୁ ତୁମ୍ଭର ଦର୍ଶନ ।
ଭକ୍ତ ବତ୍ସଳେଶ୍ୟ ଭକ୍ତି କହି । ଶୁଣି ବୋଇଲେ ଭୀମ ତହିଁ ॥
ଆନନ୍ଦ ହୋଇ ଭୀମ ରାୟେ । ଋତୁପର୍ଣ୍ଣ ପୂଜା କଲେ ପାୟେ ।
ରାଜା ମତହିଁ କରିବାରେ । ଚରଣ୍ଡ କରନ୍ତି ସଧୀରେ ॥
ଭୀମ ଯେ ବୋଲନ୍ତି ପୁତ୍ରକୁ । ଶୂନ୍ୟରେ ଚଳାଅ ରଥକୁ ।
ଋତୁପର୍ଣ୍ଣ ବୋଲେ ପାହ ଶୁଣ । କହିବୁ ଆମ୍ଭର ବଚନ ।
ସଙ୍ଗେ ସାରଥି ନଳାଞ୍ଜନ । କହଇ ହବଷ୍ୟ ଭୋଜନ ।
ନଗ୍ରୋଳ ଦେଇ ସୁଧା ପିସ । ତାହାକୁ କରାଅ ହବଷ୍ୟ ।
ପାହ ଯେ ଜଣାଇ ମହିମା । ଆଜ୍ଞା ପ୍ରମାଣେ ସବୁଦେବା ।
ଧନ ଚରଣ୍ଡ କରିବାରେ । ଚାହ ଯେ ଗଲା ତତପରେ ॥
କାହିଁ ଦେଖିଲା ଏତେ କଥା । କି ଅବା ଅଟଇ ବିଧାତା ।
ମୋହରେ ନୁହଇ କହିଣ । ପ୍ରତିଜ୍ଞା ଅଟେ ଗୁରୁ ଠାଣ ॥
ଯେ ରଥ ଆଣେ ଏକ ମାସେ । ଆଣିଲା କଅଛ ସାହସେ ।
ଦ୍ୱାଦଶ ଦଣ୍ଡେ ରଥ ବାହି । ଆଣିଲା କୁଣ୍ଡୀ କଟକାଇ ॥
କି ଆଚମ୍ବିତ ତୋର ଚରିତ । ମୋତେ ଲାଗିଲା ଆଚମ୍ବିତ ।
ରଥେ ବସିଛି ସିଂହଦ୍ୱାରେ । ମୁହିଁ ଅଇଲି କହିବାରେ ॥

Digitized by PPRACHIN, SOA

ରାଜା ଯେ କହିଲେ ପାଏକୁ । ଚରଣ କର ଯେ ତାହାକୁ ॥
ସିଦ୍ଧ ପବନ ଭୂମିସ୍ଥାନ । ତାହାଙ୍କୁ କରାଅ ରନ୍ଧନ ॥
ପାଏ ଯେ ଗଲେ ସେହିକ୍ଷଣି । ଶୁଣିମା ହେଉ ଯେମାନଣି ॥
ଦମୟନ୍ତୀ ଶୁଣିଣ ହରଷ । ବିପ୍ରଙ୍କୁ କରଇ ଆଶ୍ୱାସ ॥
ଯେବେ କରିବ ମୋର ବାଣୀ । ବନ୍ଧନ ଯାଅ ବିପ୍ରମଣି ॥
ଦମୟନ୍ତୀ ଶୁଣିଣ ହରଷ । ପୂରିଲା ମୋହର ଯେ ଆଶ ॥
ଭିତର ଘର ମେଲ ଠାରେ । ପାକ ଯେ କରାଅ ବେଗରେ ॥
ମୋହର ବଚନ କରିବ । ଏତେକ ତାଙ୍କୁ ନେଇ ଦେବ ॥
ବାରି ନ ଥିବା କଣ୍ଡା କୁମ୍ଭ । ବୁଝିବା ଏଥିର ସ୍ୱଭାବ ॥
ଭୂମି କେତକୀ କଣ୍ଡା ଗୁଳି । ଯେମନ୍ତେ ନ ପାରିବ ଜାଳି ॥
ବ୍ୟଞ୍ଜନ ଦେବ ଯେ ଅଳଟା । ସୋରିଷ ଦେବଟି ଅବଟା ॥
ଚଟୁ ନ ଦେବ ପାଶେ ନେଇ । ଲବଣ ନ ଦେବ ସେଠାଇଁ ॥
ଚନ୍ଦ୍ରୁଳ ବୋଲି ଦେବ ଧାନ । ଅଗ୍ନି ପାକ ଯେ ସେ ବନ୍ଧନ ॥
ବନ୍ଧନ ନେଇ ବିପ୍ର ଥୁଅ । ଭିତର ମେଲ ଘରେ ଦିଅ ॥
ବୁଝିବା ଏଥିର ମରମ । ହୋଇଲେ ମୋହର କରମ ॥
ବିରୂପେ ନଯାଇ ପରତେ । ତୋ ବିନୁ ଆସୁ କେବା ଏଥେ ॥
ନିଅ ବନ୍ଧନ ବିପ୍ର ବୁଝି । ସଂଯୋଗେ କର ଯା ସେଠାଇ ॥
ଦମୟନ୍ତୀ ବାକ୍ୟେ ବିପ୍ର ଗଲା । ନଳେ ସେ ମଣ୍ଡା ଭିଆଇଲା ॥
ସବୁ ସାମଗ୍ରୀ ମେଲଠାରେ । ଯତନେ ଥୋଇଲା ସେଠାରେ ॥
ବନ୍ଧନେ ଗଲା ସିଂହଦ୍ୱାର । କହିଲା ସାରଥି ଆଗର ॥
ଆସିବା ହେଉ ଭିତରକୁ । ରାଜାଙ୍କ ଆଜ୍ଞା ଯେ ତୁମ୍ଭଙ୍କୁ ॥
ବିପ୍ର ବଚନେ ନଳ ରାୟେ । ଗମନ କରନ୍ତି ସେଠାୟେ ॥
ହୋଇଲେ ମେଲ ଘରଠାଇଁ । ପାକ ସାମଗ୍ରୀକୁ ଅନାଇଁ ॥
ଦେଖି ହସିଲେ ନଳ ରାୟେ । ରନ୍ଧନ କରିବାକୁ ଯାଏ ॥
ଦେଖିଲେ କୁମ୍ଭେ ନାହିଁ ନୀର । ମନରେ କରନ୍ତି ବିଚାର ॥
ଦମୟନ୍ତୀ ଭିଆଏ ଏସନ । କରନ୍ତି ଯେମନ୍ତ ଭିଆଣ ॥

Digitized by PPRACHIN, SOA

ଚିନ୍ତିଲେ ହର ଗିରିଧାଣ୍ଡି । ଆଜ୍ଞା ପ୍ରମାଣେ ଢଳେ କରି ॥
ପୂର୍ଣ୍ଣ ହୋଇଲା କୁମ୍ଭେ ବାରି । ଚରଣ ଧୋଇ ଶ୍ରଦ୍ଧା କରି ॥
ବୈଶ୍ୱାନରଙ୍କୁ କଲେ ଚିନ୍ତା । ଖଣ୍ଡ ତୁ ମୋହର ଅବସ୍ଥା ॥
ଆଜ୍ଞା ପ୍ରମାଣେ ବୈଶ୍ୱାନର । ଜ୍ୟୋତି ପ୍ରକାଶେ ଶୁଭ୍ରତର ॥
ଅପାକ ହାଣ୍ଡି ଚଢ଼ି ଥୋଇ । ପାକ ହୋଇଲା ଆଜ୍ଞା ପାଇ ॥
ବ୍ୟଞ୍ଜନ ଅକଟା ଅବଟା । ହାଣ୍ଡିରେ ପକାଇଲେ ଗୋଟା ॥
ଭୂମି ଟେକିଚଗା କଞ୍ଚା ଗୁଳ । ଫୁଙ୍କନ୍ତେ ପ୍ରସରେଣ ଜଳ ॥
ଚଟୁ ନ ଦେଲେ ଯେଣୁକରି । ଚଳାଇ ଦେଲେ ହସ୍ତେ ଧରି ॥
ତଣ୍ଡୁଳ ଅର୍ଥେ ଧାନ ଥିଲା । କର ଲଗାନ୍ତେ ଶ୍ୱେତ ହେଲା ॥
ସୋରିଷ ଭରି ନଳ ବଧି । ଜାଣନ୍ତି ରନ୍ଧଣାର ବିଧି ॥
ବିପ୍ର ଦେଖିଲା ଅସମ୍ଭବ । ଈଶ୍ୱର ଅଟେ କେଉଁ ଦେବ ॥
ସତ୍ୱରେ ଗଲା ଚଞ୍ଚଳ । ଡମନ୍ତୀ ଆଗରେଣ ମିଳ ॥
କହିଲେ ଦେଖିଲା ବାରତା । ଜାଣିଲେ ପ୍ରତ୍ୟକ୍ଷ ଦେବତା ॥
ଯାହା ସେ ଚିନ୍ତନ୍ତି ମାନସେ । ଆଜ୍ଞା ପ୍ରମାଣେ ମିଳେ ପାଶେ ॥
ଦମନ୍ତୀ ଶୁଣି ଏ ବଚନ । ବାମ ନୟନୁ ଝୁରେ ଘନ ॥
ପୁଲକେ ଅଙ୍ଗ ରୋମାବଳି । ପୂର୍ବେ ଝୁରିଲେ ସୁତାବଳି ॥
ପଶ୍ଚିମ ଦିଗେ ଶଙ୍ଖ ଚିଲ । ଆକାଶେ ବଲେ ହାଲହୋଳ ॥
ଗୋପ ବନିତା ମୁଣ୍ଡେ ଦଧି । ଦାଣ୍ଡେ ଡାକଇ ସର୍ବସିଦ୍ଧି ॥
ସର୍ବଲକ୍ଷଣ ଦେଖି ନାରୀ । ଦାସୀକି କହିକି ହକାରି ॥
କହନ୍ତି ଦାସୀକି ସତ୍ୱରେ । ମୋର ବଚନେ ଯାଅ ବେଗେ ॥
ସୁତ ଦୁହିତା ଘେନଯାଅ । ରନ୍ଧଣା ପାଖରେ କହାଅ ॥
ସେ ଯେବେ ମସ୍ତକେ ଦେଖି । କହିବ ବ୍ୟଞ୍ଜନକୁ ଦେଖି ॥
ଯେବେ ବ୍ୟଞ୍ଜନ ଦେବେ ସେହି । ଘେନି ଆସିବ ମୋର ଠାଇଁ ॥
ପଚାରନ୍ତେ କହିବ ଚତୁର । ନଳ ରାଜାର ଏହି ସୁତ ॥
ଦୁହିତା ତାଙ୍କର ଅଟଇ । ବନସ୍ତେ ଗଲେ ସେ ନ କହି ॥
ପଚାରେ ଏମନ୍ତ କହିବ । କଅବା ସେହି ସେ ବୁଝିବ ॥

Digitized by PPRACHIN, SOA

ଆଜ୍ଞା ପ୍ରମାଣେ ଦାସୀ ଗଲେ । ସୁତ ଦୁହିତା ସଙ୍ଗେ ନେଲେ ।।
ପ୍ରବେଶ ହେଲ ଘର ଠାଇଁ । ନଳ ରନ୍ଧନ କରେ ଯହିଁ ।।
କାନ୍ଦନ୍ତି ବାଳକ କ୍ଷୁଧାଏ । ଦେଖି ପଶ୍ଚରେ ଦଣ୍ଡଧାଏ ।।

ଦାସୀ ଉବାଚ

ଶୁଣି ଦାସୀଏ କହୁଛନ୍ତି । ନଳ ରଜାଉ ଏ ସନ୍ତତି ।।
ଜାତ ଅଜାତ ନ ଜାଣନ୍ତି । ଧଇଲେ ପିତାର ପ୍ରକୃତି ।।
ପିତା ଏହାଙ୍କ ଯୁଦ୍ଧେ ହାରି । ରାଜ୍ୟ ତେଜିଣ ବନାଶ୍ରୟି ।।
ଛାଡିଲେ ସତ ଯେମା ନାଏ । ବନେ ପଶିଲେ ନ ବହୁରି ।।
କେଣିକ ବହୁରିଣ ଗଲେ । ନ ଶୁଣି କାହାର ମୁଖରେ ।।
ମନ୍ତ୍ରୀ ତା ନରନ୍ତରେ ଶୋକ । କବା ପାରବା ତାଙ୍କୁ ଦେଖି ।।
ଏ ପୁଣ ନ ଯାନ୍ତି ଯେ ବୋଧି । କାହା ଦେଖିଲେ କରେ ଶୋଧି ।।
ଏବେ ଏଠାକୁ ଆସି ଏହି । କାନ୍ଦନ୍ତି ବ୍ୟଞ୍ଜନକୁ ଚାହିଁ ।।

ରାଜନ ଉବାଚ

ଦାସୀ ବଚନେ ରାଜା ହସି । ବଚନ କହନ୍ତି ଆଶ୍ୱାସି ।।
ସୁବର୍ଣ୍ଣ ଥାଳ ଆଣିଦଅ । ବ୍ୟଞ୍ଜନ ପୁଅଙ୍କୁ ଖୁଆଅ ।।
ଆଜ୍ଞା ପ୍ରମାଣେ ଦାସୀ ଗଲେ । ସୁବର୍ଣ୍ଣ ଥାଳ ଆଣିଦେଲେ ।।
ରାଜା ବ୍ୟଞ୍ଜନେ ଦେଲେ ଆଣି । ବାଳକ କରେ ତାହା ଘେନି ।।
ବେଗେ ଚଳିଲେ ନବରକୁ । ନେଇଣ ଦେଲେ ସେ ମାତାକୁ ।।
ଦମୟନ୍ତୀ ଘେନ ସେହୁ ଭରେ । ଆଘ୍ରାଣ କରି ନାସାଦ୍ୱାରେ ।।
ଜାଣିଲେ ନଳ ବଧୂ ଏହି । ମାନବ ଜାଣେ ସାର କେହି ।।
ଜାଣି ହୋଇଲେ ହସ ହସ । ଆଘ୍ରାଣେ ହୋଇଲେ ଆବେଶ ।।
କହନ୍ତି ପାରେଶ୍ୱର ସୁତ । ବସି ଶୁଣନ୍ତି ପଞ୍ଚଭ୍ରାତ ।।
ଏଠାରୁ ଗଲା ନଳବଧି । ଶୁଣନ୍ତେ ହୁଏ ପାପସିଦ୍ଧି ।।
ଅରଣ୍ୟେ ଶ୍ରୀରାମ ଶୁଣନ୍ତି । କହନ୍ତି ମାର୍କଣ୍ଡ ଯତି ।।
ରାବଣ ପୁଚ୍ଛେ ମାନ କରି । ଶୋଇ ଯେ ଥିଲେ କ୍ରୋଧକରି ।।
ମନ୍ତ୍ରୀ ତା କହିଲ ବାରତା । ଶୁଣି ଧାଇଁଲ ଇନ୍ଦ୍ରଜିତା ।।

Digitized by PPRACHIN, SOA

ନମିଲ ପିତାର ପଦ୍ମରେ । ଚରଣ ଗୁପଇ ସଧୀରେ ॥
ଉଠି ବସିଲ ଲଙ୍କପାଳ । ପୁତ୍ର ବସିଛି ପାଦତଳ ॥
କ୍ରୋଧେ ବୋଲଇ ଦଶଶୀର୍ଷ । ମୁଁ ତୋର ନୁହଇ ବଳଶ୍ୱ ॥
ତୋହର ବେଳେ ଗଲା ମୁହିଁ । କହଇ ନଣେ ହାତ ଦେଇ ॥
ଆଜ ବୁଝିବ ମୋର ରଣ । ମାରିବି ଶ୍ରୀରାମ ଲକ୍ଷ୍ମଣ ॥
ଯୁଦ୍ଧକୁ ହୋଇଲା ବାହାର । ବିଚାର କରଇ ମନର ॥
ଚିନ୍ତା କରଇ ମନେ ବସି । କେମନ୍ତ ମାରିବି ତପସ୍ୱୀ ॥
କପଟେ ଯୁଝିବଇଁ ଆଜ । ବୋଲି ହୋଇଲା ବେଗେ ସଜ ॥
ସୈନ୍ୟ ଘେନଣ ବାହାରିଲା । ରଣ ଭୂମିରେ ଯାଇ ହେଲା ॥
ବେଗେ ଧାଇଁଲେ ରାମ ଦୂତେ । ଦୈତ୍ୟଙ୍କୁ ବେଢ଼ିଲେ ତୁରିତେ ॥
ମାରନ୍ତି ଶିଳା ବୃକ୍ଷ ଘେନ । ଅସୁରେ ଲୋଟନ୍ତି ଧରଣୀ ॥
ବାନରେ ହୋଇ ଦଶଢଗ । ଫେଡ଼ି ଦିଅନ୍ତି ରଥ ଅଶ୍ୱ ॥
ରଥ ହୁଅନ୍ତେ ଭୂମିଗତ । ରଥରୁ ଡିଙ୍ଗନ୍ତେ ତୁରିତ ॥
ଛଡ଼ାନ୍ତି କରୁ ଧନୁ ତୂଣ । କେହୁକ ମାଡ଼େ ନାକକାନ ॥
ଏମନ୍ତେ ଶ୍ରୀରାମ ବାନର । ଗୋଡ଼ାଇ ମାରନ୍ତି ଅସୁର ॥
ହନୁ ଯେ ଦେଲା ସିଂହ ରଡ଼ି । ଅସୁରେ ପଳାଇଲେ ଛାଡ଼ି ॥
ଦେଖିଣ ଇନ୍ଦ୍ରଜିତ ବୀର । ମନରେ କରଇ ବିଚାର ॥
ମାୟାରେ ରଚି ଏକ ନାରୀ । ରଥେ ବାନ୍ଧିଛି ଯତ୍ନ କରି ॥
ପ୍ରତ୍ୟକ୍ଷେ ଅଟେ ବଇଦେହୀ । ରୂପକୁ ପ୍ରତି ତୁଲ୍ୟ ନାହିଁ ॥
ଦେଖି ଚକିତ କପିଧାଶ୍ୱ । ରହିଲେ କଣ୍ଠ ଖମ୍ବ ପରି ॥
ବାନ୍ଧଣ ରଥର ଖମ୍ବର । ହୋଇଲ ଶ୍ରୀରାମ ସୁମୁର ॥
ବୋଲଇ ଶୁଣ ରଘୁବାଳ । ତୁମ୍ଭ ଆମ୍ଭର କହିଁ । ଗୋଳ ॥
ଏ ସୀତା ପାଇଁ ସିନା କଳି । ମଲେ ଏ ସରେ ସବୁ କଳି ॥
ଏତେ ବୋଲିଣ କେଶ ଧରି । ହାଣିଲା ବେକ ଖଣ୍ଡ କରି ॥
ଦେଖି ଚକିତ କପିଧାଶ୍ୱ । ରହିଲେ କଣ୍ଠ ଖମ୍ବ ପରି ॥
ଚଳିଲ ଗଲା ଇନ୍ଦ୍ରଜିତ । ଲଙ୍କାରେ ହୋଇଲା ତୁରିତ ॥

Digitized by PPRACHIN, SOA

ମିଳନ୍ତି ପିତାର ଅଗ୍ରତ । କହିଲେ ଯାବନ୍ତ ବୃତ୍ତାନ୍ତ ॥
ଶୁଣି ସାନନ୍ଦ ଦଶରଥ । ପୁତ୍ରଙ୍କୁ କରାଇ ଆଶ୍ୱାସ ॥
ବୋଲନ୍ତି କି କଲ ଅସୁର । ସମସ୍ତେ ମିଳିଲେ ଆତୁର ॥
ଶ୍ରୀରାମ ବାହୁନି କାନ୍ଦନ୍ତି । ଲକ୍ଷ୍ମଣ ଗୁଣ ସୁମରନ୍ତି ॥
ଆହାରେ ଚନ୍ଦ୍ରମା ବଦନ । ଉଇଁକମ୍ବୁ ରାଜ ମୁଦର୍ଶନା ॥
ସଫରି କୁରଙ୍ଗି ଲୋଚନ । ଅଣ୍ଡିର କୋକିଳ ବଚନ ॥
ନୀଳ ଜଳଦ ଶୁଚିକେଶୀ । ହେମ ବରନ ମଦଳାସି ॥
ଜନକ ରାଜ ଋଷି ଯେମା । ପ୍ରାଣବାନ୍ଧବୀ ଗୁଣସୀମା ॥
କେତେ କହିବ ତୋର ଗୁଣ । ସୁମରି ଯାଉ ମୋର ପ୍ରାଣ ॥
ଏହି ସମୟେ ବଶିଷ୍ଠଣ । କହଇ ରାମ ସନ୍ନିଧାନ ॥
ହେ ପ୍ରଭୁ ରଘୁକୁଳ ନାଥ । ଏ କି ଅଟଇ ଏହୁ ମାୟା ॥
ଦେଖିକୁ ବଶ୍ୱାସ ନ ଯାଇ । ନ ପୁଣ ମାୟା କରିଥାଇ ॥
ଯେ ବିଷ୍ଣୁ ପତ୍ନୀ ଜଗନ୍ମାତ । ତାକୁ ଛୁଇଁବ କାହିଁ ଦେଖ ॥
ପ୍ରତେ ନ ଯାଇ ମୋର ମନ । ଦେଖ ସଙ୍କେତ ଆଖ୍ୟାମାନ ॥
ଶୁଣିଣ ଶ୍ରୀରାମ ଯେ ବେଗେ । ସୀତା ରୂପକୁ ଦେଖି ବେଗେ ॥
ଦେଖି ଜାଣିଲେ ନୋହେବୋଲି । ସିନ୍ଧୁ ମଧ୍ୟରେ ହେଲେ ପେଲି ॥
ସମସ୍ତେ ଆନନ୍ଦ ହୋଇଲେ । ପୁବଳପୁରକୁ ଚଳିଗଲେ ॥
ରାବଣ ପାଇଲା ବାରତା । ମନରେ କଲା ମହାଚିନ୍ତା ॥
କହନ୍ତି ବ୍ୟାସ ମୁନିବର । ଶୁଣିଲଟିକି ଯୁଧିଷ୍ଠିର ॥
ମାର୍କଣ୍ଡ ନଳର ସମ୍ବାଦ । ନଳର ଫିଟିଚ୍ଛି ବିପଦ ॥
ଯେ ଏହା ଶୁଣେ ଶ୍ରଦ୍ଧା ହୋଇ । ତାର ବିପତ୍ତି କ୍ଷୟ ଯାଇ ॥
ସୁଜ୍ଞ ସୁଜନେ ହୁଅ ତୋଷ । ଭଣେ ଶୁଣି ଈଶ୍ୱର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ ମାର୍କଣ୍ଡ
ରାମ ସମ୍ବାଦେ ରାମ ବନବାସ ମାୟା ସୀତା ବଧେ ନଳ
ବନବାସ ମୋକ୍ଷଣେ ନାମ ଅଷ୍ଟମୋଧ୍ୟାୟଃ ।

—୦—

Digitized by PPRACHIN, SOA

ନବମ ଅଧ୍ୟାୟ

ଯୁଧିଷ୍ଠି ଉବାଚ

ଯୁଧିଷ୍ଠି ମୁନି ପାଦେ ପଡ଼ି । କହନ୍ତି ବେନିକର ଯୋଡ଼ି ॥
ହେ ମୁନି କହ ଏବେ ମୋତେ । ନଳକୁ ଚହ୍ନିଲେ କେମନ୍ତେ ॥
ଦେଖି ଯୁଧିଷ୍ଠି ଭକ୍ତିମାନ । କହେ ଯୋଜନ ଗନ୍ଧନାନ ॥
ମାର୍କଣ୍ଡ ସମଙ୍କୁ ବୁଝାଇ । ଶୁଣିମା ସାବଧାନ ହୋଇ ॥
ନଳ ଯେ କରୁଣ ରନ୍ଧନ । ପୁଅକୁ ଦେଲେକ ବ୍ୟଞ୍ଜନ ॥
ଦମୟନ୍ତୀ ନାସାଘ୍ରାଣ କରି । ମନେ ଉଷତ ଭାବ ଧରି ॥
ଦାସୀଙ୍କି ବୋଲେ ବେଗେଯାଅ । ଏଠାରେ ଟେଷ ଯେ ପକାଅ ॥
ଦାସୀଏ ଗଲେ ବେଗ ହୋଇ । ଟେଷ ଯେ ବାନ୍ଧିଲେ ସେଠାଇଁ ॥
ଦମୟନ୍ତୀ ଗଲେ ଅତି ବେଗେ । ମିଳିଲେ ଟେଷ ବାଡ଼ ଲାଗେ ॥
ଭୂମିଷ୍ଠ ହୋଇ ଭୂମି ଗତେ । ବିରୂପେ ନ ଯାଇ ପରତେ ॥
ଭୋଜନ ସାଙ୍ଗି ନଳରାୟେ । ତାମ୍ବୁଳ କଣ୍ଟି ଲାଗି ହୁଏ ॥
ଏହି ସମୟରେ ଦମୟନ୍ତୀ । ହାସ୍ୟରେ ପ୍ରକାଶ କରନ୍ତି ॥
ପୁରୁଷଙ୍କ ନିଷ୍ଠୁର ପଣ । କେତେ କହିବା ତାଙ୍କ ଗୁଣ ॥
ବଚନ ନ କଲେ ମୋହର । ଯୁତେ ହାରିଲେ ରାଜ୍ୟଘର ॥
ସଙ୍ଗତେ ଘେନିଗଲେ ମୋତେ । ପଶିଲେ ଗହନ ବନସ୍ତେ ॥
ମଣ୍ଡପେ ଯାଇ କଲେ ଶଯ୍ୟା । କମ୍ପା ଚେତିଲେ ମହାରାଜା ॥
ମୋର କି ଦୋଷ ଅପରାଧ । ଆପଣେ ନାଶିଲେ ସମ୍ପଦ ॥
ତିଳେ ନପାରେ ମୋତେ ଛାଡ଼ି । କ୍ଷମା ପୁରୁଷେ ଏତେ ହୁଡି ॥
ସ୍ୱଭାବେ ପୁରୁଷେ ଲକ୍ଷଣ । ଅନ୍ୟ ସ୍ତ୍ରୀ ଶ୍ୱରେ ଥାଇ ମନ ॥
ନୋହିଲେ ତେଜିଲେ କମ୍ପାଇ । ଏତେ ନିର୍ଦ୍ଦୟ କାହିଁପାଇଁ ॥
ପୁଷ୍ପେ ଯେସନେ ଅଳିବୃନ୍ଦ । ଭ୍ରମଣ କରନ୍ତି ଆନନ୍ଦ ॥
ପୁଷ୍ପ ମଳିଣ ଯେବେ ହୋଇ । ସେ ପୁଣି ତା ପାଶେ ନଯାଇ ॥
ତେସନ ପ୍ରାୟେ ତୁମ୍ଭେ କଲ । ଯେଣୁଟି ମୋତେ ଛାଡ଼ିଦେଲ ॥
ଭ୍ରମର ପୁଷ୍ପ ନ ଛାଡ଼ଇ । ପୁଷ୍ପ ଛୁଟିଲେ ମନ୍ଦପାଇ ॥

Digitized by PPRACHIN, SOA

ସେ ପୁଣି ଧର୍ମକୁ ନ ଲଙ୍ଘି । ପୁଷ୍ପ ବୃକ୍ଷକୁ ଥାଏ ଜଗି ॥
ତୁମ୍ଭେ ତ ତେମନ୍ତ ନ କଲ । ମଣ୍ଡପେ ଗୁଡ଼ି ପକାଇଲ ॥
ସୁଜନ ସ୍ତ୍ରୀ ବା ପୁରୁଷ । ଉପଦେ ନ ଗୁଡନ୍ତି ପାଶ ॥
ଦେଖ ଚନ୍ଦନ ଯେ ମଳୟା । ସ୍ୱର୍ଗେ ଘୋଟିଛନ୍ତି ତାର କାୟା ॥
ସ୍ତ୍ରୀ ପୁରୁଷ ସେହିମତ । ସୁଖେ ଉପଦେ ନ ଗୁଡନ୍ତି ॥
ତୁମ୍ଭେ ତେମନ୍ତ ନ ବିଗୁର । ବନସ୍ତେ ଗଲ ତେଜ୍ୟା କରି ॥
ଦେଖ ଚନ୍ଦ୍ରମା ରାହୁ ଲକ୍ଷ । ତେଜ୍ୟା ନ କଲେ ତାଙ୍କୁ ଦକ୍ଷ ॥
ରାହୁ ନ ଗୁଣ୍ଡି ରାହୁ ବୋଲି । ଅଯୋଗେ ଚନ୍ଦ୍ରମାକୁ ଗିଳି ॥
ଚନ୍ଦ୍ର ଧନୁରେ ଦୁଃଖ ମନ । ହେ ରାଜା ହେଜ ମନେ ମନ ॥
ସ୍ତ୍ରୀ ପୁରୁଷ ଏକ ଜାଣ । ବିଧାତା କରିଛି ଘଟଣ ॥
ତେସନ ନ କଲ ଆମ୍ଭଙ୍କୁ । କି ଅବା କହିବା ତୁମ୍ଭଙ୍କୁ ॥
ସଂସାରେ ସ୍ତ୍ରୀ ରତ୍ନ ଜାଣ । ସ୍ତ୍ରୀରେ ଜଗତ ଭିଆଣ ॥
ପରମ ବିଷ୍ଣୁଙ୍କ ଘରଣୀ । ସେ ପୁଣି ତ୍ରିପୁରେ ଭ୍ରମି ॥
ବିଷ୍ଣୁଙ୍କ ଅଟେ ଅର୍ଦ୍ଧ ଅଙ୍ଗ । ସେ ପୁଣି ବନ୍ଦେ ଦେବବର୍ଗ ॥
ଲକ୍ଷ୍ମୀ ପତ୍ନୀକ ତ୍ୟାଗ କଲେ । ବିଷ୍ଣୁ ବୁଲନ୍ତି ତା ପଛରେ ॥
ବିଷ୍ଣୁ ନ ପାରେ ତାଙ୍କୁ ଗୁଡ । ନରତେ ଅନ୍ତି ତାଙ୍କୁ ଲୋଡ଼ି ॥
ହେ ରାଜା ତୁମ୍ଭେ ନ ବୁଝିଲ । ଅନେକ ଦୁଃଖ ମୋତେ ଦେଲ ॥
ଏମନ୍ତେ କଟୁ ବାକ୍ୟ ବାଣୀ । ଦମୟନ୍ତୀ ପ୍ରକାଶଇ ଆଣି ॥
ଶୁଣି ଏମନ୍ତ ଉପହାସ୍ୟ । ନୃପତି ବଚନ ପ୍ରକାଶ ॥
ବୋଲେ ଯେ ପୁରୁଷ ନିଷ୍ଠୁର । କାହିଁବା ଏଥିର ଉତ୍ତର ॥
ଶୁଣ ତୁ ହରିଶ୍ଚନ୍ଦ୍ର କଥା । ସେ ଯେତେ ପାଇଲେ ଅବସ୍ଥା ॥
ବିଶ୍ୱାମିତ୍ରଙ୍କୁ ଦାନ ଦେଲେ । ରାଜ୍ୟ ଭଣ୍ଡାର ଯୁର କଲେ ॥
ଦକ୍ଷିଣା ପାଇଁ ବିଶ୍ୱାମିତ୍ର । ଜଞ୍ଜାଳ କଲେ ଅପ୍ରମିତ ॥
ସେ ରାଜା ପତ୍ନୀକ ରୁହାଇ । ଦକ୍ଷିଣା ଆଣିବାରେ ଯାଇ ॥
କାଶୀ ନଗରକୁ ଚଳିଗଲେ । ରାଜ୍ୟେ ଘେଣ୍ଟୁରା ଦିଆଇଲେ ॥
ସେ ନଗ୍ରେ ପ୍ରବେଶ ହୋଇଲେ । ଆପଣା ପତ୍ନୀକ ବିକଲେ ॥

Digitized by PPRACHIN, SOA

ସେ ରାଜ୍ୟ ଥିଲେ ଧନେଶ୍ୱର । ନାମ ତା ବୃଦ୍ଧା ସେ ଶବର
ପୁଣି ଆପଣେ ଧର୍ମି ହେଲେ । ଚଣ୍ଡାଳ ଘରରେ ରହିଲେ ॥
ମୁନି ବୋଧିଲେ ଧନ ଦେଇ । ସତ୍ୟରେ ଏତେ ଦୁଃଖ ସହି ॥
ସେମାନେ ଏତେ କୃତ୍ୟ କଲେ । ନଷ୍ଟୁନୁ ଦେହି ନ ବୋଇଲେ ॥
ରାଜା କ ବକେଇ ତୁମ୍ଭଙ୍କୁ । କପାଇଁ ନନ୍ଦା ପୁରୁଷଙ୍କୁ ॥
ଏହା କହିଲେ ସେତେ ବାଣୀ । ଆଜ କହିବା ଶୁଣ ପ୍ରାଣୀ ॥
ବୋଇଲେ ବ୍ରାହ୍ମଣେ ପୁରୁଷ । ଅନ୍ୟ ସ୍ତ୍ରୀଙ୍କରେ ଥାଇ ଆଶ ॥
ପୁରୁଷ ସ୍ତ୍ରୀ ଅବା ହୋଇ । ଏ କର୍ମେ ଥିଲ୍ଲୁ ଅବା ସେହି ॥
ନରକେ ଦୁଃଅନ୍ତ ସେ କୃମି । ଅନେକ ଜନ୍ମେ ଯୋନି ଭ୍ରମି ॥
ନ ଜାଣି ମୋର ସେ ଉତ୍ତର । ହୋଇଛନ୍ତି ଦ୍ୱିତ ସ୍ୱୟମ୍ବର ॥
ପୁଷ୍ପ ଭ୍ରମଣ ପଟାନ୍ତର । ପୁଷ୍ପରେ ଥାଇ ନିରନ୍ତର ॥
ଦେଖ ସୁଗନ୍ଧ ପୁଷ୍ପବନ । ଦେବ ଦେବାଙ୍କ ସର୍ବମନ ॥
ଗ୍ରୀଷମ ବରଷାରେ ଥାଇ । ଶୀତରେ ପଦ୍ମ ନାଶ ଯାଇ ॥
ବୃକ୍ଷ ସହିତେ ନାଶ ଗଲା । ଭ୍ରମର କ ଅବା ଜାଣିଲା ॥
ସର୍ବଦା ନ ପାଇ ଏ ଦୁଃଖ । ଜାଣେ ହେଁ ପୁଣ୍ୟ ହୁଏ ସୁଖ
ବୋଲେ ଯେ ବନେ ମୃଗ ଥାଇ । ସେ ବନ କେବେ ନ ଛାଡ଼ଇ ॥
ଈଶ୍ୱର ଭିଆଣ ଏ ଦେଖ । କେନେ ପଡ଼ଇ ତାକୁ ଦୁଃଖ ॥
ବୃକ୍ଷ ବୃକ୍ଷ ଯେ ଛନ୍ଦ ହୋଇ । ପବନ ଘାତେ ଦୋହଲଇ
ଗ୍ରୀଷମେ ଅଟଇ ଅନଳ । ଦହନ କରେ ବନ ଆଳ ॥
ଅନଳ ବନସ୍ତ ଦହିଲ । ସେ ବୃକ୍ଷ କାହିଁ ପଳାଇଲା ॥
ସମ୍ପଦ ବିପଦ ହୁଅଇ । ନ ବୁଝି କହିଲ କପାଇଁ ॥
ଆଜ କହିବା ଶୁଣ କଥା । ମଳୟ ଚନ୍ଦନ ବ୍ୟବସ୍ଥା ॥
ସର୍ପ ଅଛଇ ତାକୁ ଘେରି । ସେ କଥା କହିବା ବିସ୍ତାରି ॥
ପବନ ଆହାର କରନ୍ତି । ରାତ୍ର ଦିବସ ନ ଛାଡ଼ନ୍ତି ॥
ଶୁଣ ହେ ବଧାତାର ରତି । କ୍ଷଣକେ ଛାଡ଼ଇ ବହନ୍ତି ॥
ଯେବେହେଁ ଗରୁଡ଼ ଝଟେ କରେ । ବସଇ ମଳୟ ବୃକ୍ଷରେ ॥

Digitized by PPRACHIN, SOA

ଗରୁଡ଼ ଦେଖି ସର୍ପ ଡ଼ରେ । ଲୁଚନ୍ତି ସମୁଦ୍ର ମଧ୍ୟରେ ॥
କପାଇଁ ପଳାଇଲା ଗୁଡ଼ି । ବୃକ୍ଷକୁ ନ ଥିଲକ ବେଢ଼ି ॥
ପାପ ପୁଣ୍ୟ ସେ ଦୁଇ କଥା । ସମ୍ପଦ ବିପଦ ବ୍ୟବସ୍ଥା ॥
ସମୁଦ୍ର ମନ୍ଥନ କାଳରେ । ଦେବେ ଅସୁର ଏକ ମେଳେ ॥
ସୁରଙ୍କ ଭାଗରେ ଅମୃତ । ଦେବଗଣ ଗଲେକ ଦଇତ ॥
ଦେବେ ଆକୁଳ ହୋଇ କରି । ଗୋବିନ୍ଦେ କଲେକ ଗୁହାରି ॥
ଅମୃତ ଭକ୍ଷିଲେ ଅସୁର । ଯଣ କରିବେ ତିନପୁର ॥
ଦେବଙ୍କ ବାକ୍ୟେ ଭବଗ୍ରାହୀ । ମୋହିନୀ କନ୍ୟା ବେଶ ହୋଇ ॥
ଈଶ୍ୱର ଦେଖି ମୋହ ଗଲେ । ସ୍ୱରୂପେ ଅସୁର ମାଇଲେ ॥
ଦେବେ ଅସୁର କଲେ ପ୍ରୀତି । ସମସ୍ତେ ବସ ତୁମ୍ଭେ ଏଥି ॥
ଆମ୍ଭେ ଅମୃତ ପରଷିବୁ । ଦେବେ ଅସୁରେ ବାଣ୍ଟି ଦେବୁ ॥
ସମ୍ମତ କଲେକ ଅସୁର । ଆପେ ପରଷେ ଦାମୋଦର ॥
ଅମୃତ ଦେନ ଭବଗ୍ରାହୀ । ଦେଲେ ସେ ଦେବତାଙ୍କୁ ନେଇ ॥
ଚନ୍ଦ୍ର ପାଖରେ ରାହୁ ଥିଲା । ଅମୃତ ଭକ୍ଷି ମନକଲା ॥
ଚନ୍ଦ୍ର ପାଶରେ ରାହୁ ଲୁଚି । ବସିଛି ଅମୃତ ଯେ ଭକ୍ଷି ॥
ଚନ୍ଦ୍ରମା ଗୋବିନ୍ଦକୁ କହି । ଠ ଭଲେ ରାହୁ ବସିଛଇଁ ॥
ଅମୃତ ପରଷିବା ଥାଳୀ । ମାଇଲେ ରାହୁ ବେଗେ ଟୋଳି ॥
ସ୍ୱରୂପ ଦେହ ଛିଡ଼ିଗଲା । ଚନ୍ଦ୍ରମା ରିପୁ ପୁଣ ହେଲା ॥
ସେଣୁ ଅମୃତ ଥାଳୀ ମାରି । ନଂଶ ହୋଇଲା ତାର ଶିର ॥
ଶତ୍ରୁ ଯେ ହୋଇଲା ଚନ୍ଦ୍ରକୁ । ସେ ଦେହୁ ଗ୍ରାସଇ ତାହାକୁ ॥
ଚନ୍ଦ୍ରକୁ ନଥିଲା କଳଙ୍କ । ବିପତ୍ତି କଲା ରାହୁ ଦେଖ ॥
ନଥାଇ ସବୁ ଜନ ସଙ୍ଗେ । ଗ୍ରାସଇ ଦଇବର ଯୋଗେ ॥
ରାଜା ବୋଲନ୍ତି ଶୁଣ ନାରୀ । ଅପୂର୍ଣ୍ଣ ନୁହଇ କାହାରି ॥
ଦମୟନ୍ତୀ ହରଷ ହୋଇଣ । ଧରିଲା ରାଜାର ଚରଣ ॥
ହେ ସ୍ୱାମୀ ନ କରିବା କୋପ । ଦେଖାଅ ତୋହର ନିଜ ରୂପ ॥
କରିବା ହେଲୁ ହେ ସଦୟେ । ହୃଦୁ ଛଡ଼ାଇ ମୋର ଭୟେ ॥

Digitized by PPRACHIN, SOA

ପୁଣି ପଡ଼ଇ ପାଦ ତଳେ । ଦମ୍ଭୀ ନୋହିଲା ରାଜ ତାଳେ ॥
ବୋଲନ୍ତି ତୁମ୍ଭେ ମୁଁ ଜାଣିର । ଦୁଃଖ ଦିଶଇ ସ୍ୱପ୍ନମଇ ॥
ଦମୟନ୍ତୀ ବୋଲେ ଶୁଣ ରାୟେ । ପୁଣି ତ କରୁଛ ନର୍ଦ୍ଦୟେ ॥
ତୁମ୍ଭଙ୍କୁ ଦେଖିବାର ପାଇଁ । ଏ ରୂପେ ଅଣାଇଲି ମୁହିଁ ॥
ତୋ ବିନୁ ଅନ୍ୟ ଯେବେ ଆଶ । ସାକ୍ଷୀ ଅଟନ୍ତି ଦଶଦଶ ॥
ତୋ ବିନୁ ଅନ୍ୟ ଯେବେ କାର୍ଯ୍ୟ । ସାକ୍ଷୀ ଅଟନ୍ତି ଚନ୍ଦ୍ର ସୂର୍ଯ୍ୟ ॥
ଯେବେ ଦୂଷିତ ମୁଁ ଯେ ଜାଣ । ଜାଣନ୍ତି ଦେବ ନାରାୟଣ ॥
ତୋ ବିନୁ ଅନ୍ୟ ଥିଲେ ଚିତ୍ତ । ସ୍ୱର୍ଗେ ଜାଣନ୍ତି ଶଚୀନାଥେ ॥
ଦମୟନ୍ତୀ କରୁଛି କଥାନ । କ୍ରୋଧ ନ ଯାନ୍ତି ନୃପ ନଳ ॥
ଦମୟନ୍ତୀ ପତିବ୍ରତା ନାରୀ । ପୃଥ୍ବୀକି ପାଳେ ଭର୍ତ୍ତା କରି ॥
ଧର୍ମକୁ ଯେହୁ ସାକ୍ଷୀ କଲା । ଆକାଶ ଭୁବନ କମ୍ପିଲା ॥
ଇନ୍ଦ୍ର ସଭାରେ ବସିଥିଲା । ଆସ୍ଥାନ ସହିତେ କମ୍ପିଲା ॥
ଇନ୍ଦ୍ର ପଚ୍ଛରେ ଗୁରୁ ଛାମୁଁ । ଆସ୍ଥାନ କମ୍ପିଲା କମ୍ପ କିଁ ॥
ଗୁରୁ ବୋଲନ୍ତି ରାୟେ ଶୁଣ । ନଳର ଫିଟିଲା କଷଣ ॥
ଦମୟନ୍ତୀ କେତେ ରୂପେ କହି । ରାଜା ପ୍ରତେ ଯାଇନାହିଁ ॥
ତେଣୁ ଦମୟନ୍ତୀ କ୍ରୋଧଭରେ । ସାକ୍ଷୀ ଯେ କରନ୍ତି ତୋ ହେଲେ ॥
ଶୁଣି ବୋଲନ୍ତି ବଜ୍ରଧାରୀ । ଦମୟନ୍ତୀ ପତିବ୍ରତା ନାରୀ ॥
ହେ ଗୁରୁ ତୁମ୍ଭେ ବେଗେ ଯାଅ । ଆମ୍ଭେ ବୋଇଲୁଁ ବୋଲିକହ ॥
ନଳକୁ କହି ଆସ ବୋଧ । କପାଇଁ ଧରଇ ଦୁର୍ବୁଦ୍ଧି ॥
ପରମ ଭକ୍ତି ପତିବ୍ରତା । ତୋ ବିନୁ ନାହିଁ ଅନ୍ୟ ଚିନ୍ତା ॥
ଆଜ୍ଞା ପାଇଣ ଗୁରୁ ଗଲେ । ରାଜ ସନ୍ନିଧେ ଯାଇ ହେଲେ ॥
ଗୁରୁ ଯେ କହନ୍ତି ରାଜାକୁ । ଇନ୍ଦ୍ର ଯେ ପଠିଲେ ଆମ୍ଭଙ୍କୁ ॥
ଦମୟନ୍ତୀ କରୁଛି ଦୋଷ ନାହିଁ । ତୋ ବିନୁ ଅନ୍ୟ ନ ଜାଣଇ ॥
ତାହାର ନାହିଁ କିଛି ଦୋଷ । ତା ଶାପେ ଆମ୍ଭେ ଯିବୁ ନାଶ ॥
ଆମ୍ଭେ ଯେ ଅଟୁ ବୃହସ୍ପତି । ଶୁଣ ତୁ ନଳ ମେଦିନୀପତି ॥
ଏମନ୍ତ କହି ଗୁରୁ ଗଲେ । ଶୁଣି ନୃପତି ତୋଷ ହେଲେ ॥

Digitized by PPRACHIN, SOA

ଏଣେ ଦମନ୍ତୀ ଶୋକ ଗୁଡ଼ି । କହନ୍ତି ବେନି କରଯୋଡ଼ି ॥
ହେ ପ୍ରଭୁ କରୁଣା ସାଗର । ମୋହର ବଚନ୍ତ କର ସାର ॥
ହେ ସ୍ୱାମୀ କରୁଣା କରିକ । ଏ ମୋର ବଚନଯୁ ସେବନ ॥
ଅଙ୍ଗ ଛଡ଼ାଅ ଯେ ବିରୂପ । ଧର ତୁ ଆପଣା ସ୍ୱରୂପ ॥
ଦମନ୍ତୀ ମୁଖୁଁ ନଳ ଶୁଣି । ନଖ ବସନ ପିନ୍ଧିଆଣି ॥
ଦମନ୍ତୀ ଦେଖିଣ ହରଷ । କାନ୍ତ ସ୍ୱରୂପ ଦେଖି ତୋଷ ॥
ଦମନ୍ତୀ ଦେଖି ଆନନ୍ଦେଣ । ଚରଣେ ପଡ଼ି ପୁଣ ପୁଣ ॥
ପୁଅ ଦୁହିତା କୋଳେ ଦେଲେ । ପୁଣହିଁ ଚରଣେ ପଡ଼ିଲେ ॥
ପୁଅ ଦୁହିତାଙ୍କୁ ନୃପତି । ଆନନ୍ଦେ ଚୁମ୍ବନ ଦିଅନ୍ତି ॥
ଦାସୀଏ ଗଲେ ବେଗ ହୋଇ । ଦମନ୍ତୀ ମାତ ଆଗେ କହି ॥
ଏଣେ ବ୍ରାହ୍ମଣ ଧାଇଁଗଲା । ଭୀମ ରଜାଙ୍କୁ କହିଦେଲା ॥
ଶୁଣି ଧାଇଁଲେ ଭୀମରାୟେ । ହୋଇଲା ମେଲଘର ଠାଏ ॥
ଭୀମକୁ ନଳରଜା ଦେଖି । ଉଠିଲେ ଆସନ ଉପେକ୍ଷି ॥
ପଡ଼ିଲେ ଭୀମ ପାଦ ଧରି । ରଜା ଧଇଲେ କୋଳକରି ॥
ସ୍ନେହରେ ବସାଇ କୋଳରେ । ଆନନ୍ଦ ହୋଇଣ ମନରେ ॥
ଧାଇଁଲେ ନଗ୍ରଜନ ପେଲି । ଆନନ୍ଦେ ଦିଅନ୍ତି ହୁଳହୁଳି ॥
ରୁତୁପର୍ଣ୍ଣ ଶୁଣିଣ ଆଇଲା । ନଳର ଚରଣେ ପଡ଼ିଲା ॥
ଉଠିଣ ଶିରେ କର ଦେଇ । ବୋଲଇ ବଚନଯୁ ଯେ ହୋଇ ॥
ହେ ରଜ ଥିଲ ଗୋପ୍ୟ ହୋଇ । ସେବା ନ କଲି ପାଦେ ମୁହିଁ ॥
ତୁମ୍ଭଙ୍କୁ ନ କଲିଁ ବୋଧ । ପୋଡ଼ୁ ମୋହର ରଜ ପଦ ॥
ପ୍ରଥମେ ଚିହ୍ନି ନ ପାରିଲି । ଅଧିକ କି କହିବି ବୋଲି ॥
ପୁଣିହିଁ କହିତ ହୁଅଇ । ପୁଣିହିଁ ଚରଣେ ପଡ଼ଇ ॥
ପୁଣି ଉଠଇ ପୁଣି ପଡ଼ି । ପୁଣି କହଇ କର ଯୋଡ଼ି ॥
ରୁତୁପର୍ଣ୍ଣ କୋଳ କଲେ ନଳ । ଆନନ୍ଦେ ହୋଇ ମହାଭୋଳ ॥
ବୁଝାଇ ସକଳ ସନ୍ଦେଶ । ରୁତୁପର୍ଣ୍ଣ ମନ କରେ ତୋଷ ॥
ଆନନ୍ଦେ ଆଜ୍ଞା ତୋଳିଦିଏ । ଅଭୟ ଚରଣକୁ ପ ଏ ॥

Digitized by PPRACHIN, SOA

ଜୁରନ୍ତି ହାଟ ବାଟ ଭୁଠ । କେହି କାହାକୁ ନ ଆକଟ ॥
ଆଜ୍ଞା ପାଇଣ ସର୍ବେ ଗଲେ । ଯେଝାରେ ସମସ୍ତେ ଜୁରିଲେ ॥
ଯାହାର ଯେତେକ ଦ୍ରବ୍ୟ ଗଲା । ଭଣ୍ଡାରୁ ରାଜା ଧନ ଦେଲା ॥
ଈଶ୍ୱର ପାଦେ ପୂଜା କଲେ । ଅନେକ ଦାନ ଅନ୍ନ ଦେଲେ ॥
ବ୍ରାହ୍ମଣ ବୈଷ୍ଣବ ଭୋଜନ । ଆନନ୍ଦେ କରାଇ ରାଜନ ॥
ଆନନ୍ଦେ ଉତ୍ସବ ବସାଇ । କରନ୍ତି ନଳ ରାଜା ପାଇଁ ॥
ବ୍ୟାସ କହନ୍ତି ଧର୍ମ ଶୁଣ । ନଳର ଫିଟିଲା କଷଣ ॥
ରାମଙ୍କୁ ମାର୍କଣ୍ଡ କହିଲେ । ନଳ ବିପତ୍ତିରୁ ତରିଲେ ॥
ନଳଚରିତ ରାମ ଶୁଣି । ବିପତ୍ତି ଯାଉଅଛି ପୁଣି ॥
ଏଥି ଉତ୍ତାରେ ଲଙ୍କା କଥା । ରାବଣ କରି ମହାଚିନ୍ତା ॥
କୁମ୍ଭକର୍ଣ୍ଣକୁ ଉଠାଇଲା । ସମସ୍ତ ଉଦନ୍ତ କହିଲା ॥
ଶୁଣି କମ୍ପିଲା କୁମ୍ଭକର୍ଣ୍ଣ । ଦେଖ ମୋହର ଆଜ ରଣ ॥
ଯୁଦ୍ଧକୁ ହୋଇଲା ବାହାର । ସଙ୍ଗତେ ଅନେକ ଅସୁର ॥
ଶ୍ରୀରାମେ କହେ ବିଭୀଷଣ । ହେ ଦେବ ହୁଅ ସାବଧାନ ॥
ଯୁଦ୍ଧେ ଆସଇ କୁମ୍ଭକର୍ଣ୍ଣ । ବାନର କରିବ ନିଧନ ॥
ଆପଣେ କୋଦଣ୍ଡ ଧରିବା । ଯୁଦ୍ଧକୁ ବିଜୟେ କରିବା ॥
କରିବ ମହାଘୋର ଯୁଦ୍ଧ । ଆପଣେ ତାକୁ କର ବଧ ॥
ଶୁଣି ଆନନ୍ଦ ରାମ ରାଜ । ବୋଲନ୍ତି ହୁଅ ସର୍ବେ ସଜ ॥
ଶ୍ରୀରାମ ସୁଗ୍ରୀବ ଲକ୍ଷ୍ମଣ । ଜାମ୍ବବ ଆଦି ବିଭୀଷଣ ॥
ରାମ ଆଜ୍ଞାରେ ସର୍ବ ବୀର । ଯୁଦ୍ଧକୁ ହୋଇଲେ ବାହାର ॥
ଆଗରେ ଧାଇଁ କପି ଗଲେ । ତେଡ଼ାଇ ଅସୁରେ ମାଇଲେ ॥
ଯୁଦ୍ଧେ ପଶିଲେ ଗୋଳକରି । ମାରନ୍ତି ଶିଳାବୃକ୍ଷ ଧରି ॥
ହନୁ ଦୈତ୍ୟଙ୍କୁ କୋଟି କୋଟି । ମାରଇ ଭୂମିରେଣ ଲୋଟି ॥
ଏହି ବିଧିରେ ଯୂଥପତି । ଦୈତ୍ୟଙ୍କୁ ଗୋଡ଼ାଇ ମାରନ୍ତି ॥
ଅସୁରେ ଘୋର ଯୁଦ୍ଧ ପାଇ । ପଳାନ୍ତି ପଛକୁ ନ ଚାହିଁ ॥
ଦେଖି ଧାଇଁଲା କୁମ୍ଭକର୍ଣ୍ଣ । କରଇ ଅନର୍ଥାପ ରଣ ॥

Digitized by PPRACHIN, SOA

ଅନେକ ହାତ ଅଟେ ଉଚ । ମୋଟନ୍ତି ସେହି ସମକକ୍ଷ ॥
ପର୍ବତ ଖଣ୍ଡ ପ୍ରାପ୍ତ ହୋଇ । ରଣ ଭୂମିରେ କ୍ରୀଡ଼ା ରଚି ॥
ବାନରେ କଉତୁକ ପାଇ । ଉଠନ୍ତି ତା ଉପରେ ଯାଇ ॥
କେ କନ୍ଧେ କେ ଜାନୁ ଉପରେ । କେ ମୁଣ୍ଡେ କେ ମୁକୁଟ ପରେ ॥
ନାସା କର୍ଣ୍ଣେଣ ଉଠି କରି । ମାରନ୍ତି ଶିଳା ବୃକ୍ଷ ଧରି ॥
ଏମନ୍ତେ ଦେଲେ ନାନା ଦୁଃଖ । ଅସୁର ଚାଲିଲା ସମ୍ମୁଖ ॥
ଦେଖି ଅସୁର ମହା ଗାଢ଼େ । ସୁଗ୍ରୀବ୍ ମାଇଲା ଗୋଡ଼େ ॥
ମୋହେ ପଡ଼ିଲା ସୁଗ୍ରୀବର । ତାହାଙ୍କୁ ଧରି ଧତ୍ତକାର ॥
ଲଙ୍କକୁ ଉଡ଼ିଲ ଯେ ଖଳେ । ଦେଖି ଧାଇଁଲେ କପିବୀରେ ॥
ବେଢ଼ିଲେ ଶତେସୁର ଜଣ । ମାଇଲେ ଶିଳା ବୃକ୍ଷ ଧରି ॥
ସଚେତ ହୋଇ ସୁଗ୍ରୀବର । ଦେଖିଲା ଧରିଛି ଅସୁର ॥
ବେନି ହସ୍ତରେ ବେନି କର୍ଣ୍ଣ । ଦାନ୍ତେ କାମୋଡ଼ି ନାସା ପୁଣ ॥
ଛିଣ୍ଡାଇ ଉଡ଼ିଲା ଗଗନେ । ଧାଇଁଲା ରାମ ସନ୍ନିଧାନେ ॥
ରାମ ଦେଖିଣ ଆଚମ୍ଭିତ । ପୁଛନ୍ତି ଏହୁ କିସ ମିତ ॥
ସୁଗ୍ରୀବ କହେ ସେ ତ କଇ । ଶୁଣିମା ଅପେଧା ଠାକୁର ॥
କୁମ୍ଭକର୍ଣ୍ଣର ନାକ କାନ । ଦେଖ ଆସିଣ ରଘୁନାନ ॥
ଶୁଣି ହସିଣ ରଘୁବୀର । ଧନ୍ୟ ତୁ ବୀର ସୁଗ୍ରୀବର ॥
ଏଥି ଉତ୍ତରେ କୁମ୍ଭକର୍ଣ୍ଣ । ବିସ୍ମୟ କରେ ମନେ ମନେ ॥
ନାକ କାନକୁ ଆଉଁସିଣ । ଗୁହିଁବ କାହାର ବଦନ ॥
ଏମନ୍ତ ବିସ୍ମରି ମନରେ । ବାହୁଡ଼ି ଆସି ଯୁଦ୍ଧ କରେ ॥
ଧରି ଗିଳଇ କପିଯୂଥେ । ପଳନ୍ତି ନାକ କାନ ଯଥେ ॥
ଦେଖି ହସନ୍ତି ରଘୁବୀର । ଧନ୍ୟରେ ଅଟୁ ତୁ ଅସୁର ॥
କୋଦଣ୍ଡେ ବସାଇଲେ ଶର । ଛେଦିଲେ ବେଗେ ଦେଖାକାର ॥
ପୁଣି ଅରେକ ଶର ଛାଡ଼ି । ଦୈତ୍ୟ ଚରଣ ଦେଲେ ଛେଦି ॥
ଦଶିଲା ଛିଣ୍ଡା ବୃକ୍ଷ ପ୍ରାୟେ । ଖେଳିଲ କବନ୍ଧ ପରଗ୍ବେ ॥
ପୁଣି ପେଶିଲେ ବଜ୍ର ବାଣ । ନେଲେ ଅସୁରର ପ୍ରାଣ ॥

Digitized by PPRACHIN, SOA

ସୈନ୍ୟ ସମସ୍ତେ ପଳାଇଲେ । ରାବଣ ଆଗରେ କହିଲେ ॥
ଶୁଣି ରାବଣ କ୍ରୋଧ ହେଲା । ତପସ୍ବୀ ଏତେ ଦୁଃଖ ଦେଲା ॥
ଲଙ୍କାରେ ସର୍ବେ କଲେ ଶୋକ । ଏବେ ଯେ ହୋଇଲୁ ନରେଖ ॥
ରାବଣ କଲା ବୁଦ୍ଧି ମନ । ଆପଣେ ଆସିଛନ୍ତ ଜାଣି ॥
ପରମ ବସ୍ତୁ ର ଧରଣୀ । ଆପଣେ ଆସିଛ ନ ଜାଣି ॥
ମରଣ କାଳେ ଏ ପ୍ରକୃତି । କହିଲେ ବୋଲ ନ ଘେନନ୍ତି ॥
ରାବଣ ନନ୍ଦାକର ଲୋକେ । ଏମନ୍ତେ ବୋଲୁଛନ୍ତି ଥୋକେ ॥
ଏଣେ ଶ୍ରୀରାମ ଯୁଦ୍ଧେ ଜିଣି । ବାନର ସଇନ୍ୟ ଯେ ଘେନି ॥
ମିଳିଲେ ସୁବନପୁ ାଗିର । ଆନନ୍ଦ କେତୁ କହିପାରି ॥
କହନ୍ତି ବ୍ୟାସ ମୁନିବର । ଶୁଣିଲେଟିକ ଯୁଧିଷ୍ଠିର ॥
ନଳର ଚରିତ୍ରଟି ଏହି । ଶୁଣନ୍ତେ ବିପତ୍ତି ଛୁଟଇ ॥
ମାର୍କଣ୍ଡଠାରୁ ରାମ ଶୁଣି । ବିପତ୍ତି ଯାଉଅଛି ପୁଣି ॥
ଯେ ଏହା ଶୁଣି ଶ୍ରଦ୍ଧା କରେ । ସେ ପୁଣି ବିପତ୍ତିରୁ ତରେ ॥
ସୁଜନେ ଶୁଣି ହୁଅ ତୋଷ । କହେ ଶିଶୁ ଈଶ୍ବର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ, ଈଶ୍ବର ଦାସ କୃତେ ବ୍ୟାସ-ଧର୍ମ ମାର୍କଣ୍ଡ
ରାମ ସମ୍ବାଦେ ରାମ ବନବାସେ ରାମ'ପୁଣ ଯୁଦ୍ଧେ ନଳ ବିପତ୍ତି
ମୋକ୍ଷଣେ ରାମରାଜା ଆନନ୍ଦ ଉତ୍ସବ କରଣେ ନାମ ନବମୋଽଧ୍ୟାୟଃ ।

ଦଶମ ଅଧ୍ୟାୟ

ଯୁଧିଷ୍ଠି ଉବାଚ

ଯୁଧିଷ୍ଠି ମୁନି ପାଦେ ପଡି । ପୁଣି ପଚାରେ କରଯୋଡ଼ି ॥
ପୁଣି କି କଲେ ରାଜ ନଳ । କହିବ ବିଶେଷି ସକଳ ॥
ଋତୁପର୍ଣ୍ଣ ସଙ୍ଗେ ଆସିଥିଲା । ଏଥୁ ଉତ୍ତାରୁ କିସ କହିଲା ॥
ଯୁଧିଷ୍ଠି ବାକ୍ୟେ ମୁନିବର । କହନ୍ତି ବଚନ ସଧୀର ॥
ଶୁଣ ରାଜନ ଧର୍ମସୁତ । କହିବା ତାହାର ଚରିତ ॥
ମାର୍କଣ୍ଡ ରାମ ଆଗେ କହେ । ଶୁଣ ତୁ ଦେବତାଙ୍କ ରାୟେ ॥
ଶ୍ରୀରାମ ରାଜାର ଦଳବଳ । ଆନନ୍ଦ ଉତ୍ସବ ମଙ୍ଗଳ ॥

Digitized by PPRACHIN, SOA

ଋତୁପର୍ଣ୍ଣ ନଳ ଆଗେ ଯାଇ । ମେଲାଣି ମାଗେ ଯିବା ପାଇଁ ॥
ତା ଶୁଣି ନଳ ସ୍ନେହ ହୋଇ । ଋତୁପର୍ଣ୍ଣ କର୍ଣ୍ଣେ ମନ୍ତ୍ର କହି ॥
ଆନନ୍ଦେ ଦେଲେ ଅଶ୍ୱ ନିଧି । ବେଗରେ ଜେତେ ରାଜବିଧି ॥
ଯାଏ ଭେଟିଲେ ବେଗେ ଯହିଁ । ଅଇଲେ ନଗ୍ରି ଲୋକେ ଧାଇଁ ॥
ମେଲାଣି ପାଇଣ ଋତୁପର୍ଣ୍ଣ । ରଥେ ବସିଲେ ଘେନି ସୈନ୍ୟ ॥
ଅଶ୍ୱଙ୍କ କର୍ଣ୍ଣେ ମନ୍ତ୍ର ଜପି । ରାଜା ବସିଲେ ରଥେ ଯାଇ
ପବନେ ଚଳେ ରଥ ଖରେ । ଠାବୁ ପଡ଼ଇ ଯୋଜନରେ ॥
ଗଗନେ ମାର୍ଗେ ଉଡ଼ିଗଲା । ଅଯୋଧ୍ୟା ଦାଣ୍ଡରେ ହୋଇଲା ॥
ଦ୍ୱାଦଶ ଦଣ୍ଡ ପରବେଶ । ଦେଖି ସନ୍ତୋଷ ନରଈଶ ॥
ପାଏଙ୍କୁ କହିଲେ ଉଗର । ରାଜନ ହୋଇଲେ ନବର ॥
ରଜା ଆସିବା ବାକ୍ୟ ଶୁଣି । ପାଏ ଆସିଲେ ସେହିକ୍ଷଣି ॥
ଯାଏ ଭେଟିଲେ ବେଗେ ଯାଇଁ । ଅଇଲେ ନଗ୍ର ଲୋକେ ଧାଇଁ ॥
ପାଏ ଯେ ରାଜାଙ୍କୁ ଧନ୍ୟରେ । ସାରଥି ନାହିଁ ତୋ ରଥରେ ॥
ଋତୁପର୍ଣ୍ଣ ବୋଲେ ଶୁଣ ପାଏ । କହିବା ଏଥିର ଚରିତ ॥
ବିଦର୍ଭ ଦେଶର ନୃପତି । ନାମ ତା ନଳ ଚକ୍ରବର୍ତ୍ତୀ ॥
ଦମନ୍ତୀ ବୋଲେ ତା ଭାରିଯା । ଭୀମ ରଜାର ସେ ତନୁଜା ॥
ଆମ୍ଭ ରାଜ୍ୟରେ ରହିଥିଲେ । ସ୍ୱରୂପ ତ କେହି ନ ଜାଣିଲେ ॥
ତା ପତି ବିଚ୍ଛେଦ ହୋଇଲା । ସେ ଯାଇ ପିତା ଘରେ ଥିଲା ॥
ପତିବ୍ରତାଙ୍କ ଶିରୋମଣି । ଦୂତ ବରଗି ଥିଲା ପୁଣି ॥
ଦୂତ ସଙ୍କେତ ନେଲା ଯହୁଁ । ଯିବାର ଗନ୍ତି ଦେଖି ତହୁଁ ॥
ଆପଣା ସ୍ୱାମୀ ଚିହ୍ନିବାରେ । ଘୋଷଣ ଗଲେ ସେ ସତ୍ୱରେ ॥
ପ୍ରବେଶ ଦ୍ୱାଦଶ ଦଣ୍ଡରେ । ହୋଇଲୁ କୁଣ୍ଡୀ କଟକରେ ॥
ଆମ୍ଭଙ୍କୁ ଦେଖି ଭୀମ ଦେବ । ବହୁତ କଲେ ଗଉରବ ॥
ଦୂତ ଯେ ସାରଥିକ ନେଲା । ରନ୍ଧନ ବିଧି କରାଇଲା ॥
ରନ୍ଧନ ସଙ୍କେତ ବୁଝିଲେ । ଆପଣା ସ୍ୱାମୀକି ଚିହ୍ନିଲେ ॥
କହିଲୁ ସବୁ କଥାମାନ । ଶୁଣନ୍ତୁ ସର୍ବ ନଗ୍ରଜନ ॥

Digitized by PPRACHIN, SOA

ଆମ୍ଭଙ୍କୁ ଦେଲେ ଅଶ୍ବନିଧି । ମେଲାଣି କଲେ ରାଜବିଧି ॥
ଆମ୍ଭଙ୍କୁ ଦେଲେ ମନ୍ତ୍ର କହି । ଆମ୍ଭେ ଅଇଲୁ ରଥ ବାହି ॥
ଶୁଣି ସାନନ୍ଦ ସର୍ବେ ହେଲେ । ନୃପତି ଭିତରକୁ ଗଲେ ॥
ବ୍ୟାସ ବୋଲନ୍ତି ଶୁଣ କୋନ୍ତେ । ରୁପୃନ୍ନ ରହିଲେ ନିଶ୍ଚିନ୍ତେ ॥
ଏଥି ଉତ୍ତରେ କହେ ଶୁଣ । ନଳ ଚରିତ କଥାମାନ ॥
ଭୀମ ନଗ୍ରରେ ଯାଇ ନଳ । ଉତ୍ସବ ଆନନ୍ଦ ମଙ୍ଗଳ ॥
ଏମନ୍ତ ଗଲା କେତେ ଦିନ । ବିସ୍ମର କରନ୍ତି ରାଜନ ॥
ନିଜ ରାଜ୍ୟକୁ ଯିବା ପାଇଁ । ମେଲାଣି ମାଗନ୍ତି ସେ ଯାଇ ॥
ଶୁଣି ସାନନ୍ଦ ଭୀମରାଣ । ବହୁତ ଦେଲେ ଧନରତ୍ନ ॥
ବହୁତ ଦେଲେ ଗଜ ବାଜି । ଅଷ୍ଟ ରତ୍ନରେ ରଥ ସଜି ॥
ରଥ ପଦାତି ଆଦି କରି । ବହୁତ ଦେଲେ ଦଣ୍ଡଧାରୀ ॥
ଅଙ୍ଗକୁ ଦେଲେ ଅଳଙ୍କାର । ସବୁହି ଅଷ୍ଟରତ୍ନ ସାର ॥
ଅଙ୍ଗକୁ ଦେଲେ ଆପୁମାନ । ବହୁତ ଦେଲେକ ବସନ ॥
ଦାସୀ ମହିଷୀ ପରିବାରୀ । ଅନେକ ଦେଲେ ଦଣ୍ଡଧାରୀ ॥
ମାନ୍ୟ ଯେ କରି ଭୀମ ରାୟେ । ମେଲାଣି ମାଗେ ନଳରାୟେ ॥
ରଥେ ବସିଲେ ଯାଇଁ ବେଗେ । ଯିବାକୁ ହୋଇଲେ ସେ ଆଗେ ॥
ଦମୟନ୍ତୀ ଆନନ୍ଦ ମନରେ । ନମଇଁ ମାତାଙ୍କ ପୟରେ ॥
ପୁଣି ପଡ଼ଇ ପିତା ପାଦେ । ନମଇ ମନରେ ସାନନ୍ଦେ ॥
ମେଲାଣି ହୋଇ ବାହାରିଲେ । ନଳର ସନ୍ନିଧେ ମିଳିଲେ ॥
ରଥେ ବସାଇ ଛତ୍ରପତ୍ନୀ । ସଙ୍ଗତେ ବସାଇ ଚଳନ୍ତି ॥
ରଥ ବାହିଲେ ଧାତକାରେ । ହୋଇଲେ ବଦର୍ଭ ନଗରେ ॥
ନଗ୍ର ନିକଟେ ଯାଇଁ ହୋଇ । ପୁରକୁ ରାଜା ପୃଚ୍ଛି କହି ॥
କହନ ତୁ ଯାଅ ଉତର । କହିବୁ ପୁଷ୍କର ଆଗର ॥
ନଳ ନୃପତି ପରବେଶ । କହନ ତୁ ଗ୍ରାମୁକୁ ଆସ ॥
ମନେ ନ କରି କଛି ଦୁଃଖ । ଛୋଟାରେ ଅଛି ଆମ୍ଭ ସୁଖ ॥
ମନେ ତୁ କଛି ନ ବିଚାର । ଦଶ ନ ବେଗ ଯାଇଁ କର ॥
ଉତର ଯାଇ ସେ କହିଲା । ନଳ ନୃପତି ଆଜ୍ଞା ଦେଲା ॥

Digitized by PPRACHIN, SOA

ବହନ ଚଳ ତୁ ପୁଷ୍କର । ଦର୍ଶନ କର ଦଣ୍ଡଧର ॥
ଶୁଣି ବରସ ସେ ପୁଷ୍କର । ପାଶକୁ ଘେନଣ ସଙ୍ଗର ॥
ଦର୍ଶନ କଲ ଯାଇ ବେଗ । ଭୂମିଷ୍ଠ ହୋଇ ଭୂମିଭାଗ ॥
ଅଠି ମସ୍ତକେ କର ଦେଇ । ବଚନ କହଇ ବିନୟୀ ॥
ଅପ୍ରାଧ କ୍ଷମାକର ମୋର । ମୁଁ ତ ତୁମ୍ଭର ପରିକର ॥
ଏବେ ତ ଆଜ୍ଞା ଦେଉ ମୋତେ । ସୁଦୟା ହେଉ ଏବେ ଚିତ୍ତେ ॥
ପୁଷ୍କର ବାକ୍ୟେ ହସି ନଳ । ବଚନ କହନ୍ତି ସୁଧୀର ॥
ଏବେ ଖେଳିବା ଦୁହେଁ ପଶା । କହିଲୁ ସତ୍ୟ ଏହୁ ଭାଷା ॥
ପୀଡ଼ କରିବା ରାଜ୍ୟ ଦେଶ । ଖେଳିବା ବେଳେ ତୁମ୍ଭ ବଶ ॥
ରାଜନ କହୁ ଏହା ଶୁଣି । ପୁଷ୍କର ମନେ ମନେ ଗୁଣି ॥
ପୁଷ୍କରୁ ଶୁଣ ମହାଶୟେ । କହିବ ଗୋଟିଏ କଥାଏ ॥
ତୁମ୍ଭର କାହିଁ ରାଜ୍ୟ ଦେଶ । ପୀଡ଼ କରି ଖେଳିବା ଆସ ॥
ନଳ ବୋଲନ୍ତି ଶୁଣ ଆହେ । ସେ ବେଳପରି ଏବେ ନୋହେ ॥
ସଙ୍ଗରେ ଅଛି ରତ୍ନ କୋଷ । ସରି ନୁହଇ କୋଟି ଦେଶ ॥
ପୀଡ଼ରେ ଅଛି ଏହା ଥୋଇ । ଖେଳିବା ବେଗେ ଆସ ଭାଇ ॥
ପ୍ରଥମ ଖେଳରେ ହାରିବ । ରାଜ୍ୟ ଛେଡ଼ିଣ ବେଗେ ଯିବ ॥
ନଳ ବଚନ ଅବଧାରି । ସମ୍ମତ କଲା ସେ ପୁଷ୍କର ॥
ଖେଳ ବସିଲେ ଦୁଇଜଣ । ପୁଷ୍କର ହାରିଲା ବହନ ॥
ନଳ ରାଜନ ଯୁରେ ଜିଣି । ଆନନ୍ଦେ କଲେ ହରିଧ୍ୱନି ॥
ପୁଷ୍କର ହାରିଲା ତକ୍ଷଣି । ନିଜ ଭୁବନେ ଗଲା ପୁଣି ॥
ସାନନ୍ଦ ହୋଇ ନଳ ରାଜା । ଈଶ୍ୱର ମାନେ କଲେ ପୂଜା ॥
ନିଜ ଆସନେ ବିଜେ କଲେ । ଦମୟନ୍ତୀ ଭିତରକୁ ଗଲେ ॥
ଦେଖି ଧାଇଁଲେ ସର୍ବବାଳୀ । ଆନନ୍ଦେ ଦେଲେ ହୁଳହୁଳି ॥
ନଗ୍ର ଶୁଭିଲା ନଳ ଆସି । ଆସ୍ଥାନ ପରେ ଛନ୍ତି ବସି ॥
ଶୁଣି ଧାଇଁଲେ ସର୍ବ ଜନ । ଆନନ୍ଦ ସବୁଙ୍କର ମନ ॥
ଦର୍ଶନ କଲେ ପାଦ ତଳେ । ପାଶ ବସିଲେ ସନ୍ନିଧିରେ ॥
ପାଶକୁ ପଚାରନ୍ତି ନଳ । କହନ୍ତି ରାଜ୍ୟର କୁଶଳ

Digitized by PPRACHIN, SOA

ପାର୍ଥ ବୋଲନ୍ତି ଶୁଣ ଦେବ । ତୁମ୍ଭ ବଚନେ ଅଧଭାବ ॥
ଏବେ ହରିଲା ଭାଗ୍ୟବଳ । କହନ୍ତୁ ରାଜ୍ୟର କୁଶଳ ॥
ଦମୟନ୍ତୀ ଆଗେ ନାରୀବୃନ୍ଦ । କରନ୍ତି ମଙ୍ଗଳ ଆନନ୍ଦ ॥
ନାଚନ୍ତି ଗାବନ୍ତି ସୁସ୍ୱରେ । ଆନନ୍ଦେ ବଦର୍ଭ ଦେଶରେ ॥
ନଳକୁ କଲେ ଅଭିଷେକ । କେତେ କହିବ ତାଙ୍କ ସୁଖ ॥
ବ୍ୟାସ ବୋଲନ୍ତି ଧର୍ମ ଶୁଣ । ନଳ ଦମୟନ୍ତୀ ଯେ ରାଜ୍ୟେଣ ॥
ରହିଲେ ଆନନ୍ଦ ହୋଇଣ । ପୁଣିକିଁ ପାଇବେ କଷଣ ॥
ମାର୍କଣ୍ଡଠାରୁ ରାମ ଶୁଣି । ମନେ ସଂଶୟ ଭାବ ଘେନି ॥
ବୋଲନ୍ତି ଶୁଣ ମୁନି ଦେବ । ତୁମ୍ଭେ କହିବ ଅସମ୍ଭବ ॥
ନଳର ଫିଟିଲା କଷଣ । ପୁଣି କିଁ ଦୁଃଖ କି କାରଣ ॥
ବ୍ୟାସଙ୍କୁ ଯୁଧିଷ୍ଠି ପୁଚ୍ଛନ୍ତି । ମନେ କି ପାଞ୍ଚେ ଲଙ୍କପତି ॥
ସୁବଳେଛନ୍ତି ଦୁଇ ଭାଇ । ଏଥି ଉତ୍ତରେ ଲଙ୍କସାଇଁ ॥
ଚିନ୍ତାରେ ହୋଇଛି ଆରତ । ଯେ ଇ ମିଳିଲା ଇନ୍ଦ୍ରଜିତ ॥
ବୋଲଇ ଶୁଣ ଦଶାନନ । କମ୍ପାଇ କର ଚିନ୍ତାମାନ ॥
କ୍ଷଣକେ ପକାଇଣ ହସ୍ତ । ଆଜ ମାରିବ କପି ଥାଟ ॥
ଏମନ୍ତ ବୋଲି ଇନ୍ଦ୍ର ବୀର । ରଥେ ବସିଲା ନାଦ କରି ॥
ଲଙ୍କାରୁ ହୋଇଲା ବାହାର । ସୈନ୍ୟ ଘେନିଣ ପାରାବାର ॥
ଦେଖ ଆସ୍ଥାନେ ଥାଅ ବସି । ଆଜ ମାରିବ ମୁଁ ତପସ୍ୱୀ ॥
ଏତେ ବୋଲିଣ ଇନ୍ଦ୍ରଜିତ । ଯୁଦ୍ଧକୁ ବାହାରି ତୁରିତ ॥
ସଙ୍ଗତେ ସୈନ୍ୟ ଅପ୍ରମିତ । ବାଜଣା ବଜାଇ ବହୁତ ॥
ଲଙ୍କାରୁ ହୋଇଲେ ବାହାର । ପର୍ବତୁ ଅଇଲେ ବାନର ॥
ଧାଇଁଲେ ଶିଳା ବୃକ୍ଷ ଘେନି । ନିଃଶଙ୍କା ରାମର ସଇନୀ ॥
ରାମ ଲକ୍ଷ୍ମଣ ଆଦି କରି । ଅଇଲେ ପର୍ବତୁ ଉତ୍ତରି ॥
ରଣ ଭୂମିରେ ହେଲେ ଯାଇଁ । ଉଭୟ ଥାଟ ଭେଟ ତହିଁ ॥
ଯୁଦ୍ଧ କରନ୍ତି ଗୁରୁତର । ନାରାଚ ବହନ୍ତି ଅପାର ॥
ବେଳକୁ ବେଳ ଯୁଦ୍ଧ ଟାଣ । ପଡ଼ଇ ଅନର୍ଗଳ ବାଣ ॥
ଛନ୍ଦେ ଏକମୁଖ ହୋଇଁ । ବିନ୍ଧନ୍ତି ଡାକହାକ ହୋଇ ॥

Digitized by PPRACHIN, SOA

ଚନ୍ଦ୍ର ହୋଇଲା ଅଗୋଚର । କପଟ କନକ ଅସୁର ॥
ଗୁଣେ କପାଇ ଅଦ୍ରୀଶର । ବନ୍ଧନ ହୋଇ କୋପଭର ॥
ରାବଣ କର ଭଣ ଜୟେ । ଲଙ୍କାକୁ କନକ ବଜୟେ ॥
ଅସୁର ହୋଇ ଆନନ୍ଦିତ । ବୋଲନ୍ତି ଧନ୍ୟ ଇନ୍ଦ୍ରଜିତ ॥
ରାବଣ ଶୁଣି ଏ ବାରତା । ମନରେ ହୋଇଣ ଉଷତା ॥
ଶ୍ରୀରାମ ବନ୍ଧନରେ ପଡି । ବକଳେ ହାଲ ହେଜ ରଡ଼ି ॥
ଶ୍ରୀରାମ ପଡ଼ି ବନ୍ଧନରେ । ବକଳ ହୋନ୍ତି ଉଠି ବାରେ ॥
ପବଂଭୁ ଅସି ବଭୀଷଣ । ପ୍ରବେଶ ରାମ ସନ୍ନିଧାନ ॥
ଶ୍ରୀରାମ ବୋଲନ୍ତି ଲଙ୍କେଶ । ଦେହକୁ ଲାଗେ ବଡ଼ତ୍ରାଶ ॥
କେମନ୍ତେ ଫିଟିବ ବନ୍ଧଣ । ଉପାୟ କହ ବଭୀଷଣ ॥
ଶୁଣି ବୋଲଇ ବଭୀଷଣ । ଗରୁଡ଼ କର ସୁମରଣା ॥
ଶୁଣି ଆନନ୍ଦ ଦାଶରଥି । ଖଗେନ୍ଦ୍ରକୁ କଲେ ସ୍ତୁତି ॥
ନମସ୍ତେ ବିନତା ନନ୍ଦନ । ନମସ୍ତେ ଶ୍ରୀହରି ବାହନ ॥
ନମସ୍ତେ ପନ୍ନଗଙ୍କ କାଳ । ନମସ୍ତେ ବିଷ୍ଣୁ ଦ୍ୱାରପାଳ ॥
ନମସ୍ତେ ନାରାୟଣ ରଥ । ନମସ୍ତେ କଶ୍ୟପର ସୁତ ॥
ନମସ୍ତେ ପର ଉପକାରୀ । ମୋ ଦୁଃଖ ଫେଡ଼ ବେଗକରି ॥
ଶ୍ରୀରାମ ଯହୁଁ ସ୍ତୁତି କଲେ । ବିନତା ସୁତ ସେ ଆଇଲେ ॥
ଗରୁଡ ଦେଖି ନାଗପାଶ । ପଳାଇ ଗଲେ କରି ତ୍ରାସ ॥
ସମସ୍ତେ ଉଶ୍ବାସ ହୋଇଲେ । ଆନନ୍ଦେ ହରି ଧ୍ୱନି କଲେ ॥
ରାମଙ୍କୁ ଦେଖି ଖଗେଶ୍ୱର । ଚରଣେ କଲା ନମସ୍କାର ॥
କହିଲେ ସକଳ ସନ୍ଦେଶ । ବାହୁଡ଼ି ଗଲେ ନିଜ ଦେଶ ॥
ଶ୍ରୀରାମ ବୁହିଁ ବଭୀଷଣ । ବୋଲନ୍ତି ଶୁଣ ଲଙ୍କରାଣ ॥
ମାୟା ଭଣ୍ଡାଇ ସେ ଦଇତ୍ୟ । କପଟ ଜାଣନ୍ତି ବହୁତ ॥
କେମନ୍ତେ ମରେ ଇନ୍ଦ୍ରଜିତ । କହ ତୁ ଏଥିର ଚରିତ ॥
ତା ଶୁଣି ବଭୀଷଣ କହେ । ଅଛଇ ଏଥିର ଉପାୟେ ॥
ସମସ୍ତେ ହୁଅ ବୀର ରାଗ । ଏକ୍ଷଣି ହୁଅ ସଜ ବେଗ ॥
ବେଢ଼ିବା ଲଙ୍କା ଚୁରିବାଠ । ପ୍ରଭାତେ ଫିଟିବ କବାଟ ॥

Digitized by PPRACHIN, SOA

ଝଁସାଇ ପଶ ଲଙ୍କାପୁର । ବେଢ଼ିବା ଇନ୍ଦ୍ରଜିତ ଘର ॥
ଶତ୍ରୁକୁ ମାରିବା ଏମନ୍ତ । ଶୁଣି ଆନନ୍ଦ ରଘୁନାଥ ॥
ନିଃଶଙ୍କେ ସେହିକ୍ଷଣି ଗଲେ । କଙ୍କଣ ଆକାରେ ଲହ୍ୱଲେ ॥
ପୂର୍ବେ ଲକ୍ଷ୍ମଣ ବିଭୀଷଣ । ଦେଖିତା ବାଳିର ନନ୍ଦନ ॥
ନଳ ନୀଳଙ୍କୁ ସଙ୍ଗେ ଘେନି । ଦକ୍ଷିଣେ ରହେ ବୀରମଣି ॥
ପଶ୍ଚିମେ ଏକା ହନୁମନ୍ତ । ସଙ୍ଗେ ବାନର ଅପ୍ରମିତ ॥
ଉତ୍ତରେ ଶ୍ରୀରାମ ସୁଗ୍ରୀବ । ଜାମ୍ବବ କଞ୍ଚଣ ଜାଳନ୍ଧ ॥
ସୈନ୍ୟ ଯେ ମଣ୍ଡଳ ଆକୃତି । ତିଳେହେଁ ନାହିଁ ସ୍ଥିର ପୃଥ୍ୱୀ ॥
ପ୍ରଖ୍ୟାତ ଫିଟିଲା କବାଟ । ଝସାଇ ପଶିଲେକ ଥାଟ ॥
ବିଭୀଷଣ ଲକ୍ଷ୍ମଣ ବୀର । ବେଢ଼ିଲେ ଇନ୍ଦ୍ରଜିତ ପୁର ॥
ଲଙ୍କାରେ ସହସ୍ରେକ ଦପଣୁ । ନିତ୍ୟ ବସଇ ଶତେ ହାଟ ॥
କନ୍ଧ ବିକନ୍ଧ ଆଦି କରି । ଖୋଜି ମାରନ୍ତି ଦୁଷ୍ଟ ହରି ॥
ଯହିଁ ଦେଖିଲେ ରାମ ଥାଟ । ଲଙ୍କାରେ କରନ୍ତି ଧୂମାନ୍ତ ॥
ଅପୁରେ ମହାଭୟ ପାଇ । ଘରେ ରହିଲେ ଭୂନ ହୋଇ ॥
ଶୋକ ଯେ ଥିଲା ଇନ୍ଦ୍ରଜିତ । ଉଠିଣ ବସିଲା ତୁରିତ ॥
ଯୁଦ୍ଧକୁ ହୋଇଲା ବାହାର । ହସ୍ତରେ ଧରି ଧନୁଶର ॥
ବିରଥି ହୋଇ ପାଦଗତେ । ମିଳିଲା ଲକ୍ଷ୍ମଣ ଅଗ୍ରତେ ॥
ଦେଖି ସାନନ୍ଦ ରାମ ଭ୍ରାତ । ବିନ୍ଧିଲେ ବାଣ ଅପ୍ରମିତ ॥
କେହି କାହାକୁ ନ ଘୁଞ୍ଚନ୍ତି । ପିଚ୍ଛୁଡ଼ି ନ ପଡ଼ଇ ଆଖି ॥
ବେଳକୁ ବେଳ ଯୁଦ୍ଧ ଠାଣ । ବରଷା ପ୍ରାୟେ ପଡ଼େ ବାଣ ॥
ଛନ୍ଦରେ ସୁମିତ୍ରା କୁମର । ବିନ୍ଧିଲେ ଅନର୍ଥାପ୍ତ ଶର ॥
ବିରଥି ହୋଇ ପାଦଗତେ । ମିଳିଲା ଲକ୍ଷ୍ମଣ ଅଗ୍ରତେ ॥
ବୋଇଲା ଶୁଣ ଆହେ ବୀର । ବ୍ରହ୍ମ ଷ୍ଡ ପ ରଇଟି ହସ୍ତ ॥
ପଡ଼ିଲା ଲକ୍ଷ୍ମଣ ଲଲାଟ । ରୁଧିର ବହେ ତନୁବାଟ ॥
ବିମୁଖ ହୋଇ ରାମ ଭ୍ରାତ । କୋପ ହୋଇଲେ ଅପ୍ରମିତ ॥
ବାହିଲ ଶର ଗୁଣେ ଛନ୍ଦି । ଶ୍ରୀରାମ ସୁମରଣ ବନ୍ଧି ॥
ଶବଦ କଲେକ ପ୍ରଚଣ୍ଡ । ଛିଣ୍ଡିଲା ଇନ୍ଦ୍ରଜିତ ମୁଣ୍ଡ ॥

Digitized by PPRACHIN, SOA

ସମସ୍ତେ ଧନ୍ୟ ଧନ୍ୟ କଲେ । ଦେବେ କୁସୁମ ବରଷିଲେ ॥
ବାନର ଆନନ୍ଦିତ ହୋଇ । ନାଚନ୍ତି ଗାଲ ଭୁଜ ବାଇ ॥
ଲକ୍ଷ୍ମଣ ଅତି ଅଶକତ । ଚାଲନ୍ତି ଧୀରେ ଧୀରେ ବାଟ ॥
ଏଣେ ଶ୍ରୀରାମ ଗଡ଼ଦ୍ୱାରେ । ମାଇଲେ ସାତ ଜଣ ଶରେ ॥
ଜଙ୍ଘ ସେ ଧଙ୍ଗ ସେ ଭୁଜଙ୍ଗ । ଓଲପି ସରପି ସେ ଶିଙ୍ଗ ॥
ଦେବ ଦୈତ୍ୟ ସେ ସାତବୀର । ଅଟନ୍ତି ରାବଣ କୁମର ॥
ଏମାନେ ରାମ ସଙ୍ଗତରେ । ଯୁଝିଲେ ସିଂହଦ୍ୱାର ଠାରେ ॥
ଏହାଙ୍କୁ ଯୁଦ୍ଧେ ରାମ ହାଣି । ମନରେ କରନ୍ତି ଘାଲେଣି ॥
ଏହି ସମୟେ ସଜ୍ଜମିନି । ପ୍ରବେଶ ହେଲେ ରାମ କତି ॥
ଦେଖିଲେ ଅନର୍ଥାର ମଣ୍ଡା । ତନେ ଧରଣୀ ନାହିଁ ଛଡ଼ା ॥
ଦେଖି ଆଶ୍ଚର୍ଯ୍ୟ ଧର୍ମ୍ମବଣ । ବୋଇଲେ ଧନ୍ୟ ହେ ଶ୍ରୀରାମ ॥
ସାକ୍ଷାତେ ଅଟ ପରଂବ୍ରହ୍ମ । ଲକ୍ଷ୍ମଣ ଈଶ୍ୱର ସମ ନ ॥
ମାନବ ଅବତାର ହେଲେ । ଦୈତ୍ୟଙ୍କୁ ବିନାଶିବେ ହେନେ ॥
ଶ୍ରୀରାମ ଲକ୍ଷ୍ମଣଙ୍କୁ ଚାହିଁ । କୋଳ କରନ୍ତି ବେଗେ ଧାଇଁ ॥
ଆନନ୍ଦ ହୋଇ ବାହୁଡ଼ିଲେ । ସୁବଳପୁରେ ଯାଇଁ ହେଲେ ॥
ସାରିଲେ ସ୍ନାହାନ ଭୋଜନ । ଆନନ୍ଦ ସବୁଙ୍କର ମନ ॥
ଯେଣୁ ପଡ଼ିଲା ଇନ୍ଦ୍ରଜିତ । ପୁଣି ରାବଣ ସାତ ପୁତ୍ର ॥
ଏମାନେ ଯନ୍ତ୍ରେ କ୍ଷୟ ଗଲେ । ସମସ୍ତେ ଆନନ୍ଦ ହୋଇଲେ ॥
କହନ୍ତି ପାରେଶ୍ୱର ଦାନ । ଶୁଣ ତୁ କୁନ୍ତୀର ନନ୍ଦନ ॥
ଶୁଣ ତୁ ନଳର ଚରିତ । ଶୁଣନ୍ତେ ଖଣ୍ଡିବ ଦୁରିତ ॥
ମାର୍କଣ୍ଡଠାରୁ ରାମ ଶୁଣି । ବିପତ୍ତି ଯାଉଅଛି ପୁଣି ॥
ସୁଜନ ଜନଙ୍କ ପଯ୍ୟରେ । ଶିଶୁ ଈଶ୍ୱର ସେବାକରେ ॥
ମୋହର ନ ଘେନିବ ଦୋଷ । ନଳଚରିତ ଏହୁ ରସ ॥

ଇତି ଶ୍ରୀ ନଳରାଜ ଚରିତେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ୍ମ
ମାର୍କଣ୍ଡ ରାମ ସମ୍ବଦେ ଶ୍ରୀରାମ ବନବାସେ ରାମ ପୁଣ ଯୁଦ୍ଧେ ଇନ୍ଦ୍ରଜିତ
ବଧେ ନଳ ବିପତ୍ତି ମୋକ୍ଷଣେ ନଳ ସ୍ୱଦେଶ ପ୍ରବେଶେ ଆନନ୍ଦ
ଉତ୍ସବେ ରାଜ୍ୟ ବିହରଣେ ଦମୟନ୍ତୀ ସୁଖ ଆନନ୍ଦେ
ନାମ ଦଶମୋଽଧ୍ୟାୟଃ ।

Digitized by PPRACHIN, SOA

ଏକାଦଶ ଅଧ୍ୟାୟ

ଯୁଧିଷ୍ଠି ଉବାଚ

ଯୁଧିଷ୍ଠି ମନେ ମନେ ଗୁଣି । ବୋଲନ୍ତି ଶୁଣ ତପୋଧନ ॥
ଶୁଣିଲି ନଳର ଚରିତ । ପବିତ୍ର ହେଲା ମୋର ଚିତ୍ତ ॥
କଥା ପ୍ରସଙ୍ଗେ କହିଗଲ । ମଧ୍ୟରେ ରହିଲାକ ଭଲ ॥
ଏହା ଶୁଣିଣ ମୋର କର୍ଣ୍ଣେ । ସଂଶୟ ହେଉଛି ମୋ ମନେ ॥
ନଳର ଫିଟିଲା କଷଣ । ବୋଲଇ ପ ଇବ କଷଣ ॥
ସରିଲା ସକଳ ବିପତ୍ତି । ସୁଖେ ରାଜ୍ୟରେ ରହିଛନ୍ତି ॥
ପୁଣି କ ଅର୍ଥେ କଷ୍ଟ ହେବ । ଏ କଥା ବଡ଼ ଅସମ୍ଭବ ॥
ଏତେକ କଷ୍ଟରୁ ନ ହିଁ କଷ୍ଟ । ପୁଣି କମ୍ପାଇ ହେବ କଷ୍ଟ ॥
ସଂକ୍ଷେପି କହ ମୁନିବର । ମୋର ସଂଶୟ ଯାଉ ଦୂର ॥
ଯୁଧିଷ୍ଠି ବାକ୍ୟେ ମୁନି କହି । ଶୁଣ ତୁ ଏକମନ ହୋଇ ॥
ମହାଲକ୍ଷ୍ମୀଙ୍କ ଦ୍ୱେଷୀ ହୋଇ । ପୁଣି ବୁଲିବେ ଦେହି ଦେହି ॥
ସୁଦଶା ବ୍ରତର ସକାଶେ । କଷ୍ଟ ସେ ପାଇବେ ବରଷେ ॥
ନୃପତି ବ୍ରତ କଥା ଶୁଣି । ଆପଣା ମନେ ମନେ ପୁଣି ॥
ଯୁଧିଷ୍ଠି ମୁନି ପାଦେ ପଡ଼ି । କହନ୍ତି ବେନି କର ଯୋଡ଼ି ॥
କେମନ୍ତେ ସେ ବ୍ରତ ଅଟଇ । ସେ ବ୍ରତ କଲେ କିସ ହୋଇ ॥
ନିର୍ଣ୍ଣୟ ପୁଚ୍ଛି ମୁନି ପାଶେ । ମୋର ବିନୟ ଯେନ ତୋଷେ ॥
ପିଅର ତୋଷେ ଯୁଧିଷ୍ଠିର । ପୁଚ୍ଛନ୍ତି ମୁନିଙ୍କ ପୟର ॥
ଯୁଧିଷ୍ଠି ଉକ୍ତିଭାବ ଯେନ । କହନ୍ତି ତପି ଝିଗ୍ୟ ଯେନ ॥
ଶୁଣ ଯୁଧିଷ୍ଠି ଦେଇ ଚିତ୍ତ । ଶ୍ରୀ ମହାଲକ୍ଷ୍ମୀଙ୍କର ବ୍ରତ ॥
ସେ ବ୍ରତ କଲେ ମହାଭାଗ୍ୟ । ସର୍ବଦା ରହି ସର୍ବ ଭୋଗ ॥
ସେ ବ୍ରତ ଯେମାନେ କରନ୍ତି । ଲକ୍ଷ୍ମୀ ତାହାଙ୍କୁ ନ ଛାଡ଼ନ୍ତି ॥
ସେ ବ୍ରତ ଅଟେ ମହାସିଦ୍ଧି । ଯାବନ୍ତ ଦ୍ରବ୍ୟ ଦଶବିଧି ॥
ଏ ବ୍ରତ ଇନ୍ଦ୍ରାୟୁଣୀ ଆଚରେ । ନାରଦ କହିଲେ ସରଗେ ॥
ଯୁଧିଷ୍ଠି ବୋଲେ ମୁନି ସ୍ୱହିଁ । ଶୁଣିମା ସାବଧାନ ହୋଇ ॥
ନାରଦ ମୁନି କହିଥିଲେ । ଶଚୀକି କି ବୋଲି କହିଲେ ॥

Digitized by PPRACHIN, SOA

ଏହା ସଙ୍ଗି କହ ମୋତେ । କେଉଁ ମୁନି ପଚାରୁଛି ତୋତେ ॥
ଶୁଣି କହନ୍ତି ବ୍ୟାସ ଋଷି । ଶୁଣ ତୁ ଏକମନେ ବସି ॥
ଏନେ ନାରଦ ମୁନିବର । ପ୍ରବେଶ ବାରସ୍ୱତି ପୁର ॥
ଶଚୀ ଯେ ନାରଦଙ୍କୁ ଦେଖି । ମନରେ ହୋଇ ମହାସୁଖୀ ॥
ବିବିଧ ଉପହାର ଦେଇ । ମୁନିଙ୍କ ଚରଣେ ପଡ଼ଇ ॥
ପବିତ୍ର ଆସନେ ବସାଇ । ଅନେକ ପ୍ରଣିପାତ୍ୟ ହୋଇ ॥
କୃତ୍ୟ ଅଞ୍ଜଳି ଦେଇ ଶିରେ । ବସିଲା ମୁନି ସମୀପରେ ॥
ବୋଲଇ ହୋଇ କୃତ କୃତ । ନମସ୍ତେ ବ୍ରହ୍ମାଙ୍କର ସୁତ ॥
ହେ ମୁନି କହୁଛି କଥାଏ । କହି ଫେଡ଼ିବ ମୋ ସଂଶୟେ ॥
ଶ୍ରୀ ମହାଲକ୍ଷ୍ମୀ ଜଗନ୍ମାତା । ଶ୍ରୀ ନାରାୟଣଙ୍କ ବନିତା ॥
ସେ ଯେବେ ଅନୁଗ୍ରହ କରି । ତାର ଦରିଦ୍ର ଦୁଃଖ ହରି ॥
ଜଗତେ ହୁଅନ୍ତି ସେ ସୁଖୀ । ତାକୁ କେ ନ ବୋଲନ୍ତି ଦୁଃଖୀ ॥
ଯେ ଅଷ୍ଟବ୍ରତ ଲକ୍ଷ୍ମୀଜନ । ତାକୁ ଆଶ୍ରିତ ସବୁଜନ ॥
ଯାକୁ ପ୍ରାପତ ହେବ ଶିଘ୍ର । ସେହି ପାରଇ ଧର୍ମ କରି ॥
ଯାହାକୁ ଲକ୍ଷ୍ମୀ ପରସନ୍ନ । ସେହି ସଂସାରେ ବଡ଼ ଜାଣ ॥
ଏମନ୍ତ ଭାବେ ଜାଣି ଅଛି । ତେଣୁ ତୁମ୍ଭଙ୍କୁ ପଚାରୁଛି ॥
ସେ ଲକ୍ଷ୍ମୀ କରୂପେ ପ୍ରସନ୍ନ । ହୁଅଇ କହ ମହାମୁନ୍ୟ ॥
ଏମନ୍ତେ ଶଚୀ ବାକ୍ୟ ଶୁଣି । କହନ୍ତି ନାରଦ ମହାମୁନି ॥
ଶୁଣ ଗୋ ଦେବୀ ଇନ୍ଦ୍ରାଣୀ । ଯହିଁ ପ୍ରସନ୍ନ କମଳାଣୀ ॥
ସେ ବ୍ରତ କହୁଁ ତୋରଆଗେ । ଶୁଣ ତୁ ମନର ସରାଗେ ॥
ସୁଦଶା ନାମେ ଏକ ବ୍ରତ । ମହାଲକ୍ଷ୍ମୀଙ୍କ ପ୍ରୀତି ବ୍ରତ ॥
ମାସର ଶୁକ୍ଳ ପକ୍ଷରେ । ଶୁଦ୍ଧ ଦଶମୀ ଗୁରୁବାରେ ॥
ସେ ଦିନ ପ୍ରଭାତୁ ଉଠିବ । ହସ୍ତକୁ ମାର୍ଜନା କରିବ ॥
ଅପାମାରିଙ୍କ ଦାନ୍ତକାଠି । ହସ୍ତେ ଘେନିବ ଦଶଗୋଟି ॥
ନଦୀ କୂଳକୁ ଚଳିଯିବ । ଶୁଦ୍ଧକରି ଦାନ୍ତ ମାଜିବ ॥
ଦ୍ୱାଦଶ କୁଳୁକୁଞ୍ଚା କରିବ । ଦଶଥର ଜଳେ ବୁଡ଼ିବ ॥
ଜଳରେ ବୁଡ଼ୁଥିବ ଯେତେ । ଲକ୍ଷ୍ମୀଙ୍କି ଚିନ୍ତୁଥିବ ଚିତ୍ତେ ॥

Digitized by PPRACHIN, SOA

ତଦନ୍ତେ ଗୃହକୁ ଆସିବ । ଉତ୍ତମ ବସ୍ତ୍ରକ ପିନ୍ଧିବ ॥
ମଣ୍ଡଳ ଗୋଟିଏ କାଟିବ । ପୂର୍ଣ୍ଣକୁମ୍ଭ ତହିଁ ଥୋଇବ ॥
ଚ୍ୟୁତ ପତ୍ର ହିଁ ତହିଁ ଡାଳ । ଗୁଆ ଘୃତରେ ଘାପ ଜାଳ ॥
ଉପରେ ଚନ୍ଦ୍ରୁଆ ବାନ୍ଧିବ । ଚତୁର୍ଥ ବର୍ଣ୍ଣରେ ମଣ୍ଡିବ ॥
ମଧ୍ୟେ ସିଂହାସନ ସ୍ଥାପିବ । ଲକ୍ଷ୍ମୀଙ୍କି ବିଜେ କରାଇବ ॥
ଦଶବର୍ଣ୍ଣରେ ଫଳମୂଳ । ଦଶଟେଗ ଟି ଉଆ ତଣ୍ଡୁଳ ॥
ଦୁର୍ବାକ୍ଷ ଦଶଗୋଟି ନେବ । ଯତନ ପ୍ରକାରେ ଥୋଇବ ॥
ଦଶଟେଗ ଟି ମଣ୍ଡା କରିବ । ଦଶବର୍ଣ୍ଣରେ ପୁର ଦେବ ॥
ଦଶଖିଅରେ ଦଶଗ୍ରନ୍ଥି । ଦଶ ଗଣ୍ଠିରେ ହେବ ବ୍ରତ ॥
ଆଗୁଁ ଜଣେକ ବସିବ । ସମସ୍ତେ ସେଠାରେ ବାଢ଼ିବ ॥
ଆଗୁଁ ଠାରୁ ଏକମନେ । କଥା ସେ ଶୁଣିବ ସମ୍ପୂର୍ଣ୍ଣେ ॥
ସେତେକ ତହିଁ ବାଢ଼ିଥିବ । ଲକ୍ଷ୍ମୀଙ୍କ ନୈବେଦ୍ୟ କରିବ ॥
ପ୍ରସାଦ ମଥାରେ ଯେ ଦେବ । ବ୍ରତ ହସ୍ତରେ ଯେ ବାନ୍ଧିବ ॥
ସେ ମଣ୍ଡା କାହାକୁ ନ ଦେବ । ଆପଣେ ଭୋଜନ କରିବ ॥
ଏମନ୍ତ ବ୍ରତର ମହିମା । ଯେ କରେ ତାକୁ ମହ ତମା ॥
ଶୁଣ ଗୋ ଦେବରାଜ ବାମା । ଏମନ୍ତ ବ୍ରତର ମହିମା ॥
କରି ପାଇଲେ ହୁଏ ବ୍ରତ । ଲକ୍ଷ୍ମୀ ଯେ ହୋଇବେ ପ୍ରାପତ ॥
ହେ ମୁନି କହୁଛି କଥା ଏ । ଫେଡ଼ ମୋ ମନରୁ ସଂଶୟେ ॥
ଏ ବ୍ରତ ପୂର୍ବେ କେହୁ କଲେ । ତାକୁ କ ଭାଗ୍ୟ ହୋଇଥିଲେ ॥
ବ୍ରତ ଖଣ୍ଡନ ହେଲା ଯା'ର । କେଉଁ ଅବସ୍ଥା ହେଲା ତା'ର ॥
ଏହା ସଙ୍କ୍ଷେପି କହ ମୋତେ । ହେ ମୁନି ସିବଇଁ ପରତେ ॥
ଶଚୀ ବଚନରେ ନାରଦ । କହନ୍ତି ହୋଇଣ ପ୍ରମୋଦ ॥
ଶୁଣଗୋ ଦେବୀ ଇନ୍ଦ୍ରାଣୀ । ଯାହା ପୁଚ୍ଛିଲ ଉତ୍ତମାଣି ॥
ପୂର୍ବେ ଯେ ବଙ୍ଗ ଦେଶରେ । ମନ ମୋହନ ଶାସନରେ ॥
ତହିଁରେ ଏକ ବିପ୍ର ନାରୀ । ପାଷା ବୋଲିଣ ନାମ ତା'ର ॥
କରେ ସେ ସୁଦଶା ଯେ ବ୍ରତ । ଲକ୍ଷ୍ମୀ ତାହାକୁ ପରାପତ ॥

Digitized by PPRACHIN, SOA

ତା' ସ୍ୱାମୀ ବ୍ରହ୍ମଚର୍ଯ୍ୟଧାରୀ | ହୋଇଛନ୍ତି ବ୍ରତ ହେତୁ କରି ||
ଏମନ୍ତେ ଏକ ଦିନ କରେ | କାର୍ତ୍ତିକ ଶୁକ୍ଳ ପକ୍ଷରେ ||
ଦଶମୀ ଗୁରୁବାର ଦିନ | ବ୍ରତକୁ କରି ଆଗମନ ||
ପ୍ରଭାତୁଁ ଉଠି ଇଚ୍ଛାନାରୀ | ସ୍ନାନଦାନ ନିତ୍ୟକର୍ମ ସରି ||
ଯେ ବିଧି ବ୍ରତର ବିଧାନ | ସମସ୍ତ କରଣ ଉଆଣ ||
ବ୍ରତିଙ୍କ ସଙ୍ଗତରେ ଗଲା | ଆସୁଥି ଗୃହରେ ମିଳିଲା ||
ବ୍ରତ ବିଧାନକୁ ଶୁଣିଲା | ଯେ ବିଧି ବିଧାନ ଜାଣିଲା ||
ଲକ୍ଷ୍ମୀଙ୍କ ପୂଜାବିଧି ସାରି | କରେ ପ୍ରସାଦ ପଣ ଧରି ||
ବାହୁଡ଼ି ଆସିବାର ବେଳେ | ଉପରେ ଉଡ଼ୁଥିଲା ଚିଲେ ||
ଆକାଶୁ ଆସି ଝାମ୍ପି ନେଲା | ବ୍ରତ ତା ପାଦେ ଚଳିଗଲା ||
ଉଡ଼ିଲା ପୁଣି ଚିଲ ବେଗେ | ତା ଦେଖି ବ୍ରାହ୍ମଣୀ ବିରାଗେ ||
ଚିଲ ପଛରେ ଗୋଡ଼ାଇଲା | ଚିଲ ଯେ କାହିଁ ନ ବସିଲା ||
ଏମନ୍ତେ କେତେ ଦିନ ଗଲା | ଚିଲ ଯେ ବନସ୍ତେ ବସିଲା ||
ଦେଖି ବ୍ରାହ୍ମଣୀ ହେ ଧଉରେ | ରୋଦନ କଲା ଉଚ୍ଚସ୍ୱରେ ||
କାନ୍ଦଇ ବନସ୍ତରେ ପଡ଼ି | କରଅଞ୍ଜଳି ମୁଣ୍ଡେ ଯୋଡ଼ି ||
ଦେଖି ବିଧାତା ଘଟସୂତ୍ର | କରିଛି ଏସନେକ କୃତ୍ୟ ||
ଏହି ସମୟେ ରାଜା ନଳ | ମୃଗୟା ଅର୍ଥେ ମହୀପାଳ ||
ବୁଲନ୍ତେ ବନସ୍ତରେ ପଶି | ମୃଗ ଶୂକର ତହିଁ ନାଶି ||
ସଙ୍ଗତେ ଲଗାଇଣ ଖର | ଆନନ୍ଦ ହୋଇ ନୃପବର ||
ବାହୁଡ଼ି ଆସିବାର ବେଳେ | ରୋଦନ କରନ୍ତେ ଶୁଣିଲେ ||
ଈଶ୍ୱର ଭଟନ୍ତି ମନରେ | ବନସ୍ତେ ରୋଦନ କେ କରେ ||
ଆକୁଳ ହୋଇ କାନ୍ଦୁଅଛି | ସ୍ତ୍ରୀ କଣ୍ଠ ପ୍ରାୟ ଶୁଭୁଛି ||
ଶୁଣି ନୃପତି ବିକଳରେ | ପ୍ରବେଶ ବ୍ରାହ୍ମଣୀ ପାଶରେ ||
ରାଜନ ଅଶ୍ୱରୁ ଉତୁର | ବୋଲନ୍ତି ଶୁଣ ବିପ୍ରନାରୀ ||
କିମ୍ପାଇ ବନରେ କାନ୍ଦୁଛୁ | କହ ତୁ ବେଗେ ଆମ୍ଭେ ପୁଚ୍ଛୁ ||
ଶୁଣି ବ୍ରାହ୍ମଣୀ ତୋଷ ହୋଇ | ରାଜାଙ୍କୁ ସମସ୍ୟା ନ ଦେଇ ||
ମଉନେ ହେଟମାଥ ହୋଇ | ରହିଲା ପୃଥ୍ୱୀକି ଅନାଇ ||

Digitized by PPRACHIN, SOA

ନୃପତି ପୁଣ ପଶ୍ଚରନ୍ତେ । ବେଳକୁ ବେଳ କଠାଳନ୍ତେ ॥
ବ୍ରାହ୍ମଣୀ କହେ ଲଜ୍ଜାଭରେ । କାନ୍ଦୁଛି ମୋହର ଦୁଃଖରେ ॥
ତୁମ୍ଭେ ଯେ ଅଟ ମହାରାଜା । ମୁଁ ଭିକ୍ଷୁ ବ୍ରାହ୍ମଣ ଘରଜା ॥
ଏତେଥି ତୁମ୍ଭର କେଉଁ କାର୍ଯ୍ୟ । ପଳାଇ ଯାଅ ମହାରାଜ ॥
ତା ଶୁଣି ବୋଲେ ନଳ ରାଜା । ଶୁଣ ତୁ ବ୍ରାହ୍ମଣ ଆତ୍ମଜା ॥
ଯହିଁକି କରିଅଛ ଆଶ । ମାଗ ମୁଁ ଦେବଇଁ ଅବଶ୍ୟ ॥
ବଅର୍ଥେ ନ କର ରୋଦନ । ମାଗ ତୁ ଯାହା ଇଚ୍ଛା ମନ ॥
ବ୍ରାହ୍ମଣୀ ବୋଲେ ନୃପବର । ଯେବେ ସେ ତୁମ୍ଭେ ଦେବବର ॥
ସତ୍ୟ କରିଲେ ମୁଁ ମାଗିବ । ନୋହିଲେ ବନେ କାନ୍ଦୁଥିବ ॥
ଶୁଣି ନୃପତି ସତ୍ୟ କଲେ । ରାପୁ ଧର୍ମକୁ ସାକ୍ଷୀ ଦେଲେ ॥
ଶୁଣି ତୋଷ ହୋଇ ବ୍ରାହ୍ମଣୀ । ବୋଇଲେ ଶୁଣ ନୃପମଣି ॥
ସୁଦଶା ବ୍ରତ ମୋର ଥିଲା । ଶଳ ଝାମ୍ପିଣ ଯେନ ଘଲା ॥
ସେ କଥା ଘାଇଲେ ଜିଇଁବ । ନୋହିଲେ ନଷ୍ଟଯେ ମରିବ ॥
ତୁ ଯେବେ କଲୁ ସତ୍ୟବ୍ରତ । ଦମନ୍ତୀ କରୁଅଛ ବ୍ରତ ॥
ଶୁଣି ନୃପତି ମନେ ଘେନି । ନଷ୍ଟପ୍ରୂ ବ୍ରତ ହେଉ ବୋଲେ ॥
ବିପ୍ର ନ ସ୍ତ୍ରୀକ ସଙ୍ଗେ ଘେନି । ଚଳାଇ ଗଲେ ନୃପମଣି ॥
କଟକେ ପରବେଶ ହୋଇ । ସବୁଙ୍କୁ ମେଲାଣି ଯେ ଦେଇ ॥
ବ୍ରାହ୍ମଣୀ ଦ୍ୱାରେ ବସାଇଲେ । ଭିତରପୁରେ ବିଜେ କଲେ ॥
ଦମନ୍ତୀ ହେଟିକେଳିକ ଆସି । ରାଣୀ ଆଗରେ ରାଜା ଭାଷି ॥
ଶୁଣରେ ପ୍ରାଣର ସଙ୍ଗାତ । ଆଜ ମୁଁ କଲି ସତ୍ୟବ୍ରତ ॥
ମୃଗୟାଃ ପାଇଁ ଯାଇ ଥିଲି । ବନସ୍ତେ ସ୍ତ୍ରୀ ଏ ଦେଖିଲି ॥
କାନ୍ଦୁ ସେ ଥିଲା ଆକୁଳରେ । ପ୍ରବେଶ ହେଲି ତା ପାଶରେ ॥
ବୋଇଲୁଁ ଶୁଣରେ ବନିତା । କମ୍ପାଇ କରୁଅଛୁ ଚିନ୍ତା ॥
ତୁ ଯାହା ଏଥିକି ମାଗିବୁ । ଆମ୍ଭେ ଅବଶ୍ୟ ଛୋଟେଇ ଦେବୁ ॥
ସତ୍ୟକର ବୋଇଲା ସେହି । ନ ଜାଣି ସତ୍ୟ କଲି ମୁହିଁ ॥
କରାଇ ସତ୍ୟ ଦୃଢ଼ବ୍ରତ । ମାଗିଲା ତୋ ସୁଦଶାବ୍ରତ ॥
କେମନ୍ତେ କରିବାରେ ସତୀ । ସତ୍ୟ ଭଗନ ହେଲି ମୁହିଁ ॥

Digitized by PPRACHIN, SOA

ଦ୍ୱାରେଣ ବସାଇ ତାହାଙ୍କୁ । ଆସିଛୁ ବ୍ରତ ମୁଁ ନେବାକୁ ॥
ଶୁଣି ଦମୟନ୍ତୀ କ୍ରୋଧଭରେ । ବୋଲନ୍ତି ଶୁଣ ନୃପବରେ ॥
ଏବେ ମୁଁ ବ୍ରତ ଫେଇ ଦେବ । ମହାଲକ୍ଷ୍ମୀଙ୍କ ଦ୍ରୋହୀ ହେବ ॥
ଅନ୍ନ ବସ୍ତ୍ର ମିଳିବ ନାହିଁ । ବୁଲିବା ହୋଇ ଦେଶା ଦେହୀ ॥
ଏହିକ ପୂଜାବିଧି ସାରି । ବ୍ରତ ମୁଁ କରେ ଅଛି ଭରି ॥
ଆହା ବଧିତା ଏହା କଲୁ । ପୁଣି ହିଁ ଦୁଃଖଭୋଗ ହେଲୁ ॥
ଏମନ୍ତ ବୋଲି ମହାଦେଈ । ଦକ୍ଷିଣ ହସ୍ତୁ ବ୍ରତ ନେଇ ॥
ମହାଲକ୍ଷ୍ମୀଙ୍କି ସୁମରିଲେ । ନୃପତି ହସ୍ତେ ତୋଳିଦେଲେ ॥
ରାଜା ସେ ବ୍ରତ ଘେନିଗଲେ । ବ୍ରାହ୍ମଣୀ ହସ୍ତରେ ଯେ ଦେଲେ ॥
ଦେଖି ବ୍ରାହ୍ମଣୀ ଆନନ୍ଦରେ । ଗଲେ ସେ ଆପଣା ମନ୍ଦିରେ ॥
ବ୍ରତକୁ ପୂଜାବିଧି କଲେ । ଆପଣା ହସ୍ତରେ ବାନ୍ଧିଲେ ॥
ଐଶ୍ୱର୍ଯ୍ୟ ଭୋଗ ତାକୁ ଦେଲେ । ସମ୍ପଦ ତା'ରେ ପୂରାଇଲେ ॥
ଗତହୁଁ ଶତେଗୁଣ ଦ୍ରବ୍ୟ । ବ୍ରାହ୍ମଣୀ ହେଲା ଧନେ ଲଭ ॥
ଦମୟନ୍ତୀ ବ୍ରତ ଯେ ଫେଇଲେ । ଲକ୍ଷ୍ମୀ ତେତେବେଳୁ ଛାଡ଼ିଲେ ॥
କହନ୍ତି ନାରଦ ତପଋଷି । ଶୁଣରେ ଦେବରାଜ ନାଥ ॥
ରାମଙ୍କୁ ମାର୍କଣ୍ଡ କହନ୍ତି । ନଳର ବିଶିଷ୍ଟ ବିପତ୍ତି ॥
ଯୁଧିଷ୍ଠି ବ୍ୟାସଠାରୁ ଶୁଣି । ମନେ ବିକଳ ଭାବ ଘେନି ॥
ରାମର ଯାଉଛି ବିପତ୍ତି । ସମସ୍ତେ କହି ବସୁରନ୍ତି ॥
ଯହୁଁ ପଡିଲା ଇନ୍ଦ୍ରଜିତା । ରାବଣ ପାଇଲା ବାରତା ॥
ବହୁତ କରଇ ରୋଦନ । ସୁମରି ପୁତ୍ର ଗୁଣମାନ ॥
ପୁଣି ଶୁଣିଲା ସାତପୁତ୍ର । ଶ୍ରୀ ରାମ ବାଣେ କଲେ ହତ ॥
ଦୁଃଖ ଉପରେ ହେଲା ଦୁଃଖ । କାନ୍ଦଇ ହୋଇଣ ବିମୁଖ ॥
କାନ୍ଦନ୍ତି ଅନ୍ତଃପୁର ବଳୀ । ପ୍ରତି ଘରେ ଘଣ୍ଟେ ବୋବାଳି ॥
ସୁବଳପୁରେ ନୃପଧାଖ୍ୟ । ସମସ୍ତ ବସାଇ ବିଚାର ॥
ସମସ୍ତେ ମନରେ ବିଚାର । ଲଙ୍କାକୁ ପେଷିବା କ ଛାର ॥
ପୁଣି ହିଁ ପେଷିବାକ ଥରେ । କହିବ ରାବଣ ଆଗରେ ॥
ଏବେ ହେଁ ସୀତା ମତେ ଦେଇ । ନିଶ୍ଚିନ୍ତେ ରାଜ୍ୟ କରୁଥାଇ ॥

Digitized by PPRACHIN, SOA

ତା ସଙ୍ଗେ ନ କରିବା ଦ୍ୱନ୍ଦ୍ୱ । କପାଇଁ ନାଶିବା ସମ୍ପଦ ॥
ଲଙ୍କାକୁ କାହାକୁ ପେଶିବା । ହନୁକୁ ଆଜ୍ଞା ନ ପେଷିବା ॥
ମିଥ୍ୟ ମୋହର ସୁଗ୍ରୀବର । ସେ ତ ନ ଯିବେ ଲଙ୍କାପୁର ॥
ସୁଗ୍ରୀବ ବୋଲନ୍ତି କେ ଦେବ । ଆଜ୍ଞାହେଲେ ଅଙ୍ଗଦ ଯିବ ॥
କିଷ୍କିନ୍ଧ୍ୟା ଦେଶ ଯୁବରାଜ । ବଳଧୁରୀ ବାଳିର ଆତ୍ମଜ ॥
ଏ ପାରେ ଲଙ୍କାପୁର ଯାଇ । ବଚନ ପାରଇ ଏ କହି ॥
ଶ୍ରୀରାମ ଅଙ୍ଗଦକୁ ଚାହିଁ । କହନ୍ତି ନ ବୋଲେ ଭୁଜ ହୋଇ ॥
ଶ୍ରୀରାମ ମନର ବସ୍ତୁର । ଜାଣିଲୁ ବାଳିର କୁମର ॥
ମସ୍ତକେ ଦେଇ ବେନିକର । ଶୁଣମା ଅଯୋଧ୍ୟା ଠାକୁର ॥
ରାବଣ କେତେକ ସାମରଥା । କହଇ ତହିଁର ବାରତା ॥
ପିତା ମୋ ଅଟଇ ଯେ ସୁର । ଜିଣି ପାରଇ ତିନିପୁର ॥
ପିତା ମୋହର ବ୍ରତଦନ । ଚାରି ସମୁଦ୍ରେ କରେ ସ୍ନାନ ॥
ବଚନ ନ ଥିଲ ବାଳିବୀର । ଅଙ୍କ ଡିଗ୍ରବା କୁମର ॥
ଏବେ ଇନ୍ଦ୍ର ବାଳୀ ରାଜା କାହିଁ । ତା ପାଇଁ ଆସିଅଛି ମୁହିଁ ॥
ଯୁଝି ଜିଣିଲ ତିନିପୁର । ଭେଟିଲୁ ନ ଗଲ ଏ ଘର ॥
ଶୁଣି ଲୁଚିଲ ଏବେ କାହିଁ । ନଷ୍ଟେ ନାଶିବ ଏବେ ମୁହିଁ ॥
ସାକ୍ଷାତେ ତା'ର ମନ୍ତ୍ରୀ ଥିଲେ । ପ୍ରତିଜ୍ଞା ଯହୁଁ ସେ ଶୁଣିଲେ ॥
ବୋଇଲେ ଶୁଣ ହେ ରାବଣ । ଏଠାରେ ତୋ କବା କାରଣ ॥
ରାଜା ଯେ ନାହିଁ ଏ ଭୁବନେ । ଯାଇଛି ସମୁଦ୍ର ସ୍ନାହାନେ ॥
ଶୁଣି ରାବଣ ତୋଷହୋଇ । ଧାଇଁଲ ଅତି ବେଗହୋଇ ॥
ନିଶସ୍ତ ହୋଇଅଛି ବାଳି । ଧରି ଲଙ୍କାକୁ ନେବି ବୋଲି ॥
ଏମନ୍ତ ମନେ ମନେ ଗଣି । ଭେଟିଲ ଯାଇ ରାଜା ବାଳି ॥
ପୂର୍ବ ସମୁଦ୍ରେ ସେ ରାଜନ । ସାରଇ ନିତ୍ୟକର୍ମମାନ ॥
ରାବଣ ପଛଘରୁଁ ଗଲ । ବାଳିକି ଧରି ପକାଇଲ ॥
ଜାଣିଲ ବାଳି ସେ ରାଜନ । କାଖେ ଯାକିଲା ତା ମୁର୍ଦ୍ଧନ ॥
ନ ପାରି ଲଣ୍ଡବଣ୍ଡ ହୋଇ । କାଖରେ ଯତନେ ଅଛଇ ॥
ପୂର୍ବ ସମୁଦ୍ରେ କର୍ମ ସାରି । ଉତ୍ତର ସମୁଦ୍ରକୁ ଚଳି ॥

Digitized by PPRACHIN, SOA

ତହିଁ ସ୍ନାନ ସାରି ବାଳି । ପଶ୍ଚିମ ସମୁଦ୍ରେଣ ମିଳି ॥
ତହିଁ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ । ଦକ୍ଷିଣ ସମୁଦ୍ରକୁ ଯାଇ ॥
ପିତୃ ତର୍ପଣ ତହିଁ ସାରି । ନିଜ ଭୁବନେ ଯାଏ ମିଳି ॥
ବନ୍ଧନେ ରଖାଇ ରାବଣ । ଭୋଜନେ ଗଲେ ନୃପଗଣ ॥
ବନ୍ଧନେ ପଡ଼ିଣ ରାବଣ । ପାଇଲା ଅନେକ କଷଣ ॥
ଦଶଗୋଟି ଅଟଇ ଶିର । କୋଡ଼ିଏ ଭୁଜ ଯେ ତାହାର ॥
ଦାସୀଙ୍କ ଆଗେ କରେ ନୃତ୍ୟ । ମାଗିଣ ଖାଉଥାଏ ଘୃତ ॥
ଏମନ୍ତେ କେତେହେଁ ଦିନେ । ବାଳି ଯେ ଦେଖିଲା ନୟନେ ॥
ମୋତେ କାନ୍ଦିଲେ ତାଙ୍କ ଆଣି । ରାବଣ ମୂର୍ଖ ଛଳା ଜାଣି ॥
ଶୁଣି ମୁଁ ଆନନ୍ଦ ହୋଇଲି । ପିତାର ବାକ୍ୟ ଧରି ଚଳିଲି ॥
ଦଣ୍ଡ ମଣ୍ଡଳେ ତାକୁ ଥୋଇ । ଖଟର କଣ୍ଟରେ ବସାଇ ॥
ବୋଲଇ ଶୁଣରେ ଅସୁର । ଇଷ୍ଟ ଦେବତା କୁ ସୁମର ॥
ଶୁଣି ଧଇଲା ମୋର ପାଦ । ଇଷ୍ଟ ମୋ ଅଟଇ ଅଙ୍ଗଦ ॥
ସେ ମୋତେ ତାରଇ ମାରିଲ । ତୋ ବିନୁ ଅନ୍ୟ ନ ରଖଇ ॥
ତା'ର ବଚନେ ଦୟା କଲି । ପଳାଇଯା' ବୋଲି ଛାଡ଼ିଦେଲି ॥
ପଳାଇଗଲା ସେ ଲଙ୍କାକୁ । ସେ ବିନୁ ଜାଣିଛି ତାହାକୁ ॥
ମୁହିଁ ଯିବ ଆଜ୍ଞା ହୋଇଲେ । ଶୁଣି ରାମଚନ୍ଦ୍ର ହସିଲେ ॥
ବୋଲନ୍ତି ଦେବ ରଘୁନାଥ । ଅଙ୍ଗଦ ମଥେ ଦେଇ ହସ୍ତ ॥
ଆଜ ତୁ ଜୟ କରି ଆସ । ରାବଣକୁ କହି ସନ୍ଦେଶ ॥
ବାବନ ଶର କଟିରେ ଦେଲେ । ରାବଣେ ଚିହ୍ନାଅ ବୋଇଲେ ॥
ମେଲାଣି ମାଗିଲେ ରାମଙ୍କୁ । ଯାଉଛନ୍ତି ଲଙ୍କା ଭୁବନକୁ ॥
ଅଙ୍ଗଦକୁ ରାବଣ ଭୃତ । କହଇ ଲଙ୍କାର ଚରିତ ॥
ପ୍ରଥମେ ରାଜ ଲଙ୍କାଦ୍ୱାରେ । ଦ୍ୱିତୀୟେ ମନ୍ଦୋଦରୀ ପୁରେ ॥
ସେଠାରେ ନିବାଙ୍କରେ ଯିବୁ । ତୃତୀୟେ ରାବଣ ଭେଟିବୁ ॥
ପଦେ ହେଁ ନୋହିବଟି ହୁଡ଼ି । ବଚନ କରିଥିବ ଗାଢ଼ ॥
ବାହୁଡ଼ି ଆସିବାର ବେଳେ । ଜଗତୀ ଲଙ୍ଘିବୁ ତୁ ହେଳେ ॥
ପ୍ରତିପାଳିବୁ ମୋର ବୋଲ । ଲଙ୍କାରେ କରି ଅମଙ୍ଗଳ ॥

Digitized by PPRACHIN, SOA

ତେବେ ସେ ଶ୍ରୀରାମ ଜାଣିବେ । ରାବଣ ସଗୋଷ୍ଠେ ମାରିବେ ॥
ଏମନ୍ତ ବିଭୀଷଣ ବାଣୀ । ଅଙ୍ଗଦ ବୋଇଲେ ତାହା ଶୁଣି ॥
ଏଥିକୁ ଧ୍ୟାଇବା ମୂର୍ତ୍ତି । ମୋତେ ଶିଖାଅ କାର୍ଯ୍ୟପାଇଁ ॥
କହି ଅଇଲେ ବିଭୀଷଣ । ଅଙ୍ଗଦ କରଇ ଗମନ ॥
ଶ୍ରୀରାମ ନାମ ମୁଖେ ଗାଇ । ଚଳଇ କଉତୁକ ହୋଇ ॥
ଉତ୍ତରଗଡ଼ ଦ୍ୱାର ଠାଇଁ । ପ୍ରବେଶ ହେଲେ ବେଗେ ଯାଇ
ବିକ୍ରମ ବୋଲେ ବାଳିସୁତ । ନିଶାରେ ପଡ଼ନ୍ତି କବାଟ ।
ପାଚେରି ଉଚ୍ଚ ଉପର । ଚବିଶ ଯୋଜନ ବିସ୍ତାର ॥
ତେଣୁ ପଶିଲା ପାଚେରିର । ଲଙ୍ଘିଲା ଲଙ୍କାଗଡ଼ ଦ୍ୱାର ॥
ଦୁମାଇ ମିଶିଲା ଭିତରେ । ଦେଖିଣ ପ୍ରକାଣ୍ଡ ଅପୂରେ ॥
ପଶିଲା ମନ୍ଦୋଦରୀ ପୁରେ । କବାଟ ଲଙ୍ଘିଲା ଉପୁରେ ॥
ତହୁଁ ସେ ଗଲା ବାଳିସୁତ । ହୋଇଲା ରାବଣ ଅଗ୍ରତ ॥
ରାବଣ ଅଛି ନିଗଡରେ । ତା ଦେଖି ବିସ୍ମୟେ ମନରେ ॥
ଲାଙ୍ଗୁଳ ଗଦାଏ କଲା । ତହିଁର ଉପରେ ବସିଲା ॥
ଲଙ୍କେଶ ମୁଖକୁ ଚାହିଁଣ । ବୋଲଇ ଶୁଣରେ ରାବଣ ॥
ମୋତେ ନ ଜାଣୁ ଅଟେ ତୁହି । ତୋହର ଇଷ୍ଟଦେବ ମୁହିଁ ॥
ସେ କଥା ଗଲା କି ପାସୋରି । ଏବେ ଭାଙ୍ଗିବୁ ଲଙ୍କାପୁରୀ ॥
ଶ୍ରୀରାମ ପେଷିଛନ୍ତି ମୋତେ । ଆଜ୍ଞା ଯେ ଦେଇଛନ୍ତି ତୋତେ
ଏବେ ତୁ ମୋର ବୋଲ କରି । ଶ୍ରୀରାମ ଆଜ୍ଞା ଶିରେ ଧରି ॥
ତେବେ ତୁ ହୋଇବୁ ଚିରଜୀବୀ । ଶ୍ରୀରାମ ପଦେ ଥାଅ ସେବି ॥
ଯେବେ ମୋ ବୋଲ ନ କରିବୁ । ଏବେ ସମ୍ପଦ ହରାଇବୁ ॥
କର୍ଣ୍ଣକୁ କାଳ ନ କରିଣ । ଆଜ୍ଞାକୁ ଏକମନେ ଶୁଣ ॥
ମୋର ପିଅର ବାଳି ଥିଲା । ତାହାଙ୍କ ବଚନ ନ କଲା ॥
ତୋର ପ୍ରତିଜ୍ଞା ଯେତେ ଥିଲା । ଆଜ୍ଞା ପ୍ରମାଣେ ନାଶ ଗଲା ॥
ଭଲେହେଁ ବାଳକ ଜାଣ ତୁ । କପାଇଁ ମନରେ ନ ଚେତୁ ॥
ତା ତହୁଁ ନେଇବୁ ତୁ ବଢ଼ି । ଦୁଷା ନ ମାନୁ ଆରେ ମୂଢ଼ି ॥
ଏ କାଣ୍ଡ ଦେଇଛନ୍ତି ମୋତେ । ଶଦ୍ଧାଇ କହିଛିବ ତୋତେ ॥

Digitized by PPRACHIN, SOA

ଶୁଣ ତୁ ଏ କାଣ୍ଡର ଗୁଣ । ଯେତେକ କରିଛି ନିଧନ ॥
ପ୍ରଥମେ ତାଡ଼କା ସୁବାହୁ । ଖରଦୂଷଣ, କବନ୍ଧ, ରାହୁ ॥
ତ୍ରିଶିରେ ଦୂଷଣ ଖର ସୈନ୍ୟ । ମାରିଣ ଗଗନେ ଉଡ଼ିଲା ॥
ଚଉଦ କୋଟି ଦୈତ୍ୟ ହେଲେ । ବିଶ୍ୱାମିତ୍ରଙ୍କ ଯାଗକାଳେ ॥
ସୂର୍ପଣଖାର ନାସା କର୍ଣ୍ଣ । ଏ କାଣ୍ଡ କରିଛି ନିଧନ ॥
ଯେତେକ ମାୟାମୃଗ ପ୍ରାଣ । ସପ୍ତଶାଳ ବୃଷମାନ ॥
ଚଉଁ ଜଗାଭୁ ବାଳୀରାଜ । ତୋହର ଯେତେକ ଅସୁର ॥
ତୋହର ଭାଇ କୁମ୍ଭକର୍ଣ୍ଣ । ଆବର ସପତ ନନ୍ଦନ ॥
ଆଜକୁ ଏତେକ ହୋଇଛି । ଏବେ ତୋ ପ୍ରାଣକୁ ଜଗିଛି ॥
ଦେଖ ନୟନ ଭଲକରି । ଚିହ୍ନି ତୁ ଥା ଅ ଦଶଶିରି ॥
ଶୁଣି ରାବଣ କୋପ କଲା । ଏମନ୍ତ କାହିଁ ମୋତେ ଥିଲା ॥
କେ ରାମ କାହିଁର ଅଟଇ । ତାହାକୁ ମୁହିଁ ନ ଜାଣଇ ॥
ଜନ୍ମିଲୁ ବାନରେ ଯେ କଥା । ସେ ସବୁ ଅଟେ ସମରଥା ॥
ପିତା ମରଣ ଦେଖିକରି । ରାମ ମାଉଛ ବୋଲି ଡରି ॥
ତୁ ଯେ ହୋଇଲୁ ରାମ ଦୂତ । ହୋଇବୁ ନାଶ କାଲେ ସୁତ ॥
ନ ଗଲା ଜୀବନ ତୋ ହରି । ହନୁ ପୋଡ଼ିଲା ଲଙ୍କାପୋଡ଼ି ॥
ତେବେ ମୋହର ଜୟ ହେଲା । ଯୁଦ୍ଧରେ ଇନ୍ଦ୍ରଜିତ ମଲା ॥
ଯାଅ ତୁ ଏଠାରୁ ପଳାଇ । ଉଗ୍ରଜ ମୋତେ ଏହା କହି ॥
ଶୁଣି-ବୋଲଇ ବାଳିସୁତ । ଆଜ୍ଞା ହୋ ନଦେଲେ ରଘୁନାଥ ॥
ମୋଡ଼ନ୍ତି ଦଶମୁଣ୍ଡ ତୋର । ଆଜ୍ଞା ଯେ ନାହିଁ ଶ୍ରୀରାମର ॥
ଲଙ୍କା ସହିତେ ଉପୁଡ଼ାଇ । ରଖନ୍ତି ସିନ୍ଧୁ ପାଶେ ନେଇ ॥
ଆଜ୍ଞା ନ ଦେଲେ ସୀତାପତି । ତୁ ଛାର କହୁଁ ରେ ଅମାତି ॥
ପରମ ବସ୍ତୁର ଘରଣୀ । କେମନ୍ତ ଆଣି ଠାକୁରାଣୀ ॥
ଆଜ୍ଞା ନଦେଲେ ରାମ ମୋତେ । ମାରନ୍ତି ସଗୋତ୍ର ସହିତେ ॥
ଏତେ ସମାଦ ହରାଇବୁ । ଶ୍ରୀ ରାମ ହସ୍ତରେ ମରିବୁ ॥
ଆପେ ମାରିବ ବୋଲିକରି । କହି ଅଛନ୍ତି ରଘୁଧାରୀ ॥
ଅଙ୍ଗଦ କୋପେ ପ୍ରଜ୍ୱଳିତ । ରାବଣ ହୃଦେ ମାରେ ଲାତ ॥

Digitized by PPRACHIN, SOA

ମୁକୁଟ ଛଡ଼ାଇ ଘେନିଲ । ଅନେକ ମାଡ଼ହିଁ ମାଇଲ ॥
ସମସ୍ତେ ଛାଡ଼ନ୍ତି ବୋବାଳ । ରାଜାକୁ ପକାଉଛନ୍ତି ମାରି ॥
ଜଗତ ଗୁରୁ ତେବେ ଝଂପିଲ । ଗଗନ ମାର୍ଗେ ଉଡ଼ିଗଲ
ମୁକୁଟ ଗୁରୁ ବେଗେ ନେଇ । ଶ୍ରୀରାମ ଛାମୁରେଣ ଥୋଇ ॥
ସାଷ୍ଟାଙ୍ଗେ ହୋଇ ପ୍ରଣମିତ । ଉଠି ମସ୍ତକେ ଦେଇ ହସ୍ତ ॥
କହିଲେ ସକଳ ବୃତ୍ତାନ୍ତ । ଶୁଣି ଆନନ୍ଦ ସୀତା କାନ୍ତ ॥
ବ୍ୟାସ ବୋଲନ୍ତି ଧର୍ମ ଶୁଣ । ଶ୍ରୀରାମ ଏମନ୍ତ କହଣ ॥
ଆବର ନଳର ଚରିତ । ଶୁଣିଲ ଟିକ ପଣ୍ଡୁସୁତ ॥
ମାର୍କଣ୍ଡେରୁ ରାମ ଶୁଣି । ହରଷି ଯାଉଅଛି ପୁଣି ॥
ଶୁଣି ସୁଜନେ ତୁଅ ତୋଷ । କହେ ଶିଶୁ ଈଶ୍ୱର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ
ମାର୍କଣ୍ଡ ଶ୍ରୀରାମ ସମ୍ବାଦେ ଶ୍ରୀରାମ ବନବାସ ରାମାୟଣ ସୂତ୍ରେ
ଅଙ୍ଗଦ ଦୂତ ବରଗଣେ ନାରଦ ସମ୍ବାଦେ ନଳ ଦ୍ୱିତୀୟ
କଷ୍ଟ କଥନେ ନାମ ଏକାଦଶୋଽଧ୍ୟାୟଃ

ଦ୍ୱାଦଶ ଅଧ୍ୟାୟ

ଯୁଧିଷ୍ଠିର ଉବାଚ

ଯୁଧିଷ୍ଠିର ବ୍ୟାସ ଆଗେ ପଡ଼ି । କହନ୍ତି ଶିରେ କରଯୋଡ଼ି ॥
ବୋଲନ୍ତି କହ ମୁନି ସୁତ । ସୁଦଶା ବ୍ରତର ଚରିତ ॥
ଯୁଧିଷ୍ଠିର ବାକ୍ୟେ ମୁନିବର । ବୋଲନ୍ତି ଶୁଣ ଦଣ୍ଡଧର ॥
ଶଚୀ ଯେ ନାରଦଙ୍କୁ ଦେଖି । ପୁଚ୍ଛନ୍ତି ବ୍ରହ୍ମାଙ୍କର ଋଷି ॥
ଦମୟନ୍ତୀ କଲୁ ବ୍ରତ ନେଇ । ନଳ ଯେ ବ୍ରାହ୍ମଣୀକି ଦେଇ ॥
ଲକ୍ଷ୍ମୀ ଯେ ବହୁ କୋପହୋଇଲେ । ନଳ କହିରୁ ଘୁଞ୍ଚିଗଲେ ॥
ଦେଖ ତେବେ ବଧାତାର ଗତି । ଲୋକେ କୋହିଲେ ବଣ୍ୟବୃତ୍ତି ।
ସମସ୍ତେ ଘେନ ପୁଷ୍କରକୁ । ହସ୍ତୁର କରନ୍ତି ମନକୁ ॥
ରାଜାକୁ ଘଉଡ଼ାଇ ଦେବା । ପୁଷ୍କରେ ନୃପତି କରିବା ॥
ଏମନ୍ତ ବୋଲିଣ ସମସ୍ତେ । ଠେଲି ସେ କଲେ ନେଷ୍ଠାମତେ ॥
ମହାଲକ୍ଷ୍ମୀଙ୍କ ଦେଖି ଯେତେ । ତାହାଙ୍କୁ ଘଞ୍ଚୁରଛି କେତେ ॥

Digitized by PPRACHIN, SOA

କ୍ଷୁଧାରେ ଲକ୍ଷ୍ମୀବର୍ଜ୍ଜିତ ନଳ । ଚହିଁରେ ଲୋକ ହେଲେ ଖଳ ॥
ପୃଥ୍ୱୀରେ ରହି ନ ପାରିଲେ । ନଗରେ ବାହାରିଣ ଗଲେ ॥
ଷଣ୍ଠ ମାସ ହେଲା ନନ୍ଦନ । ରାଜାର ହୋଇଥିଲା ଜନ୍ମ ॥
ନାମ ତା ଶୋଭଚନ୍ଦ୍ର ବୋଲି । ତାହାଙ୍କୁ ଧରିଅଛି ବାଳି ॥
ବନ୍ଧୁ ବାନ୍ଧବ ଚିନ୍ତନ୍ତି । ନଗରେ ପଥ ବାହୁଯାନ୍ତି ॥
କେତେ ଦୂରେଣ ରାଜ ଯାଇ । ବନସ୍ତେ ପଶିଲେକ ଯାଇ ॥
ନାହାର ବୁଦ୍ଧି ସ୍ଥିର ନୋହେ । କେବଳ ଉଦ୍‌ବେଗ ହୁଏ ॥
ଏମନ୍ତେ କେତେ ଦୂର ଗଲେ । ନଦୀ କୂଳରେ ଯାଇଁ ହେଲେ ॥
ଜଳ ବଢ଼ୁତ ନ ଭେଦିଲେ । ନଦୀରେ ଝସାଇ ପଶିଲେ ॥
ପୁତ୍ରକୁ ରୋହି ମାଛ ନେଲା । ସମୂଳ କରି ଗିଳିଦେଲା ॥
ଜଳ ଭିତରେ ଦେଇ କରି । ଗିଳିଲା ଅତି ଯତ୍ନ କରି ॥
ପାରି ହୋଇଲେ ନଦୀଜଳ । କାନ୍ଦଣ ହୁଅନ୍ତି ବିକଳ ॥
କହନ୍ତି ବୁଦ୍ଧି ନ ଦିଶଇ । ଲକ୍ଷ୍ମୀ ମାୟାରେ ବଶ ହୋଇ ॥
କ୍ଷୁଧାରେ ଜଳୁଅଛି ପେଟ । ଆତ୍ମା ହେଉଛି ଛଟପଟ ॥
କ୍ଷୁଧା ଆତୁରେ ନୃପବରେ । ଧଇଲେ ମାଛ ଯେ ଗୁଡ଼ାଏ ॥
କେଉଁଗଣ୍ଡି ମାଛ ଧରି ଆଣି । ରାଣୀକି ଦେଲେ ନୃପମଣି ॥
ଯତନେ କର ତୁ ରନ୍ଧନ । ଏ ମାଂସ କରିବା ଭୋଜନ ॥
ରାଣୀ ବୋଇଲେ ପାଣି କାହିଁ । କାହିଁରେ ରାନ୍ଧିବଇଁ ମୁହିଁ ॥
ଶୁଣି ବୋଲନ୍ତି ରାଜା ନଳ । ମନରେ ନୁହ ତୁ ବିକଳ ॥
ସାମଗ୍ରୀ ଆଣିବୁ ଯେ ଆମ୍ଭେ । ଆଠାରେ ବସିଥାଅ ତୁମ୍ଭେ ॥
ଏମନ୍ତ କହିଣ ରାଜନ । ସେଠାରୁ କରନ୍ତି ଗମନ ॥
ନିକଟେ ଗୋଳ ଯେ ଶୁଭୁଛି । ବ୍ରାହ୍ମଣ ଶାଶନେକ ଅଛି ॥
ପ୍ରବେଶ ହେଲେ ସେ ଗ୍ରାମରେ । ଭିକ୍ଷା ମାଗନ୍ତି ଘରେ ଘରେ ॥
କେ ଦେଉନାହିଁ କେ ବୋଲଇ । କେହୁ ନିଶାରେ ମାରି ଧାଇଁ ॥
ଲକ୍ଷ୍ମୀ ହୀନଙ୍କି କାହିଁ ଶ୍ରଦ୍ଧା । ଏ ରୂପେ ପାଇଲେ ଅବସ୍ଥା ॥
ବିକଳେ ଲକ୍ଷ୍ମୀ ସୁମରିଲେ । ବାହୁଡ଼ି ରାଜନ ଆଇଲେ ॥
ଏକ ବ୍ରାହ୍ମଣ ଡାକି ନେଇ । ଭୋଜନ ସାମଗ୍ରୀ ଏ ଦେଇ ॥

Digitized by PPRACHIN, SOA

ତାହା ପାଇଣ ନୃପବଣ । ମନରେ ଅତି ହରଷର ॥
ହାଣ୍ଡିକି କନ୍ଧରେ ବସାଇ । ଆସନ୍ତି ତରବର ହୋଇ ॥
ଚାଲି ଗୁଡ଼ାଏ ଜନ୍ତୁ ଥିଲେ । ହାଣ୍ଡିକି ଦେଖିଣ ଝାମ୍ପିଲେ ॥
କନ୍ଧରୁ ହାଣ୍ଡି ପଡ଼ିଗଲା । ଚଣ୍ଡୁଳ ଗୋଟି ଗୋଟି ହେଲା ॥
ଯନ୍ତୁ ଗଲା ହାଣ୍ଡି ଚଣ୍ଡୁଳ । ନୃପତି ହୋଇଣ ଆକୁଳ ॥
ଏଣେ ଦମୟନ୍ତୀ ନଦୀଘାଟରେ । ମାଛକୁ ଖେଳାଇ ଯତ୍ନରେ ॥
ମୀନକୁ ପଥେଇଣ ଥୋଇଲେ । ନଦୀ ଘାଟରେଣ ନିଦ୍ରା ଗଲେ ॥
ମୟୂର ପକ୍ଷୀଏ ଅଇଲା । ମୁକୁତା ମାଳ ଗିଳିଦେଲା ॥
ଯହୁଁ ସେ କଣ୍ଠକୁ ଝାମ୍ପିଲା । ଦମୟନ୍ତୀ ଉଠିଣ ବସିଲା ॥
ଦେଖିଲା କଣ୍ଠେ ମୋତିହାର । ମୟୂର ଗିଳାଇ ନକର ॥
ମୀନ ଯେ ଖାବନ୍ୟାସ ହୋଇ । ଜଳରେ ପଡ଼ିଲେକ ଡେଇଁ ॥
ଦେଖି ବିକଳ ହୋଇ ନାଥ । ଓ କାନ୍ତ ନଳ ନାମ ଧରି ॥
ଯହୁଁ ସେ ବିକଳ ଦେଖିଲେ । ଆକୁଳ ସାଗରେ ବୁଡ଼ିଲେ ॥
ନଳକୁ ବନେ ଖୋଜ ଖୋଜ । ଯାଉ ଅଛନ୍ତି ପଥ ହେଜ ॥
ଲକ୍ଷ୍ମୀ ମାୟାରେ ବଣାହେଲେ । ଦକ୍ଷିଣ ଦିଗେ ଚାଲିଗଲେ ॥
ଏଣେ ବିକଳ ହୋଇ ନଳ । ଆସିଲେ ବେଗେ ନଦୀକୂଳ ॥
ଦେଖିଲେ ନାହିଁ ସେ ଦମୟନ୍ତୀ । ଆକୁଳ ହୋଇଲେ ନୃପତି ॥
ଦମୟନ୍ତୀ ଦମୟନ୍ତୀ ବୋଲିଣ । ରାଜା ଯେ ଡାକନ୍ତି ଉଚ୍ଚେଣ ॥
ଯହୁଁ ନ ଶୁଣିଲେ ଉତ୍ତର । ନଳ ଯେ ହୋଇଲେ କାତର ॥
ଖୋଜନ୍ତି ଦାଗ ଅନୁସରି । ଡାକନ୍ତି କାନ୍ତ ନାମ ଧରି ॥
ଏମନ୍ତେ ଗଲେ କେତେ ଦୂର । କ୍ଷୁଧା ଆରତେ ଦଣ୍ଡଧର ॥
ଲକ୍ଷ୍ମୀ ମାୟାରେ ଏକ ପକ୍ଷୀ । ବନସ୍ତ ମଧ୍ୟେ ଚରୁଅଛନ୍ତି ॥
ଶୁଦ୍ଧ ସୁବର୍ଣ୍ଣ କଳେବର । ଅଷ୍ଟ ରତନେ ପକ୍ଷାବଳ ॥
ତାହାକୁ ଦେଖିଣ ନୃପତି । ମନରେ ବିଚାର କରନ୍ତି ॥
ପକ୍ଷୀକି ଧରିନେବି ମୁହିଁ । ଗ୍ରାମରେ ବିକା କରିବଇଁ ॥
ଏଣେ ହୋଇବ ବହୁଧନ । ଏମନ୍ତ ବିଚାରି ରାଜନ ॥
ପିନ୍ଧିଲା ବସ୍ତ୍ର ଅଧେ ଚିରି । ଫିଙ୍ଗିଲା ଜାଲ ପ୍ରାୟେ କରି ॥

Digitized by PPRACHIN, SOA

ନାସ୍ତା ପକ୍ଷୀ ଯେ ମାୟା ହେଲ । ବସ୍ତ୍ର ସହିତେ ନ ଦିଶିଲ ॥
ଦେଖି ନୃପତି କ୍ରୋଧଭରରେ । ଅନ୍ତର୍ହି ଆକୁଳ ବଚନେ ॥
ଲକ୍ଷ୍ମୀ ଦୋରେଷ୍ପ ହୋଇ ନଳ । ବୁଲନ୍ତି ହୋଇଣ ବିକଳ ॥
ଦମୟନ୍ତୀ ନଳକୁ ସୁମରି । ଯାଉଛନ୍ତି ପଥ ହେରି ହେରି ॥
ଏମନ୍ତେ ଚଳନ୍ତେ ଦୂର ଗଲେ । କୁଣ୍ଡୀ ନଗ୍ରରେ ଯାଇ ହେଲେ ॥
ଲକ୍ଷ୍ମୀଦ୍ରୋହୀ ହୋଇଛନ୍ତି ଯହୁଁ । ତାହାଙ୍କୁ ନ ଚିହ୍ନନ୍ତି କେହୁ ॥
ଅମାତେ ପଥେ ଚଳିଗଲେ । ଯେଣି ଦୁଆରେ ପାଶେ ହେଲେ ॥
ଦାସୀଏ ନେଉଥିଲେ ଜଳ । ତାଙ୍କୁ ଦେଖି ହେଲେ ବିକଳ ॥
ବୋଇଲେ କାହିଁ ତୁ ଆସିଛୁ । ଲକ୍ଷ୍ମୀଦ୍ରୋହୀ ପ୍ରାୟେ ଦିଶୁଛୁ ॥
ତା ଶୁଣି ଦମୟନ୍ତୀ ବୋଲଇ । ଏପୁରେ ରହିବଇ ମୁହିଁ ॥
ଶୁଣି ଦାସୀଏ ଚଳିଗଲେ । ରାଣୀଙ୍କ ଆଗେ ଜଣାଇଲେ ॥
ଶୁଣିବା ହେଉ ମହାଦେଈ । କାହୁଁ ଆସିଛି ଲକ୍ଷ୍ମୀଦ୍ରୋହୀ ॥
ଶୁଣି ବୋଲନ୍ତି ମହାଦେଈ । ତାହାଙ୍କୁ ଘେନିଆସ ଯାଇ ॥
ଆଜ୍ଞା ପ୍ରମାଣେ ଦାସୀ ଗଲେ । ଦମୟନ୍ତୀ ଭିତରକୁ ନେଲେ ॥
ଭେଟିଲେ ଯାଇଣ ମାତକୁ । ରାଣୀ ପଚ୍ଛରନ୍ତି ତାହାକୁ ॥
କାହାର ବନିତା ଯେ ହେଉ । କେଉଁ ରାଜ୍ୟରେ ତୁମ୍ଭ ଥାଉ ॥
ଏବେ ଅଇଲୁଁ କେଉଁଠାରୁ । କେଉଁ ସେବାକୁ ତୁମ୍ଭ ଯାରୁ ॥
ଶୁଣିଣ ମାତଙ୍କ ଉତ୍ତର । ଦମୟନ୍ତୀ କହନ୍ତି ସଧୀର ॥
ନଳ ରାଜାର ପାଟରାଣୀ । ମୁଁ ହଇଲେ ତାହାଙ୍କ ଘରଣୀ ॥
ସେ ଏବେ ଲକ୍ଷ୍ମୀଦ୍ରୋହୀ ହୋଇ । ବୁଲୁ ଅଛନ୍ତି ଦେହି ଦେହି ॥
ମୁଁ ଏବେ ଅଇଲି ଏଥକୁ । ତୁମ୍ଭ ସନ୍ନିଧେ ରହିବାକୁ ॥
ଶୁଣି ବୋଲନ୍ତି ମହାଦେଈ । ନିଶ୍ଚିନ୍ତ ରହିଥାଅ ତୁହି ॥
ଦମୟନ୍ତୀ ରହିଲେକ ତହିଁ । ନଳ ବିହୁନେ ସୁଖ ନାହିଁ ॥
ଏଣେ ନୃପତି ରାଜା ନଳ । ଦମୟନ୍ତୀ ବିହୁନେ ବିକଳ ॥
ଚଳନ୍ତି ପଥ ଅନୁସରି । ଦମୟନ୍ତୀ ନାମ ହୃଦେ ଧରି ॥
କ୍ଷୁଧାରେ ହୋଇଣ ଆକୁଳ । ପଥ ଚଳନ୍ତି ମହୀପାଳ ॥
ଯହିଁ ଦେଖନ୍ତି ଯେ ଗ୍ରାମରେ । ଭିକ୍ଷା ମାଗନ୍ତି ଦ୍ୱାରେ ଦ୍ୱାରେ ॥

Digitized by PPRACHIN, SOA

ଲକ୍ଷ୍ମୀଦ୍ରେ ଘାକ ଦେଉଛନ୍ତି | ନରଚେ ପଥ ବନ୍ଧୁଯାନ୍ତି ||
କ୍ଷୁଧାରେ ଆକୁଳ ହୁଅନ୍ତି | ବିଧାତା ଦେଲା ବହୁ ଶାସ୍ତି ||
ଏମନ୍ତେ ଯାଉଁ ନୃପବର | ପ୍ରବେଶ କୁଣ୍ଡୀ କଟକର ||
ହୋଇ ଅଛନ୍ତି ଲକ୍ଷ୍ମୀଦ୍ରୋହୀ | ରାଜାଙ୍କୁ ନ ଚହ୍ନନ୍ତି କେହି ||
ସେ ଦିନ ଖ୍ୟମ ଟପ ନୃପତି | ପାଦେଧ୍ ଅର୍ଥେ ଯାଉଛନ୍ତି ||
ବାହୁଡ଼ି ଆସିବାର ବେଳେ | ନଳକୁ ଦେଖିଲେ ସେ ଡୋଳେ
ପୁଚ୍ଛନ୍ତି କ'ଣିର ହୋ ଅଟୁ | ଦେଉଁ ରାଜାଙ୍କୁ ଭୁଞ୍ଜି ଖଟୁ ||
ଏମନ୍ତ ଶୁଣି ନଳରାଏ | ସଧୀରେ ବଚନେ ଯେ କହେ
ବିଦର୍ଭ ଦେଶ ନୃପବର | ତାହାର ଅଟେ ସୂପକାର ||
ସେ ରାଜା ଲକ୍ଷ୍ମୀଦ୍ରୋହୀ ହୋଇ | ବୁଲୁଅଛନ୍ତି କଷ୍ଟ ପାଇ ||
ଲକ୍ଷ୍ମୀଦ୍ରେ ଘରେ ବୁଲି ବୁଲି | ମୁଁ ଏବେ ଏଠାକୁ ଅଇଲି ||
ଏମନ୍ତ ହୋଇ ତାଙ୍କ ଗତି | ଏତେ ରାଜାର ଏ ଦୁର୍ଗତି ||
ଖ୍ୟମ ଯେ ବୋଲଇ ବଚନ | ରହ ତୁ ଆମ୍ଭ ସନ୍ନିଧାନ ||
ତୋ ଅନ୍ନ କଷ୍ଟ ଛଡ଼ାଇବା | ଉତ୍ତମ କରିଣ ରଖିବା ||
ଆମ୍ଭର ହେବୁ ସୂପକାର | ତେବେ ତୋ କଷ୍ଟ ଯିବ ପାର ||
ଶୁଣି ଆନନ୍ଦ ନଳରାଏ | ଖ୍ୟମ ସଙ୍ଗତେ ଚଳିଣ ଯାଏ ||
ପ୍ରବେଶ ହେଲେ ନଗ୍ରେ ଯାଇ | ରହି ହେ ସୂପକାର ହୋଇ ||
ବ୍ୟାସ ବୋଲନ୍ତି ଧର୍ମ ଶୁଣ | ନଳର ଏମନ୍ତ କଷଣ ||
ନାରଦ ଶଚୀଦେବୀ ଆଗେ | ଏମନ୍ତେ ଦକ୍ଷିଲେ ସରାଗେ ||
ମାର୍କଣ୍ଡଠାରୁ ରାମ ଶୁଣି | ଦ୍ରୁପତି ପଂଜଅଛି ପୁଣି ||
ରାବଣ ଅପମ ନ ପାଇ | ମନରେ ବିଚାର କରଇ ||
ମୁହିଁ ପ୍ରତାପୀ ଲଙ୍କେଶ୍ୱର | ଦେବେ ଖଟନ୍ତି ମୋ ପଦୁର ||
ଜେ ମୋତେ ଭନ୍ନପୁତେ ସତ | ହେଳାରେ ବୁଡ଼ାଇଲା ଶିର ||
ସ୍ଥୁର ତପସ୍ୱୀ ଏହା କଲା | ବାନର ମୋ ସଙ୍ଗେ ଯୁଝିଲା ||
ଏହାଙ୍କ ଦୋଷ ନାହିଁ କିଛି | ମୋ ଘରୁ ଭେଦ ଯାଉଅଛି ||
ଖଳ ହୋଇଛି ଭାଇ ମୋର | ଆଜ ଛେଦିବି ତାର ଶିର ||
ଏତେ ବୋଲିଣ ଦଶଶିର | ଯୁଦ୍ଧକୁ ହୋଇଲା ବାହାର ||

Digitized by PPRACHIN, SOA

ସଙ୍ଗରେ ସୈନ୍ୟ ଅପ୍ରମିତ । ରଥ ସାରଥି ଅଗଣିତ
ଅଠର ଷଉଣି ଗଣିତା । ବାଦ୍ୟ ବଜାଏ ଦଶମଥା
ଲଙ୍କାରୁ ହୋଇଲା ବାହାର । ଦେଖିଣ ଶ୍ରୀରାମ ବାନର
କହିଲେ ଶ୍ରୀରାମଙ୍କ ଆଗେ । ରାବଣ ଆସୁଅଛି ବେଗେ
ଶୁଣିଣ ଶ୍ରୀରାମ ଲକ୍ଷ୍ମଣ । ସୁଗ୍ରୀବ ଆଦି ବିଭୀଷଣ
ସମସ୍ତେ ବେଗେ ସଜହୋଇଲେ । ବାନର ଆଗକୁ ଧାଇଁଲେ
ମିଳିଲେ ରଣଭୂମିଠାବରେ । ଯୁଦ୍ଧ କରନ୍ତି ଏକୁଆରେ
ବାନରେ ଶିଳା ବୃକ୍ଷଧରି । ମାରନ୍ତି ଘୋର ନାଦ କରି
ଅସୁରେ ବିନ୍ଧୁଛନ୍ତି ବାଣ । ବେଳକୁ ବେଳ ଯୁଦ୍ଧ ଟାଣ
ଆପଣେ ରଜା ଲଙ୍କପତି । ଚଢ଼ି ହୋଇଛନ୍ତି ସେନାପତି
ରାମ ଲକ୍ଷ୍ମଣ ବିଭୀଷଣ । ସୁଗ୍ରୀ ଅଙ୍ଗଦ ହନୁମାନ
ସମସ୍ତେ ଏକ ମୁଖ ହୋଇ । ରାବଣ ସଙ୍ଗରେ ଯୁଝଇ
ବର୍ଷି ଅନର୍ଗଳ ରାବଣ । ସବୁଙ୍କୁ ଅଣ୍ଟାଇଲା ରଣ
ହନୁ ଉଠିଲା ଯାଇ ରଥେ । ମାଇଲା ସାରଥିକି ମୁଟେ
ଅଶ୍ୱ ସହିତେ ଜଗୁଡ଼ିଲା । ରାବଣ ଧନୁକୁ ଗୁଡ଼ିଲା
ବିମୁଖ ହୋଇ ଲଙ୍କାପତି । ଧଇଲା ଏକଘନ ଶକ୍ତି
ଦେଇ ଯେ ଥିଲେ ଦେବରାଜ । ତେଣୁ ତା ନାମ ଦେବଶର
ହେଣ୍ଣୁ କାଢ଼ିଲା ଯେଉଁ ଶର । ସେ ଶର କଲକ ପ୍ରହାର
ନର୍ଘାତ ନାଦ କରି ଗଲା । ଲକ୍ଷ୍ମଣ ଉପରେ ପଡ଼ିଲା
ସୈନ୍ୟ ସହିତେ ଲଙ୍କେଶ୍ୱର । ବାହୁଡ଼ି ଗଲା ଲଙ୍କାପୁର
ଲକ୍ଷ୍ମଣ ଶରାଘାତ ପାଇ । ପଡ଼ିଲେ ଅଚେତନ ହୋଇ
ଶ୍ରୀରାମ ଶପୂନେ ଦେଖିଲେ । ହେ ଭ୍ରାତ ବୋଲି କୋଳକଲେ
କାନ୍ଦନ୍ତି ଅବଶରେ ପଡ଼ି । ଶିର ହୃଦରେ କରତାଡ଼ି
ଲକ୍ଷ୍ମଣ ଲକ୍ଷ୍ମଣ ବୋଲିଣ । ଡାକନ୍ତି ରଘୁକୁଳ ରାଣ
ଦେଖି ଶ୍ରୀରାମଙ୍କ ଆକୁଳ । ସମସ୍ତେ ହୁଅନ୍ତି ବିକଳ
ଜାମ୍ବବ କହେ ପ୍ରବୋଧିଣ । ନ କାନ୍ଦ ରଘୁକୁଳ ରାଣ
ଚିନ୍ତା ଛାଡ଼ନ୍ତୁ ରଘୁବୀର । ଲକ୍ଷ୍ମଣ ଜୀଇଁବେ ନିକର

Digitized by PPRACHIN, SOA

ହନୁ ଯେ ଯାଇ ଉତ୍ତରକୁ । ଗନ୍ଧମାର୍ଦ୍ଦନ ପର୍ବତକୁ ॥
ତହିଁରେ ଅଛି ମହୌଷଧି । ସେ ଯାଇ ଆଣିବା ସମ୍ପାଦ ॥
ତା ଶୁଣି ହନୁ ପରମାଣି । ବନ୍ଦନ ଆଜ୍ଞାଦିଅ ସ୍ୱାମୀ ॥
ତା ଶୁଣି ବୋଲନ୍ତି ରାଘବେ । ଯା ବାବୁ ଆଣ ସର୍ବ ଗୁଚ୍ଛେ ॥
ଜାମ୍ବବ ବୋଲେ ବାତ ସୁତ । ଯିବ ନ ପାନ୍ଥ ବେଗେ ଆସ ॥
ଶୁଣି ଚଳିଲା ହନୁ ଖରେ । ଉଡ଼ିଲା ଗଗନ ମାର୍ଗରେ ॥
ଗନ୍ଧମାର୍ଦ୍ଦନ ପର୍ବତ । ତହିଁ ମିଳିଲା ହନୁମନ୍ତ ॥
ଚିହ୍ନି ନ ପାରି ତନ୍ତୁ ତତ । ମନର କରଇ ବିଚାର ॥
ଉପାଡ଼ିଲା ପର୍ବତରୁ ଖଣ୍ଡେ । ପତନେ ଧଇଲାକ ମୁଣ୍ଡେ ॥
ଆସିବା ବେଳେ ବଣା ହେଲା । ଅଯୋଧ୍ୟା ସଳଖେ ମିଳିଲା ॥
ନନ୍ଦି ଗ୍ରାମରେ ଭରତ ରହେ । କରନ୍ତି ଅନ୍ଧାର ବଜରେ ॥
ଶବଦ ଶୁଣି ଭରତଇ । ଉପରେ କର ଉଞ୍ଚାଇ ॥
ବାଟୁଳି ଗୋଟିଏ ଧଇଲେ । ଦେଖିଣ ବାଟୁଳି ବିନ୍ଧିଲେ ॥
ବାଜିଲା ହନୁ କଳଟରେ । ଘୂରି ପଡ଼ିଲା ଭୂମିରେ ॥
ଶ୍ରୀରାମ ଶ୍ରୀରାମ ବୋଲଇ । ଉଠିଲା ଅଞ୍ଜନୀ କ୍ୟେଗ୍ରଣ ॥
ଭରତ ବୋଇଲେ ତୁମ୍ଭେ କେହି । କେ ରାମ କାହା ଦୂତ ତୁମ୍ଭି ॥
ହନୁ ମୋହର ଆଟେ କହ । କେନ୍ଦିଲେ ମରିବୁ ନିଷ୍ଠୁପୂ ॥
ଶୁଣି ବୋଲଇ ହନୁମାନ । କହୁଛି ଏକାମନେ ଶୁଣ ॥
ଅଯୋଧ୍ୟା ରାଜା ଦଶରଥ । ଚାରି କୁମର କଲେ ଜାତ ॥
ଶ୍ରୀରାମ ଭରତ ଲକ୍ଷ୍ମଣ । ଆବର ଅଟେ ଶତ୍ରୁଘନ ॥
ରାମ ଲକ୍ଷ୍ମଣ ବନଗଲେ । ସଙ୍ଗତେ ସୀତାଙ୍କୁ ନେଲେ ॥
ରାବଣ ଲଙ୍କାର ନୃପତି । ସେ ହାଦେ ହରିନେଲା ସତୀ ॥
ସୁଗ୍ରୀବେ ମଇତ୍ର ହୋଇଲେ । ସେ ଛଳେ ବାଳି ବଧକଲେ ॥
ଅନେକ କପି ସୈନ୍ୟ ଜୁଟେ । ସମୁଦ୍ର ବନ୍ଧ ବନ୍ଧାଇଲେ ॥
ରାବଣ ଭାଇ ବିଭୀଷଣ । ସେ ଆସି ପଶିଲା ଶରଣ ॥
ସୁବଳ ଗିରିରେ ରହିଲେ । ରାବଣ ସବେଗେ ହେ ମାଇଲେ ॥
ତା ପୁତ୍ର ଇନ୍ଦ୍ରଜିତ ବୋଲି । ଯୁଦ୍ଧରେ ପଡ଼ିଲା ସେ କାଲି ॥

Digitized by PPRACHIN, SOA

ସେ ଛନ୍ଦେ ରାବଣ ଅଇଲା । ଆଜ ବହୁତ ଯୁଦ୍ଧ କଲା ॥
ବ୍ରହ୍ମ ଶକତି ଘେନି କରେ । ମାଇଲା ଲକ୍ଷ୍ମଣ ଉପରେ ॥
ଯୁଦ୍ଧେ ପଡନ୍ତି ରାମ ଭ୍ରାତ । ମୁଁ ଯାଇଥିଲି ହେମବନ୍ତ ॥
ଔଷଧ ଚିହ୍ନି ନ ପାରିଲା । ପର୍ବତ ଖଣ୍ଡେକ ଆଣିଲା ॥
ଏଥକୁ ଲଙ୍କାଗଡ଼ ଜାଣ । ଦ୍ୱିରିଲକ୍ଷ ବତିଶ ଯୁଣ ॥
ତୋତେ ମୁଁ ପଚ୍ଚାରୁଛି ଏଥେ । ରଜନୀ ଅଛି ଆଜ କେତେ ॥
ରାମ ପଚ୍ଛିଲେ କାହିଁ ନାହିଁ । ରାତ୍ରକେ ଯିବ ଏବେ ମୁହିଁ ॥
ଶୁଣି ଭରତ ବୀର ବୋଲନ୍ତି । ରାମ ହୋଇଲାଣି ପାହନ୍ତି ॥
ଏମନ୍ତ ବୋଲିଣ ଚେତନ । କରନ୍ତି କୈକେୟୀ ନନ୍ଦନ ॥
କହାଇଲେ ମାରି ବେନହାତ । ବୋଲନ୍ତି ଆହା ମୋର ଭ୍ରାତ ॥
ହନୁ ବୋଲଇ ତୁମ୍ଭେ କେହି । କହିଲେ ସଂଶୟ ମୋ ଯାଇ ॥
ଶୁଣି ବୋଲନ୍ତି ଭରତ ବୀର । ଏହା ସେ ଅଯୋଧ୍ୟା ନଗର ॥
ପୁଣି ବୋଇଲ ବୀର ଭରତ । ଶ୍ରୀରାମ ମୋର ଜ୍ୟେଷ୍ଠ ଭ୍ରାତ ॥
ମୋ ତହୁଁ ସାନୁଜ ଲକ୍ଷ୍ମଣ । ତା ତହୁଁ ଶତ୍ରୁଘନ ସାନ ॥
ମୋହର ମାତା ଏହା କଲା । ଭାଇକି ଏତେ କଷ୍ଟ ଦେଲା ॥
ଯାଅ ତୁ ବାବୁ ବେଗ ହୋଇ । ଏ କଥା ନ କହିବୁ କାହିଁ ॥
ମୋହର ବାଟୁଳି ବାଜିଲ । ମର୍କଟ ଛୁର ହିଁ ନ ମଲ ॥
ଏ ହାସ୍ୟ କରିବେ ସମସ୍ତେ । ତୁ ଏବେ ସତ୍ୟକର ମୋତେ ॥
ଶୁଣି ବୋଲଇ ହନୁମନ୍ତ । ବୋଇଲ ତୁମ୍ଭେ କଲ ସତ୍ୟ ॥
ମୋତେ କି ସାମାନ୍ୟ ବୁଝିଲ । ତ୍ରେତୟା ଯୁଗର ଏଇ ମଲ୍ଲ ॥
ମୁହିଁ ସେ ପବନ କୁମର । ଅଞ୍ଜନା ସୁତ ହନୁବୀର ॥
ତୁମ୍ଭ ବାଟୁଳି ଘାଆଘାତେ । ମୋହେ ପଡ଼ିଲି ଭୂମିଗତେ ॥
ଏ ବଡ଼ ଉପହାସ୍ୟ ବାଣୀ । ତୁ ସତ୍ୟ କରଅଛ ପୁଣି ॥
ତେ କଥା ମୋ କଥା ଯେ ଦୁଇ । ପୃଥ୍ୱୀରେ ନାଜ ଶିବ କେହି ॥
ସତ୍ୟ ମନାଇ ହନୁ ଗଲା । ନିଶାରେ ଲଙ୍କାରେ ହୋଇଲା ॥
ଦେଖି ଆନନ୍ଦ ସୀତାପତି । ଜାମ୍ବୁବ ଉଠିଲେ ତଡ଼ନ୍ତି ॥
ଔଷଧ ପଦ ଚିହ୍ନି ଆଣି । ହସ୍ତେ ମର୍ଦ୍ଦନ କଲେ ପୁଣି ॥

Digitized by PPRACHIN, SOA

ନାସାରେ ଆଘ୍ରାଣ ଯେ କଲେ । ଘାଉଡ଼ ମୁଖେ ଚୁମ୍ବିଲେ ॥
ଲକ୍ଷ୍ମଣ ହୋଇଲେ ସଚେତ । ଦେଖି ଆନନ୍ଦ ରଘୁନାଥ ॥
ସମସ୍ତେ ଜୟ ଜୟ କଲେ । ଦେବେ କୁସୁମ ବରଷିଲେ ॥
ରହିଲେ ସୁବଳୟା ଗିର । ଆନନ୍ଦ କେତୁ କହିପାର ॥
କହନ୍ତି ବ୍ୟାସ ମୁନିବର । ଶୁଣିଲଟିକ ଯୁଧିଷ୍ଠିର ॥
ନାରଦ ଶଚୀର ସମ୍ବାଦ । ନଳର ଫିଟିଲା ବିପଦ ॥
ଶୁଣି ସୁଜନେ ହୁଅ ତୋଷ । କହେ ଶିଶୁ ଈଶ୍ୱର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ ମାର୍କଣ୍ଡ ରାମ ସମ୍ବାଦେ ରାମାୟଣ ପୂର୍ବେ ଶକ୍ତିଭେଦ ମୋକ୍ଷଣେ ନାରଦ ଶଚୀ ସମ୍ବାଦେ ସୁଦଶା ବ୍ରତ ନିର୍ଣ୍ଣୟ କଥନେ ଦମୟନ୍ତୀ ନଳ କୁଣ୍ଡିନଗ୍ରେ ପ୍ରବେଶେ ନାମ ଦ୍ୱାଦଶୋଽଧ୍ୟାୟଃ ।

ତ୍ରୟୋଦଶ ଅଧ୍ୟାୟ

ଯୁଧିଷ୍ଠିର ଉବାଚ

ଯୁଧିଷ୍ଠିର ମୁନିପାଦେ ପଡ଼ି । କହନ୍ତି ବେନି କର ଯୋଡ଼ି ॥
ହେ ମୁନି କୁଣ୍ଡିନଗ୍ର ପୁର । ନଳ ଦମୟନ୍ତୀ ଦୁହେଁ ରହି ॥
ପୁଣି କେମନ୍ତ ହେଲ କହ । ଶୁଣିବା ବେଗେ ଯାଉ ମୋହ ॥
ଏହା ସଞ୍ଚପି କହ ସତ । ଶୁଣି ମୁଁ ଖଣ୍ଡିବ ବିପତ୍ତି ॥
ଯୁଧିଷ୍ଠିର ବାକ୍ୟେ ମୁନିବର । ବୋଲନ୍ତି ଶୁଣ ଦଣ୍ଡଧର ॥
ମାର୍କଣ୍ଡ ରାମ ଆଗେ କହେ । ଶୁଣ ଦେବାଧି ଦେବଲ୍ହେ ॥
ଶଚୀ ନାରଦ ପାଦେ ପଡ଼ି । ଉଠି ମସ୍ତକେ କର ଯୋଡ଼ି ॥
ବୋଲଇ ହୋଇଁ କୃତ୍ୟ କୃତ୍ୟ । ହେ ମୁନି ବ୍ରହ୍ମାଙ୍କର ସୁତ ॥
ସୁଦଶା ବ୍ରତକୁ କରାଇ । ନଳ ବୁଲିଲେ ଦେହି ଦେହିଁ ॥
କେମନ୍ତେ ଦୁର୍ଦ୍ଦଶା ଖଣ୍ଡିଲେ । ଲକ୍ଷ୍ମୀ କେମନ୍ତେ କୃପା କଲେ ॥
ଏହା ସଞ୍ଚପି କହ ମୋତେ । ଏତେକ ମାଗୁଅଛି ତୋତେ ॥
ଶୁଣି ନାରଦ ତୋଷ ହୋଇ । ବୋଲନ୍ତି ଶୁଣ ମନ ଦେଇ ॥
ନଳ ଯେ କୁଣ୍ଡିନଗ୍ର ଯାଇ । ରହିଲେ ସୁପକାର ହୋଇଁ ॥
ଦମୟନ୍ତୀ ଅଛି ସେହି ପୁରେ । ବଢ଼ୁଛେ ମାତାଙ୍କ ପାଶରେ ॥

Digitized by PPRACHIN, SOA

କେହି ତାହାକୁ ନ ଚାହାନ୍ତି । ଲକ୍ଷ୍ମୀ ଏରୂପ କରନ୍ତି ॥
ଯାହାକୁ ଲକ୍ଷ୍ମୀ କରେ ହେଳା । ସେ ଲୋକ ଗାଉଁ ଗାଉଁ ଚଲା ॥
ଯାହାକୁ ଲକ୍ଷ୍ମୀ ନ ଗୁହାନ୍ତି । ତାହାକୁ କେହି ନ ଚାହାନ୍ତି ॥
ଯାହାରେ ଲକ୍ଷ୍ମୀ କୃପା ନାହିଁ । ସଂସାରେ ଦରିଦ୍ର ଟି ସେହି ॥
ଦରିଦ୍ର ବୋଲନ୍ତି ଯାହାକୁ । ଘୃଣା ଦେଖନ୍ତି ସର୍ବେ ତାକୁ ॥
ତାହାକୁ କେହି ନ ଛୁଅନ୍ତି । ଛୁଇଁଲେ ସ୍ନାହାନ କରନ୍ତି ॥
ପେଟକେ ଅନ୍ନ ନ ମିଳଇ । ଦେହ ଘୋଡ଼ିବ ଅବା କାହିଁ ॥
ଅନ୍ନ ବସ୍ତ୍ର ନ ଥିବାରୁ । ଲୋକେ ଅଲଗା ହୋନ୍ତି ଦୂରୁ ॥
ଅନ୍ନ ଦୁଃଖରୁ ବଡ଼ ହୋଇ । ସଂସାରେ ଦୁଃଖ ଆଉ ନାହିଁ ॥
ଯାହାକୁ ଲକ୍ଷ୍ମୀ ଦୟା କରେ । ସେ ଜନ ବଡ଼ ଯେ ସଂସାରେ ॥
ଯାହାକୁ ଲକ୍ଷ୍ମୀ ମନ କରେ । ସମସ୍ତେ ଅଲକ୍ଷଣ ତାରେ ॥
ଯାହାରେ ଲକ୍ଷ୍ମୀ ଯେ ସ୍ଥାପନ । ତାହାରେ ସମସ୍ତେ ଆଶ୍ରିତ ॥
ଯାହାରେ ଲକ୍ଷ୍ମୀ ହନ୍ତି ପୂର୍ଣ । ସେ ପାରେ ସବୁ କଥା କରି ॥
ଯାହାରେ ଲକ୍ଷ୍ମୀ ଯେ ପ୍ରସନ୍ନ । ତାହାକୁ ଜଣ ନାରାୟଣ ॥
ଉତ୍ତମ କୁଳେ ଜନ୍ମ ହୋଇ । ବିରୂପ ହୋଇଥାଏ ସେହି ॥
ତା ଦେହେ ବିଦ୍ୟା ପୂର୍ଣ୍ଣଥାଉ । ସମର୍ଥ ପଣେ ତାର ହୋଉ ॥
ଶ୍ରେଷ୍ଠା କ କୂଳା ହୋଇଥାଉ । ଅଥବା ଜଣା ଅଛ ହେଉ ॥
ଏତେ ପ୍ରପଞ୍ଚ ହୋଇଥିଲେ । ଲକ୍ଷ୍ମୀ ତାହାକୁ କୃପାକଲେ ॥
ଏତେ ପ୍ରପଞ୍ଚ ହୋଇଥିବ । ଏତେବେ ତାହାର ଜସ ହେବ ॥
ତାହାକୁ ସମସ୍ତେ ଲୋଡ଼ିବେ । ସେ ପୂଜା ପାଏ ସବୁଠାବେ ॥
ଏମନ୍ତ ଲକ୍ଷ୍ମୀର ମହିମା । ଶୁଣରେ ଦେବରାଜ ବାମା ॥
ଯା କାହେ ମହାଲକ୍ଷ୍ମୀ ଥାଇ । ତାର କେବେହେଁ ଦୁଃଖ ନାହିଁ ॥
ସର୍ବଜ୍ଞ ସୁଖୀ ଅଟେ ସେହି । ତ ଠାରୁ ବଡ କେହି ନାହିଁ ॥
ନୃପତ ହୋଇଲେ ଢ ହେବ । ଲକ୍ଷ୍ମୀଙ୍କ କୃପା ଯେ ନଥିବ ॥
ସଂସାରେ ଲକ୍ଷ୍ମୀ କୃପା ଯାକୁ । ନୃପତ ମରି ଲୋଡ଼େ ତାକୁ ॥
ଦେଖ ନୃପତ ରାଜା ନଳ । ଷଷ୍ଠୀପଣକୁ ଅନର୍ଗଳ ॥
ଧାର୍ମିକ ସତ୍ୟ ଚକ୍ରବର୍ତ୍ତି । ସୂର୍ଯ୍ୟ ବଂଶରେ ଉତପତ୍ତି ॥

Digitized by PPRACHIN, SOA

ସୁଗୁଣ ସୁସ୍ୱାଦୁ ସୁଧାର । ସୁଭକ୍ତ ଧାର୍ମିକ ଆତ୍ମର ॥
ରଥ ଗଜତ ଅଗଣିତ । ଧନ୍ତାନ୍ତ ସୈନ୍ୟ ଅପ୍ରମିତ ॥
ଅଚଳାଚଳ ତା ସମ୍ପତ୍ତି । ବଦର୍ଭ ଦେଶେ ନରପତି ॥
ଏଡ଼େ ସମ୍ପତ୍ତି ତାର ଥିଲା । ଲକ୍ଷ୍ମୀ ଦ୍ରୋହରେ କେଣେଗଲା ॥
ଲକ୍ଷ୍ମୀର ମହିମା ଏମନ୍ତ । ଶୁଣ ହେ ଶଚୀଦେବୀ କାନ୍ତ ॥
ବ୍ୟସ ତ୍ରବୋଲନ୍ତ ସୁଧର୍ମ୍ମିର । ଏମନ୍ତ ମହିମା ଲକ୍ଷ୍ମୀର ॥
ମାର୍କଣ୍ଡ ଠାରୁ ରାମ ଶୁଣି । ଆକୁଳ ରଘୁକୁଳ ମଣି ॥
ବୋଲନ୍ତ ଶୁଣ ବ୍ରହ୍ମବେତ୍ତ । ପରମ ଲକ୍ଷ୍ମୀ ମୋର ସୀତା ॥
ସେ ଦିନୁ ଗୁଣ୍ଡଗଲା ସାତେ । ସେ ଦିନୁ ଅବସ୍ଥା ଯେ ମୋତେ ॥
ଏମନ୍ତ ବୋଲି ଦାଶରଥି । ବହଳେ ଲୋତକ ପକାନ୍ତି ॥
ମାର୍କଣ୍ଡ ପ୍ରବୋଧିଣ କହେ । ଧୈର୍ଯ୍ୟ ହୁଅ ଦେବରାଏ ॥
କାଳି ମିଳବ ତୋର କାନ୍ତା । କିମ୍ପାଇ କରୁ ମନେ ଚିନ୍ତା ॥
ଶୁଣି ଶ୍ରୀରାମ ତୋଷ ହେଲେ । ମନରୁ ଚିନ୍ତା ଦୂର କଲେ ॥
ଲଙ୍କାରୁ ହୋଇଲେ ବାହାର । ଦେବ ମୁଁ ଉହଂକେଷ୍ପ ଘର ॥
ଲଙ୍କାକୁ ଚାହିଁଲେ ନରେଶ । କୋପିଲେ ଓଟପ୍ରାଧ ଜଟପର୍ଷି ॥
ସୁଗ୍ରୀବ ଚାହିଁ ଆଜ୍ଞା ଦେଲେ । ସୈନ୍ୟକୁ ଅଣାଇ ବୋଇଲେ ॥
ଆଜ୍ଞା ପ୍ରମାଣେ ସର୍ବବୀର । ଦର୍ଶନ କଲେ ରଘୁ ବୀର ॥
ଶ୍ରୀରାମ ଚାହିଁଣ ଯୋଦ୍ଧାଙ୍କୁ । ବୋଲନ୍ତ ଯାଅ ହେ ଲଙ୍କାକୁ ॥
ପାଞ୍ଚଶ ଯୂଥପତି ଯାଅ । ସକଳ ସୈନ୍ୟ ସଙ୍ଗେ ନିଅ ॥
ଦୋହବପୂର୍ବ ଲଙ୍କା ପୁର । ସର୍ବ ସମ୍ପଦ ଯୁକ୍ତ କର ॥
ଆଜ୍ଞା ପ୍ରମାଣେ ସବ ବୀର । ଉଡ଼ିଲେ ଗଗନ ମାର୍ଗର ॥
ପଶିଲେ ଲଙ୍କାଗଡ଼ ତେଣିଁ । ଶବଦେ ମେଦିନୀ କମ୍ପାଇ ॥
ନିଃଶଙ୍କେ ପଶି ଲଙ୍କାପୁରେ । ଅଗ୍ନି ଲଗାନ୍ତି ଘରେ ଘରେ ॥
ବାନର ଯୂଥପତି ହୋଇ । ମାନ ଉଦ୍ଧାର ମିଶ ଭୁଞ୍ଜି ॥
ଦେଖ ତପସ୍ୱୀ ବନଆଉ । ଯୁଦ୍ଧେ ମାଇଲା ମୋ କୁମର ॥
ସୋଦର କୁମ୍ଭକର୍ଣ୍ଣ ମଲା । ଇନ୍ଦ୍ରଜିତହିଁ କ୍ଷୟ ଗଲା ॥
ଛଡ଼ିଲେ ରଥ ମହାରଥି । ଗଣିତା ନ ଯାଇ ପଦାତି ॥

Digitized by PPRACHIN, SOA

ଏବେ ରହିଛି ମୁହିଁ ଏକା । ହେ ମିତ ମୋତେ ଦିଅ ଶିକ୍ଷା ॥
ଜାତ ହୋଇଲି ବ୍ରହ୍ମକୁଳେ । ରହିଲି ସମୁଦ୍ର ମଧ୍ୟରେ ॥
ଝଜଯ୍ୟା ନାମେ ଯାନ ମୋର । କପି ଜାଣିଲ ତିନପୁର ॥
ଦେଖ ମୋହର ଦଶଶିର । କୋଡିଏ ଭୁଜ ଧନୁର୍ଦ୍ଧର ॥
ଅଠର ଚଣ୍ଡୀ ଯୁଗ ଯେଷ୍ଠି । ଆଜ୍ଞା ଦେଉଛି ପରମେଷ୍ଠି ॥
ରୁଦ୍ର ସଭାରେ ନୃତ୍ୟ କରେ । ଜଳଦନାଥ ଛତ୍ର ଧରେ ॥
ଦେଖ ହେ ଚନ୍ଦ୍ର ସୂର୍ଯ୍ୟ ଦୁଇ । ଦଣ୍ଡ ଧାପନ ସେ କରଇ ॥
ଯମ ହୋଇଛି ବୈଦ୍ୟ ମୋର । ବସ୍ତ୍ର କାଚଇ ବୈଶ୍ୱାନର ॥
ବୃହସ୍ପତି ଯେ ନଗ୍ରେ ରହେ । ଗଣକ ପଣେ ପାଞ୍ଜି କହେ ॥
ଇନ୍ଦ୍ର ମୋହର ଆଜ୍ଞାକାରୀ । ବାସୁକ ଦ୍ରବ୍ୟ ଜଗୁଆଳ ॥
ଜ୍ୟେଷ୍ଠ ଭ୍ରାତଯେ ମୋ କୁବେର । ଅଷ୍ଟକ କୁଳ ଲଙ୍କ ମଣି ॥
ମଞ୍ଚରେ ଯେ ବା ଜଗନ୍ନାଥ । ସେ ମୋତେ ଦେଉଛି ହୋହିତ ॥
ଏବେ ଦଇବ ହେ ଅବେଳ । କଲା ସେ ମୋତେ ନରବଳ ॥
ଯାଚିଲେ ମାର କନା ଭୁଜି । ତପସ୍ୱୀ ଡିଅ ଘଉଡ଼ାଇ ॥
ରାବଣ ମୁଖୁ ଏହା ଶୁଣି । ମହୀରାବଣ ବୋଲେ ବାଣୀ ॥
ଆଗନ୍ତୁ କହିଥିଲେ ମୋତେ । ସମସ୍ତେ କର୍ମ ମରିଥାନ୍ତେ ॥
ଏବେ ତୁ ଥାଅ ସୁସ୍ଥ ହୋଇ । ଯୁଦ୍ଧକୁ ଯାଉଅଛି ମୁହିଁ ॥
ରାବଣ କରଇ ଅଚିନ୍ତା । ଯୁଦ୍ଧେ ଚଳିଲା ବଳବନ୍ତା ॥
ରାମଙ୍କୁ କହେ ବିଭୀଷଣ । ଅଇଲା ଏ ମହୀରାବଣ ॥
ଶୁଣି ଶ୍ରୀରାମ ତୋଷ ହେଲେ । ଯୁଦ୍ଧକୁ ବାହାର ହୋଇଲେ ॥
ରାମଙ୍କୁ ଦେଖି ଦୈତ୍ୟ ବୀର । କଲାକ ବହୁତ ସମର ॥
ଅସୁର ଛନ୍ଦ ଯୁଦ୍ଧ କଲା । ରାମଙ୍କୁ ଧରି ଘେନଗଲା ॥
ରାମଙ୍କୁ ନ ଦେଖି ଲକ୍ଷ୍ମଣ । କରନ୍ତି ବହୁତ କାରୁଣ୍ୟ ॥
ବାନର ନ ଦେଖି ରାମଙ୍କୁ । କୋଡ଼ ହୁଅନ୍ତି ସର୍ବେ ବୁକୁ ॥
ପଞ୍ଚାଶ ଯୂଥପତି ଶୋକେ । ରୋଦନ କରି ଏକେ ଏକେ ॥
ସିନ୍ଧୁ ତର୍ଜନ ପ୍ରାୟେ ଗୋଳ । ବାନରେ ହୁଅନ୍ତି ବିକଳ ॥
ଏଥେଣ ଶ୍ରୀରାମ ଯୁଦ୍ଧେ ଜିଣି । ମହୀରାବଣ ପ୍ରାଣ ଘେନ ॥

Digitized by PPRACHIN, SOA

ହେଲେ ସୁବଳସ୍ପ୍ରା ଗିରିର । ଦେଖିଲେ ସୁବଳ ତାଙ୍କରେ ॥
ଲକ୍ଷ୍ମଣ ତହିଁ ହେଲେ ଭେଟ । ଦେଖି ଆନନ୍ଦ ରଘୁଶ୍ରେଷ୍ଠ ॥
ସମସ୍ତେ ଦେଖିଣ ଆନନ୍ଦ । ଚକ୍ଷୁ କି ପାଏ ଜନ୍ମ ଅନ୍ଧ ॥
ଦରିଦ୍ରେ କୁବେର ସମ୍ପତ୍ତି । ଚେତନ ସମସ୍ତେ ହୁଅନ୍ତି ॥
ଆନନ୍ଦ ହୋଇ ସର୍ବେ ଯାଇ । ପ୍ରଣାମ କଲେ ପାଦେ ତହିଁ ॥
ଦେଖି ଶ୍ରୀରାମ ତୋଷ ହେଲେ । ସମସ୍ତ ବୁଝାଇ କହିଲେ ॥
ମହୀରାବଣ ମଲା କଥା । ରାବଣ ପାଇଲା ବାରତା ॥
ବୋଲଇ ମୁହିଁ ନାଶ ଗଲି । ତପସ୍ୱୀ ହସ୍ତେ ନଷ୍ଟ ମଲି ॥
କୁକ୍ଷି ମୋହର ବାମ ହେଲା । ଏମନ୍ତ ବୋଲି ଶୋକକଲା ॥
କହନ୍ତି ପାଟେଶ୍ୱର ନାନ । ଶୁଣ ତୁ ଯୁଧିଷ୍ଠି ରାଜନ ॥
ଶୁଣିଲଟିକ ରାମାୟଣ । ନଳର ଏମନ୍ତ କଷଣ ॥
ମାର୍କଣ୍ଡ ରାମଙ୍କୁ ବୁଝାଇ । ଶଚୀକି ନାରଦ କହଇ ॥
କୃଷ୍ଣଚନ୍ଦ୍ର ନୃପତି ଖଣ୍ଡାଇ । ଯେଣୁ ତୋ ଅତି ଶ୍ରଦ୍ଧା ହୋଇ ॥
ଶୁଣି ସୁଜନେ ହୁଅ ତୋଷ । କହେ ଶିଶୁ ଈଶ୍ୱର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ ଈଶ୍ୱର ଦାସ କୃତେ ବ୍ୟାସ ଧର୍ମ
ମାର୍କଣ୍ଡ ରାମ ସମ୍ବାଦେ ଶ୍ରୀରାମ ବନବାସେ ମହୀରାବଣ ବଧେ ଶଚୀ
ନାରଦ ସମ୍ବାଦେ ନଳଚରିତ କଥନେ ଲକ୍ଷ୍ମୀଙ୍କ ମହିମା
ବର୍ଣ୍ଣନେ ନାମ ତ୍ରୟୋଦଶୋଽଧ୍ୟାୟଃ ।

ଚତୁର୍ଦ୍ଦଶ ଅଧ୍ୟାୟ

ଯୁଧିଷ୍ଠି ଉବାଚ

ଯୁଧିଷ୍ଠି ମୁନିପାଦେ ପଡ଼ି । ବୋଲନ୍ତି ଶୁଣ ତପସ୍ୱୀ ॥
ଦମୟନ୍ତୀ ପିତାଘରେ ଥିଲେ । ନଳହିଁ ତହିଁରେ କହିଲେ ॥
କେମନ୍ତ ହେଲେ ଚିହ୍ନାଚିହ୍ନି । ଏହା ସଙ୍ଖେପି କହ ମୁନି ॥
ଯୁଧିଷ୍ଠି ବାକ୍ୟେ ମୁନିବର । ବୋଲନ୍ତି ଶୁଣ ଦଣ୍ଡଧର ॥
ନାରଦ ଶଚୀକି କହନ୍ତି । ମାର୍କଣ୍ଡ ରାମଙ୍କୁ ବୁଝାନ୍ତି ॥
ନଳ ଯେ ଥିଲେ କୁଣ୍ଡିଦେଶେ । ଦମୟନ୍ତୀ ଥିଲେ ମାତାପାଶେ ॥
ଲକ୍ଷ୍ମୀ ଯେ ମାୟା କରିଛନ୍ତି । କେହି କାହାକୁ ନ ଚିହ୍ନନ୍ତି ॥

Digitized by PPRACHIN, SOA

ଏମନ୍ତ କେତେ ଦିନ ଗଲା । ମକର ମାସ ଆସି ହେଲା ॥
ମାଘ ଶୁକ୍ଳ ସେ ପକ୍ଷରେ । ଶୁଦ୍ଧ ଦଶମୀ ଗୁରୁବାରେ ॥
ପଡ଼ିଲା ଯେ ସୁଦଶା ବ୍ରତ । ଜାଣି ସମସ୍ତେ ଆନନ୍ଦିତ ॥
ବୋଲନ୍ତି ବ୍ରତଯେ କରିବା । ଶ୍ରୀ ମହାଲକ୍ଷ୍ମୀଙ୍କୁ ପୂଜିବା ॥
ଏମନ୍ତ ବୋଲି ନଗ୍ରଜନ । ଉତ୍ସବ ହୋଇଅଛି ମନ ॥
ଏଣେ ଯେ ଖଞ୍ଜରାଜା ରାଣୀ । ଡକାଇ ସକଳ ତରୁଣୀ ॥
କାଲି ସୁଦଶା ବ୍ରତ ହେବ । ନଗ୍ର ପରିମଳ କରିବ ॥
ମଣ୍ଡଣୀ କର ଗୋ ନବଧି । ଭିଆଅ ସକଳ ସମ୍ଭାର ॥
ଶୁଣି ଦାସୀଏ ଚଳିଗଲେ । ଯେଝାର ଝଗଡ଼ ଲଗିଲେ ॥
କେହୁ ଲିପନ୍ତି ଘରଦ୍ୱାର । କେହୁ ମଣ୍ଡଣୀ କରେ ପୁର ॥
ଅତିହିଁ ଉତ୍ସବ କରନ୍ତି । ତା ଦେଖି ପୁଚ୍ଛନ୍ତି ଦମନ୍ତୀ ॥
ଆଜତ ବଡ଼ଇ ଉତ୍ସବ । କେଉଣ ବ୍ରତ ଅବା ହେବ ॥
ଶୁଣି ବୋଲନ୍ତି ଦାସୀଗଣ । ସୁଦଶା ନାମେ ବ୍ରତ ଶୁଣ ॥
କରିବେ ରାଣୀ ମହାଦେଈ । ତେଣୁ ଉତ୍ସବ ନଗ୍ର ହୋଇ ॥
ଶୁଣି ଦମନ୍ତୀ ଚଳଗଲେ । ମାଉଙ୍କ ସମ୍ମୁଖରେ କହିଲେ ॥
ମୋର ଦୁର୍ଦ୍ଦଶା ଯାଉ ଯିବ । ଲକ୍ଷ୍ମୀ ପ୍ରସନ୍ନ ତୋତେ ହେବ ॥
ତାହାଙ୍କ ସଙ୍ଗତେ ଦମନ୍ତୀ । ବସ୍ତ୍ର ପିନ୍ଧଣ ତୋଷ ହୋନ୍ତି ॥
ଏଥି ଉତ୍ତାରେ ମହାଦେଈ । ସଭିଙ୍କି କନ୍ତରେ ବସାଇ ॥
ପୂଜା ସାମଗ୍ରୀ ଯେତେମାନ । ଦଶବଧିରେ ପିଠାମାନ ॥
ବ୍ରତନ୍ତି ଏକ ଏକ ହୋଇ । ଜଣ ପ୍ରତିରେ ବାଣ୍ଟି ଦେଇ ॥
ସମସ୍ତେ ସାମଗ୍ରୀ ପାଇଲେ । ମନରେ ହରଷ ହୋଇଲେ ॥
ଏଥି ଉତ୍ତାରୁ ମହାଦେଈ । ପ୍ରୋହିତ ବ୍ରାହ୍ମଣକୁ ବାଇ ॥
ସଂକଳ୍ପ କଲେ ଜଣେ ଜଣେ । ଉତ୍ସାହ ହେଲେ ଯେଝାମନେ ॥
ସୁବର୍ଣ୍ଣ ଲକ୍ଷ୍ମୀ ମନୋହର । ଇଷ୍ଟ ଅଟଇ ତାହାଙ୍କର ॥
ତାହାଙ୍କୁ ବିମାନେ ବସାଇ । ଆନନ୍ଦେ ହୁଳହୁଳି ଦେଇ ॥
ଲକ୍ଷ୍ମୀଙ୍କି ବିଜେ କରାଇଲେ । ବିବିଧ ବାଦ୍ୟ ବଜାଇଲେ ॥
ସାମଗ୍ରୀ ଗୁଙ୍ଗୁଡ଼ା ବାଢ଼ିଲେ । ଗୁଆ ଘୃତ ଦୀପ ଜାଳିଲେ ॥

Digitized by PPRACHIN, SOA

ସୁଦଶା ବ୍ରତ ଯେତେ ବିଧି । ବିପ୍ର ବଚନେ ସମ୍ପାସିଛି ॥
ସମସ୍ତେ ବାଢ଼ିଲେ ସେଠାରେ । ବସିଲେ ମଣ୍ଡଳ ଆକାରେ ॥
ତାହାଙ୍କ ସଙ୍ଗତେ ଦମୟନ୍ତୀ । ସୁଦଶା ବ୍ରତ ଯେ କରନ୍ତି ॥
ବ୍ରାହ୍ମଣ କହନ୍ତି ବ୍ରତ କଥା । ଶୁଣନ୍ତି ସକଳ ବନିତା ॥
ବ୍ରତ ବିଧାନେ ଯେତେ ହୋଇ । ବ୍ରାହ୍ମଣ କଲେ ସର୍ବ ତହିଁ ॥
ଯେଉଁଠାରେ ମଣ୍ଡା ଯେ ବାଢ଼ିଲେ । ସମସ୍ତେ ଓଳଗି ହୋଇଲେ ॥
ମଣ୍ଡାକୁ ନଇବେଦ୍ୟ ଦେଇ । ଆନନ୍ଦେ ଗଡ଼ୁଘାଳ ଶୋଧଇ ॥
ଲକ୍ଷ୍ମୀଙ୍କଠାରୁ ବ୍ରତ ନେଇ । ଆଗେ ରାଣୀଙ୍କି ବିପ୍ର ଦେଇ ॥
ସଭିଙ୍କି ନେଇ ହସ୍ତେ ଦେଲେ । ସମସ୍ତେ ଉତ୍ସୁକ ହୋଇଲେ ॥
ମଣ୍ଡାକୁ ନଇବେଦ୍ୟ ଦେଇ । ଆନନ୍ଦେ ଗଡ଼ୁଘାଳ ଶୋଧେ ॥
ଲକ୍ଷ୍ମୀଙ୍କି ନମସ୍କାର କରି । ବ୍ରତ ଦକ୍ଷିଣା କରେ ଭରି ॥
ପ୍ରସାଦ ମଥାରେ ଘେନିଲେ । ସାଷ୍ଟାଙ୍ଗେ ଦଣ୍ଡବତ କଲେ ॥
ମଣ୍ଡା ଖଣ୍ଡୁଆ ହସ୍ତେ ଘେନି । ଗୃହକୁ ଚଳିଲେ କାମିନୀ ॥
ସମ୍ପୂର୍ଣ୍ଣ କରନ୍ତି ଆହାର । ଆନନ୍ଦ ହୋଇଣ-ନଗର ॥
ଦମୟନ୍ତୀ କଲେ ବ୍ରତ ଭରି । ଲକ୍ଷ୍ମୀ ପ୍ରସାଦ ବେଗେ ସରି ॥
ଏ ରୂପେ ବ୍ରତ ଯହୁଁ କଲ । ଲକ୍ଷ୍ମୀଙ୍କ କରୁଣା ହୋଇଲ ॥
ପ୍ରସନ୍ନ ହେଲେ ଜଗନ୍ମାତା । ଗଲା ତା ଦୁର୍ଦ୍ଦଶା ଅବସ୍ଥା ॥
ବିରୂପ ସ୍ୱରୂପ ହୋଇଲ । ଗଲୁଁ ଶତେକ ରୂପ ହେଲ ॥
ଯହୁଁ ହୋଇଲେ ଲକ୍ଷ୍ମୀ କଳା । ଯାଜ୍ୱଲ୍ୟ ଜ୍ୟୋତି ପ୍ରକାଶିଲ ॥
ଭୋଜନ ସାରିଣ ଦମୟନ୍ତୀ । ଚଳନ୍ତି ମାତାଙ୍କର କତି ॥
ଯାଇ ଦେଖିଲେ ଦାସୀଗଣ । ଚିହ୍ନିଲେ ଦମୟନ୍ତୀ ବୋଲିଣ ॥
ବୋଲନ୍ତି ଏ ତ କେମାନଣି । ନଳ ରାଜାର ପାଟରାଣୀ ॥
ଚିହ୍ନିତ ନ ପାରିଲୁ କେହି । ଗୁପତେ ଥିଲେ ଏଥି ରହି ॥
ଧାଇଁଲେ ସର୍ବ ଦାସୀଗଣ । କହିଲେ ମାତାଙ୍କ ଆଗେଣ ॥
ଶୁଣିମା ହେଜ ମାତା ଭୁମେ । ସ୍ୱାମୀରେ ଜଣାଉଛୁ ଆମ୍ଭେ ॥
ଦେଖିଲୁଁ ନଳ ପାଟରାଣୀ । ଦମୟନ୍ତୀ ତୁମ୍ଭର ନନ୍ଦନୀ ॥
ଗୂଢ଼େ ତେ ଅଛି ଆମ୍ଭ ପୁରେ । ତା ଶୁଣି ରାଣୀ ଶୋକ କରେ ॥

Digitized by PPRACHIN, SOA

ବୋଲନ୍ତି କାହିଁ ମୋର ଝିଅ । କେବେହୁ ଦେଖିଲେ ମୋତେ କହ ॥
ଏମନ୍ତ ବୋଲି ମହାଦେଈ । ଝଳକେ ଚଉଦିଗ ଚାହିଁ ॥
ଦମୟନ୍ତୀ ମିଳିଲା ସେଠାରେ । ମିଳିଲେ ମାତାଙ୍କ ସମ୍ମୁଖରେ ॥
ନମିଲେ ମାତାଙ୍କ ପୟରେ । କହନ୍ତି ଅତି ସ୍ନେହଭରେ ॥
ଦେଖିଣ ମାତା କଲେ କୋଳ । ଆନନ୍ଦେ ହୋଇ ମତ୍ତଭୋଳ ॥
ବେଦେଶ୍ୱରମାନେ ଧାଇଁ ଗଲେ । ଭୀମ ନୃପତିଙ୍କି କହିଲେ ॥
ଶୁଣି ଉଠିଲେ ରାଜା ବେଗେ । ଜେମାକୁ ଦେଖିବା ସରାଗେ ॥
ପିତାଙ୍କୁ ଦେଖିଣ ଦମୟନ୍ତୀ । ପୟରେ ପ୍ରଳମ୍ବ କରନ୍ତି ॥
ସ୍ନେହେ ପିଅର କଲେ କୋଳ । ଆନନ୍ଦେ ବହେ ଅଶ୍ରୁଜଳ ॥
ପୁଚ୍ଛିଲେ ସମସ୍ତ ଉଦନ୍ତ । କହନ୍ତେ ହେଲେ ଆଚମ୍ବିତ ॥
ନଳ ଯେ ସୁପକାର ହୋଇ । ଗୃହରେ ଥିଲେ ତହିଁ ରହି ॥
ମଣୋହିଁ ବଧି ନାନାବର୍ଣ୍ଣ । ସାରିଲେ ସମସ୍ତ ଉଦନ ॥
ଚଳନ ଯାରି ନଳରାୟେ । ରାଜାଙ୍କୁ କହିବାର ଯାଏ ॥
ମିଳିଲେ ନୃପତିଙ୍କ ପାଶେ । କହନ୍ତି ମଣୋହିକି ଆସ ॥
ଏମନ୍ତେ କହି ସେ ଅଗ୍ରତେ । ନଳକୁ ଚିହ୍ନିଲେ ସମସ୍ତେ ॥
ଆନନ୍ଦେ କେ ପାରିବ କହି । ନଳ ଦମୟନ୍ତୀ ବେନି ଚାହିଁ ॥
ଦମୟନ୍ତୀ ଦେଖି ନୃପତିଙ୍କି । ନଳ ଚିହ୍ନିଲେ ଦମୟନ୍ତୀକି ॥
ସ୍ୱାମୀଙ୍କ ପାଦେ ପଡ଼ି ଶୋଇ । ଉଠି ମସ୍ତକେ କର ଦେଇ ॥
ଦେଖିଣ ନଗ୍ର ନରନାରୀ । ଆନନ୍ଦ କେହୁ କହିପାରି ॥
ନଳକୁ ଘେନି ଭୀମରାୟେ । ଆସ୍ଥାନେ କଲେକ ବିଜୟେ ॥
ଭେଟିଲେ ଆସି ସର୍ବଜନ । ଉତ୍ସୁକ ସବୁଙ୍କର ମନ ॥
ଏଥି ଉତ୍ତାରେ ଭୀମରାୟେ । ମଣୋହି କରିବାର ଯାଏ ॥
ନଳକୁ ସଙ୍ଗତରେ ଘେନି । ଭୋଜନ କଲେ ନୃପମଣି ॥
ବେନି ନୃପତି ଏକ ପଣେ । ମଣୋହି କଲେ ଷଡ଼ରସେ ॥
ବ୍ୟାସ ବୋଲନ୍ତି ଧର୍ମ ଶୁଣ । ନଳର ଫିଟିଲା କଷଣ ॥
ନାରଦ ଠାରୁ ଶଚୀ ଶୁଣି । ଆନନ୍ଦେ ସୁରରାଜା ରାଣୀ ॥
ରାମଙ୍କୁ ମାର୍କଣ୍ଡ କହନ୍ତି । ନଳର ଫିଟିଲା ବିପତ୍ତି ॥

Digitized by PPRACHIN, SOA

ଶୁଣି ଆନନ୍ଦ ରାମଚନ୍ଦ୍ର । ନମିଲେ ମୁନଙ୍କର ପାଏ ॥
ସୁବଳପୁରେ ବସିଛନ୍ତି । ସେନାଏ ବସି ଚଉକତି ॥
ବିଭୀଷଣର ମୁଖ ଚାହିଁ । ବୋଲନ୍ତି ରଘୁକୁଳ ସାଇଁ ॥
ଆଜ କେଉଠି ଘଟଣଅଛି । କହ ହେ ଲଙ୍କାବାର ବର୍ଣ୍ଣି ॥
ଶୁଣି ବୋଲଇ ବିଭୀଷଣ । ଶୁଣ ଦେବ ରହିଲା ରାବଣ ॥
ଏହା ରହିଲା ସମରଥ । ଅସୁର କୁଳ ସାରନାଥ ॥
ଶୁଣି ଆନନ୍ଦ ଦାଶରଥି । ଅଳପେ ମନେ ଦେଲେ ହସି ॥
ଏଣେ ରାବଣ ଅନ୍ତଃପୁରେ । ଶୋଇଛନ୍ତି ପଲଙ୍କ ଉପରେ ॥
ଅଇଲା ମନ୍ଦୋଦରୀ ରାଣୀ । ସନ୍ନିଧେ ବସିଲା ତରୁଣୀ ॥
ରାଣୀକି ରାବଣ ବୋଇଲା । ତମ୍ଭ୍ରୀ ପ୍ରଭୁ ଏହା କଲା ॥
ସମୁଦ୍ରେ ବନ୍ଧ ବନ୍ଧାଇଲା । ସୁବଳ ଗିରିରେ ରହିଲା ॥
ଭ୍ରାତ କୁମର ନାତି ରଥି । ମାଇଲା ଅନେକ ଯୋଧ ॥
କି ବୁଦ୍ଧି କରିବାରେ ମୁହିଁ । ବିଚାର କହ ପ୍ରାଣସହି ॥
ରାବଣ ବାକ୍ୟ ମନ୍ଦୋଦରୀ । ବୋଲଇ ଶୁଣ ଦଶଶିର ॥
ଶ୍ରୀରାମ ସ୍ୱୟଂ ଅବତାର । ସନ୍ତୁକୁ କରିବେ ଉଦ୍ଧାର ॥
ଦୁଷ୍ଟ ସଭିଙ୍କି ନିବାରିବେ । ପୃଥିବୀର ଭାର ଉଶ୍ୱାସିବେ ॥
ତୁ ଏବେ ମନ୍ଦକର୍ମ କଲୁ । ସୀତାଙ୍କୁ ଚୋରାଇ ଆଣିଲୁ ॥
ଯେ ଦିନୁ ରାମ ତେଜି ଘର । ସେ ଦିନୁ କହିଲି ଯେ ମୂର୍ଖ ॥
ଶୁଣିବେ ନ କଲୁ ମୋହର ବୋଲ । ଜାଣିଲି ପୂରିଲା ତୋ କାଳ ॥
ଏବେ ଜୀବନେ ଥିଲେ ଆଶ । ସୀତା ଦେଇଣ ହୋଇବେ ତୋଷ ॥
ମୁଁ ତୋର ଅଟଇ ଘରଣୀ । କହୁଛି ଶୁଣ [illegible] ॥
କହୁଛି ମୋର ବୋଲ କର । ସୀତାଙ୍କୁ ଘେନ ସଙ୍ଗତର ॥
କୁଳ ସମସ୍ତେ ବେଗେ ଯିବା । ରାମରେ ଶରଣ ପଶିବା ॥
ଶୁଣିଣ ରାବଣ ବୋଇଲା । ଏମନ୍ତ କହିଲୁ କାହିଁପାଇଁ ॥
ରାଜ୍ୟ ଧୀ ରାଜେଶ୍ୱର ମୁହିଁ । ପ୍ରତାପୀ ଲଙ୍କେଶ ଅଟଇ ॥
ଦେବଙ୍କ ଜିଣିଲି ଇନ୍ଦ୍ରପୁର । ଦେବେ ଖଟିଲେ ମୋ ପୁର ॥
ଏତେ ପ୍ରତାପୀ ହୋଇ ମୁହିଁ । ନମ୍ର ହୋଇବି କାହିଁପାଇଁ ॥

Digitized by PPRACHIN, SOA

ତୁ ଥିର କହୁ ମୋ ଆଗରେ । ଶରଣ ପଶିବ ଶମ୍ଭୁରେ ॥
କୁହି ମୋ ସ୍ତ୍ରୀଗ ଜନ୍ମ ସ୍ଥାନ । ଦଶାନନରେ ତୋର ମନ ॥
ରାଜା ହୋଇବ ଏଥେ ସେହି । ତୁ ତାର ଦେବୁ ମହାଦେଈ ॥
ଏମନ୍ତ ବଚନ ତୋହର । ତେଣୁ ତୁ କହୁ ମୋ ଆଗର ॥
ଏତେକୁ ଯାଅ ଯା ବହନ । ଜାଣିଲି ତୋର ପ୍ରିୟଗଣ ॥
କାହାକୁ ହାରିଅଛୁ ମୁହିଁ । ମୋ ଭୁଲେ ଯେହ୍ନେ ସମ ନାହିଁ ॥
ତୁମେ ଯେହ୍ନେ ଅଟ ସ୍ତ୍ରୀ ଜାତି । ତଉ ପୁରୁଷେ ତୁମ୍ଭ ମତି ॥
ଶୁଣି କୋପିଲା ମହାସତୀ । କପାଳେ କହୁଛ ଅମାତି ॥
ଜାଣିଲ ପୂର୍ବନ୍ତ ତୋ କାଳ । ତେଣୁ ତୁ ହୋଇଛୁ ବାତୁଳ ॥
ବିନାଶ କାଳକୁ ଏ ପୁଣ । ବିପରୀତ କଥା ଏ ଜାଣ ॥
ଅନ୍ତେ ମରିବାକାଳ ହେଲା । ତେଣୁ ତୋ ବୁଦ୍ଧିର ଗଲା ॥
ଦୁର୍ବୁଦ୍ଧି ହୋଇଲା ପ୍ରବେଶ । ନଷ୍ଟଯୋ ହୋଇଲୁ ତୁ ନାଶ ॥
ଆଜ ଯୁଦ୍ଧକୁ ଯେବେ ଯିବୁ । ବାହୁଡି କେବେ ନ ଆସିବୁ ॥
ମୁଁ ଯେବେ ସତ ଅଟେ ପୁଣି । ଅନ୍ୟଥା ନୋହୁ ମୋର ବାଣୀ ॥
ଏମନ୍ତ ବୋଲି ଶାପ ଦେଲା । ସତେଗଣ ବେଗେ ଚଳିଗଲା ॥
ଏଥୁ ଉତ୍ତାରୁ ଲଙ୍କେଶ୍ୱର । ଯୁଦ୍ଧକୁ ବାହାର ଆପଣ ॥
ଆଗରେ ଲକ୍ଷ ଶଙ୍ଖ ତୂରୀ । ବଜାଇ ଲକ୍ଷେ ମହୁରୀ ॥
ଅଠର ଅକ୍ଷୌହିଣୀ ଗଣିତା । ବାଦ୍ୟ ବଜାଇ ବଶ ଥା ॥
ଚଉଦ ଖର୍ବ ମଉଁ ମତା । ପଦାତି ନ ଯାଇ ଗଣିତା ॥
ଲଙ୍କାରୁ ହୋଇଲେ ବାହାର । ସବୁ ଦେଖିଲେ ବାନର ॥
କହିଲେ ଶ୍ରୀରାମଙ୍କ ଆଗେ । ଶୁଣି ଶ୍ରୀରାମ ଅତି ବେଗେ ॥
ସଜ ହୋଇଲେ ବେଗ କରି । ରାମ କବଚ ହୃଦେ ଧରି ॥
ସିନ୍ଦୁର ଶତା ଯେ କଥାଲେ । ଜାମ୍ବବ ମନ୍ତ୍ରୀ ନେଇ ଦେଲେ ॥
ଯେହ୍ନେ ସଦୃଶ୍ୟ ହେ ଲକ୍ଷ୍ମଣ । ସଜ ହୋଇଲେ ତତକ୍ଷଣ ॥
ସମସ୍ତେ ସଜ ହେଲେ ବେଗେ । ବାନରେ ଧାଇଁଲେକ ଆଗେ ॥
ଜାମ୍ବବ ହେଲେ ଅନୁକୂଳ । ବାହାର ହେଲେ ରଘୁକୁଳ ॥
ସ୍ୱର୍ଗେ ଜାଣିଲେ ସୁନାସୀର । ସମସ୍ତେ କହନ୍ତି ବଗୁର ॥

Digitized by PPRACHIN, SOA

ଆଜ ରାବଣ କ୍ଷୟ ଯିବ । ସ୍ୱର୍ଗର ଅରିଷ୍ଟ ଘୁଞ୍ଚିବ ॥
ରଥେ ବସିଛି ଦଂଶବାହୁ । ତେବେ କି ଥିବେ ରାମ ବାହୁ ॥
ଏମନ୍ତ କହି ଶଚୀନାଥ । ମାତଳି ରଜଣ ବୋଲନ୍ତି ॥
ଦେବ ବିମାନ ଯେନସାଥ । ରାମ ସନ୍ନିଧେ ଦେଇ ରଥ ॥
ରଥେ ବସିଣ ରଘୁବଣ । ମାରନ୍ତୁ ପାପିଷ୍ଟ ରାବଣ ॥
ଆଜ୍ଞା ପ୍ରମାଣେ ସେ ମାତଳି । ରଥ ଯେନଣ ବେଗେ ଚଳି ॥
ମିଳିଲା ରାମ ଆଗେ ଯାଇ । ଓଡ଼ିଲ ପାଦପଦ୍ମେ ଶୋଇ ॥
ଉଠି ମସ୍ତକେ କର ଦେଇ । ଇନ୍ଦ୍ର ସନ୍ଦେଶ ବେଗେ କହି ॥
ଶୁଣି ସାନନ୍ଦ ରଘୁଶ୍ରେଷ୍ଠ । ମାତଳି କରନ୍ତି ଆଶ୍ୱାସ ॥
ରଥେ ବସିଲେ ରାମ ଆଗେ । ଲକ୍ଷ୍ମଣ ବିଭୀଷଣ ସଙ୍ଗେ ॥
ବାନରେ ହେଉ ମତୁଆଳ । ସଙ୍ଗେ ବଜାନ୍ତି ରାମ ତାଳ ॥
ଯୁଦ୍ଧକୁ ହୋଇଲେ ବାହାର । ମିଳିଲେ ରଣଭୂମି ଠାଉ ॥
ଦୈତ୍ୟଙ୍କ ସଙ୍ଗରେ ବାନରେ । ଯୁଦ୍ଧ କରନ୍ତି ଯେ ଯାହାରେ ॥
ରାମଙ୍କୁ ଦେଖି ଲଙ୍କାସାଇଁ । କୋପେ ବିନ୍ଧିଲା ଶର ନେଇ ॥
ରାମ ଛେଦିଲେ ଶରେ ତାହା । ପୁଣି ବିନ୍ଧିଲା ଦଶବାହା ॥
ବେଳକୁ ବେଳ ଯୁଦ୍ଧ ଟାଣ । ବିନ୍ଧନ୍ତି ଅପର୍ଯ୍ୟାପ୍ତ ବାଣ ॥
ରାମାୟଣ ସଂଗ୍ରାମ ଯନ୍ତ୍ରେ । ମୁଖେ ବର୍ଣ୍ଣିବ ତାହା କେହୁ ॥
ଘଡ଼ିକେ ଅନ୍ଧକାର ହୋଇ । ଘଡ଼ିକେ ଲୁହୁଡ଼ି ଦୋଟଇ ॥
ଘଡ଼ିକେ ହୋଇ ବାଣ ବୃଷ୍ଟି । ଘଡ଼ିକେ ନ ଦିଶଇ ସୃଷ୍ଟି ॥
ଘଡ଼ିକେ ଜଳେ ଅଗ୍ନି ବହ୍ନି । ଘଡ଼ିକେ ଅଗ୍ନି ନ ଦିଶଇ ॥
ଘଡ଼ିକେ କିଛି ନ ଦିଶଇ । ଉଲ୍କା ପଡ଼ନ୍ତେ କମ୍ପେ ମହୀ ॥
ସିନ୍ଧୁ ଗର୍ଜ୍ଜନ ହୁମ୍ଭି ଗଲା । ପବନ ଆଉ ନ ବହିଲା ॥
ଦୁହାଙ୍କ ପ୍ରାୟ ବାଣ ବୃଷ୍ଟି । କମ୍ପଇ ନବଖଣ୍ଡ ସୃଷ୍ଟି ॥
ବେଳକୁ ବେଳ ବାନରଡ଼ । ଶବଦ ଜାଣି ଘଡ଼ଘଡ଼ି ॥
ଦୈତ୍ୟ ବାନର ଯୁଦ୍ଧ ତେଜ । ଉଠିଲେ ଚଷ୍ମମାନ ବୁଜ ॥
ବାସୁକି ଶିର ନୁଆଁଇଲା । ବ୍ରହ୍ମାଣ୍ଡ ଯାକ କମ୍ପିଗଲା ॥
ସହି ଅଠନ୍ତି ରଘୁରାଣ । ଛେଦନ୍ତି ରାବଣର ବାଣ ॥

Digitized by PPRACHIN, SOA

ଟଙ୍କାରେ ବିନ୍ଧିଲେ ଲକ୍ଷ୍ମଣ କାଣ୍ଡ । ତୁଟିଗଲା ରାବଣର ମୁଣ୍ଡ ॥
ପୁଣି ବାହାରେ ଦଶମୁଣ୍ଡ । ଶ୍ରୀରାମ ଦେଖିଣ ପ୍ରଚଣ୍ଡ ॥
ପୁଣି ବିନ୍ଧିଲେ ଏକ ଶର । ପୁଣି ତୁଟିଗଲା ଦଶଶିର ॥
ପୁଣି ବାହାର ଯହୁଁ ହେଲା । ରାମଙ୍କୁ ବୁଦ୍ଧି ନ ଫୁଟିଲା ॥
ପୁଚ୍ଛନ୍ତି ମାତଳିକ ପୁଚ୍ଛି । ତୁଟିଣ ଶିର ଜାତ ହୋଇ ॥
ମାତଳି ବୋଲେ ରଘୁବୀର । ହୃଦରେ ବ୍ରହ୍ମ ଲିଙ୍ଗ ଅସ୍ତ୍ର ॥
ତହିଁକି ବିନ୍ଧ ଦେବ ଶର । ତେବେ ସେ ମରିବ ଅସୁର ॥
ଶୁଣି ସାନନ୍ଦ ରଘୁବୀର । ତୂଣୁ କାଢ଼ିଲେ ଲକ୍ଷ୍ମଣ ଶର
ବାଟଳ ବ୍ରହ୍ମ ଯେ କଉଶ । ଯୋଖିଲେ ତିନ ବାଣ ଧରି ॥
ଚଳିଲେ ତିନ ବାଣ ବେଗେ । ଭେଦିଲେ ରାବଣର ଅଙ୍ଗେ ॥
ପ୍ରାଣ ଛାଡ଼ିଲା ଦଶଶିର । ରଥରୁ ପଡ଼ିଲା ଭୂମିର ॥
ସୁରେ ଦୁନ୍ଦୁଭି ବଜାଇଲେ । ଆନନ୍ଦ ଉତ୍ସବ ଯେ କଲେ ॥
ନନ୍ଦନ ବନୁ ପୁଷ୍ପ ଆଣି । ପ୍ରୋକ୍ଷଣ କଲେ ଚଗାପାଣି ॥
ଶ୍ରୀରାମ ଶିରେ ବରଷିଲେ । ଆନନ୍ଦେ ଜୟ ଜୟ କଲେ ॥
ଜାମ୍ବବ ଦେହେ ଆଭରଣ । ମଣ୍ଡନ୍ତେ ବସ୍ତ୍ରରେ ଆପଣ ॥
ବୋଲନ୍ତି ଧନ୍ୟ ଯେ ଶ୍ରୀରାମ । ଧନ୍ୟ ଯେ ଏହାଙ୍କ ସଂଗ୍ରାମ ॥
ଏହାଙ୍କ ସଙ୍ଗେ ଯେବେ ଯୁଝି । ତେବେ ସେ ଷଣ୍ଢୀପଣ ବୁଝି ॥
ଜାଣି ଶ୍ରୀରାମ ହସି ଧୀରେ । ଚଳନ୍ତି ହେବ ଦଶରଥରେ ॥
ରାବଣ ଭାଇ ବିଭୀଷଣ । ଦେଖିଲେ ଭାଇର ମରଣ ॥
ଶୋକେ ହୋଇଲେ ମହାଦୁଃଖୀ । ମୁଣ୍ଡରୁ ଝୁମ୍ପିଲେ ଅପେକ୍ଷି- ॥
କାନ୍ଦଇ ଅବମାନେ ପଡ଼ି । ତା ଦେଖି କରେ ମୁଣ୍ଡ ତାଡ଼ି ॥
ରାବଣ ମରିବାର କଥା । ରାଣୀଏ ପାଇଲେ ବାରତା ॥
କାନ୍ଦ ବାହାର ହେଲେ ସର୍ବେ । ସିନ୍ଧୁ ଗର୍ଜନ ପ୍ରାୟେ ଶୁଭେ ॥
ପ୍ରବେଶ ରଣଭୂମି ଠାରେ । ମିଳିଲେ ରାବଣ ପାଶରେ ॥
ଦେଖିଲେ ଶବ ଅଛି ପଡ଼ି । କାନ୍ଦନ୍ତି ସର୍ବ ରାଣୀ ବେଢ଼ି ॥
ଦେଖିଣ ରାଣୀଙ୍କ ବିକଳ । ଶ୍ରୀରାମ ହୋଇଲେ ଆକୁଳ ॥
ବିଭୀଷଣଙ୍କୁ ପ୍ରବୋଧିଲେ । ରାଣୀଙ୍କି ପ୍ରବୋଧ ଦେଇଲେ ॥

Digitized by PPRACHIN, SOA

ଆଜ୍ଞା ପ୍ରମାଣେ ବିଭୀଷଣ । ଗଲେ ରାଣୀଙ୍କ ସନ୍ନିଧାନ ॥
ରାମ ବୋଲନ୍ତି ସତୀ ଶୁଣ । କହିବୁ ଏକ ଯେ ବଚନ ॥
ଲଙ୍କାରେ ବିଭୀଷଣ ରାଜା । ତୁ ତାର ହୋଇବୁ ଭାରିଯା ॥
ଶ୍ରୀରାମ ବାକ୍ୟେ ମନ୍ଦୋଦରୀ । ପଡ଼ିଲେ ବେନି ପାଦ ଧରି ॥
କହିଲେ ଶୁଣ ରଘୁବୀର । ଏ କଥା ବଡ଼ ଅବେଭାର ॥
ଅସତୀ ବୋଲିବେ ସଂସାର । ଏ ଆଜ୍ଞା ହେଉ ତପଧର ॥
ତା ଶୁଣି ଶ୍ରୀରାମ ବୋଲନ୍ତି । ଆମ୍ଭ ବଚନେ ହୁଅ ସତୀ ॥
ସାଧ୍ୱୀ ମଧ୍ୟେ ତୁ ଅଗ୍ରଣୀ । ହୁଅ ବୋଇଲେ ରଘୁମଣି ॥
ପ୍ରଭାତୁ ତୋ ନାମ ସୁମରି । କ୍ଲେଶ ଖଣ୍ଡିବେ ନରନାରୀ ॥
ଶୁଣି ସମ୍ମତ ରାଣୀ କଲେ । ଅଳପ ହୋଇଣ ହସିଲେ ॥
ଏଥି ଉତ୍ତାରୁ ରଘୁସାଇଁ । ବିଭୀଷଣକୁ ଶାଢ଼ୀ ଦେଇ ॥
ଲଙ୍କା କଟକେ କଲେ ରାଜା । ସମସ୍ତେ କଲେ ପାଦ ପୂଜା ॥
ଆଜ୍ଞାରେ ରାବଣକୁ ନେଇ । ଅଗ୍ନିରେ ଦାହ ଯେ କରାଇ ॥
ଏଥି ଉତ୍ତାରେ ମନ୍ଦୋଦରୀ । ବିଭୀଷଣକୁ ରାଜା କରି ॥
ମିଳିଲେ ଶ୍ରୀରାମ ଛାମୁରେ । ଦର୍ଶନ କଲେ ଶ୍ରୀପଦୁରେ ॥
ଉଠି ମସ୍ତକେ କର ଦେଇ । ବୋଲନ୍ତି ଶୁଣିମା ଗୋସାଇଁ ॥
ଯେବେ ଦେବ ସାବଧାନ ହୁଅ । ଅଦୋଷୀ ଜନକର ଝିଅ ॥
ତୋ ନାଶ ନମ ହୁତାଶନ । ତାକୁ ଛୁଇଁବା କେ ଭାଜନ ॥
ସୀତାକୁ କେ ଲଙ୍ଘନା ଦେବ । ତାହାର କହ ଛିଡ଼ର୍ଯିବ ॥
ଶୁଣି ବୋଇଲେ ରଘୁନାଥ । ଯାଅ ଲଙ୍କାପତି ତୁରିତ ॥
ଶୁଣି ସାନନ୍ଦ ସର୍ବେ ହେଲେ । ବାନରେ ମସ୍ତକେ ଧରିଲେ ॥
ମିଳିଲେ ଅଶୋକ କାନନେ । ପ୍ରବେଶି ସୀତା ସନ୍ନିଧାନେ ॥
ସମସ୍ତେ ପାଦେ ପଡ଼ି ଶୋଇ । ଉଠି ମସ୍ତକେ କର ଦେଇ ॥
ହନୁ କହଇ ଯୋଡ଼ି କର । ଆଜ୍ଞା ଯେ ଦେଲେ ତୋ ଠାକୁର ॥
ବିଜୟ କର କମଳିନୀ । ରାବଣ ମଲା ଏହିକ୍ଷଣି ॥
ଶୁଣି ଆନନ୍ଦ ଜଗନ୍ମାତା । ଆସନୁ ଉଠି ବେଗେ ସୀତା ॥
ପାଦେ ଗମନ କଲେ ମାଏ । ଦର୍ଶନ କଲେ ସେନାରାଏ ॥

Digitized by PPRACHIN, SOA

ସୀତାଙ୍କ ମୁଖ ରାମ ଚୁମ୍ବି । କଠିଣ କଲେ ତାଙ୍କୁ ଚୁମ୍ବି ॥
ବୋଲନ୍ତି ଶୁଣ ବଇଦେହୀ । ତୋହର କାର୍ଯ୍ୟ ମୋର ନାହିଁ ॥
ଯାରେ ଯୋଗାଇ ତୋର ମନ । ଲକ୍ଷ୍ମଣ ସୁଗ୍ରୀ ବିଭୀଷଣ ॥
ଏହାଙ୍କ ମଧ୍ୟୁ ଏକ ବାନ୍ତି । ବରରେ ଜନକର କନ୍ୟି ॥
ଏହା ଶୁଣି ଚକିତ ହୋଇ । ରହିଲେ ବଦନ ଲମ୍ବାଇ ॥
ଦଣ୍ଡକେ ଦେବୀ ଟେକି ମାଥ । ବୋଲନ୍ତି ଶୁଣ ରଘୁନାଥ ॥
ମୋହର କିଛି ଦୋଷ ନାହିଁ । ଏହା ବୋଲଇ କାହିଁପାଇଁ ॥
ଯେବେ ତୁ ଆନ ମନ ଧରୁ । ପରୀକ୍ଷା ନିଅ ମୋ ଉଠରୁ ॥
ଅଗ୍ନି ତୁ ଜାଳିଦିଅ ମୋତେ । ତହିଁରେ ପଶିବି ତୁରିତେ ॥
ଶ୍ରୀରାମ ଲକ୍ଷ୍ମଣଙ୍କୁ ଠାରି । ଅଗ୍ନି ତୁ ଜାଳ ବେଗକରି ॥
ଶ୍ରୀରାମ ଆଜ୍ଞାରେ ଲକ୍ଷ୍ମଣ । ଅଗ୍ନି ଜାଳିଲେ ତତ୍‌କ୍ଷଣ ॥
ଜଳିଲା ପ୍ରଚଣ୍ଡ ହୁତାଶ । ତା ଦେଖି ଜାନକୀ ହରଷ ॥
ମନ୍ତ୍ରୀଙ୍କୁ ବୋଲେ ଶଶୀମୁଖୀ । ଶୁଣ ଦେବ ତେଜ ଇଥାଅ ସାକ୍ଷୀ ॥
ମୁଁ ଯେବେ ପାପୀ ହୋଇଥିବି । ଅନଳେ ଭସ୍ମ ହୋଇଯିବି ॥
ଏମନ୍ତ ବୋଲି ବଇଦେହୀ । ଅଗ୍ନିରେ ପଶିଲେ ଧାଇଁ ॥
ସମସ୍ତେ କଲେ ହାହାକାର । ଦେଖି ଆଶ୍ଚର୍ଯ୍ୟ ରଘୁବୀର ॥
ଭୂମିରେ ପଡ଼ିଲେ କଚାଡ଼ି । ପିଣ୍ଡୁ କି ପ୍ରାଣଗଲା ଛାଡ଼ି ॥
ଦଣ୍ଡକେ ପାଇଲେ ଚେତନ । ଆକୁଳେ କରନ୍ତି ରୋଦନ ॥
ଅହା ସୀତେ ତୁ ଛାଡ଼ିଗଲୁ । ଏତେ ଦୁଃଖରେ ଦୁଃଖ ଦେଲୁ ॥
କି କର୍ମ କଲି ମୁଁ ପାପିଷ୍ଠ । ବୁଦ୍ଧି ହୋଇଲା ମୋର ନଷ୍ଟ ॥
ଏତେ ଅନର୍ଥ ଯାର ପାଇଁ । କଥାରେ ହରାଇଲି ମୁହିଁ ॥
ଦୁର୍ବୁଦ୍ଧି ହୋଇଲା ମୋହର । ଏମନ୍ତ ବୋଲି ରଘୁବୀର ॥
କାନ୍ଦନ୍ତି ବେନିକର ଯୋଡ଼ି । ହୃଦରେ ବେନିକର ତାଡ଼ି ॥
ଲକ୍ଷ୍ମଣ ସୁଗ୍ରୀ ବିଭୀଷଣ । ଏମାନେ କରନ୍ତି ରୋଦନ ॥
ହନୁ ଯେ କାନ୍ଦଇ ବିକଳ । ବାନରେ ହୁଅନ୍ତି ଆକୁଳ ॥
କି ହେଲା କି ହେଲା ବୋଲନ୍ତି । ଆକୁଳେ ସମସ୍ତେ ରୋଦନ୍ତି ॥
ଏଥି ସମସ୍ତେ ସ୍ୱର୍ଗବାସୀ । ସମସ୍ତେ ହୋଇଲେକ ଆସି ॥

Digitized by PPRACHIN, SOA

ବ୍ରହ୍ମା ସଙ୍ଗିତେ ଆଖଣ୍ଡଳ | ଆଦିରେ ଦଶଦିଗପାଳ ||
ତାହାଙ୍କ ସଙ୍ଗେ ଦଶରଥ | ମଞ୍ଚକୁ ସମସ୍ତେ ଆଗତ ||
ବୋଲନ୍ତି ଶୁଣ ରଘୁନାଥ | ଅଦୋଷୀ ଜନକ ଦୁହିତ ||
ଆମ୍ଭେ ସମସ୍ତେ ଦେବଗଣ | କହୁଛୁ ଶୁଣିବା ଆପଣ ||
ସୀତାର ଥିବ ଯେବେ ଦୋଷ | ଏତା ପାପେ ଆମ୍ଭେ ଯିବୁ ନାଶ ||
ଶ୍ରୀରାମ ପିତାଙ୍କୁ ଦେଖିଲେ | ପଦ୍ମରେ ନମସ୍କାର କଲେ ||
ଲକ୍ଷ୍ମଣ ନମେ ପାଦତଳେ | ରାମଙ୍କୁ ପିଅର ବୋଇଲେ ||
ଅଦୋଷୀ ଅଟେ ବଇଦେହୀ | ଅଗ୍ନିରେ ଅଛି ଗୋପ୍ୟହୋଇ ||
ଆଗେ ତୁ ଡାକ ରଘୁବୀର | ଅଗ୍ନିରୁ ହୋଇବେ ବାହାର ||
ଶୁଣି ସାନନ୍ଦ ଧନୁପାଣି | ଡାକନ୍ତି ସୀତା ନାମ ଧରି ||
ଆସ ଗୋ ଧରଣୀ ତନୟା | ବଇଦେହୀ ମୋ ପ୍ରାଣପ୍ରିୟା ||
ଜାନକୀ ଜନକ ନନ୍ଦିନୀ | ଅଯୋଧ୍ୟାପୁର ଠାକୁରାଣୀ ||
ଏମନ୍ତ ବୋଲି ରଘୁସାଇଁ | ପ୍ରିୟାକୁ ଡାକନ୍ତି ଚେହ୍ନାଇ ||
ଅଗ୍ନିରୁ ବାହାର ହୋଇଲେ | ଶ୍ରୀରାମ ସନ୍ନିଧିକୁ ଗଲେ ||
ଦେବେ ହୋଇଲେ ଅନ୍ତର୍ଦ୍ଧାନ | ଆନନ୍ଦ ସବୁଙ୍କର ମନ ||
ରାମଙ୍କୁ ବୋଇଲେ ଜାନକୀ | ପରୀକ୍ଷା ବୁଝି ଗଲତି କି ||
ଶୁଣି ସାନନ୍ଦ ରଘୁବୀର | ଧଇଲେ ଜାନକୀର କର ||
ସନ୍ନିଧେ ବସାଇଲେ ନେଇ | ଆନନ୍ଦ କେ ପାରିବ କହି ||
କହନ୍ତି ବ୍ୟାସ ମୁନିବର | ଶୁଣିଲଟିକି ଯୁଧିଷ୍ଠିର ||
ଶ୍ରୀରାମ ବିପତ୍ତି ତୁଟିଲା | ନଳର କଷଣ ଫିଟିଲା ||
ମାର୍କଣ୍ଡ ଠାରୁ ରାମ ଶୁଣି | ବିପତ୍ତି ଫିଟିଲାକି ପୁଣି ||
ନଳର ଫିଟିଲା ବିପତ୍ତି | ନାରଦ ଶଚୀଙ୍କ କହନ୍ତି ||
ଶୁଣି ସୁଜନେ ଦୂର ଦୋଷ | କହେ ଶିଶୁ ଈଶ୍ୱର ଦାସ ||

ଇତି ଶ୍ରୀ ନଳଚରିତ୍ରେ ଈଶ୍ୱର ବ୍ୟାସ କୃତେ ବ୍ୟାସଧର୍ମ ମାର୍କଣ୍ଡ ଶ୍ରୀରାମ ସମ୍ବାଦେ ଶ୍ରୀରାମ ବନବାସ ରାମାୟଣ ଯୁକ୍ତେ ସୀତା ଅଗ୍ନି ପରୀକ୍ଷା ଶଚୀ ନାରଦ ସମ୍ବାଦେ ନଳ ବିପତ୍ତି ନାଶନେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ |

Digitized by PPRACHIN, SOA

ପଞ୍ଚଦଶ ଅଧ୍ୟାୟ

ଯୁଧିଷ୍ଠିର ଉବାଚ

ଏହି ଉତ୍ତରେ ଧର୍ମରାଜା । ବ୍ୟାସ ଚରଣେ କଲେ ପୂଜା ॥
ଆନନ୍ଦେ ଯୋଡ଼ି ବେନିକର । ବୋଲନ୍ତି ଶୁଣ ମୁନିବର ॥
ମୋହର ପୂର୍ବ ଭାଗ୍ୟ ଥିଲା । ତୋହର ପ୍ରସାଦେ ଦୁଃଖ ଗଲା ॥
କହିଲ ଗ୍ରନ୍ଥ ରାମାୟଣ । ଆବର ନଳର କଥନ ॥
ଶୁଣିଲି ତୁମ୍ଭ ମୁଖଁ ଯହୁଁ । ବାଢ଼ି ଗଲା କହୁଁ କହୁଁ ॥
ଶ୍ରୀରାମ ରହିଲେ ଲଙ୍କାରେ । ନଳ ଯେ କୁଣ୍ଡୀ କଟକରେ ॥
କେମନ୍ତେ ଗଲେ ସେ ଦେଶକୁ । ଏହା ମୁଁ ପୃଚ୍ଛଇ ତୁମ୍ଭଙ୍କୁ ॥
ସଞ୍ଜପି କହ ମୁନିବର । ଶୁଣି ବଢ଼ଉ ଯାଉ ଦୂର ॥
ଯୁଧିଷ୍ଠି ବାକ୍ୟେ ମୁନିବ୍ୟାସ । କହନ୍ତି ହୋଇ ହସ ହସ ॥
ଶୁଣି ଯୁଧିଷ୍ଠି ମନଦେଲେ । ନାରଦ ଶଚୀକି କହିଲେ ॥
ଶୁଣରେ ବାମା ମନ ତୋଷ । ନଳ ଯେ ଥିଲେ କୁଣ୍ଡୀ ଦେଶ ॥
ଭୀମ ସଙ୍ଗତେ ବସୁଥିଲେ । ଶ୍ରୀଲେଖ ଗୋଟିଏ ଲିଖିଲେ ॥
ଦୂତ ହସ୍ତରେ ତାହା ଦେଇ । ବିଦର୍ଭ ଦେଶେ ପଠାଇ ॥
ଶ୍ରୀଲେଖା ଧରି ଦୂତ ଗଲା । ବିଦର୍ଭ ଦେଶରେ ମିଳିଲା ॥
ଦେଲା ସେ ମନ୍ତ୍ରୀର ହସ୍ତରେ । ପାଠ ସେ କଲେ ଧାଡ଼ିକାରେ ॥
ଜାଣି ଲେ ଆନନ୍ଦ ହୋଇଲା । ଚତୁରଙ୍ଗ ବଳ ମିଳିଲା ॥
ସେକ୍ଷଣି ହୋଇଲେ ବାହାର । ଇଚ୍ଛେ ଚଳିଲେ ଧାଡ଼ିକର ॥
ରାତ୍ର ଦିବସ ଚଳିଗଲେ । କୁଣ୍ଡୀ କଟକେ ଯେ ମିଳିଲେ ॥
ରାଜାଙ୍କୁ ଭେଟିଲେକ ଯାଇ । ସାଷ୍ଟାଙ୍ଗେ ପାଏ ପଡ଼ି ଶୋଇ ॥
ଉଠି ମସ୍ତକେ ଦେଲେ କର । ମନ୍ତ୍ରୀ ଯେ ବୋଲଇ ଉତ୍ତର ॥
ଅପରାଧ କ୍ଷମାକର ମୋର । ମୁଁ ଅଟେ ହୀନ ଦୁରାଚାର ॥
ନ ଜାଣି ଦ୍ରୋହ କର୍ମ ଯେତେ । ତୁ ତାହା ନ ଧରିବୁ ଚିତ୍ତେ ॥
ପୁଣି ପଡ଼ଇ ପାଦେ ଯାଇ । ପୁଣି ମସ୍ତକେ କର ଦେଇ ॥
ମନ୍ତ୍ରୀର ଦେଖିଣ ବିନତ । ହସିଲେ ନଳ ଚକ୍ରବର୍ତ୍ତୀ ॥
ବୋଲନ୍ତି ଚଳିଣି ସେ କଥା । ଛଡ଼ିଁକି ମନେ ନାହିଁ ବ୍ୟଥା ॥

Digitized by PPRACHIN, SOA

ସେ କଥା କେବେହେଁ ନ ବୋଲ । ଏବେ ରାଜ୍ୟକୁ ବେଗେ ଚଳ ।
ଶୁଣି ସାନନ୍ଦ ସର୍ବେ ହେଲେ । ମନରୁ ଚିନ୍ତା ଦୂର କଲେ ॥
ଆଛଣା ସୈନ୍ୟ ଯେତେ ଥିଲେ । ନଳ ସଙ୍ଗତେ ସମର୍ପିଲେ ॥
ନଳ ନୃପତି ଭୀମ ଆଗେ । କହନ୍ତି ଅତ୍ୟନ୍ତ ସରାଗେ ॥
ରାଜ୍ୟକୁ ଯିବା ଆଜ୍ଞା ହେଉ । ଶୁଣି ସାନନ୍ଦ ଭୀମରାଉ ॥
ତା ଶୁଣିକରି ନଳରାଏ । ନମିଲେ ଭୀମରାଜା ପାଏ ॥
ରଥେ ବସିଲେ ରାଜା ବେଗେ । ସୁତ ଦୁହିତା ସେନ ସଙ୍ଗେ ॥
ନଳର ସୁତା ସୁତ ଦୁଇ । ଆଦ୍ୟରୁ ଥିଲେ ଏଥେ ରହି ॥
ଏବେ ପିତାର ସଙ୍ଗତହେ । ଯାଇଣ ବସିଲେ ରଥରେ ॥
ଏଥି ଉତ୍ତରୁ ସେ ଦମନ୍ତୀ । ମାତାଙ୍କ ଚରଣେ ନମନ୍ତି ॥
ନମନ୍ତି ପିତାଙ୍କ ପଦ୍ମେହେ । ବସିଲେ ରତ୍ନ ହାଣ୍ଡୋଳାରେ ॥
ବାଜଇ ବହୁଧ ବାଜଣା । ସମ୍ଭବ ନ ଯାଇ କଳନା ॥
ବ୍ରାହ୍ମଣେ ବେଦଧ୍ୱନି କଲେ । ଚଳିଲେ ଶୁଭ ଅନୁକୂଳେ ॥
ସମ୍ଭର୍ବେ ରହନ୍ତି ରଥରେ । ମିଳିଲେ ସେ ବନ କୂଳରେ ॥
ଦେଖିଲେ ଶୋଇଅଛି ବାଳ । କଣ୍ଠେ ଲମ୍ବାଇ ମୋତି ମାଳ ॥
ମୟୂର ଜଡ଼ ହେନ ଯାହା । କୁମର କଣ୍ଠେ ଅଛି ତାହା ॥
ମୀନ ଗିଳିଲା ଯେ କୁମର । ଶୋଇ ଅଛଇ ନଦୀତୀର ॥
ଲକ୍ଷ୍ମୀର ମହିମା ଏମନ୍ତ । ଦେଖିଣ ସମସ୍ତେ ଚକିତ ॥
ସୁତକୁ ବେଗେ ଯେଝଗଲେ । ଦମନ୍ତୀ କୋଳେ ନେଇଦେଲେ
ତହୁଁ ଚଳିଲେ ଆନନ୍ଦରେ । ପ୍ରବେଶ ହେଲେ ସ୍ୱଦେଶରେ ॥
ନଗ୍ରେ ଉତ୍ସବ ବିଧି କଲେ । ବ୍ରାହ୍ମଣେ ବହୁ ଧନ ଦେଲେ ॥
ତହୁଁ ଚଳିଲେ ଆନନ୍ଦରେ । ରହିଲେ ନିଜ ନଗରରେ ॥
ପୂଜିଲେ ଲକ୍ଷ୍ମୀ ନାରାୟଣ । ଉତ୍ସବ କଲେ ଆନନ୍ଦେଣ ॥
ସୁଖେ ପାଳିଲେ ଜନ ପ୍ରଜା । ଲକ୍ଷ୍ମୀ ପ୍ରସନ୍ନେ ହେଲେ ରାଜା ॥
ଏମନ୍ତେ କହି ବ୍ରହ୍ମାସୁତ । ସେଠାରୁ ଚଳିଲେ ତ୍ୱରିତ ॥
ନାରଦ ଠାରୁ ଏହା ଶୁଣି । ଆନନ୍ଦ ଶୁର ରାଜ ରାଣୀ ॥

Digitized by PPRACHIN, SOA

ସମସ୍ତ ଉପସର୍ଗ ମେଳେ । ଆଗେ ସୁଦଶା ବ୍ରତ କଲେ ॥
ଲକ୍ଷ୍ମୀ ପ୍ରସାଦେ ଭୁଞ୍ଜି ଐଶ୍ୱର୍ଯ୍ୟ । ସର୍ବ ସମ୍ପଦ କଲେ ଭୋଗ ॥
ବ୍ୟାସ ବୋଲନ୍ତି ଧର୍ମ ଶୁଣ । ନଳର ଏମନ୍ତ କଷଣ ॥
ତୁ ଯାହା ପୁଚ୍ଛିଲୁ ମୋତେ । ବୁଝାଇ କହିଲଇଁ ତୋତେ ॥
ପୂର୍ବେ ଯେ ମାର୍କଣ୍ଡ ଋଷି । ରାମଙ୍କୁ କହିଲେ ହରଷି ॥
ଯେଣୁ ଶୁଣିଲେ ନଳରସ । ରାମଙ୍କ ଗଲା ବନବାସ ॥
ଯିବାକୁ ଅଯୋଧ୍ୟା ନଗର । ବିଚାର କଲେ ରଘୁବୀର ॥
ବିଭୀଷଣଙ୍କୁ ଡକାଇଲେ । ମନ୍ଦୋଦରୀଙ୍କ ଆଣ ଇଲେ ॥
ରାଣୀଙ୍କ ବିଭୀଷଣ ନେଇ । ସମର୍ପି ଦେଲେ ରଘୁସାଇଁ ॥
ନିଷ୍କଣ୍ଟକ କରି ରାଜ୍ୟକରି । ପରଜା ପାଳ ଶତ୍ରୁ ମାରି ॥
ଏମନ୍ତ କରି ରଘୁନାଥ । ଯିବାକୁ ଉଦବେଗ ମନ ॥
ବସିଲେ ବିଜୟ ରଥରେ । ସମସ୍ତ ସୈନ୍ୟ ସଙ୍ଗତରେ ॥
ଲକ୍ଷ୍ମଣ ବସିଲେ କଟରେ । ରଥ ବାହିଲେ ଧାତକାରେ ॥
ଗଗନେ ଉଡ଼େ ଦେବରଥ । ସୀତାଙ୍କୁ ଚାହାନ୍ତି ସମସ୍ତ ॥
ଯନ୍ତ୍ରି ଯେତେକ କୃତ୍ୟ କଲେ । ଜାନକୀ ସମସ୍ତ ଛାଡ଼ିଲେ ॥
ଭରଦ୍ୱାଜଙ୍କ ମଠେ ଯାଇଁ । ପ୍ରବେଶ ହେଲେ ରଘୁସାଇଁ ॥
ଯୋଗଧ୍ୟାନରେ ବ୍ରହ୍ମାସୁତ । ସନ୍ତୁଷ୍ଟ ଦେଲେ ଷଡରସ ॥
ହନୁକୁ ଅଯୋଧ୍ୟାକୁ ପେଷି । ତହିଁ ବଞ୍ଚିଲେ ରାମ ନିଶି ॥
ହନୁ ଯେ ଗଲା ଶୀଘ୍ର ହୋଇ । ମିଳିଲା ନନ୍ଦ ଗ୍ରାମେ ଯାଇ ॥
ମିଳିଲା ଭରତ ଆଗରେ । ଓଳଗି ହେଲା ପାଦ ତଳେ ॥
ଉଠି ମସ୍ତକେ ଯୋଡ଼ କରି । ବୋଲଇ ଅଇଲେ ଠାକୁର ॥
ଭରଦ୍ୱାଜଙ୍କ ମଠେଛନ୍ତି । ଏକ୍ଷଣି ପ୍ରବେଶିବେ ଏଥି ॥
ଭରତ ଲଙ୍କା ଯିବା ପାଇଁ । ରାଜାଙ୍କୁ ଥିଲେ କୁଣ୍ଡି ଆଇ ॥
ହନୁକୁ ଭରତ ବୋଇଲେ । ସମସ୍ତେ ଆନନ୍ଦ ହୋଇଲେ ॥
ହନୁକୁ ଗଉରବ କଲେ । ରତ୍ନ ସ୍ନାହାନ କରାଇଲେ ॥
ହସ୍ତୀ ଉପରେ ବସାଇଲେ । ଆନନ୍ଦେ ନଗ୍ର ବୁଲାଇଲେ ॥

Digitized by PPRACHIN, SOA

ଉତ୍ସବ କରନ୍ତି ବହୁତ । ଆନନ୍ଦ ସବୁଙ୍କର ଚିତ୍ତ ॥
ଏଥି ଉତ୍ତାରୁ ରଘୁସାଇଁ । ପୁଷ୍ପକ ବିମାନେ ଆରୋହି ॥
ଗଗନ ମାର୍ଗେ ଚଳିଗଲେ । ନନ୍ଦୀ ଗ୍ରାମରେ ଯାଇ ହେଲେ ॥
ଦେଖିଣ ଆନନ୍ଦ ସକଳ । ନମିଲେ ରାମ ପାଦତଳ ॥
ଇଥୁ ଉତ୍ତାରୁ ଦାଶରଥି । ପଥରେ ଗମନ କରନ୍ତି ॥
ସୀତା ଲକ୍ଷ୍ମଣ ସଙ୍ଗତରେ । ପ୍ରବେଶ ହେଲେ ଶ୍ରୀନଗରେ ॥
ଶ୍ରୀରାମ ସୀତାୟା ଲକ୍ଷ୍ମଣ । ନମିଲେ ମାତାଙ୍କ ଚରଣ ॥
ମେଲାଣି ମାଗି ଦାଶରଥି । ଆସ୍ଥାନେ ବିଜୟ କରନ୍ତି ॥
ଶୁଣି ଧାଇଁଲେ ନରନାରୀ । ଆନନ୍ଦେ ରାଜଦାଣ୍ଡ ପୁର ॥
ଗୁରୁ ଗହ୍ୱରବ ନ ମାନ । ଦେଖିଲେ ଯାଇ ରଘୁମଣି ॥
ଲକ୍ଷେ ନୃପତି ଛନ୍ତି ଯହିଁ । ତହୁଁ କେ ପାରିବ କହି ॥
ଆନନ୍ଦ ସବୁଙ୍କର ମନ । ଉତ୍ସବ ସବୁଙ୍କ ସଦନ ॥
ଥୋକାଏ ଦିନ ତହୁଁ ଥିଲେ । ଅଯୋଧ୍ୟା ପୁରେ ବିଜେ କଲେ ॥
ସମ୍ଭବ କେ ପାରିବ କହି । ଲକ୍ଷେ ନୃପତି ବଢେ ଯହିଁ ॥
ପ୍ରବେଶ ଅଯୋଧ୍ୟାରେ ଯାଇ । ଉତ୍ସବ ମେଦିନୀ କମ୍ପାଇଁ ॥
ଖୋଜିଲେ ଶୁଭ ଅନୁକୂଳ । ଅଣାଇ ନାନା ତୀର୍ଥ ଜଳ ॥
ଅଇଲେ ସର୍ବ ମହାଋଷି । ଆନନ୍ଦେ ଜୟ ଜୟ ଭାଷି ॥
ରାମଙ୍କୁ କଲେ ଅଭିଷେକ । ଆନନ୍ଦ ନଗରପୁର ଲୋକ ॥
ନୃପତିମାନେ ଯାଇ ମିଳି । ରାମଙ୍କୁ କଲେ ନଜରଣ ॥
ମାତାଏ ଅର୍ଘ୍ୟ ବନ୍ଦାଇଲେ । ନାରୀଏ ହୁଳହୁଳି ଦେଲେ ॥
ବ୍ରାହ୍ମଣେ କଲେ ବେଦଧ୍ୱନି । ଆଶିଷ ଦେଲେ ସର୍ବମୁନି ॥
ଦେବେ କୁସୁମ ବରଷିଲେ । ସମସ୍ତେ ଜୟ ଜୟ କଲେ ॥
ଶ୍ରୀରାମ ହେଲେ ଯହୁଁ ରାଜା । ସମସ୍ତେ କଲେ ପାଦ ପୂଜା ॥
ଲକ୍ଷେ ନୃପତି ଯହିଁ ରୁଣ୍ଡ । ଗହଳ ଅଯୋଧ୍ୟାର ଦାଣ୍ଡ ॥
ଏଥି ଉତ୍ତାରୁ ରଘୁପତି । ସବୁନ୍ତ ଅଷତ ବିଅନ୍ତି ॥
ଏହାକୁ ଯେମନ୍ତ ଯୋଗାଇ । ସୁଗ୍ରୀବ ସମର୍ପିଲେ ନେଇ ॥

Digitized by PPRACHIN, SOA

ହିତରେ କହନ୍ତି ମିତକୁ । ଏ କଥା ଲାଗଇ ତୁମ୍ଭଙ୍କୁ ॥
ଶୁଣି ସାନନ୍ଦ ସୁଗ୍ରୀବର । ଚଳାଇ ଗଲେ ନିଜ ପୁର ॥
ବାନରେ ଅକ୍ଷତ ପାଇଲେ । ଯେ ଯାହା ପୁରକୁ ଚଳିଲେ ॥
ହନୁକୁ ଦେଖିଲେ ପାଶରେ । କପାଳ ବନ୍ଧା ଦେଲେ ତାରେ ॥
ଏମନ୍ତ ବ୍ୟାସ ମୁନିବର । କହିଲେ ଯୁଧିଷ୍ଠି ଆଗର ॥
ନଳ ଚରିତ ଯେ ଶୁଣଇ । ତାହାର ବିପତ୍ତି ନ ଥାଇ ॥
ଯେବେ ବିପତ୍ତି ପଡ଼ିଥିବ । ନଳର ବିପତ୍ତି ଶୁଣିବ ॥
ଶୁଣିବ ଏକମନ ହୋଇ । ମନ ଚୈତନ୍ୟ ଏଥେ ଥୋଇ ॥
କେତେ ବିପତ୍ତି ପଡ଼ିଥିଲେ । ଖଣ୍ଡଇ ଏ ପାଠ ଶୁଣିଲେ ॥
ଶ୍ରୀରାମ ଏ ପାଠ ଶୁଣିଲେ । ବନବାସ କଷ୍ଟ ଖଣ୍ଡିଲେ ॥
ଯୁଧିଷ୍ଠି ବ୍ୟାସ ଠାରୁ ଶୁଣି । ତାଙ୍କ ବିପତ୍ତି ଗଲା ପୁଣି ॥
ଯେ ଏହା ଶୁଣି ହୁଏ ତୋଷ । ତାର ବିପତ୍ତି ହୁଏ ନାଶ ॥
ସୁଜନେ ମୋ ଦୋଷ ନ ଧର । ମୁହିଁ ତୁମ୍ଭର ଛରିଶୁର ॥
ଏ ପାଠ ଶୁଣି ହୁଅ ତୋଷ । କହେ ଶିଶୁ ଈଶ୍ୱର ଦାସ ॥

ଇତି ଶ୍ରୀ ନଳରାଜା ଚରିତେ ଶିଶୁ ଈଶ୍ୱର ଦାସ କୃତୌ ବ୍ୟାସ ଧର୍ମ
ମାର୍କଣ୍ଡ ରାମ ସମ୍ବାଦେ ଶ୍ରୀରାମ ବନବାସ ଖଣ୍ଡନେ ଅଯୋଧ୍ୟା
ପ୍ରବେଶେ ମୂର୍ଦ୍ଧନ ଅଭିଷେକେ ନଳ ବିପତ୍ତି ମୋକ୍ଷଣେ
ସ୍ୱଦେଶ ପ୍ରବେଶେ ଉତ୍ସବ ଆନନ୍ଦେ ସୁଦଶା ବ୍ରତ
ନିର୍ଣ୍ଣୟ କଥନେ ନାମ ପଞ୍ଚୋଦଶେ ଽଧ୍ୟାୟଃ ।

ଭୀମଶ୍ୟାପି ରଣେ ଭଙ୍ଗୋ ମୁନିରପି ମତିଭ୍ରମଂ ।
ଯଦି ଶୁଦ୍ଧ ମଶୁଦ୍ଧଂ ବା ମମଦୋଷ ନଦୀୟତେ ।

—୫୦୫—

ବ୍ରହ୍ମପୁର ଶାନ୍ତି ପ୍ରେସ୍‌ରେ ମୁଦ୍ରିତ ।

Digitized by PPRACHIN, SOA

ସମସ୍ତ ପ୍ରକାର ପୁସ୍ତକ ଓ ମାଗାଜିନ
ମିଳିବାର ଠିକଣା

ଗାଲା ବୁକ୍ ବ୍ୟାଙ୍କ

ବସଷ୍ଟାଣ୍ଡ ଛକ, (ଅସ୍କା)

ମୂଲ୍ୟ—ଟ ୧୩-୦୦

Digitized by PPRACHIN, SOA